

ISSN : 2583-5270
# ସାହିତ୍ୟ ଚର୍ଚ୍ଚା
ଫେବୃଆରୀ ୨୦୨୩
ଓଡିଆ ସାହିତ୍ୟର ନବ ଦିଗନ୍ତ

Vol-1 • Issue-12 • February 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୧ • ସଂଖ୍ୟା-୧୨ • ଫେବ୍ରୁଆରି ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ପ୍ରଶାନ୍ତ ଭୂୟାଁ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

# ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ : | ୦୨ |
| ଆଧୁନିକତା ଯାଇଛି ଅଟକି (ସଂପାଦକୀୟ) | ୦୩ |
| ଅର୍ଦ୍ଧଶତାବ୍ଦୀର ଓଡିଆ କବିତାର ଭାବବସ୍ତୁ (ପ୍ରବନ୍ଧ): ବାସୁଦେବ ଦାସ | ୦୫ |
| ବୁଦ୍ଧୁ (ଗଳ୍ପ) : ହରେକୃଷ୍ଣ ସାହୁ | ୦୯ |
| ହୋଟେଲୀୟ ସାହିତ୍ୟ (ରମ୍ୟରଚନା) : ଡ. କୁଳାଙ୍ଗାର | ୧୪ |
| ସୃଜନଶୀଳତାର ସ୍ୱତନ୍ତ୍ର ମାର୍ଗ (ପ୍ରବନ୍ଧ) : ନିଖିଳାନନ୍ଦ ପାଣିଗ୍ରାହୀ | ୧୭ |
| ଜୀବନ (କବିତା) : ହରିଶ୍ଚନ୍ଦ୍ର ବେହେରା | ୨୧ |
| ଅଭିଳାଷ (ଅନୁବାଦ) : ଭବାନୀଶଙ୍କର ମିଶ୍ର ବିରଂଚି | ୨୨ |
| ସାହିତ୍ୟରେ ଆତ୍ମବୋଧ (ପ୍ରବନ୍ଧ) : ପ୍ରଦୀପ କୁମାର ସ୍ୱାଇଁ | ୨୬ |
| ଦେବଦାସ ଛୋଟରାୟଙ୍କ ସହ ଏକ ସାରସ୍ୱତ ଆଳାପ (ସାକ୍ଷାତକାର) | ୨୯ |
| ଭିନ୍ନ ଦୃଷ୍ଟିରେ କଳାହାଣ୍ଡିର ଲୋକକଥା (ପ୍ରବନ୍ଧ) : ଦୋଳଗୋବିନ୍ଦ ବିଶୀ | ୩୩ |
| ବିଲେଇକି ମୂଷା ଧମକାଣ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୭ |
| ସାହିତ୍ୟରେ ଲେଖା ଓ ଭାବର ଚୋରି (ପ୍ରବନ୍ଧ) : ସୌମେନ୍ଦ୍ର ଜେନା | ୪୦ |
| ଗୋଟିଏ ରାତିର କାହାଣୀ (ଅନୁଭୂତି) : ସନ୍ତୋଷ ଚନ୍ଦ୍ର ରାୟ | ୪୩ |
| ଅନ୍ୟ ଏକ ରେବତୀ (ଗଳ୍ପ) : ଆର୍ତ୍ତତ୍ରାଣ ମହାପାତ୍ର | ୪୬ |
| ଜଗତୀକରଣ, ସଂସ୍କୃତି ଓ ଓଡ଼ିଆ ଉପନ୍ୟାସ (ପ୍ରବନ୍ଧ) : ଦୟାନିଧି ପରିଡ଼ା | ୫୧ |
| ଏକ ସୂର୍ଯ୍ୟାସ୍ତର କଥା (ଗଳ୍ପ) : ରବି ସ୍ୱାଇଁ | ୫୬ |
| ରାଘବ ବିଳାସ କାବ୍ୟ ଓ କବି ଯଦୁମଣି (ପ୍ରବନ୍ଧ) : ଅଶୋକ ପଣ୍ଡା | ୫୯ |
| ଦୁଇଟି ଅଣୁଗଳ୍ପ (ଗଳ୍ପ) : ସାଇଜ୍ୟୋତି ପ୍ରଧାନ | ୬୩ |
| ବନି ପାଳିଲା ଜନ୍ମଦିନ (ଶିଶୁ ଗଳ୍ପ) : ରବୀନ୍ଦ୍ର ନାଥ ମାଝୀ | ୬୪ |
| ଲେଖି ନ ଜାଣି ଅକ୍ଷର ଦୋଷ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ସମାପ୍ତ-ପୁନରାଉତା (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |


# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ଜାନୁଆରୀ ନବବର୍ଷ ସଂଖ୍ୟାଟି ପାଇ ପଢ଼ିବା ଆରମ୍ଭ କଲି। ସବୁ ବିଷୟ ଅତ୍ୟନ୍ତ ଚିତ୍ତାକର୍ଷକ। ସେଥି ମଧ୍ୟରୁ ଅନୁବାଦ ରଚନା 'ଯଥାସ୍ଥିତି'ଟି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଗଳ୍ପରେ 'ସ୍ୱର୍ଗନର୍କ', ବ୍ୟଙ୍ଗରେ 'ଭଗବାନ ତୁମେ ଇସ୍ତଫା ଦିଅ' ଯୁଗୋପଯୋଗୀ। ଶେଷରେ ସାକ୍ଷାତକାରରେ ମହାନ ସାରସ୍ୱତ ସାଧକ ବର୍ଷୀୟାନ ଅନୁବାଦକ ଶ୍ରୀଯୁକ୍ତ ଶଙ୍କରଲାଲ ପୁରୋହିତଙ୍କ ସହ ଆଳାପ ଭଲ ଲାଗିଲା। ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ 'ଓଡ଼ିଶା ଇତିହାସ'କୁ ସେ ହିନ୍ଦୀ (ରାଜଭାଷା)ରେ ଅନୁବାଦ କଥା ଜାଣିବାକୁ ପାଇଲି। କିନ୍ତୁ ଓଡ଼ିଶାର ଦୁଃଖ ଯେ ମହତାବଙ୍କ ଓଡ଼ିଶା ଇତିହାସ ଖଣ୍ଡିତ ଅଟେ। କାରଣ ମୁଁ ପଢ଼ିଛି 'ସିଂହଭୂମିର କିମ୍ବଦନ୍ତୀ ପୁରୁଷ ତାରାପଦ ଷଡ଼ଙ୍ଗୀ'। ଏହା ୫୦୫ ପୃଷ୍ଠା ବିଶିଷ୍ଟ ଏକ ଦଲିଲ କହିଲେ ଅତ୍ୟୁକ୍ତି ହେବନାହିଁ ଏବଂ ପଢ଼ିଲା ପରେ ହୃଦବୋଧ ହେଲା ଯେ ମହତାବଙ୍କ ରଚିତ ଓଡ଼ିଶା ଇତିହାସ ହାତ, ଗୋଡ଼ ଓ ମୁଣ୍ଡ ବିହୀନ ଓଡ଼ିଶାର କଥା କହେ। ଏହା ଆମର ଭାଗ୍ୟ ଛଡ଼ା କିଛି ନୁହେଁ।

**ଆଦିତ୍ୟ ପ୍ରସାଦ ମହାପାତ୍ର**
aditya69@gmail.com

ଏଥର 'ସାହିତ୍ୟ ଚର୍ଚ୍ଚା'ର ଜାନୁଆରୀ ସଂଖ୍ୟାଟି ପଢ଼ିଲି। ସବୁଥର ଭଳି ଏଥରର ସଂପାଦକୀୟ ମଧ୍ୟ କିଛି ଶିଖେଇଲା। ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ପ୍ରବନ୍ଧଟି ସାମ୍ପ୍ରତିକ ସମୟ ପାଇଁ ଖୁବ୍ ଉପାଦେୟ। ଜଣେ ଗବେଷକ ହିସାବରେ ଉଦୟନାଥ ସାହୁଙ୍କ 'ପୋଥି ସଂପାଦନାର କଳା କୌଶଳ' ପ୍ରବନ୍ଧଟି ନୂଆ ଦିଶା ଦେଖାଇଲା। 'ପୁସ୍ତକ ସମୀକ୍ଷା' ବିଭାଗ ଦ୍ୱାରା ଅନେକ ବହି ସମ୍ପର୍କରେ ଜାଣିବାକୁ ମିଳୁଛି। ଏ ସଂଖ୍ୟାର ଅନେକ ଗଳ୍ପ ଓ କବିତା ମଧ୍ୟ ବେଶ୍ ମନଛୁଆଁ।

**- ସ୍ମୃତିରଞ୍ଜନ ସେଠୀ**
smrutiranjansethy2015@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

'ସାହିତ୍ୟ ଚର୍ଚ୍ଚା'ର ଜାନୁଆରୀ ସଂଖ୍ୟା ପଢ଼ିଲି। ପ୍ରଫେସର ଉଦୟନାଥ ସାହୁଙ୍କ 'ପୋଥି ସମ୍ପାଦନାର କଳା କୌଶଳ' ପ୍ରବନ୍ଧରେ ପୋଥି ଲେଖାର ଇତିହାସ, ଓଡ଼ିଆ ସାହିତ୍ୟରେ ପୋଥି, ଭାଗବତ ଟୁଙ୍ଗି, ସମ୍ପାଦନାର ଆବଶ୍ୟକତା, ଶୁଦ୍ଧ ପାଠ ନିର୍ଣ୍ଣୟ, ପାଠାଲୋଚନା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। 'ଶିଳାଲେଖର ଭାଷା କଥା' ପ୍ରବନ୍ଧରେ ଦେବାଶିଷ ମହାପାତ୍ର ପ୍ରାଚୀନ ଅଭିଲେଖରୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ପ୍ରବାହକୁ ଦର୍ଶାଇଛନ୍ତି। 'ଓଡ଼ିଆ ସାହିତ୍ୟରେ ଅନୁବାଦ ପରମ୍ପରା' ପ୍ରବନ୍ଧରେ ରମାକାନ୍ତ ନାୟକ ସାରଳା ଦାସଙ୍କ ଯୁଗରୁ ଆରମ୍ଭ କରି ମଧ୍ୟଯୁଗ, ନବଜାଗରଣ, ସତ୍ୟବାଦୀ, ପ୍ରଗତିବାଦୀ ଏବଂ ସାମ୍ପ୍ରତିକ ଅନୁବାଦକ ମାନଙ୍କୁ ଆଲୋଚନାକୁ ଆଣିଛନ୍ତି।

**ସସ୍ମିତା ପ୍ରଧାନ**
sasmitabbsr2000@gmail.com

'ସାହିତ୍ୟ ଚର୍ଚ୍ଚା'ର ଜାନୁଆରୀ ସଂଖ୍ୟାଟି ପାଇଁ ଅତ୍ୟନ୍ତ ଖୁସି ହେଲି। ସାମ୍ପ୍ରତିକ ପ୍ରବନ୍ଧ, ଅନୁବାଦ ଓ ଗଳ୍ପ ପଢ଼ି ଭଲ ଲାଗିଲା। କେଉଁ କେଉଁ ସମସ୍ୟା ପାଇଁ ଆମ ସାହିତ୍ୟ ପାଠକ ମାନଙ୍କ ପାଖରୁ ଦୂରେଇ ଯାଉଛି ତାହା ଅନ୍ତର୍ଯ୍ୟାମୀ ମିଶ୍ର 'ଓଡ଼ିଆ ସାହିତ୍ୟରେ ପାଠକ ସମସ୍ୟା' ପ୍ରବନ୍ଧରେ ଖୁବ୍ ଚମତ୍କାର ଭାବେ ଦର୍ଶାଇଛନ୍ତି। ଅଭୟ ଦାଶଙ୍କର 'ଚିଟଫଣ୍ଡିଆ ସାହିତ୍ୟ' ରମ୍ୟରଚନା ବହୁତ ଭଲ ଲାଗିଲା। ଦେବାଶିଷ ମହାପାତ୍ରଙ୍କର 'ଶିଳାଲେଖର ଭାଷା କଥା'ରେ ଶିଳାଲେଖ ସମ୍ପର୍କରେ, ପ୍ରାବନ୍ଧିକ ଅଶୋକ କୁମାର ପଣ୍ଡାଙ୍କ 'ମଧ୍ୟଯୁଗୀୟ କାବ୍ୟ ପରମ୍ପରାରେ ବ୍ୟତିକ୍ରମ କବି ରାମଚନ୍ଦ୍ର ପଟ୍ଟନାୟକ' ପ୍ରବନ୍ଧରେ କବି ରାମଚନ୍ଦ୍ର ପଟ୍ଟନାୟକଙ୍କ ସମ୍ପର୍କରେ ଅନେକ ଅନାଲୋଚିତ ତଥ୍ୟ ଜାଣିବାକୁ ପାଇଲି।

**ଶୁଭସ୍ମିତା ପଣ୍ଡା**
pandasubhasmita03@gmail.com

ସଂପାଦକୀୟ

# ଆଧୁନିକତା ଯାଇଛି ଅଟକି

ସାହିତ୍ୟରେ ଆଧୁନିକତା କହିଲେ କାହାକୁ ବୁଝାଏ ? ଏ ପ୍ରଶ୍ନ ଉପରେ ବିଚାର କରିବାକୁ ଯାଇ ଆମକୁ ଦ୍ୱନ୍ଦ୍ୱରେ ପଡିବାକୁ ହୁଏ । ସଂସ୍କୃତ ଭାଷାର 'ଅଧୁନା' ଶବ୍ଦଟି ସହିତ 'ଇକ' ପ୍ରତ୍ୟୟର ସଂଯୋଗରେ ଏହି 'ଆଧୁନିକ' ଶବ୍ଦଟି ଗଠିତ, ଯାହାର ଅର୍ଥ ହେଲା 'ଏହି ସମୟର'। କିନ୍ତୁ ବିଡମ୍ବନା ହେଲା, ଯେତେବେଳେ ଆମେ ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟରେ ଏହି ଶବ୍ଦଟିକୁ ପ୍ରୟୋଗ କରୁ, ତାହାର ଅର୍ଥ ହୋଇଯାଏ: 'ସେହି ସମୟର'। ସେ ସାହିତ୍ୟର ଛାତ୍ର ହୁଅନ୍ତୁ, କି ଅଧ୍ୟାପକ, ଅବା ଆଲୋଚକ, ସମସ୍ତଙ୍କୁ ଯେତେବେଳେ ଓଡିଆ ସାହିତ୍ୟରେ ଆଧୁନିକ ଯୁଗ ବିଷୟରେ ପଚରାଯାଏ, ତ୍ୱରିତ ଉତ୍ତରଟିଏ ଆସେ ଯେ ୧୮୮୦ ଦଶକର ରାଧାନାଥ କାଳରୁ ଆମ ସାହିତ୍ୟରେ ଆଧୁନିକ ଯୁଗର ଅୟମାରମ୍ଭ ହୋଇଥିଲା, ଯାହା ଆଗକୁ ପ୍ରାୟ ଶହେ ବର୍ଷ କାଳ ଗତିକରି ଏକବିଂଶ ଶତାବ୍ଦୀର ଅଷ୍ଟମ ଦଶକ ବେଳକୁ ଶେଷ ହୋଇଛି। ଏ ଦୃଷ୍ଟିରୁ ରାଧାନାଥ, ଗଙ୍ଗାଧର, ମଧୁସୂଦନ, ଫକୀରମୋହନ ଓ ସବୁଜ ଗୋଷ୍ଠୀର ପଞ୍ଚସଖାଙ୍କ ଓଗେର ଅନେକ ସ୍ରଷ୍ଟାଙ୍କୁ ଆମେ ଏ ଯାବତ ବି ଆଧୁନିକତାର ଶ୍ରେୟ ଦେଉଛୁ।




ଯଦି ଆଧୁନିକ ଯୁଗ ୧୯୮୦ ମସିହା ବେଳକୁ ଶେଷ ହୋଇଯାଇଛି ବୋଲି ଧରିନିଆଯାଏ, ତେବେ ତାହାପରେ କ'ଣ ସାହିତ୍ୟରେ ସର୍ଜନାର ପ୍ରକ୍ରିୟା ଅଟକିଯାଇଛି ? ନା, କ'ଣ ସେହି ତଥାକଥିତ ଆଧୁନିକ-ଯୁଗର ପରବର୍ତ୍ତୀ କାଳର ସାହିତ୍ୟ ବୋଇଲେ ଏବେ କିଛି ହିଁ ନାହିଁ? ଏହି ପ୍ରଶ୍ନର ମୁକାବିଲା କରିବାକୁ ଯାଇ ଆଲୋଚକମାନେ ଆମ ସାହିତ୍ୟର ଇତିହାସରେ ଏକ ନୂଆ ଯୁଗର ସୂତ୍ରପାତ କରାଇଲେ, ଯାହାକୁ କୁହାଗଲା ଆଧୁନିକୋତ୍ତର ଯୁଗ। ଏବେ ପୁଣି କୁହାଗଲାଣି ଯେ ଏହି ଆଧୁନିକୋତ୍ତର ଯୁଗ ବି କେବେଠାରୁ ଶେଷ ହୋଇଯାଇଛି, ଏବଂ ତା' ସ୍ଥାନରେ ମୁଣ୍ଡ ଟେକିଛି ଏକ ନୂଆ ପର୍ଯ୍ୟାୟର ସାହିତ୍ୟ, ଯାହାକୁ ହୁଏତ କହିବା ଆଧୁନିକୋତ୍ତରୋତ୍ତର ଯୁଗ !

କଥା ହେଲା, ଆଧୁନିକ ଶବ୍ଦଟି ସହ ଏମିତି ନୂଆ ନୂଆ ବିଶେଷଣଟିମାନ ଯୋଡି ଚଳନ୍ତି ସମୟର ସଦ୍ୟତମ ସାହିତ୍ୟକୁ ତହିଁର ଅନ୍ତର୍ଭୁକ୍ତ କରିବା ଦ୍ୱାରା ଆମେ ପ୍ରକୃତରେ କ'ଣ ସାବ୍ୟସ୍ତ କରିବାକୁ ଚାହୁଁଛେ ? ଆମ ସାହିତ୍ୟର ଇତିହାସକାରମାନେ ବୋଧହୁଏ ଏକ ଭ୍ରମରେ ଅଛନ୍ତି ଯେ ରାଧାନାଥ, ମଧୁସୂଦନ ଓ ଗଙ୍ଗାଧରଙ୍କ ଭଳି ଦିବଂଗତ କବିମାନେ ଏବେ ବି ଆଧୁନିକତାର ଆସନରୁ ଓହ୍ଲାଇବାକୁ ଅମଙ୍ଗ। ସମ୍ଭବତଃ ଏହି ମାନସିକତାଟି ଆମେ ଆହରଣ କରିଛୁ ପାଶ୍ଚାତ୍ୟ ସାହିତ୍ୟରୁ, ଯେଉଁଠି ଏଲିଅଟ୍, ୟିଟ୍ସ ଓ ଏଜରା ପାଉଣ୍ଡ ଭଳି କବିମାନଙ୍କୁ ଏବେ ବି 'ମଡ଼ର୍ଣିଷ୍ଟ ପୋଏଟ୍' ଭାବରେ ଆଖ୍ୟାୟିତ କରାଯାଏ।

ତେବେ ଚିନ୍ତାର ବିଷୟ ହେଲା, ଯଦି ଆମ ସାହିତ୍ୟରେ ଆଧୁନିକତାର ଶ୍ରେୟଟି ଦିବଂଗତମାନଙ୍କ ଅକ୍ତିଆରରେ ଥିବାର ଏକ ଭ୍ରମଧାରଣାରେ ଆମେ ଏବେ ବି ବାନ୍ଧିହୋଇ ରହିଛେ, ତେବେ ସାହିତ୍ୟରେ ନୂଆ ଜୀବନ୍ୟାସ ଓ ସ୍ପନ୍ଦନ ଆଣିବାପାଇଁ ନିଜକୁ ସମର୍ପିତ କରିଚାଲିଥିବା ଆଜିର ଅସଂଖ୍ୟ ତରୁଣ ଲେଖକ ଓ ଲେଖିକାମାନଙ୍କୁ ଆମେ କେଉଁଠି ଥୋଇବା ? ଆଧୁନିକତାକୁ ଯଦି ଚଳନ୍ତି ସମୟର ଏକ ଜୀବନ୍ତ ପ୍ରତିଫଳନ ବୋଲି ଗ୍ରହଣ କରାଯାଏ, ତେବେ ଆଜିର ସେହି ତରୁଣ କବି ଓ ଲେଖକମାନେ ହିଁ ଆଧୁନିକ ସ୍ରଷ୍ଟା ଭାବରେ ସ୍ୱୀକୃତ ହେବାପାଇଁ ଏକମାତ୍ର ହକଦାର ଏଥିରେ ସନ୍ଦେହ ନାହିଁ। ଆଧୁନିକତା ଯେ ଏକ ସ୍ଥିର ଓ ଅଟଳ ପର୍ଯ୍ୟାୟ ମାତ୍ର ନୁହେଁ, ବରଂ ଆଗକୁ ଆଗକୁ ଘୁଞ୍ଚି ଚାଲିଥିବା ଏକ ଚଳମାନ ଧାରା, ଏହା ବୁଝିବାକୁ ଆମକୁ ଆଉ କେତେ ବା ସମୟ ଲାଗିବ ? ଏଣୁ ପ୍ରକୃତ ଆଧୁନିକ ସ୍ରଷ୍ଟାମାନଙ୍କୁ ଚିହ୍ନିବାପାଇଁ ଆମେ ଏବେ ବି ଯଦି ଇତିହାସର ବହି ଘାଣ୍ଟିଚାଲିଥିବା ତେବେ ତାହାକୁ ଦୁର୍ଭାଗ୍ୟଜନକ ବୋଲି କହିବାକୁ ହେବ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର ‘ସମ୍ପାଦକୀୟ’ ଦ୍ରଷ୍ଟବ୍ୟ।*

---


## ‘ସାହିତ୍ୟ ଚର୍ଚ୍ଚା’ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା ‘କ୍ୟୁ.ଆର୍. କୋଡ୍’କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪,ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ଅର୍ଦ୍ଧଶତାବ୍ଦୀର ଓଡିଆ କବିତାର ଭାବବସ୍ତୁ



ଡ. ବାସୁଦେବ ଦାସ

ଓଡ଼ିଆ ଭାଷା ସାହିତ୍ୟର ଏକ ପ୍ରମୁଖ ବିଭବ ହେଉଛି କବିତା। ୧୯୮୦ ମସିହା ପରବର୍ତ୍ତୀ କବିତାରେ ପ୍ରୟୋଗବାଦୀ ଧାରାର ସ୍ରୋତ ହ୍ରାସ ପାଇ ଆସିଥିଲା। କବିତାରେ ଦୁଇଟି ଦିଗ ବିଶେଷ ଭାବେ ପ୍ରତିଫଳିତ ହୋଇଥାଏ। ବ୍ୟକ୍ତି ଓ ବିଶ୍ୱର ନିବିଡ଼ ସମ୍ପର୍କ, ଅନ୍ତର୍ବେଦନା ଓ ଅନ୍ତର୍ଚେତନା କବିତାକୁ କରିଛି ରସାଣିତ। କବି ନିଜର ବ୍ୟଥା, ବିଷାଦ, ଆନନ୍ଦ, ପ୍ରୟାସ, ଅଭିଳାଷ, ନିଃସଙ୍ଗତା, ଲଢିବାର ଅଙ୍ଗୀକାରବଦ୍ଧତା ସହିତ ତା' ପଛରେ ଛାଡି ଆସିଥିବା ସବୁଜ ଅତୀତ, ଗାଁର ମୋହ, ପରିବେଶ, ମଣିଷପଣିଆର ଆହରଣ, ଯୌଥ ପରିବାର ହ୍ରାସ, ପ୍ରେମର ବିଫଳତା ସବୁକିଛି କବି ତା'ର କବିତା ଭିତରେ ଶାବ୍ଦିକ କଳାରେ ଋଦ୍ଧି ଦେଇ ପାରିଛି। ନିଜର ଅଙ୍ଗେ ନିଭା ଘଟଣାବଳି ଓ ସମ୍ପୃକ୍ତି ଅତି ଅନ୍ତରଙ୍ଗ ଭାବେ ପ୍ରସ୍ଫୁଟିତ।



ନୂତନ ପିଢି କବିମାନଙ୍କ କବିତାରେ ଏକ ପକ୍ଷରେ ବ୍ୟକ୍ତିଗତ ଜୀବନର ଜଟିଳ ସ୍ଥିତି ଓ ସ୍ଥିତିହୀନତାର ସମନ୍ୱୟର ସ୍ୱର ଶୁଣାଯାଏ। ଅନ୍ୟପକ୍ଷରେ ରାଜନୀତିକ ଓ ସାମାଜିକ ସଚେତନତା ବେଶ ସ୍ପଷ୍ଟ। ବିଂଶ ଶତାବ୍ଦୀର ଶେଷ ଭାଗକୁ ସମଗ୍ର ବିଶ୍ୱ, ଦେଶ, ପ୍ରତିଟି ମଣିଷ ଜୀବନରେ ଯେଉଁ ବିପୁଳ ପରିବର୍ତ୍ତନ ପରିଲକ୍ଷିତ ହେଲା ତା'ର ସଂଶୟ ଓ ସଂଗ୍ରାମର ସ୍ୱର କବିତାରେ ଅନୁରଣିତ ହୋଇଛି। ତେଣୁ ଉକ୍ତ ସମୟ ଖଣ୍ଡର କବିତା କଳା, କଳ୍ପନା, ବାସ୍ତବତା ଓ ଅନ୍ତର୍ଦୃଷ୍ଟିର ସମନ୍ୱୟରେ କବିତାର ଜୟଯାତ୍ରା। କବିତାସମ୍ଭାର ଆଙ୍ଗିକ ଓ ଆତ୍ମିକତାରେ ବିଶ୍ୱସନୀୟର ପ୍ରତିଛବି ପ୍ରକଟିତ ହେଲା। କେତେଜଣ ଆଲୋଚକଙ୍କ ମତରେ କବିତା ଉତ୍ତର ଆଧୁନିକ କାଳରେ ଉପନୀତ ହୋଇଅଛି। ବୌଦ୍ଧିକ ବିନ୍ୟାସ ପରିବର୍ତ୍ତେ ସରଳ ଓ ବୋଧଗମ୍ୟ ହୋଇପାରିଛି। ପ୍ରକାଶନରେ ମଧ୍ୟ ପରିଚ୍ଛନ୍ନତା ଦେଖାଦେବା ଏବଂ ପାଠକ ସହିତ ସଂଯୋଗୀକରଣ ଲୋକପ୍ରିୟତା ବରଣ କରିପାରିଛି। ତେଣୁ ଓଡ଼ିଆରେ ତରୁଣ କବିଙ୍କର ସଂଖ୍ୟା ବୃଦ୍ଧି ପାଇବା ସୁଗମ୍ୟ ମନେ ହୁଏ। ଅତିମାତ୍ରାରେ ସହର କୈନ୍ଦ୍ରିକ ନ ହୋଇ ଗ୍ରାମ୍ୟ ବା ଜନପଦ କୈନ୍ଦ୍ରିକ ହେବା ୧୯୮୦ରୁ ୨୦୧୦ ସମୟ ଖଣ୍ଡର କବିତାକୁ କୌଣସି ନିର୍ଦ୍ଦିଷ୍ଟ ଧାରାର କହିବା କଷ୍ଟକର ହୁଏ।

## ପ୍ରଗତିଶୀଳ ଚେତନା

ଯଦିଚ ପ୍ରଗତିଶୀଳ ଚେତନା ସଂବଳିତ କବିତା ବା ସମାଜ ସଚେତନଧର୍ମୀ କବିତାର ପ୍ରାଧାନ୍ୟ ଉପଲବ୍ଧ ତଥାପି ପ୍ରୟୋଗବାଦୀ ଚିନ୍ତା ପ୍ରଲୁବ୍ଧ ପ୍ରଣୟର ବାସ୍ନା ଦୂରୀଭୂତ ହୋଇନାହିଁ। ପୂର୍ବସୂରୀଗଣଙ୍କ କବିତାରେ ଯେପରି ଗୋଟିଏ ଦର୍ଶନ ବା ବିଚାରଧାରା ଗଢି ଆସିଥିଲା, ସେହି ପ୍ରବାହ ବ୍ୟାହତ ହୋଇଯାଇଛି ଉତ୍ତର ଆଧୁନିକତାର ଅର୍ଗଳମଧ୍ୟରେ।

ସରଳ, ସୁଖବୋଧ, ଶୈଳୀରେ ଅକୁହାକଥାକୁ ବକ୍ରୋକ୍ତିରେ ପ୍ରକାଶ କରିବାରେ କବିବୃନ୍ଦ ସ୍ୱକୀୟ ପଟୁତା ପ୍ରକାଶ କରି ପାରିଛନ୍ତି। ଚିହ୍ନମାଟି-ଅଚିହ୍ନା ଆକାଶ, ଆଖି ଖୋଲିଲେ ଆକାଶ, ଝର୍କା ବାହାରେ, ମାଟିରମହୁରୀ, ଧାନଫୁଲ-କାନଫୁଲ, ଖାଲିହାତ, ମୁଁ କ'ଣ ମୁଁ ଜାଣେ, ଋକ୍ଷବାସ, ସାବରମତି, ସୁଖସଂହିତା, ପ୍ରଥମ ପରିଚୟ, ଅନ୍ନ ଏକ ଗାଥା, ମହରଗ ପାଦେ ମାଟିର ସ୍ୱପ୍ନ ଆଦି ବିବିଧ ଭାବାଦର୍ଶନର କାବ୍ୟିକଚେତନା ବେଶ୍ ଚର୍ଚ୍ଚାକୁ ଆସିଥାଏ।

ଏହି ମର୍ମରେ ଆଲୋଚକ ତଥା କବି ଶତ୍ରୁଘ୍ନ ପାଣ୍ଡବ କହନ୍ତି- ଏହି ସମୟର ବିଭିନ୍ନ କାବ୍ୟ ଶିଳ୍ପୀଙ୍କ କବି ତା ବ୍ୟକ୍ତିତ୍ୱ ଓ ସ୍ୱକୀୟ ଉପସ୍ଥାପନ ଭଙ୍ଗୀ ଯୋଗୁ ଓଡ଼ିଆ କବିତା ସମୃଦ୍ଧ। ଏକାଧିକ ସ୍ତବକ ବିଶିଷ୍ଟ, ଭାବଗତ ବିବିଧତା ଗୋଟିଏ ଭାବର ବିସ୍ତାର ମଧ୍ୟ କବିତାକୁ ମହିମାମଣ୍ଡିତ କରିଅଛି। ଏ କ୍ଷେତ୍ରରେ ରମାକାନ୍ତ ରଥଙ୍କ ଶ୍ରୀରାଧାକୁ ମାର୍ଗଦର୍ଶକ ଭାବେ ଗ୍ରହଣ କରାଯାଇପାରେ। ଶ୍ରୀପଳାତକ, ମନିକାରପ୍ରିୟ, ଟ୍ରକ ଡାଲାରେ ସନାତନ, ଶବରୀ, ବର୍ଷା, ବତ୍ରିଶ ସିଂହାସନ, ଆମ ଦୁହିଁଙ୍କ କଥା, ହଳଦୀବସନ୍ତ, ଚଣ୍ଡାଳ, ଅହଲ୍ୟା, ସରୀସୃପ, ନିଆଁନଈ ମଝିରେ, ଜୀବନ ଅଣରକ୍ଷ, ଅକ୍ଷାଂଶ ଦ୍ରାଘିମା, ସୋରିଷ ଫୁଲର ହସ ଭଳି କାବ୍ୟବିଭବରେ ଭଗ୍ନମାନସିକତାର ପ୍ରତିଫଳନ ହୋଇଥାଏ। ମାନସିକ ଦ୍ୱନ୍ଦ୍ୱ ଓ ଅସ୍ଥିରତା ବିଶେଷ ଭାବେ ପରିଲକ୍ଷିତ, ଇତି ମଧ୍ୟରେ ଏକପଦୀ ଓ ଅଣୁକବିତା ରଚନା ନୂତନ ଦିଶା ଗ୍ରହଣ କରିଥିଲେ ମଧ୍ୟ ଏଥିରେ ଏହା ଦର୍ଶନ ସାପେକ୍ଷ ହୋଇପାରି ନାହିଁ। ବସ୍ତୁ, ଦେହମନ, ପରିସ୍ଥିତି ଓ ପରିବେଶ ଜଡ଼ିତ ସମ୍ବନ୍ଧ ଓ ପ୍ରୀତିର ଓଁକାରନାଦ ଘଟିଛି କବିତାରେ।

**ଏହି କାଳଖଣ୍ଡରେ ଏକପଦୀ ଓ ଅଣୁକବିତା ରଚନା ନୂତନ ଦିଶା ଗ୍ରହଣ କରିଥିଲେ ମଧ୍ୟ ଏଥିରେ ଏହା ଦର୍ଶନ ସାପେକ୍ଷ ହୋଇପାରି ନାହିଁ।**

## ପ୍ରୟୋଗବାଦର ତ୍ରିବେଣୀ

ପ୍ରୟୋଗବାଦର ଯମୁନା, ପ୍ରଗତିବାଦର ଗଙ୍ଗା ଓ ପ୍ରଣୟ ଚେତନାର ସରସ୍ୱତୀ ଅଶୀ ଦଶକରେ ସମ୍ମିଳିତ ହୋଇ ଓଡ଼ିଆ କବିତାକୁ ତ୍ରିବେଣୀ ସଙ୍ଗମର ମହତ୍ତ୍ୱ ଆଣି ଦେଇଛନ୍ତି। କିନ୍ତୁ ପାଶ୍ଚାତ୍ୟ ଭାବାଦର୍ଶରେ ଓଡ଼ିଆ କବିତାର ଭାବବସ୍ତୁ ପରିଶୀଳିତ। ୧୯୮୦ ରୁ ୨୦୧୫ ପର୍ଯ୍ୟନ୍ତ ରଚିତ କବିତାରେ ନିର୍ଦ୍ଦିଷ୍ଟ ଦର୍ଶନ ପ୍ରତିଫଳନର ଉପଲବ୍ଧ ନ ହେଲେ ମଧ୍ୟ ଜ୍ଞାତସାର ବା ଅଜ୍ଞାତସାରରେ ବିନିର୍ମାଣ ପଦ୍ଧତି ବିଶ୍ୱର ଅଧିକାଂଶ ସାହିତ୍ୟରେ ମେଦୁରିତ ହେବାର ନିର୍ଣ୍ଣୟ କରାଯାଏ। ବିନିର୍ମାଣ ପଦ୍ଧତି ବା ଡିକନଷ୍ଟ୍ରକ୍‌ସନ ଦର୍ଶନର ପ୍ରବକ୍ତା ହେଉଛନ୍ତି ଜାକ୍ୟୁସ ଦାରିଦା। ୧୯୩୦ ଆଲେଜେରିଆର ଫରାସୀ କଲୋନୀରେ ଏକ ଇହୁଦୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଶୈଶବରେ ଇହୁଦୀମାନଙ୍କ ପ୍ରତି ଘଟିଥିବା ଘୃଣ୍ୟ ବୈଷମ୍ୟ ଓ ଅତ୍ୟାଚରର ସେ ପ୍ରତ୍ୟକ୍ଷ କରିଥିଲେ। ଶାରୀରିକ ନିର୍ଯାତନା ସହିତ ଶିକ୍ଷା ଓ କାର୍ଯ୍ୟାଳୟରେ ହକ୍ ଅଧିକାରରୁ ଇହୁଦୀମାନଙ୍କୁ ବଞ୍ଚିତ ଓ ବାସନ୍ଦ କରାଯାଇଥିଲା। ବାଳକ ଦାରିଦା ଘୃଣାର ଶିକାର ହୋଇ ଦୁଇ ଦୁଇ ଥର ଶିକ୍ଷାନୁଷ୍ଠାନରୁ ବିତାଡିତ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧର ଅମାନବତା, ନିଷ୍ଠୁରତା ଓ ନରସଂହାର ଭଳି ବିଭୀଷିକାକୁ ପ୍ରତ୍ୟକ୍ଷ କରିବାକୁ ହୋଇଥିଲା ଦାରିଦାଙ୍କୁ। ତାଙ୍କ ଭିତରେ ମାନବତାର ମହନୀୟ ବୀଜଟିଏ ସେବେଠାରୁ ଅନ୍ୱେଷଣ କରିବାକୁ ଲାଗିଥିଲା।


## ସାଲିସ୍ ଓ ମାଲିସ୍‌ର ସମନ୍ୱୟ

ପରବର୍ତ୍ତୀ ପ୍ରୌଢାବସ୍ଥାରେ ଲକ୍ଷ୍ୟ କଲେ ସାମ୍ୟବାଦର କ୍ଷୟିଷ୍ଣୁ ଧାରା, ପୁଞ୍ଜିବାଦର ପୈଶାଚିକ ପର୍ବ, ସାମ୍ରାଜ୍ୟବାଦ ଓ ଉପନିବେଶବାଦ, ଉପଭୋକ୍ତାବାଦ ଭଳି ସାଲିସ ମାଲିସର ଅକଥନୀୟ ସମନ୍ୱୟ। ପ୍ରାୟ ୧୯୬୦ ମସିହାରେ ମୌଳିକ ଚିନ୍ତାଗୁଣସମ୍ପନ୍ନ ଦାରିଦା ବୁଦ୍ଧିଜୀବୀ ଓ ଉଗ୍ରବାମପନ୍ଥୀ ଚିନ୍ତାଧାରା ସମ୍ବଳିତ ଏକ ପତ୍ରିକାର ଦାୟିତ୍ୱ ଗ୍ରହଣ କରିଥିଲେ। ଯେତେବେଳେ ଭାରତ ତଥା ଓଡିଶାରେ ଗାନ୍ଧୀବାଦର ଜ୍ୟୋତି ଓ ସାମ୍ୟବାଦର ଆହ୍ୱାନ ଧୀରେ ଧୀରେ ନିଷ୍ପ୍ରାଣ ହେବାକୁ ଆରମ୍ଭ କରିଥାଏ, ସେତେବେଳେ ତାଙ୍କର ସ୍ୱର ବଳବତ୍ତର ଥିଲା। ମାଓବାଦ, ସରିଆଲିଜିମ ଓ ନୂତନ ଭାଷାଦର୍ଶନରନ ଅନୁସନ୍ଧିତ୍ସା, ୭୦ ଦଶକରେ ଦାରିଦା ତାଙ୍କ ଚିନ୍ତାଧାରାର ଏକ ପାଠ୍ୟକ୍ରମର ଅଧ୍ୟାପନା ପାଇଁ ସୁଯୋଗ ପାଆନ୍ତି ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟରେ। ୧୯୮୧ରେ ଏକ ଗୁପ୍ତ ଆଲୋଚନାରେ ପ୍ରମୁଖ ଭୂମିକା ଗ୍ରହଣ କରି କାରାରୁଦ୍ଧ ହୋଇଥିଲେ। ଏଠାରେ ସ୍ମରଣ କରାଯାଇପାରେ ଯେ ୧୯୬୭ ମସିହା ମେ ମାସ ୨୭ ତାରିଖରେ ଉତ୍ତରବଙ୍ଗର ନକ୍ସଲବାଡି ଗ୍ରାମରେ ଭୂମ୍ୟାଧିପତି ଓ ରୟତଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହୋଇଥିଲା। ଯାହା ନକ୍ସଲବାଦ ପରିଭାଷାରେ ପ୍ରକାଶିତ ହେଲା ଏବଂ ଏହାକୁ ଗଣସଂଗ୍ରାମରେ ପରିଣତ କରି କାହ୍ନୁ ସାନ୍ୟାଲ, ଚାରୁ ମଜୁମଦାର, ନାଗଭୂଷଣ ପଟ୍ଟନାୟକ, ଆନ୍ଧ୍ରର ସୁବାରାଓ ପାଣିଗ୍ରାହୀ, ନକ୍ସଲ କବି ବର୍ବରାରାଓ ପ୍ରମୁଖ ମାଓବାଦରେ ରୂପାନ୍ତର କଲେ। ମହାତ୍ମାଗାନ୍ଧୀ ଯେଉଁ ସମୟରେ ମୁଠେ ଲୁଣ ପାଇଁ ଭାରତରେ ଡାକରା ଦେଲେ, ଠିକ୍ ଅନୁରୂପ ଆହ୍ୱାନ ଦେଇଥିଲେ ମାଓ, ଚୀନବାସୀଙ୍କୁ ମୁଁ ମୁଠାଏ ଭାତ ଦେବାକୁ

ରହେଁ ଏବଂ ଭାତ ଅଛି ବନ୍ଧୁକ ଭିତରେ ଅର୍ଥାତ୍ କ୍ଷମତା ହାତକୁ ଆସିଲେ ଲୋକେ ଆପେ ଆପେ ଦାନାକନା ପାଇପାରିବେ ଏଥି ଲାଗି ବେସାଲିସ ସଂଗ୍ରାମ ଅନିବାର୍ଯ୍ୟ। ଚୀନ, ଭାରତ ଯୁଦ୍ଧର ଉତ୍ତରକାଳରେ ଏହି ଗଣ ସଂଗ୍ରାମ ନକ୍ସଲବାଡ଼ିରୁ ନେପାଳ ଠାରୁ ସମଗ୍ର ପୂର୍ବ ଭାରତକୁ ଅକ୍ତିଆର କରିନିଏ। ସାମ୍ୟବାଦ ଦର୍ଶନର ହେଲା ଭିନ୍ନରୂପ ଏବଂ ତାକୁ ହିଁ ସମ୍ବଳ କରି ସୃଷ୍ଟ ହେଲା ବିପୁଳ ସାହିତ୍ୟ/କବିତା। କବି ମନମୋହନ ମିଶ୍ର, ବିପ୍ଳବୀକବି ରବିସିଂହ, ସଦାଶିବ ଦାସ, ଈଶ୍ୱର ଦାସ, ସନ୍ତୋଷ ଦାସ, ବାସୁଦେବ ଦାସ, ଡଃ.ନାରାୟଣ, ବ୍ରଜେନ୍ଦ୍ର ଦତ୍ତ, ଲେନିନ୍ ମହାନ୍ତି, ଦଣ୍ଡପାଣି ମହାପାତ୍ର, ରୁକୁଡାକ୍ରା ପ୍ରମୁଖଙ୍କ କବିତାରେ ଭାବକ୍ରାନ୍ତିର ପ୍ରତିଫଳନ। କବି ସଦାଶିବ ଦାସଙ୍କ ଭାଷାରେ–

‘ଧର୍ମଟା ଏଠି ଶୋଷଣର ଭିକ୍ଷା ଝୁଲା
ଜୀବନ ଆଶାରେ ଚଳାଇ ଯା ବଂଧୁ
ମରଣ ଛୁରିଟା ଚଲା।’

୧୯୭୩ ମସିହାରେ ରବି ସିଂ ଓ ଅନ୍ନଦା ରାୟଙ୍କ ସଂପାଦନରେ ପ୍ରକାଶିତ ହୁଏ ଅଗ୍ନିବୀଣା ପତ୍ରିକା। ଉଗ୍ରସାମ୍ୟବାଦୀ ଗୋଷ୍ଠୀ ଏକତ୍ର ହୋଇ ବାମପନ୍ଥୀ ପୋଷାକ ପ୍ରତିଭାଧର ଲାଲଝଣ୍ଡା ଧରି ମସୀଚାଳନା କରିବା ଫଳରେ ନୂତନ କ୍ରାନ୍ତି ସୃଷ୍ଟି ହୁଏ। ମନମୋହନ ମିଶ୍ର ଓ ନାଗ ଭୂଷଣ କାରାବରଣ କରନ୍ତି। ଶ୍ରୀମତୀ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ହେବାପରେ ସାମ୍ୟବାଦ ଗୋଷ୍ଠୀର କିଛି ଖ୍ୟାତନାମା ବ୍ୟକ୍ତି ବିହାରରୁ କେସ୍‌କୁ ଓଡିଶା ଆଣିବା ପରେ ମନମୋହନ ମିଶ୍ର ମୁକ୍ତ ହେଲେ। ସେହିପରି ନାଗ ଭୂଷଣଙ୍କ ଫାଶୀଦଣ୍ଡ କୋହଳ ନିମନ୍ତେ ବଟକୃଷ୍ଣ ଚୌଧୁରୀ, ମାଳତୀ ଦେବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର ଉତ୍ତୋଳନ କରିଥିଲେ। ମାଓଦର୍ଶନ ବା ନକ୍ସଲ ସାମ୍ୟବାଦ ଭିତ୍ତିରେ ଜନଗଣଙ୍କର ମୁକ୍ତିପାଇଁ ଲଢେଇର ଚିତ୍ର କବିତାରେ ଆସିଅଛି। ଏଣୁ ପ୍ରଗତିବାଦୀ ଦୀପ୍ତ କବିତା ସହିତ ଉଗ୍ର ସାମ୍ୟବାଦୀ ଚିନ୍ତାଧାରାର କବିତା ଓଡ଼ିଆ କବିତାକୁ ପୁଷ୍କଳ କରି ତୋଳିଲା।



### ଅଗଷ୍ଟ ବିପ୍ଳବ

ଅଗଷ୍ଟ ବିପ୍ଳବ ବଳରେ ଭାରତ ସ୍ୱାଧୀନ ହେବାକୁ ଅହିଂସା ସମର କହି ଗାନ୍ଧୀବାଦୀମାନେ ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ପ୍ରଗତିବାଦୀମାନେ ଅସ୍ୱୀକାର କରନ୍ତି। ଆତ୍ମପ୍ରତାରଣାର ଭିନ୍ନ ରୂପ ଦେଇ ରକ୍ତପାତ ବା ଆତ୍ମସମର୍ପଣର କଥା କହିଥାନ୍ତି। ରଘୁନାଥ ଦାସ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟଙ୍କ ଠାରୁ ଆରମ୍ଭ କରି ଆଶୁତୋଷ ପରିଡା, ଅମରେଶ ପଟ୍ଟନାୟକ, ସଦାଶିବ ଦାସଙ୍କ ଯାଏ ବହୁ କବିଙ୍କର ବିପୁଳ ଦୃଷ୍ଟାନ୍ତ କବିତାକୁ କରିଛି ବିପ୍ଳବ ମୁଖର।

୧୮୪୫ ମସିହାରେ ଦାର୍ଶନିକ ମିଷ୍ଟର କଜିନ୍ ତାଙ୍କ ଭାଷଣରେ ଘୋଷଣା କରନ୍ତି ‘ଆର୍ଟ ଫର୍ ଆର୍ଟ୍‌ସ୍ ସେକ୍।’ କାର୍ଲମାକ୍ସ ତାକୁ ଖଣ୍ଡନ କରି ୧୮୪୮ ମସିହାରେ କହିଲେ, ‘ଆର୍ଟ ନଟ୍ ଫର୍ ଆର୍ଟ୍‌ସ୍ ସେକ୍, ଆର୍ଟ ଫର୍ ସର୍ଭିସ୍ ଆଣ୍ଡ ବ୍ଲେସେଡ୍‌ନେସ୍।’

### ସାମାଜିକ ଉତ୍ତରଣ

ଯେଉଁମାନଙ୍କର ଧାରଣା କଜିନ୍ ସାହେବଙ୍କ ପେଟରାଭୁକ୍ତ ଥିଲେ, ତାହା ମାର୍କ୍ସଙ୍କ ଯୁକ୍ତିନିଷ୍ଠ ଶ୍ରେଣୀ ସଂଘର୍ଷ ଅନିବାର୍ଯ୍ୟତା ଲାଭ କଲା। ଏହା ଉତ୍ତାରୁ ସାହିତ୍ୟ/କବିତା ଆଉ ସମାଜର ଦର୍ପଣ ନ ହୋଇ, ହେଲା ସାମାଜିକ ଉତ୍ତରଣ ଏବଂ ବ୍ୟକ୍ତି ବେଦନାର ବିମୂର୍ତ୍ତ ଉଚ୍ଚାରଣ। ଏହା ଅତୀତକୁ ଭିତ୍ତିକରି ବର୍ତ୍ତମାନକୁ ଉପାସନା ବାଢି ଆଗାମୀ କଲ୍ୟାଣପାଇଁ ବାର୍ତ୍ତାବହନ କରେ, ଜନଜୀବନରେ ଶକ୍ତି ସଂଚାର ପୂର୍ବକ ବକ୍ତବ୍ୟ ରଖିବ। ଏହି ମର୍ମରେ ‘ସିଅର୍ ଫିଲୋସଫର’ ରେ ପ୍ରଭାତ ରନ ସରକାର ସାହିତ୍ୟିକର କର୍ତ୍ତବ୍ୟ ଉପରେ ଆଲୋକପାତ କରିଛନ୍ତି –

“ରିଅଲ୍ ‘ସାହିତ୍ୟିକ-ସ୍’ ଆର୍ ନଟ୍ ଓନ୍‌ଲି ବିକନ୍‌ସ୍ ଅଫ୍ ଦି ପ୍ରେଜେଣ୍ଟ ବଟ୍ ଅଲ୍‌ସୋ ମିନ୍‌ଷ୍ଟ୍ରିଲ୍ ଅଫ୍ ଦି ପାଷ୍ଟ ଆଣ୍ଡ ମେସେଞ୍ଜର ଅଫ୍ ଦି ଫ୍ୟୁଚର।” ସୁତରାଂ ସାହିତ୍ୟିକ ମନୋବିଶ୍ଳେଷଣ କବିତା ମାଧ୍ୟମରେ ମନସ୍ତାତ୍ତ୍ୱିକ, ସାଂସ୍କୃତିକ ଓ ସାମାଜିକ ଅଙ୍ଗୀକାରକୁ ହସ୍ତାନ୍ତର କରି ପାରିବା ବିଧେୟ। ପ୍ରଗତିବାଦୀ ଓ ନକ୍ସଲବାଦୀଙ୍କ ବିଚ୍ଛର ବିମର୍ଶରେ ଲିଖିତ କବିତା, ସର୍ବହରା, ଜନଜାତି, କ୍ଷୁଧାର୍ତ୍ତ ଓ ନିପୀଡିତର ହକ୍ ପ୍ରାପ୍ୟ ଲଢେଇ କବିତାର ଭାବବସ୍ତୁ ଭାବେ କାର୍ଯ୍ୟ

କବିତା ବ୍ୟଞ୍ଜନାରେ ସୀମିତ ନ ହୋଇ ହୋଇଛି- 'ପୋଇଟ୍ରି ଇଜ୍ ଦି ଏକ୍ସପ୍ରେସନ୍ ଅଫ୍ ହ୍ୟୁମାନ୍ ଇମୋସନ୍।' ଲୋକଙ୍କ ଭିତରୁ ଲୋକଙ୍କ ପାଇଁ ଲୋକଙ୍କ ଦ୍ୱାରା କବିତାର ପ୍ରଯତ୍ନ ପ୍ରସବ ହୁଏ।

## ପରିବର୍ତ୍ତିତ ସମାଜ

୧୯୮୦ ମସିହା ପରେ ରାଜନୀତିକ ଅସ୍ଥିରତା ଓ ସାମାଜିକ ଗଢଣରେ ବୈଷମ୍ୟ ଦେଖାଦିଏ। ଓଡ଼ିଆ ଘରର ଯୌଥ ପରିବାର, ଯୌଥ ଋଷ, ଗ୍ରାମ୍ୟ ଜୀବନରେ ଫିକା ପଡେ। ବିଜ୍ଞାନର ବିସ୍ଫୋରକ ବ୍ୟବହାରରେ ଭୌତିକ ଉନ୍ନତି ଘଟିଥିଲେ ମଧ୍ୟ ନୈତିକ ଅଧଃପତନ ଭୀଷଣ ଭାବେ ଆକ୍ରାନ୍ତ କରିଛି। ଫଳରେ ପ୍ରେମ ବିବାହ, ଛାଡପତ୍ର, ନାରୀ ଉପଭୋଗର ଲାଳସା ଭଳି କୃକଳାଶୀ ମାନସିକତା କବି ପ୍ରାଣକୁ ସ୍ପର୍ଶ କରିଛି। ଗୋଟିଏ ପଟେ ଆର୍ଥନୀତିକ ସଂକଟ ହେତୁ ଭେଣ୍ଡିଆ ଟୋକା ଦାଦନ ଖଟିବାକୁ ଯାଇ ପରିବାର ବା ଘରଛଡା ହୋଇଯାଆନ୍ତି। ରାଜନୀତିକ ପଶାଖେଳରେ ଶାଶୂ ବୋହୂର ଭୋଟ ଲଢେଇ ହେବା ଭଳି ଅଶୋଭନୀୟ ପରିବେଶ ମଧ୍ୟ ସୃଷ୍ଟି ହୁଏ। ଏହି ସମୟ ଖଣ୍ଡରେ ବୋଉ, 'ମା'ଙ୍କ କଥା ଭାଳି ହେବା ଯୋଗୁ ନାରୀ ମର୍ଯ୍ୟାଦା ଓ ନାରୀ ସଶକ୍ତୀକରଣ କବିତାର ଏକ ଅଙ୍ଗ ଭାବେ ବିଚାର୍ଯ୍ୟ। ପ୍ରେମର ବଧଶିଳା ପାଲଟିଯାଏ ରାଜନୀତିକ ପେଣ୍ଡାଲ, ଅଗଣିତ ଅବଳା, ମଧୁମିତା, ଶାନ୍ତିଲତା, ଛବିରାଣୀ, ନିର୍ଭୟାମାନେ ଜହ୍ଲାଦଙ୍କ ଦ୍ୱାରା ସ୍ୱର୍ଗ ମାର୍ଗରେ ଧାବିତ ହୁଅନ୍ତି।

**ଜାତୀୟ ସ୍ତରରେ ନାରୀବାଦକୁ କେନ୍ଦ୍ର କରି କବିତା ରଚନା ପର୍ବ ବିଗତ ତିରିଶ ବର୍ଷରେ ଆରମ୍ଭ ହୋଇ ଆନ୍ଦୋଳନରେ ପରିଣତ ହୋଇଅଛି।**

ଯାହା ହେଲେ ବି ଶିକ୍ଷିତା ନାରୀ ଓ ଲେଖିକାମଣ୍ଡଳୀଙ୍କ ଆହ୍ୱାନକୁ ସରକାର ଗୁରୁତ୍ୱ ଦେଇ ନାରୀକୁ ନ୍ୟାୟ ଓ ଆତ୍ମ ନିର୍ଭରଶୀଳା କରିବାରେ ତତ୍ପରତା ଦେଖାଇଛନ୍ତି। ଏହି ପରିପ୍ରେକ୍ଷୀରେ ରୀତା ନାୟକ, ଅପର୍ଣ୍ଣା ମହାନ୍ତି, ପ୍ରତିଭା ଶତପଥୀ, ସୁଚେତା ମିଶ୍ର, ପ୍ରଭାସିନୀ ମହାକୁଡ, ସାବିତ୍ରୀ କବି, ଅନ୍ନପୂର୍ଣ୍ଣା ମହାନ୍ତିଙ୍କ ଲେଖନୀ ଆଗ୍ନିକ ସ୍ଫୁଲିଙ୍ଗ ମେଲି ଦେଇଛି ନାରୀର ମର୍ଯ୍ୟାଦା ଓ ଅଧିକାର ପ୍ରାପ୍ତି ନିମନ୍ତେ। ନାରୀର ଯୌନେଚ୍ଛା ଓ ଗର୍ଭାଶୟ ପୁରୁଷର ସୌଖୀନ ମନମୁଖି ସମ୍ପତ୍ତି ନୁହେଁ। ବିବାହିତା ହେଲେ ମଧ୍ୟ ତାହାର ମନର ମଣିଷ ବା କ୍ଷୁଧା ଓ ଆଶ୍ଲେଷ ଭରଣ ପାଇଁ ସ୍ୱାଧୀନ ହେବା ବିଚାର୍ଯ୍ୟ ମନେକରି ନାରୀବାଦ ମୁଣ୍ଡଟେକିଛି। ଉକ୍ତ ବିଚାରକୁ କେନ୍ଦ୍ର କରି 'ସେକ୍ସ ଏଜୁକେସନ' ଶୀର୍ଷରେ ଏହି ଲେଖକ ୧୯୯୫ରେ ଦିଲ୍ଲୀଠାରେ ଏକ ତ୍ରିଦିବସୀୟ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲା। ନାରୀ ବିବାହିତା/ଅବିବାହିତା ସମ୍ପର୍କରେ ଉତ୍ପନ୍ନ ସମସ୍ୟା ଓ ସମାଧାନ ଉପରେ ବିଜ୍ଞ-ବିଦୂଷୀମାନଙ୍କର ମତାଦର୍ଶ ନାରୀବାଦର ଏକ ଆବେଗିକ ଆହ୍ୱାନ ଥିଲା। ଜାତୀୟ ସ୍ତରରେ ନାରୀବାଦକୁ କେନ୍ଦ୍ର କରି କବିତା ରଚନା ପର୍ବ ବିଗତ ତିରିଶ ବର୍ଷରେ ଆରମ୍ଭ ହୋଇ ଆନ୍ଦୋଳନରେ ପରିଣତ ହୋଇଅଛି। ସିଗ୍‌ମଣ୍ଡ ଫ୍ରଏଡ ତତ୍ତ୍ୱକୁ ଆଧାର କରି ମାଡାମ୍-ସିମନ୍-ଡି-ବରୁଆଙ୍କ ବିଚରିତ ସେକେଣ୍ଡ ସେକ୍ସ (୧୯୫୪) ନାରୀ ପାଇଁ ଯୌନ ମୁକ୍ତିର ଅନୁଭବକୁ ଶକ୍ତିଶାଳୀ ଓ ଯୁକ୍ତିନିଷ୍ଠ କରିଅଛି। ସୁତରାଂ ବିଶ୍ୱସ୍ତରରେ ନାରୀର ମାନସିକ ସ୍ଥିତି ଓ ମୁକ୍ତିଭିତ୍ତିରେ ରଚିତ କବିତାମାନ ବିଶେଷ ଭାବେ ଓଡ଼ିଆ କବିତାରେ ଚର୍ଚ୍ଚିତ 'ହର୍ ବଡି ଇଜ୍ ନୋ ଲଙ୍ଗର୍ ଆନ୍ ଅବ୍‌ଜେକ୍ଟ, ଇଟ୍ ଇଜ୍ ଏ ହ୍ୟୁମାନ୍ ଫ୍ଲେମ୍', ହେଲା ମୂଳ ଉତ୍ସ।

ଏଠାରେ ମଧ୍ୟ ଦାର୍ଶନିକ ଦାରିଦାଙ୍କର ବିନିର୍ମାଣ ଚିନ୍ତନ ପ୍ରକ୍ରିୟା ଦର୍ଶନ ନ ହୋଇ ଆବେଗିକ ପ୍ରତିଫଳନ ହୋଇଥିବାର ବିଶ୍ୱାସ। ଏହାକୁ ଭାଷା ଜଗତର ଭାବଖେଳ ଓ ଭାବ ଜଗତର ଭାଷାଖେଳର ଆଖ୍ୟା ପ୍ରଦାନ କରାଯାଇଅଛି। ସମ୍ପ୍ରତି ଆବେଗିକ ଭାବନାକୁ ଶୁଦ୍ରଚିତ୍ର, ମୋବାଇଲ, କମ୍ପ୍ୟୁଟର ପରଦାରେ ଉଦ୍‌ଭାସିତ କରାଯାଇଛି, ଏହାକୁ ଇମୋଜି କହିବା ଏବଂ ଏହି ଫର୍ମାଟ୍‌ରେ କବିତା ରଚନା ଏକ ସାଧାରଣରେ ପରିଣତ ହୋଇଅଛି। ଇମୋଜିରେ ଅନୁଭବ ଓ ଆବେଗ ମିଶ୍ରିତ ସ୍ୱର ପ୍ରକାଶ କରୁଛି।


ଯାହା ହେଉ, ଅର୍ଦ୍ଧଶତାବ୍ଦୀର ଓଡ଼ିଆ କବିତାର ରଚନାଙ୍ଗ ସହିତ ଅନ୍ତଃ ପ୍ରଜ୍ଞାର ବିକାଶ ପ୍ରକାଶ ଯେ ସମୃଦ୍ଧି ପଥରେ ଗତିଶୀଳ-ଏହା ସର୍ବବାଦୀସମ୍ମତ ଏବଂ ସର୍ବଭାରତୀୟ କବିତାର ଗତି ସହିତ ସମତାଳରେ ନୁହେଁ ବରଂ ଅଗ୍ରଗାମୀ ପଥରେ ଓଡ଼ିଆ କବିତା ଚରଣ ଚାଳିଛି।

□□

ଲେଖକଙ୍କ ଇ-ମେଲ ଠିକଣା:
basudevdaskabi@gmail.com


ଗଳ୍ପ

# ବୁଝୁ



ହରେକୃଷ୍ଣ ସାହୁ

କାବୁ ଷୋହଳ ସତର ବର୍ଷର ପିଲାଟିଏ। ଏ ଗାଁ ଭିତରେ ସେ ସବୁଠାରୁ ଗରିବ ଓ ସବୁଠାରୁ ଏକୁଟିଆ। ଘରେ ତା'ର ମା' ବ୍ୟତୀତ ଆଉ କେହି ନାହିଁ। କାବୁ ପାଣି ବିକ୍ରି କରି କିଛି ପଇସା ରୋଜଗାର କରେ। ସେତକ ପଇସାରେ ସେମାନେ ଖାଇପିନ୍ଧି ଚଳିଯାଆନ୍ତି। ତାଙ୍କ ଗାଁର ଶେଷ ମୁଣ୍ଡରେ କିଛି ଦୂର ପର୍ଯ୍ୟନ୍ତ ସବୁଜ ଚାଷ ଜମି ବ୍ୟାପି ରହିଛି। ଏହି ଦୀର୍ଘ ଓ ପ୍ରଶସ୍ତ ସବୁଜ ଗାଲିଚା ପରେ ପରେ ଠିଆ ହୋଇଛି ଅଳ୍ପ ଉଚ୍ଚର ପାହାଡ଼ଟିଏ। ସେଇ ପାହାଡ଼ ଉପରେ ସହରରୁ ଆସିଥିବା ଭୂତତ୍ତ୍ୱବିତ୍‌ମାନେ କ୍ୟାମ୍ପ ପକାଇ କ'ଣ ଗୋଟେ ସର୍ଭେ କରୁଛନ୍ତି। ସେଇଠି ସେଇ କାର୍ଯ୍ୟରେ ବିଜ୍ଞାନୀମାନଙ୍କ ପାଇଁ ତମ୍ବୁ ଖଞ୍ଜା ଯାଇଛି।



ତମ୍ବୁରେ ରୋଷେଇ କରାଯାଏ। ସେମାନେ ସେଇଠି ଖାଆନ୍ତି ପିଅନ୍ତି ରହନ୍ତି। କିନ୍ତୁ ପାହାଡ଼ ଉପରେ ପାଣି ମିଳେ ନାହିଁ। ତେଣୁ କାବୁ ସେମାନଙ୍କୁ ସବୁଦିନେ ପାଣି ଯୋଗାଏ। ଦୁଇଟି ଛୋଟ ଛୋଟ ପ୍ଲାଷ୍ଟିକ ଡ୍ରମ୍‌ରେ ଗାଁ କୂଅରୁ ପାଣି ପୂରାଇ, ଭାର କରି ବୋହିନିଏ ପାହାଡ଼ ଉପରକୁ। ସେଇ ପାଣିରେ ବାବୁମାନେ ଗାଧାନ୍ତି। କିଛି ପାଣିରେ ରୋଷେଇ ହୁଏ ଏବଂ କିଛି ପିଇବା ପାଣି ହିସାବରେ ବ୍ୟବହାର କରାଯାଏ।

କାବୁ ନୀଳ ରଙ୍ଗର ମୋଟା ହାଫ ପ୍ୟାଣ୍ଟଟିଏ ପିନ୍ଧିଥାଏ। ହାତ ଥିବା ଧଳା ଗଞ୍ଜି ଓ ଭାର ବୋହିବା ପାଇଁ କାନ୍ଧରେ ରଖିଥାଏ ଖୋର୍ଦ୍ଧା ଗାମୁଛାଟିଏ। ସବୁ ସଫାସୁତରା ଥାଏ। ସେ ନିଜେ ମଧ୍ୟ। ଭାରେ ପାଣି ପାଇଁ ଦଶଟଙ୍କା ମିଳେ। ସବୁଦିନ ପ୍ରାୟ କୋଡ଼ିଏ ଭାର ପାଣି ପାହାଡ଼ ଉପରେ ଦରକାର ହୁଏ। କିନ୍ତୁ କାବୁ କେବେ ଥକି ଯାଏ ନାହିଁ। ତା'ର ମନହୁଏ ଆହୁରି ପାଣି ପାହାଡ଼ ଉପରକୁ ନିଅନ୍ତା ଓ ଅଧିକ ଟଙ୍କା ରୋଜଗାର କରନ୍ତା। ସେ କେବେ ଥକିନାହିଁ କି ଠକି ନାହିଁ। ଆବଶ୍ୟକ ଅନୁଯାୟୀ ଠିକ ସମୟରେ ଓ ଠିକ ପରିମାଣରେ ପାଣି ଯୋଗାଇ ଦେଇଛି।

ଭୂତତ୍ତ୍ୱବିତ୍‌ମାନଙ୍କ ପାଇଁ କାବୁ କେବଳ ଜଳବାହକ ନୁହେଁ। ସେ ତାଙ୍କର ଅତି ପରିଚିତ କାବୁ। ଗାଁ ଦୋକାନରୁ ସେମାନେ ତା' ହାତରେ ସିଗାରେଟ ମଗାଇ ପାରନ୍ତି। ରୋଷେୟା ସଉଦା ମଗାଇନିଏ। କାବୁ ସେମାନଙ୍କ ପାଖରୁ ପ୍ରତିଦିନ ଚାହା ପିଏ ଏବଂ ଥକା ମେଣ୍ଟାଇବା ପାଇଁ ତମ୍ବୁ ଭିତର ଛାଇରେ ମଧ୍ୟ ବସିଯାଏ। ବେଳେବେଳେ ବିଭିନ୍ନ ବିଜ୍ଞାନୀମାନଙ୍କ ପରିବାରର ଲୋକ ଭ୍ରମଣ ଉଦ୍ଦେଶ୍ୟରେ ଏଇ ପାହାଡ଼ ଉପରକୁ ଆସି ଦୁଇ ତିନି ଦିନ ରହି ଫେରିଯାଆନ୍ତି। କାବୁକୁ ସେମାନେ ମଧ୍ୟ ଭଲପାଆନ୍ତି। କାବୁ ସେମାନଙ୍କୁ ଗାଁ ଦେଖେଇବା ପାଇଁ ସାଙ୍ଗରେ ନେଇଯାଏ। ସେଇ କେତେଦିନ କାବୁର ମଧ୍ୟ ଅଧିକ ରୋଜଗାର ହୁଏ। କାରଣ ତା'ର ପାଣି ଯୋଗାଇବା କାର୍ଯ୍ୟ ବଢ଼ିଯାଏ।

ପଟେଲ ସାହେବ ନାମକ ଜଣେ ବ୍ୟକ୍ତି ସେଠି କାମ କରୁଥାନ୍ତି। ଥରେ ତାଙ୍କର ଏକମାତ୍ର ଝିଅ ତୃଷ୍ଣା ଓ ପତ୍ନୀ ମିସେସ୍ ପଟେଲ ଭ୍ରମଣ ଉଦ୍ଦେଶ୍ୟରେ ସେହି ପାହାଡ଼ ଉପରେ ପହଞ୍ଚିଲେ। କାବୁର ପାଣି ବୋହିବା କାର୍ଯ୍ୟ ବଢ଼ିଗଲା। ଏଥର କିନ୍ତୁ ଅନ୍ୟ ଥର ଅପେକ୍ଷା ଅଧିକା ରୋଜଗାର ହେଲା। କାରଣ ପଟେଲ ସାହେବଙ୍କ କନ୍ୟା ତୃଷ୍ଣା ଗାଧୋଇବାରେ ଅନେକ

ଅଧିକ ପାଣି ବ୍ୟବହାର କରୁଥିଲେ।

ତୃଷ୍ଣା ଯଦିଓ ଆବଶ୍ୟକ ହେତୁ ଅଧିକ ପାଣି ବ୍ୟବହାର କରୁଥିଲେ କିନ୍ତୁ ଦୁଃଖ କରୁଥିଲେ ପିଲାଟି ପାଇଁ। ସେ ଦେଖୁଥିଲେ ଅଳ୍ପ ବୟସର ପିଲାଟିଏ ତିରିଶ ଭାରରୁ ଅଧିକ ପାଣି କାନ୍ଧରେ ବୋହି ବୋହି ଗାଁରୁ ଆଣୁଛି। ପୁଣି ସେମିତି କାନ୍ଧରେ ବୋହି ଏତେ ଉଚ୍ଚ ପାହାଡ଼ ଉପରକୁ ଉଠୁଛି। ତୃଷ୍ଣା ଭାବୁଥିଲେ ତାଙ୍କ ନିଜର ବୟସ ପଚିଶ। କାବୁଠାରୁ ଯଥେଷ୍ଟ ସୁସ୍ଥ ଓ ସମର୍ଥ। କିନ୍ତୁ ସେ ଗୋଟିଏ ଭାର ପାଣି ମଧ୍ୟ ବୋହି ଆଣିପାରିବେ ନାହିଁ। ତିରିଶ ଭାର ପାଣି କଥା ଚିନ୍ତା କଲାବେଳକୁ ମନରେ କଷ୍ଟ ଅନୁଭୂତ ହେଉଥାଏ।

ତୃଷ୍ଣା ଗାଧୁଆପାଧୁଆ କରୁଥିବା ବେଳେ କାବୁ ପାଣି ନେଇ ପହଞ୍ଚିଯାଏ। ଗାଧୋଇବା ପାଇଁ ସେଠାରେ ଗୋଟେ ତମ୍ବୁ ଲାଗିଥାଏ। କାରଣ ସହରୀ ଲୋକମାନେ ଖୋଲା ସ୍ଥାନରେ ଗାଧୋଇ ପାରନ୍ତି ନାହିଁ। ତାଙ୍କର ଅଭ୍ୟାସ ନ ଥାଏ। ତୃଷ୍ଣା ଗାଧାନ୍ତି ସେହି ସ୍ନାନ ତମ୍ବୁରେ। ତୃଷ୍ଣା ସ୍ନାନ କରୁଥିବା ବେଳେ କାବୁ ପାଣି ଭାର ବୋହି ଭିତରେ ପଶେ ଓ ପାଖରେ ଥିବା କୁଣ୍ଡରେ ଢାଳିଦିଏ। କାବୁ ପହଞ୍ଚିଲେ ତୃଷ୍ଣା ସେମିତି କିଛି ଲଜ୍ଜା ପ୍ରକଟ କରନ୍ତି ନାହିଁ। ଓଲଟା କାବୁକୁ କିଛି ସମୟ ପାଇଁ ଅଟକାଇ ଦିଅନ୍ତି ଏବଂ ଅନେକ କଥା ପଚାରନ୍ତି। ଦିନେ ପଚାରିଲେ- କାବୁ, ତୁମକୁ ଦେଖି ମୋ ମନରେ ଖୁବ ଦୟା ଆସୁଛି। ମୋ ପାଇଁ ପ୍ରତିଦିନ ଚାରିଭାର ପାଣି ଅଧିକ ବୋହି ଆଣୁଥିବାରୁ ଯଥେଷ୍ଟ କଷ୍ଟ ହେଉଥିବ, ନୁହେଁ? ଏତେ କମ୍ ବୟସରୁ ଅତ୍ୟଧିକ ପରିଶ୍ରମ କଲେ ସ୍ୱାସ୍ଥ୍ୟର କେବେ ବି ଉନ୍ନତି ହେବ ନାହିଁ। ତୁମର ରଙ୍ଗ ପ୍ରକୃତରେ ଗୋରା। କିନ୍ତୁ ଏଇ ଯେଉଁ ପ୍ରବଳ ଖରାରେ ତୁମେ କାମ କରୁଛ ସେଥିପାଇଁ ଦେହର ରଙ୍ଗ ତମ୍ବା ପରି ଶ୍ୟାମଳ ହୋଇଯାଇଛି। ପ୍ରତିଦିନ ଖରାବେଳେ ଆରାମ କଲେ, ଟିକେ ଭଲ ଖାଦ୍ୟ ଖାଇଲେ ନିଶ୍ଚୟ ତୁମେ ଖୁବ ସୁନ୍ଦର ଦିଶିବ।


କାବୁ ତୃଷ୍ଣାଙ୍କ ମୁହଁରୁ ନିଜର ପ୍ରଶଂସା ଶୁଣି ହସିଦିଏ। କାରଣ ତୃଷ୍ଣାଙ୍କୁ ଦେଖିବା ପରଠାରୁ ସେ ମନେ ମନେ ଭାବୁଥିଲା ଦୁନିଆର ସମସ୍ତ ସୌନ୍ଦର୍ଯ୍ୟ ଯଦି କେଉଁଠି ସାଇତା ହୋଇ ରହିଛି ତ ତେବେ ସେସବୁ ଅଛି ତୃଷ୍ଣାଅପାଙ୍କ ରୂପରେ। ପିଲା ଦିନେ ବୁଢ଼ାବାପା ବୁଢ଼ୀମା' ଠାରୁ ଶହ ଶହ ପୁରୁଣା ଗପ ଶୁଣିଥିଲା। ସବୁ ସେଇ ରାଜା, ମନ୍ତ୍ରୀ, ରାଜକନ୍ୟା, ରାକ୍ଷସ ବିଷୟରେ ହିଁ ଥିଲା। ରାଜକନ୍ୟାଟିଏ କେବେ ବି ଦେଖି ନ ଥିଲେ ମଧ୍ୟ ତା'ର ମନରେ ଗୋଟେ କଳ୍ପନା ଥିଲା। ଚମ୍ପା ଫୁଲ ପରି ଦେହର ରଙ୍ଗ ଇତ୍ୟାଦି ଇତ୍ୟାଦି। ଆଉ ଯାହା କିଛି ବି ସେ କଳ୍ପନା କରିଥିଲା ସେସବୁ ତୃଷ୍ଣା ଅପାଙ୍କ ଠାରେ ଥିଲା। ଅପୂର୍ବ ସୁନ୍ଦର ଥିଲା ତାଙ୍କ ମୁହଁଟି। ଆଖି ଦୁଇଟିର ଦୃଶ୍ୟ ଖୁବ ଇ ସ୍ୱର୍ଗୀୟ ଥିଲା। ସୁନ୍ଦର ଥିଲା ଓଠ ଓ ହସ। ନିତମ୍ବ ପର୍ଯ୍ୟନ୍ତ ସଜାଇ ହୋଇ ରହିଥିଲା ଗହଳ କଳା ରଙ୍ଗର କେଶ। ଧୀର ମନ୍ଥର ଚାଲି। ହାତରେ ଛୋଟ ଟର୍କିସ ତଉଲିଆଟିଏ ଧରି, ସେଥିରେ ସାବୁନ ଲଗେଇ ଧୀରେ ଧୀରେ ଦେହକୁ ଆଉଁଶୁଥିବେ ଓ ପଚାରୁଥିବେ। କାବୁ ଟିକେ ମନେ ମନେ ହସିଦେଲା। ସେ କେବେ ବି ଭାବି ନ ଥିଲା ଯେ ତା'ର ଗୋଟେ ଦେହ ଅଛି। ଦେହ ଯଦିବା ଅଛି ସେଇଟା ସୁନ୍ଦର ଦେଖାଯିବା ଦରକାର କି ନାହିଁ ସେ କଥା ବି ଜଣା ନ ଥିଲା। ସୌନ୍ଦର୍ଯ୍ୟ ସମ୍ବନ୍ଧରେ ସେ ଜାଣିଥିଲେ ମଧ୍ୟ ତାହା ସିଏ ନିଜ ଠାରେ ପ୍ରୟୋଗ କରିବାର ଆବଶ୍ୟକତା ଅନୁଭବ କରିନାହିଁ। ସେ କେବଳ ଜାଣିଛି ରାଜକୁମାରୀମାନଙ୍କର ରୂପ ବର୍ଣ୍ଣନା ଏକ କାହାଣୀ ଅଟେ। ତାହା କେବଳ ଶୁଣିବା ଉପଯୋଗୀ ମଧୁର କଥା ହିଁ ଆଟେ। ସଜେଇ ସାଜେଇ ହୋଇ ରହିଥିବା ସୁନ୍ଦରୀ ଝିଅମାନଙ୍କୁ ଦେଖିଲେ କାବୁର ମନରେ ଥିବା ରାଜକୁମାରୀମାନଙ୍କ ଛବି ସହିତ ତାଙ୍କ ରୂପକୁ ତୁଳନା କରିନିଏ। କିନ୍ତୁ କେହି ସମାନ ହୁଅନ୍ତି ନାହିଁ। ହେଲେ ତୃଷ୍ଣାଅପା! ଠିକ କୌଣସି ଗୋଟେ ଗପର ରାଜକୁମାରୀ ଭଳି ଦେଖା ଯାଆନ୍ତି। ଅର୍ଥାତ ତାଙ୍କୁ ଦେଖିଲା ପରେ ରାଜକୁମାରୀମାନେ ଯେ ଏହିପରି ଦେଖାଯା'ନ୍ତି ସେମିତି ଧାରଣାଟିଏ ହୋଇଯାଇଥିଲା କାବୁର।

ତୃଷ୍ଣା ଅପାଙ୍କ ମୁହଁରେ କାବୁର ପ୍ରଶଂସାଟା ତାକୁ ଖୁବ ମଧୁର ଲାଗୁଥିଲା। ସତ ଲାଗୁଥିଲା। ତାଙ୍କର କଥା କହିବା ଶୈଳୀଟା କେମିତି ଗୋଟେ ଅଲଗା ଅଲଗା, ଭାବପୂର୍ଣ୍ଣ। ତାଙ୍କ କଥା ଶୁଣିବା ପାଇଁ ଭାରି ଭଲ ଲାଗେ। ଖୁବ ଇଚ୍ଛା ହୁଏ

**ସେ ମନେ ମନେ ଭାବୁଥିଲା ଦୁନିଆର ସମସ୍ତ ସୌନ୍ଦର୍ଯ୍ୟ ଯଦି କେଉଁଠି ସାଇତା ହୋଇ ରହିଛି ତ ତେବେ ସେସବୁ ଅଛି ତୃଷ୍ଣାଅପାଙ୍କ ରୂପରେ।**

ଚୁପଚାପ ବସି ତାଙ୍କୁ ଅପଲକ ନୟନରେ ଦେଖୁଥାନ୍ତା ! ମନ ଜାଣୁଥାନ୍ତା ! ବୁଢ଼ୀମା' କୌଣସି ରାଜକୁମାରୀର ରୂପ ବର୍ଣ୍ଣନା କରୁଛି !

ଆଉ ଥରେ ରାତିର ରୋଷେଇ ପାଇଁ କାବୁ ପାଣି ନେଇ ଯାଇଥିଲା। ସେତେବେଳକୁ ଉପରଓଳି ହେଇଗଲାଣି। ତୃଷ୍ଣାଅପା ତମ୍ବୁ ବାହାରେ ଚେୟାରଟିଏ ପକାଇ ବସିଥାନ୍ତି। କାବୁକୁ ଡାକି ଆଉ ଗୋଟେ ଚେୟାରରେ ବସେଇଲେ। କହିଲେ-ଜାଣିଛ କାବୁ, ଆମେ କାଲି ଚାଲି ଯାଉଛୁ। ଚାଲିଯିବା କଥା ଶୁଣିବା ମାତ୍ରେ କାବୁର ମନ ଉଦାସ ହୋଇଗଲା। ଆହା କାଲି ଚାଲିଯିବେ ! ତା' ପରେ ଆଉ ଏ ସୁନ୍ଦର ରୂପ ଦେଖିବା ପାଇଁ ମିଳିବ ନାହିଁ। ତୃଷ୍ଣା ଅପା କହିଲେ-ଶୁଣିପାରୁଛ ତ। ତୁମେ ସେ ତମ୍ବୁ ଉପର ଆଡେ ଚାହିଁ କ'ଣ ଭାବୁଛ। ମୁଁ ତୁମକୁ ସେଦିନ କହୁ ନ ଥିଲି, ତୁମେ ଫୁଲପ୍ୟାଣ୍ଟ, ଫୁଲସାର୍ଟ ଆଉ ଜୋତା ପିନ୍ଧିଲେ ଖୁବ ସୁନ୍ଦର ଦେଖାଯିବ। ମୁଁ ତୁମ ପାଇଁ ପ୍ୟାଣ୍ଟସାର୍ଟ, ଜୋତା ବାପାଙ୍କ ହାତରେ ପଠାଇଦେବି।



କାବୁର ଆଉ ପ୍ୟାଣ୍ଟ, ସାର୍ଟ ପିନ୍ଧିବା ଲାଗି ଇଚ୍ଛା ନ ଥାଏ। ତୃଷ୍ଣା ଅପା କାଲି ଚାଲିଯିବେ। ତାହେଲେ ଏ ପ୍ୟାଣ୍ଟ, ସାର୍ଟ ପିନ୍ଧି ଲାଭ କ'ଣ ? ପ୍ୟାଣ୍ଟ, ସାର୍ଟ ପିନ୍ଧିଥିବା କାବୁକୁ ଦେଖି କିଏ ଆଉ କହିପାରିବ ଯେ ସେ ସୁନ୍ଦର ଦେଖାଯାଉଛି କି ଅସୁନ୍ଦର ଦେଖାଯାଉଛି ବୋଲି। ଆଉ କେହି କହିଲେ ବି ସେ କଥାଟା ଆଦୌ ଭଲ ଲାଗିବ ନାହିଁ। ତୃଷ୍ଣା ଅପାଙ୍କ ସ୍ୱରରେ କଥାଟା କାହିଁକି ଏମିତି ମଧୁର ଲାଗେ କାବୁ ଆଦୌ ବୁଝିପାରେ ନାହିଁ।

ତୃଷ୍ଣା ଚାଲିଗଲା ପରେ କାବୁ ଖୁବ ଉଦାସ ହୋଇଗଲା। ତାକୁ ଆଉ କିଛି ଭଲ ଲାଗିଲା ନାହିଁ। ଜଣାଯାଉଥିଲା ସତେଯେମିତି ସେ କିଛି ଗୋଟାଏ ତା'ର ଅଜ୍ଞାତରେ ଖୋଜି ହେଉଛି, ଯେଉଁଟା ପାଇଲେ ତାର ଉଦାସୀନତା ଦୂର ହେଇଯିବ। ସେ ପୁଣି ଚଳଚଞ୍ଚଳ ହୋଇ ଉଠିବ, ଯେମିତି ଆଗରୁ ଥିଲା, ତୃଷ୍ଣାଅପାଙ୍କ ଆସିବା ପୂର୍ବରୁ। ତା'ର ଦୁଃଖ ବୋଲି ତ କିଛି ନ ଥିଲା। କିନ୍ତୁ, ତେବେ କ'ଣ କାବୁ ନିଜର ଅଜାଣତରେ ତୃଷ୍ଣା ଅପାଙ୍କୁ ଖୋଜୁଛି। ତାଙ୍କୁ ଦେଖିଲେ ପୁଣି ତା'ର ମନ ବଦଳିଯିବ ! କାବୁ ଏବେ ବୁଝିପାରୁଥିଲା ଯେ, ସେ ତୃଷ୍ଣା ଅପାଙ୍କୁ ହିଁ ବ୍ୟାକୁଳ ହୋଇ ଖୋଜୁଛି। ତାଙ୍କ କଥା ମନେ ପକାଇବାକୁ ଭଲ ଲାଗୁଛି। ଇଚ୍ଛା ହେଉଛି ସବୁ ବେଳେ ତୃଷ୍ଣାଅପା ତା' ପାଖରେ ବସିଥାନ୍ତେ କି ! ସେ କେବଳ ଦେଖୁଥାନ୍ତା। ସବୁଦିନ ପାଇଁ ତୃଷ୍ଣା ଅପା ମିଳିଯାନ୍ତେ କି ! ତାଙ୍କ ସହିତ ବାହାଘର ହୋଇଗଲେ ହିଁ ତୃଷ୍ଣା ଅପା ସବୁଦିନ ପାଇଁ ନିଜର ହୋଇଯାଆନ୍ତେ। ସେ କ'ଣ କାବୁ ପରି ଗୋଟେ ଗରିବ, ଗାଉଁଲି, ପାଠ ପଢି ନ ଥିବା ପିଲାକୁ ବାହା ହେବେ। କେବେ ନୁହେଁ। ସବୁ ଦିନେ ଫୁଲପ୍ୟାଣ୍ଟ, ଫୁଲସାର୍ଟ ପିନ୍ଧୁଥିବା ଓ ବହୁତ ଧନୀ ହୋଇଥିବା ପିଲାକୁ ସେ ବାହା ହେବେ।

କିନ୍ତୁ କାବୁଠାରୁ ଯେ ସେହି ଯୋଗ୍ୟ ପିଲାଟି କେଉଁଥିପାଇଁ ଅଲଗା ସେ କଥା ସେ ବୁଝିପାରୁ ନ ଥିଲା। କେଉଁଥିପାଇଁ ଉନ୍ନତ ସେ କଥା ତା'ର ମୁଣ୍ଡରେ ପଶୁ ନ ଥିଲା। କିନ୍ତୁ କାବୁ ଚିନ୍ତା କରୁଥିଲା ତୃଷ୍ଣା ଅପାଙ୍କୁ ସେ ଯେତେ ଅଧିକ ଭଲ ପାଉଥିଲା ଯେ କେହି ବି ବିବାହ କଲେ କାବୁ ଭଳି ଏତେ ଅଧିକ ଭଲ ପାଇପାରିବ ନାହିଁ। କାବୁ ବ୍ୟତୀତ ଯିଏ ବିବାହ କରିବ ସେ ତା'ର ଚାକିରି କାମରେ ଅଧିକ ସମୟ ପାଇଁ ବାହାରେ ରହିବ। କେବଳ ଅଳ୍ପ ସମୟ ପାଇଁ ବା ରାତିରେ ତୃଷ୍ଣା ଅପାଙ୍କ ପାଖରେ ରହିବ।

ଯଦି କାବୁ ବିବାହ କରେ ତେବେ ସେ ସବୁ ବେଳେ ତୃଷ୍ଣା ଅପାଙ୍କ ପାଖରେ ରହିବାକୁ ଭଲ ପାଇବ। ତାଙ୍କର ସେବା କରିବ। ତାଙ୍କୁ ସବୁ ବେଳେ ଖୁସି ଦେବାକୁ ଚେଷ୍ଟା କରିବ। ତେଣୁ ସେ କାବୁକୁ ବିବାହ କଲେ ନିଶ୍ଚୟ ଅଧିକ ସୁଖୀ ହୋଇପାରିବେ। ଯିଏ ଅଧିକ ସୁଖ ଦେଇପାରିବ ତା'ର ଅଧିକାର ବେଶି ରହିବା ଉଚିତ। ତେଣୁ ତୃଷ୍ଣା ଅପାଙ୍କ ଉପରେ କାବୁର ଅଧିକାର ସବୁଠାରୁ ଅଧିକ ବୋଲି ମନେ ମନେ ସ୍ଥିର କରି ରହିଲା। ତୃଷ୍ଣାଅପା ଯଦି ଆଉଥରେ ଆସନ୍ତି ତେବେ ଏତକ କଥା ଭଲ ଭାବରେ ବୁଝାଇ କହିବା ପାଇଁ ଠିକ

କରିନେଲା। ଏଥର କେବଳ ସକାଳେ ଓ ଖରା କମିଗଲା ପରେ କାବୁ ପାଣି ବୁହେ। ଖରା ବେଳେ ଖାଇପିଇ ଟିକେ ଶୋଇପଡେ। ଏ କଥା ତୃଷ୍ଣାଅପା କହିଥିଲେ। ତାଙ୍କ କଥା ତାଙ୍କ ଅନୁପସ୍ଥିତିରେ ମାନିବାକୁ ଖୁବ ଭଲ ଲାଗେ। ଦେହର ରଙ୍ଗ ସତକୁ ସତ ଏବେ ଗୋରା ହେଇ ଆସିଲାଣି। ଆଖି ଦୁଇଟା ସବୁବେଳେ ଫୁଲିଲା ଫୁଲିଲା ଭଳି ଦେଖାଯାଉଛି। ତୃଷ୍ଣାଅପା ସବୁ ଜାଣିଛନ୍ତି, କେମିତି ମଣିଷର ରୂପ ସୁନ୍ଦର ହୋଇପାରେ। ରୂପଟା ଯେ ଏମିତି ବଦଳି ଯାଇଛି ସେ ଦୂରରେ ଥିଲେ ବି ଶୁଣିବା ମାତ୍ରେ ଅନୁମାନ କରିପାରିବେ। ସେ ନିଶ୍ଚୟ କାବୁକୁ ଭଲ ପାଉଛନ୍ତି। ସେଇଥିପାଇଁ ତ କାବୁକୁ ସୁନ୍ଦର ବୋଲି କହିଥିଲେ।

ପ୍ୟାଣ୍ଟସାର୍ଟ ଜୋତା କିଣିବା ପାଇଁ ଏବେ ସେ ନିଜେ ପଇସା ସଞ୍ଚୟ କରି ସାରିଥାଏ। କିନ୍ତୁ ତୃଷ୍ଣାଅପା ଆସି ନ ଥିବାରୁ କିଣିପାରୁ ନ ଥାଏ। କାହାକୁ ବା ଦେଖାଇବ ଯେ। ଦୁଇମାସ ପରେ ଆସିବେ ବୋଲି ତୃଷ୍ଣାଅପା କହିଯାଇଥିଲେ। କେବେ ଠାରୁ ଦୁଇମାସ ପୂରି ଗଲାଣି। କିନ୍ତୁ ତୃଷ୍ଣାଅପା ଆସିଲେ ନାହିଁ। କାବୁ କିନ୍ତୁ ଅପେକ୍ଷା କରିଥାଏ, ତୃଷ୍ଣାଅପା ନିଶ୍ଚୟ ଆସିବେ। ସେ କ'ଣ କାବୁକୁ ଭୁଲିଯିବେ। କେବେ ନୁହେଁ। ତାଙ୍କର କିଛି କାମ ଥାଇପାରେ। ତେଣୁ ଆସିପାରି ନାହାନ୍ତି। ଏଠାରୁ କ୍ୟାମ୍ପ ଉଠିବା ପୂର୍ବରୁ ଥରେ ତ ଆସିବେ ନିଶ୍ଚୟ। ସେ ନିଜେ ତ କହୁଥିଲେ ଏ ସ୍ଥାନ ତାଙ୍କୁ ଖୁବ ଭଲ ଲାଗୁଛି। ତେଣୁ ସେ ନିଶ୍ଚୟ ଥରେ ବୁଲିବା ପାଇଁ ଆସିବେ।

**କେବେ ଠାରୁ ଦୁଇମାସ ପୂରି ଗଲାଣି। କିନ୍ତୁ ତୃଷ୍ଣାଅପା ଆସିଲେ ନାହିଁ। କାବୁ କିନ୍ତୁ ଅପେକ୍ଷା କରିଥାଏ, ତୃଷ୍ଣାଅପା ନିଶ୍ଚୟ ଆସିବେ।**

ଅଚାନକ ଦିନେ ଅପରାହ୍ନରେ ପଟେଲ ସାହେବ କହିଲେ-ଜାଣିଛ କାବୁ, ତୁମ ତୃଷ୍ଣାଅପା ତୁମ ପାଇଁ ପ୍ୟାଣ୍ଟସାର୍ଟ, ଜୋତା ପଠାଇଛନ୍ତି ଏବଂ କହିଛନ୍ତି ତୁମେ ଆସନ୍ତାକାଲି ଅପରାହ୍ନରେ ମୋ ସହିତ ସହରକୁ ଯିବ। ଅର୍ଥାତ ଆମ ଘରକୁ ଅତିଥି ହୋଇ ଯିବ ଏବଂ ତା' ପରଦିନ ସକାଳୁ ମୋ ସହିତ ଫେରିଆସିବ। ତେଣୁ ତୁମେ ଗୋଟେ କାମ କର, ଆସନ୍ତା କାଲି ପାଣି ଦେବା ପାଇଁ ଆଉ ଜଣେ ଲୋକ ଠିକ କରିଦିଅ।

କାବୁ ନିଜର ନୂଆ ପୋଷାକ ଦେଖି ଖୁସି ହୋଇ ଯାଇଥିଲା। ତେବେ ତୃଷ୍ଣାଅପା ଆଜି ଯାଏ ତାକୁ ମନେ ରଖିଛନ୍ତି। ଯେମିତି ସେ ନିଜେ ବି ଭୁଲି ପାରିନାହିଁ ତୃଷ୍ଣାଅପାଙ୍କୁ। ସେ ଖୁବ ଖୁସି ହୋଇଗଲା। ଏ ଦୁନିଆରେ ତାକୁ ଜଣେ କେହି ଖୁବ ଭଲପାଉଛି ବୋଲି ଜାଣି ଖୁବ ଭାବବିହ୍ୱଳ ହୋଇଯାଇଥିଲା। ମନେ ମନେ ସ୍ଥିର କରିନେଲା, ଏତକ କଥା ସେ ନିଶ୍ଚୟ ତୃଷ୍ଣଆପାଙ୍କୁ କହିବ- ତୃଷ୍ଣାଅପା, ମୁଁ ଆପଣଙ୍କୁ ଖୁବ ଭଲପାଏ। ସବୁ ବେଳେ ଆପଣଙ୍କୁ ଦେଖିବା ପାଇଁ ମୋର ଇଚ୍ଛା ହେଉଛି। ତେଣୁ ମୋତେ ଆପଣ ବିବାହ କରନ୍ତୁ।

ତା'ପର ଦିନ ଉପରଓଳି ପ୍ୟାଣ୍ଟସାର୍ଟ ପିନ୍ଧି କାବୁ ପଟେଲ ସାହେବଙ୍କ ସାଙ୍ଗରେ ଜିପରେ ବସି ସହରକୁ ବାହାରିଲା। କାବୁର ପ୍ୟାଣ୍ଟସାର୍ଟ ପିନ୍ଧିବା ପ୍ରଥମ ଥର ହୋଇଥିବାରୁ ଠିକ ଭାବରେ ସାର୍ଟ, ପ୍ୟାଣ୍ଟ ଭିତରେ ପଶି ନ ଥାଏ। ପଟେଲ ସାହେବ ସଠିକ ଭାବେ ସଜାଇ ଦେଲେ ଏବଂ କହିଲେ ପ୍ରକୃତରେ କାବୁ, ତୁମେ ଆଜି ଖୁବ ଭଦ୍ରଲୋକ ପରି ଦେଖାଯାଉଛ। ପ୍ୟାଣ୍ଟସାର୍ଟ ତୁମକୁ ଠିକ ମ୍ୟାଚ କରିଛି। ଏତକ କଥା ଶୁଣି କାବୁ ନିଜର ସୌନ୍ଦର୍ଯ୍ୟ ସମ୍ବନ୍ଧରେ ସଚେତନ ହୋଇଗଲା, ତୃଷ୍ଣାଅପା ଯାହା କହିଥିଲେ, ସତ କହିଥିଲେ ବୋଲି ପଟେଲ ସାହେବଙ୍କ କଥାରୁ ଜାଣିଲା। କାବୁ ଓ ପଟେଲ ସାହେବ ସହରରେ ତଥା ତାଙ୍କ ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇସାରିଥାଏ। ତୃଷ୍ଣାଅପା କାବୁକୁ ଦେଖି ଖୁବ ଖୁସି ହୋଇଗଲେ। ଚାହା ପିଇବାକୁ ଦେଇ ପାଖରେ ବସି ଅନେକ କଥା ପଚାରିଗଲେ। ତୃଷ୍ଣା ଅପା ବି ସେଦିନ ଖୁବ ସୁନ୍ଦର ଦେଖାଯାଉଥିଲେ। ହାଲକା ଗୋଲାପୀ ରଙ୍ଗର ଶାଢ଼ି ଓ ବ୍ଲାଉଜ ତାଙ୍କୁ ଭାରି ସୁନ୍ଦର ମାନୁଥିଲା। ଗହଳ କଳା କେଶ ନିତମ୍ବ ପର୍ଯ୍ୟନ୍ତ ମୁକୁଳିତ ହୋଇ ରହିଥିଲା। ସତେ ଯେମିତି କାବୁ ଆସିବ ବୋଲି ତୃଷ୍ଣାଅପା ପ୍ରସ୍ତୁତ ହୋଇ ରହିଥିଲେ। ସେ ଜାଣନ୍ତି କାବୁ ତାଙ୍କର ଏମିତି ସୌନ୍ଦର୍ଯ୍ୟ ଓ ମୁକୁଳା କେଶକୁ ଭାରି ଭଲ ପାଏ। କାବୁ ଇଚ୍ଛା କରୁଥିଲା ତୃଷ୍ଣାଅପା ଏମିତି ତା' ଆଗରେ ବସି କଥା କହୁଥାନ୍ତୁ ଏବଂ ସେ ଖାଲି ତାକୁ ଦେଖୁଥାଉ। ଧେତ୍ ତୃଷ୍ଣାଅପା ଯେ କାହିଁକି ଏତେ ସୁନ୍ଦର ଦେଖାଯାଉଛନ୍ତି କାବୁ ଜମା ବୁଝିପାରୁ ନ ଥିଲା। ଏତିକିବେଳେ ଜଣେ ଭଦ୍ର ଲୋକ ଘର ଭିତରକୁ

ଚାଲିଆସିଲେ ଏବଂ କାବୁକୁ ଦେଖି ପକାଇ ହସି ହସି କହିଲେ, ଆଚ୍ଛା, ଏଇ ତେବେ ତୁମର ପ୍ରସିଦ୍ଧ କାବୁ, ନୁହେଁ?

କାବୁ ତତକ୍ଷଣାତ୍ ତାଙ୍କୁ ନମସ୍କାର କରିପକାଇଲା। ବାବୁ ଜଣଙ୍କ କହିଲେ-ବାଃ, ତୁମେ ଯାହା କହୁଥିଲ ଠିକ କଥା। କାବୁ ଗାଁର ପିଲା ହେଲେ ବି ବେଶ୍ ଭଦ୍ର ଓ ମାର୍ଜିତ। ତା'ପରେ ହସି ହସି କାବୁକୁ କହିଲେ- କାବୁ, ଏଥର ତୁମେ ଏଇଠି ରହିଯାଅ। ଏଠି ପାଣି ବୋହିବା ପରି କଠିନ କାର୍ଯ୍ୟ ତୁମର ତୃଷ୍ଣାଅପା ତୁମକୁ କେବେ ବି ଦେବେ ନାହିଁ।

କାବୁ ମନେ ମନେ ଖୁବ ଖୁସି ହୋଇଗଲା। ଯାହା ହେଉ ଏବେ ତୃଷ୍ଣାଅପାଙ୍କ ପାଖରେ ରହିବାର ସୁଯୋଗ ମିଳିଗଲା। ବାବୁ ଜଣକ ଭିତରକୁ ଚାଲିଗଲା ପରେ କାବୁ ପଚାରିଲା- ତୃଷ୍ଣାଅପା, ଇଏ କିଏ କି? ତାଙ୍କୁ ଆପଣ ବୋଧହୁଏ ମୋ ବିଷୟରେ ସବୁ କଥା କହିଦେଇଛନ୍ତି। ତୃଷ୍ଣାଅପା କହିଲେ-ହଁ ସେ ମୋର ସ୍ୱାମୀ। ମୋତେ ସେ ପଚାରୁଥିଲେ ଯେ, ପାହାଡ଼ ଉପରେ ମୋତେ କ'ଣ କ'ଣ ଭଲ ଲାଗିଲା। ମୁଁ କହିଥିଲି, ପାହାଡ଼ ଓ ପ୍ରକୃତିଠାରୁ ମୋତେ ଭଲ ଲାଗିଥିଲା ସେଇ ପାଖ ଗାଁର କାବୁ ନାମକ ପିଲାଟିଏ। ଏତକ କହିଦେଇ ତୃଷ୍ଣାଅପା ହସି ହସି ଘର ଭିତରକୁ ଚାଲିଗଲେ।

ସ୍ୱାମୀ ଶବ୍ଦ ପରେ କାବୁ ଆଉ କିଛି ଶୁଣିପାରି ନ ଥିଲା। କେବଳ ତା' ମନ ଭିତରେ ବାରମ୍ବାର ଶୁଭୁଥିଲା ଗୋଟିଏ ଶବ୍ଦ-ସ୍ୱାମୀ। ସତରେ କ'ଣ ସେଇ ବାବୁ ଜଣକ ତୃଷ୍ଣାଅପାଙ୍କୁ କାବୁଠାରୁ ଛଡାଇ ନେଇ ଚାଲିଗଲେ! କାବୁ ବାହାରକୁ ଆସିଲା। କିଛି ସମୟ ଚୁପଚାପ ଠିଆ ହେବା ପରେ ସେ ଅନୁଭବ କଲା ଯେ, ଘର ଭିତରକୁ ଆଉଥରେ ଫେରିବା ପାଇଁ ତା'ର ଆଦୌ ଇଚ୍ଛା ହେଉନାହିଁ। ତେଣୁ ସେ ଅନ୍ଧାର ରାତିରେ ତିରିଶ କିଲୋମିଟର ବାଟ ଚାଲି ଚାଲି ନିଜ ଗାଁକୁ ଫେରିଆସିଲା। ତା' ପରଦିନଠାରୁ ପୁଣିଥରେ ପାଣି ବୋହିବା କାମରେ ଲାଗିପଡ଼ିଲା।

**ସତରେ କ'ଣ ସେଇ ବାବୁ ଜଣକ ତୃଷ୍ଣାଅପାଙ୍କୁ କାବୁଠାରୁ ଛଡାଇ ନେଇ ଚାଲିଗଲେ!**

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com

ଏକ ନୂଆ ପ୍ରୟାସ...
AMESABU
WE ALL. FOR ALL.
ଆମେସବୁ
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
ANDROID APP ON Google Play
@ amesabu



ରମ୍ୟ ରଚନା

# ହୋଟେଲୀୟ ସାହିତ୍ୟ

ପ୍ରୀତିକାନ୍ତ ପଣ୍ଡା (ଡ. କୁଳାଙ୍ଗାର)

ସାହିତ୍ୟିକମାନ ଆଗରୁ ସିନା ଅବହେଳିତ ସରସ୍ୱତୀ ସନ୍ତାନ ଥିଲେ। ଏବେ କିନ୍ତୁ ସାହିତ୍ୟିକମାନେ ଜଣେ ଜଣେ ସେଲିବ୍ରିଟି। ହେବେନି କାହିଁକି କହୁନାହାନ୍ତି ? ସାହିତ୍ୟ ଯେହେତୁ ଏବେ ସେଲିବ୍ରିସନ ଅର୍ଥାତ ଉତ୍ସବର ବନ୍ଧନରେ ଉଲୁଗୁମତା, ସେତେବେଳେ ତାହାର ଜନ୍ମଦାତା ସେଲିବ୍ରିଟି ନ ବୋଲାନ୍ତା ବା କାହିଁକି ? ସେଥିପାଇଁ ଆଜିକାଲି ରଚନାଟି ଯାହା ହୋଇଥାଉ, କିନ୍ତୁ ରଚନାକାରୀର ଫଟୋ ସଂରଚନାଟି ଏକଦମ୍ ବଢ଼ିଆ ହୋଇଥିବା ଜରୁରୀ। ଏ ପ୍ରଥାଟି ବହୁଦିନରୁ ଗଡିଗଡି ଆସି ଏମନ୍ତ ପର୍ଯ୍ୟାୟରେ ପହଞ୍ଚିଛି।



ଆମ ସାହିତ୍ୟରେ ବହୁଦିନରୁ କ'ଣ ଲେଖା ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ ନ ହୋଇ କିଏ ଲେଖିଛନ୍ତି ତାହା ଜରୁରୀ ଆବଶ୍ୟକତାରେ ପରିଣତ ହୋଇସାରିଥିଲା। ଯଦି ତାହା ଜଣେ ଉଚ୍ଚପଦବୀଧାରୀ ଅଥବା ବଡ ପୁରସ୍କାରପ୍ରାପ୍ତ ଲୋକ ଲେଖୁଥିଲେ ତେବେ ତାହା 'ଭାରି ବଢିଆ ହୋଇଛି, ବାଃ.. କଣ ଲେଖିଲେ' ବୋଲି ପଢିଲା ଲୋକେ କହି ହେଉଥିଲେ। ଆଉ ଏମନ୍ତ ପ୍ରଥାର ସଦ୍ୟତମ ରୂପାନ୍ତରଣ ହେଉଛି, ଯିଏ ଲେଖିଛନ୍ତି, ସିଏ ଦେଖିବାକୁ କିପରି ? ଯଦି ରଚନାକାରୀର ଫଟୋ ଅର୍ଥାତ ଶରୀର ଗଠନଟି ଅନୁପମ ତେବେ 'ବାଃ ବହୁତ ବଢିଆ, କମ୍ପମାନ, ଚମତ୍କାର, କ'ଣ ହୋଇଛି ମ !' ଆଦି ମତାମତ ମିଳିବା ସହିତ ତାଙ୍କୁ ସେଲିବ୍ରିଟି ସାହିତ୍ୟିକର ମର୍ଯ୍ୟାଦା ମିଳୁଛି।

### ଛୋଟ ମୋଟିଆ ସେଲିବ୍ରିଟି

ଆପଣ ତ ଜାଣନ୍ତି କି ଅତି ବଡ଼ ନ ହେଲେ ବି ସିଏ ଗୋଟେ ଛୋଟମୋଟିଆ ସେଲିବ୍ରିଟି। ଛୋଟମୋଟକୁ ଆପଣ ସାନ ଭାବି ପାରନ୍ତି କ୍ଷୁଦ୍ର ବି ଭାବି ପାରନ୍ତି। ଟିଭି ଚାନେଲମାନଙ୍କର ଜନ୍ମନିୟନ୍ତ୍ରଣ ନ ହେବା କାରଣରୁ ଏବଂ ସାମାଜିକ ଗଣମାଧ୍ୟମରେ ଯା' ଇଚ୍ଛା ତା' ବକି ଭିଡିଓ ଅପଲୋଡ୍ କରିବାର ସୁଯୋଗ ଉପଲବ୍ଧ କାରଣରୁ ଆଜିକାଲି ଯାହାକୁ ଦେଖିବ ସିଏ ସେଲିବ୍ରିଟି ! ତେବେ ସେଲିବ୍ରିଟି ହେଲେ ଭାରି ଅଡୁଆ ! ସବୁବେଳେ ଭଲ ପୋଷାକପତ୍ର ପିନ୍ଧି ସଜବାଜ ହୋଇ ଲୋକଙ୍କଠୁ ଦୂରେଇ ରହିବାକୁ ପଡିବ। ନଚେତ୍ ଲୋକେ କହିବେ- ଏଇଟା କୋଉ ସେଲିବ୍ରିଟି ମ, କାଲିପରା ସେ ବସ୍‌ଷ୍ଟାଣ୍ଡ ପଛପଟେ ଛିଡା ହୋଇ ପରିସ୍ରା କରୁଥିଲା !

ସମସ୍ତଙ୍କର ଧାରଣା ସେଲିବ୍ରିଟିମାନେ ମଣିଷଠୁ ଉର୍ଦ୍ଧ୍ୱରେ; ସେମାନେ ନିହାତି ସରଳ, ନିର୍ମାୟା ଓ ଭଦ୍ରଲୋକ ହୋଇଥିବେ। ଅନ୍ୟମାନଙ୍କ କଥା ଛାଡନ୍ତୁ ଆମେ ଆସନ୍ତୁ ତା' କଥା ଜାଣିବା। ବାସ୍ତବରେ କିନ୍ତୁ ତା'ର ନାନା ଦୋଷ; ମଦ ଟିକେ ପିଇବାକୁ ଭାଆରି ଇଚ୍ଛା, କିନ୍ତୁ ମଦ ଦୋକାନରେ ଆଜିକାଲି ମଦ ବୋତଲେଟ କିଣିବା ପାଇଁ ଯୋଉ ଲଢେଇ କରିବାକୁ ପଡୁଛି, ସେଠିକି ଯିବାକୁ ତା'ର ସେଲିବ୍ରିଟି ବିବେକ ବାରଣ କରେ ! ତେଣୁ ନିରୋଳାରେ ବସି ଅର୍ମାନ ମେଣ୍ଟେଇବା

ପାଇଁ ସିଏ ଷ୍ଟାର୍ ହୋଟେଲକୁ ଚାଲିଯାଏ। ସେଠି ତ ସମସ୍ତେ ତହୁଁବଳି ତହୁଁବଳି, ତେଣୁ କେହି କାହାରିକୁ ଉଣ୍ଡିବାର ନାହିଁ।

ବଡବଡ ଜାଗାରେ ଛୋଟଛୋଟ କାମକୁ କେହି ଉଣ୍ଡନ୍ତି ନାହିଁ। କାରଣ ବଡଲୋକଙ୍କର ଛୋଟକାମ ପାଇଁ ସମୟ ହିଁ ନ ଥାଏ। ସେଥିପାଇଁ ସେମାନେ ଛୋଟମୋଟ ଲୋକ ରଖିଦେଇଥାଆନ୍ତି। କିନ୍ତୁ ସେଇ ଛୋଟଛୋଟ କାମ ହିଁ ତାଙ୍କୁ ବଡ କରିଥାଏ ଏବଂ ଛୋଟଛୋଟ ଭୁଲ୍ ହିଁ ତାଙ୍କୁ ବଡ ଅସୁବିଧାରେ ପକାଇଥାଏ। ତଥାପି ବଡଲୋକଙ୍କର ସେଥିକି ଖାତିର୍ ନ ଥାଏ। ତେଣୁ ସେମାନେ ସେଇ ବଡବଡ ଷ୍ଟାର୍ ହୋଟେଲକୁ ଯାଆନ୍ତି। ଛୋଟ ଦରର ଖାଦ୍ୟ, ପାନୀୟକୁ ବଡଦର ଦେଇ ଖିଆପିଆ କରନ୍ତି, ବଡବଡ ଲୋକଙ୍କ ସହିତ ଛୋଟଛୋଟ କଥାଭାଷା ହୁଅନ୍ତି। ତେବେ ଷ୍ଟାର୍‌ମାନଙ୍କର ପିଆପିଇ ପାଇଁ ଷ୍ଟାର୍ ହୋଟେଲ ହିଁ ସର୍ବୋତ୍ତମ। କାରଣ ଷ୍ଟାରଙ୍କର ପ୍ରଶଂସକମାନେ ଅଧିକାଂଶ ଛୋଟଲୋକ। ଆଉ ସେମାନେ ସେଠାକୁ ଯିବାର ସମ୍ଭାବନା କ୍ଷୀଣ। ତା' ଛଡା ସେଠାରେ ସବୁ ଲୁଚାଛପା ବ୍ୟବସ୍ଥା। ସାଧାରଣ ଲୋକେ ଖାଉଥିବା ଖାଦ୍ୟକୁ ସେଠାରେ ନୂଆନାଆଁ ଦିଆଯାଇଥିବ। ଏଠି ଯାହାକୁ ପରିସ୍ରାଗାର କହୁଛେ ସେଠି ତାହାକୁ ଆଉ କ'ଣ କୁହାଯାଉଥିବ। ଏସବୁ ସୁବିଧା ପାଇଁ ସିଏ ଷ୍ଟାର୍ ହୋଟେଲକୁ ପିଇବାକୁ ଯାଇଥିଲା।

**ସାହିତ୍ୟିକ ସରସ୍ୱତୀର ପୁତ୍ର, ତେଣୁ ଲକ୍ଷ୍ମୀ ତାକୁ ଈର୍ଷା କରନ୍ତି ! ଆଉ ଯୋଉଦିନ ସିଏ ଲକ୍ଷ୍ମୀକୋଳରେ ବସିବ, ସରସ୍ୱତୀ ତାକୁ ତେଜ୍ୟ କରିଦେବେ !**

**ପୁରୁଣା ସାଙ୍ଗ**

ସେଦିନ ହୋଟେଲରୁ ଚୂର୍ ହୋଇ ଫେରିଲା ବେଳକୁ ତା'ର ଗୋଟେ ପୁରୁଣା ସାଙ୍ଗ ସହିତ ଦେଖାହେଇଗଲା। ସାଙ୍ଗଟି କବିତା ଫବିତା ଲେଖେ, ବେଳେ ବେଳେ ତାର ନାଆଁ ବାହାରିଥିବା ଖବରକାଗଜ କଟିଂ ସିଏ ହ୍ୱାଟ୍ସଆପ୍‌ରେ ଦେଖେ ! ତେବେ କବିଟିଏ ହୋଇଥିବାରୁ ତାକୁ ଗୁଡାଏ ରଙ୍ଗିନ୍ ମାନପତ୍ର ଓ ଗାମୁଛା ତ ମିଳିଛି, ସ୍ୱଚ୍ଛଳତାଟି କିନ୍ତୁ ସେମିତି କଳାଧଳା ଏବଂ ଗାମୁଛା ପିନ୍ଧି ଜିଇବାରେ ସୀମିତ ରହିଛି। ଘରେ ପରିବା ନ ଥାଉ, ପିଲାର ଔଷଦ ସରିଯାଉ; ଏସବୁକୁ ଭୁଲି ପକେଟରୁ ଖର୍ଚ୍ଚକରି କବି କବିତା ଆସରକୁ ଧାଆଁନ୍ତି ବୋଲି କବିଙ୍କର ପତ୍ନୀ ସର୍ବଦା ଅଭିଯୋଗ କରିଥାଆନ୍ତି ! !

କବିସାଙ୍ଗକୁ ଦେଖି ତା' ପାଟିରୁ ବାହାରି ପଡିଲା- କିହୋ, କବିବନ୍ଧୁ ତମେ ଏଠି ?

ତା'ର ଏମିତି ଛିଗୁଲିଆ ସ୍ୱରର ପ୍ରଶ୍ନରେ ସ୍ୱାଭିମାନୀ କବି ମହୋଦୟ ନିଜକୁ ଅପଦସ୍ଥ ମନେକଲେ ଏବଂ ତାଙ୍କର ସ୍ୱାଭିମାନରେ ଆଞ୍ଚ୍ ଆସିବାରୁ ପ୍ରଶ୍ନ କଲେ- ତମେ କଲେ ଲୀଳା, ଆମେ କଲେ କୀଳା ! କିହୋ, ଆମ କ'ଣ ପାଇଁ ଏଠିକି ଆସିପାରିବୁନି ? ସାହିତ୍ୟିକ କ'ଣ ସେଲିବ୍ରିଟି ନୁହେଁ ?

କବିବନ୍ଧୁଙ୍କର କଡ଼ା ସ୍ୱର ଶୁଣି ସିଏ ଟିକେ ଝୁମିଗଲା ଆଉ କହିଲା- କାହିଁକି ନୁହେଁ ! ହେଲେ ଗଲାଥର ଯେବେ ଦେଖା ହୋଇଥିଲା ତୁ ବା ସେଲିବ୍ରିଟି ଗୁଣ ଦେଖଉଥିବା ଓ କବିତାପାଠ କରିବାକୁ ଡାକିଲେ ଉପଯୁକ୍ତ ପ୍ରାପ୍ୟ ଦାବି କରୁଥିବା ବ୍ୟଙ୍ଗକବିଗୁଡାକୁ ଗାଳି ଦେଉଥିଲୁ ? କହୁଥିଲୁ କାଳେ ସାହିତ୍ୟ ସମ୍ମାନ ଦିଏ, କେବେହେଲେ ଧନ ପ୍ରାପ୍ତିର ଆଶା ରଖେନା !

ତା' କଥା ଶୁଣି କବିବନ୍ଧୁଙ୍କ ମୁହଁ ନାଲି ପଡିଗଲା। ମନକୁ ବୁଝେଇ କବିବନ୍ଧୁ କହିଲେ- ସାହିତ୍ୟ ସମୟର ଆହ୍ୱାନକୁ ସ୍ୱୀକାର କରିଥାଏ !

ସିଏ ପୁଣି ପଚାରିଲା- ତୁ ତ ଆହୁରି କହୁଥିଲୁ କି ସାହିତ୍ୟିକ ସରସ୍ୱତୀର ପୁତ୍ର, ତେଣୁ ଲକ୍ଷ୍ମୀ ତାକୁ ଈର୍ଷା କରନ୍ତି ! ଆଉ ଯୋଉଦିନ ସିଏ ଲକ୍ଷ୍ମୀକୋଳରେ ବସିବ, ସରସ୍ୱତୀ ତାକୁ ତେଜ୍ୟ କରିଦେବେ ! ! ହେଲେ, ଏ ଷ୍ଟାର ହୋଟେଲ ତ ଲକ୍ଷ୍ମୀଙ୍କର ଏରିଆ, ଏଠି ସରସ୍ୱତୀ ପୁତ୍ର କ'ଣ କରୁଛନ୍ତି ?

କବି କହିଲେ- ତା ବୋଲି ଷ୍ଟାର୍ ହୋଟେଲରେ ତମେ ପିଇବ ଡେଇଁବ ! କିନ୍ତୁ ଓଡ଼ିଆ ସାହିତ୍ୟିକକୁ ଉତ୍ସବ ପାଳିବା କ'ଣ ମନା ?

ସିଏ କହିଲା- ଓହଃ ତୁ ତାହେଲେ ସେଇ କର୍ପୋରେଟ ଇଭେଣ୍ଟକୁ ଆସିଛୁ ! ଆଚ୍ଛା କହ, ଷ୍ଟାର୍ ହୋଟେଲରେ ତୁ କ'ଣ ସବୁ ସାହିତ୍ୟ ଚର୍ଚ୍ଚା କଲୁ ?

କବି କହିଲେ- ମୁଁ ତ ଶ୍ରୋତା, ଅତିଥିମାନେ କଲେ ନା !

ସିଏ କହିଲା- ହଉ, କ'ଣ ଶୁଣିଲୁ କହୁନୁ ?

କବିବନ୍ଧୁ କହିଲେ- ମୁଁ କି ବୁଝେ, ଅଧିକାଂଶ ଆଲୋଚନା ତ ଇଂରାଜୀରେ ହେଲା !

ସିଏ ଏକଥା ଶୁଣି ହୋ ହୋ ହୋଇ ନିର୍ଲଜ ଭଳି ହସି କହିଲା- ହଇରେ, ଏଇଲେ ପରା କହୁଥିଲ ଓଡ଼ିଆ ସାହିତ୍ୟ ଉତ୍ସବ ବୋଲି, ଫେର ଇଂରେଜୀରେ କେମିତି ଆଲୋଚନା ହେଲା ?

କବିବନ୍ଧୁ କହିଲେ- ଆରେ, ଅଧିକାଂଶ ଅତିଥି ବାହାରୁ ଆସିଛନ୍ତି, ସେମାନେ ଓଡିଆରେ କେମିତି କହନ୍ତେ ? ଭୋଜନରେ ଘିଅ ଢାଳିବା ପରି ଯେଉଁ ଦି’ ଚାରି ଜଣ ଓଡ଼ିଆ ଲେଖକ ଅତିଥି ହେଇଛନ୍ତି ସେମାନେ ବି ଅନ୍ୟ ଅତିଥିଙ୍କ ବୁଝିବା ପାଇଁ ଇଂରାଜୀ ଝାଡିଲେ !

ସିଏ ପୁଣି ପଚାରିଲା- ଆଚ୍ଛା, ବଡବଡ ଜାତୀୟ ସ୍ତରର ଲେଖକମାନେ ଆସିଥିବେ ତାହେଲେ ?

କବିବନ୍ଧୁ କହିଲେ- ନାଇଁମ, ଆସିଛନ୍ତି ନେତା, ସାମ୍ବାଦିକ, ଅଭିନେତା, ଅଭିନେତ୍ରୀ, କର୍ପୋରେଟ ଦଲାଲ, ଟୁଇଟି ଲେଖକମାନେ !

ସିଏ ପଚାରିଲା- ତାହେଲେ ସାହିତ୍ୟ ଉତ୍ସବ ହେଲା କେମିତି ?



**ବେକରେ ଗାମୁଛା**

କବିବନ୍ଧୁ କହିଲେ- ସାହିତ୍ୟିକମାନଙ୍କୁ ନିମନ୍ତ୍ରଣ ହୋଇଛି। ସମୟ ମିଳିଲେ ଦଳେ କ୍ଷୁଦ୍ରକବିତା ପାଠ କରିବେ ଆଉ ଦଳେଙ୍କ ବେକରେ ଗାମୁଛା ପକେଇ କାନ୍ଧରେ ବେଗ୍ ଓହଳେଇ ଦିଆଯିବ !

ସିଏ ପୁଣି ଉତ୍ସୁକ ହୋଇ ପ୍ରଶ୍ନକଲା- ତେବେ ଷ୍ଟାର୍ ହୋଟେଲରେ ସେଲିବ୍ରିଟି ହେବା ପାଇଁ ତମମାନଙ୍କୁ ଯୋଉ ନିମନ୍ତ୍ରଣ ହୋଇଛି, ଯିବା ଆସିବା ରହିବା ଖାଇବା ବନ୍ଦୋବସ୍ତ ତ ଉତ୍ସବ ଆୟୋଜକ କରିଥିବେ ?

କବି ଏଥର ମୁଁ ଶୁଖେଇ କହିଲେ- ନାଇଁମ, ଯିବା ଆସିବା ନିଜର ! ଖାଲି କେତେଜଣ ତାଙ୍କର ଚିହ୍ନା ପରିଚିତ ଓ ତେଲିଆଙ୍କୁ ଛାଡିଦେଲେ, ଅନ୍ୟମାନେ ନିଜ ହାତରୁ ପଇସା ଗଣି ଟୋକନ୍ ନେଇ ଖାଇଲେ !

ସିଏ ପୁଣି ହୋ ହୋ ହୋଇ ହସିଲା, ଆଉ କହିଲା- ତାମାନେ ତ ଏମିତି ସେଲିବ୍ରିଟି କେବଳ ସାହିତ୍ୟିକ ହିଁ ହୋଇପାରିବ ! ହଉ ଛାଡ୍ ତୁ ଖାଇଛୁ କି ନାଇଁ କହିଲୁ ?

କବିବନ୍ଧୁ କହିଲା- ଭାବିଥିଲି, ଷ୍ଟାର୍ ହୋଟେଲକୁ ଆସିଛି ଯେତେବେଳେ, ଟଙ୍କାଖର୍ଚ୍ଚ ହେଉପଛେ ଆଜି ଖାଇବି। କିନ୍ତୁ ମଝିରେ ଇଂରେଜୀରେ ଆଲୋଚନା କରି ଅତିଥିମାନେ ମାଡଗୋଳ ଅବସ୍ଥାକୁ ଆସନ୍ତେ କଥାକ’ଣ ବୁଝିବାରୁ ପାଖରେ ବସିଥିବା ଜଣେ ଅଧ୍ୟାପକ କହିଲେ- ଗୋମାଂସ ଭକ୍ଷଣ ଉପରେ ତର୍କବିତର୍କ ଚାଲିଛି ! ଏକଥା ଶୁଣି ମୋର ଘୃଣା ଆସିଗଲା। ଭାବିଲି, କୁଆଡୁ କ’ଣ ମିଶିଥିବ। ତେଣୁ ପାଣିପେଟେ ପିଇ ରହିଗଲି !!

ଏକଥା ଶୁଣି ତା’ର ନିଶା ଖସିଗଲା। ସିଏ ଭାବପ୍ରବଣ ହୋଇ ଡାକିଲା- ମୋ ସାଥିରେ ଚାଲ୍ ଭାଇ, କିଛି ନ ହେଲେ କ’ଣ ଦିଇଟା ସ୍ନାକ୍ସ ଖାଇଦେବୁ !

କବିବନ୍ଧୁ କହିଲେ- ନାଇଁ ଥାଉରେ ସାଙ୍ଗ। ସାହିତ୍ୟ ଉତ୍ସବରେ ଯୋଗଦେଇଥିବା କବୟିତ୍ରୀମାନଙ୍କ ସହ ସେଲ୍ଫି ଉଠେଇ ଉଠେଇ ମୋର ପେଟ ପୂରିଯାଇଛି। ମୋବାଇଲିରେ ଚାର୍ଜ ଖତମ୍, ମୁଁ ଯାଉଛି ବସ୍‌ଷ୍ଟାଣ୍ଡରେ ଚାର୍ଜ ବସେଇଲେ ସେଗୁଡାକ ସୋସିଆଲ୍ ମିଡିଆରେ ଅପଲୋଡ୍ କରିବି !!

ସିଏ କବିବନ୍ଧୁଙ୍କୁ ବାଏବାଏ କରୁକରୁ ମନେମନେ ଭାବିଲା – ଆହାଃ ସେଲିବ୍ରିଟି ସାହିତ୍ୟିକ ବନ୍ଧୁ ମୋର !

ସିଏ ଘରକୁ ଫେରିବାକୁ ବାହାରିବା ବେଳକୁ ତା’ ଦେହରେ ଘଷିହୋଇ ଚାଲିଯାଉଥିବା ସୁଦେହୀ କବୟିତ୍ରୀ ଜଣେ ନିଜ ସ୍ୱାମୀଙ୍କୁ ଫୋନ୍ ଯୋଗେ କହୁଥିଲେ କି- ମୋର କବିତା ପାଳି ପଡିଲା ବେଳୁ ଡେରିରାତି ହୋଇଯିବ, ତେଣୁ ମୁଁ ଆଜି ହୋଟଲରେ ରହିଯିବି !!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

ପ୍ରବନ୍ଧ


# ସୃଜନଶୀଳତାର ସ୍ୱତନ୍ତ୍ର ମାର୍ଗ

ଡ. ନିଖିଳାନନ୍ଦ ପାଣିଗ୍ରାହୀ



ମ୍ୟାକିନଟୋସ ହେଉଛି ଗୋଟିଏ ପର୍ସନାଲ କମ୍ପ୍ୟୁଟର ପରିବାରର ନାମ। ଆପଲ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇ ଜାନୁଆରୀ ୧୯୮୪ ଠାରୁ ବଜାରରେ ଏହାର ବିକ୍ରି ଆରମ୍ଭ ହେଲା। ଏହାର ଡିଜାଇନରେ ରହିଛି ଗ୍ରାଫିକାଲ ୟୁଜର ଇଣ୍ଟରଫେସ, ମାଉସ ଓ ଗଠନରେ ସମ୍ମିଳିତ (ବିଲ୍ଟ-ଇନ୍) ସ୍କ୍ରିନ୍। ଏଇସବୁ କମ୍ପ୍ୟୁଟର ପାଇଁ ମୌଳିକ।

ବଜାରରେ ଅପୂର୍ବ ବ୍ୟାବସାୟିକ ସଫଳତା ସହ ଜନପ୍ରିୟ ହୋଇଥିବା ଏଇ କମ୍ପ୍ୟୁଟରର ଡିଜାଇନରେ ଯେଉଁ ତିନିଜଣ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ, ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଷ୍ଟିଭ୍ ଜବ୍ସ (୧୯୫୫-୨୦୧୧)। ଏହାର ନିର୍ମାଣ ପୃଷ୍ଠଭୂମିରେ ଜବ୍ସଙ୍କ ଯେଉଁ ଅଜବ ମାନସିକତା କାର୍ଯ୍ୟ କରିଥିଲା, ଏହା ଆମକୁ ବିସ୍ମିତ କରେ। ସେ କହିଛନ୍ତି, “ମୁଁ ଭାବୁଛି ଯେ, ମ୍ୟାକିନଟୋସ ଉତ୍କର୍ଷ ଲାଭ କରିବା ପଛରେ ଆଂଶିକ ଭାବେ ଯେଉଁ କାରଣଟି ରହିଛି, ତାହା ହେଉଛି ଏଥିରେ କାର୍ଯ୍ୟରତ କର୍ମଚାରୀମାନେ। ସଂଗୀତଜ୍ଞ, କଳାକାର, କବି, ପ୍ରାଣୀବିଜ୍ଞାନୀ ଓ ଇତିହାସରେ ପ୍ରବୀଣ ଥିବା ଏଇ ବ୍ୟକ୍ତିମାନେ ବିଶ୍ୱର ସର୍ବୋତ୍ତମ କମ୍ପ୍ୟୁଟରବିଜ୍ଞାନୀ।” କମ୍ପ୍ୟୁଟରର ଉତ୍ପତ୍ତି ସହ ସଂଗୀତ, କଳା, ଇତିହାସ, କବିତା, ସର୍ବୋପରି ପ୍ରାଣୀମାନଙ୍କ ଶାରୀରିକ ଜ୍ଞାନ କେଉଁ ପ୍ରକାର ଯୋଗ ସୂତ୍ରରେ ଛାନ୍ଦି ହୋଇ ପାରନ୍ତି, ତାହା ଆମ ପାଇଁ ଅକଳ୍ପନୀୟ। ଏଇ ଘଟଣା ପୋଷ୍ଟ ଅଫିସକୁ ଆଳୁ, ପିଆଜ, ବାଇଗଣ ଇତ୍ୟାଦି ସଉଦା ପାଇଁ ଯିବା ପରି ହାସ୍ୟାସ୍ପଦ ମନେ ହୁଏ।



**ଆଗ୍ରହ ସର୍ବୋପରି**

ତେବେ ବିଷୟଟି ବୁଝାଇବା ପାଇଁ ଜବ୍ସ ଅତିରିକ୍ତ ତର୍ଜମା କରିଛନ୍ତି, “ପରିଶେଷରେ ଆମ ଆଗ୍ରହ ସବୁରି ମୂଳରେ ରହି ଆମକୁ ଲକ୍ଷ୍ୟ ପଥରେ ଅଗ୍ରଗାମୀ କରାଏ। ମାନବ-ଜାତି ଯେଉଁ ସର୍ବଶ୍ରେଷ୍ଠ କାର୍ଯ୍ୟମାନ ସଂପାଦନ କରିଛି ଆମେ ସେଇ ବିଷୟରେ ଅବଗତ ହେବା ସହ ଆମେ ଏବେ କରୁଥିବା କାମଟି ଭିତରେ ତାହା ବ୍ୟବହାର କରିବା ପାଇଁ ଉଦ୍ୟମରତ ହେବା ଦରକାର।” ମହାନ ସ୍ପେନୀୟ ଚିତ୍ରକର ପିକାସୋ କହିଛନ୍ତି ଯେ, ଭଲ କଳାକାରମାନେ କପି କରନ୍ତି। କିନ୍ତୁ ମହାନ କଳାକାରମାନେ ଚୋରି କରନ୍ତି। (ଗୁଡ ଆର୍ଟିଷ୍ଟସ କପି, ଗ୍ରେଟ ଆର୍ଟିଷ୍ଟିସ ଷ୍ଟିଲ୍)। ପ୍ରକୃତରେ ଆମେ ମହାନ ଭାବନା (ଆଇଡିଆ) ଚୋରି କରିବା ବେଳେ ଲଜ୍ଜା ଅନୁଭବ କରୁନାହୁଁ। ଏହା ହେଉଛି ମ୍ୟାକିନଟୋସର ସଫଳତା ପାଇଁ କେତେକାଂଶରେ ନିହିତ ଥିବା ମନ୍ତ୍ର।

ଜବ୍ସଙ୍କ କହିବା ଉଦ୍ଦେଶ୍ୟ ଯେ, ନକଲ କରିବା ଅର୍ଥ ହେଉଛି ଜଣକର ଲେଖା ବା କାର୍ଯ୍ୟକୁ ଅବିକଳ ଥୋଇ ଦେବା। ଏଥିରେ କପି କରିବା ଲୋକର ମସ୍ତିଷ୍କ ଯନ୍ତ୍ରବତ୍ କାମ କରେ। କିନ୍ତୁ କୌଣସି ମହାନ କଳାକୃତି (ଉଦାହରଣ ଭାବେ) ଚୋରି କଲେ, ଆମକୁ ସେଇ କୃତିରେ ଥିବା ଅନନ୍ୟ ଉପାଦାନ ଓ ଆକର୍ଷଣୀୟ ବିଭବ ସଂଗ୍ରହ କରିବା ଆବଶ୍ୟକ ହୁଏ। ବେଳେ ବେଳେ ଏକାଧିକ ଅନବଦ୍ୟ ସୃଷ୍ଟିର ଶ୍ରେଷ୍ଠ ଅଂଶମାନଙ୍କୁ ସମ୍ମିଳିତ କରି ନିଜର ସୃଜନଶୀଳତା ଦ୍ୱାରା ନବୀନ ରୂପ ଓ ସତ୍ତା ପ୍ରଦାନ କରିବା ଆବଶ୍ୟକ ହୁଏ। ଜବ୍ସଙ୍କ ଏହି ମନୋବୃତ୍ତି ଅନ୍ୟ ଭାବେ ଆଇଜାକ ନିଉଟନଙ୍କ ବକ୍ତବ୍ୟରେ ସୂଚିତ ହୁଏ, ଯେଉଁଥିରୁ ସ୍ପଷ୍ଟ ହୁଏ, “ମୁଁ ଯଦି ଊର୍ଦ୍ଧ୍ୱରେ ପହଞ୍ଚିଛି, ତେବେ ଏହା ଅସାଧାରଣ ମହାନ ବ୍ୟକ୍ତି (ଜାଏଣ୍ଟସ)ମାନଙ୍କ କାନ୍ଧ ଉପରେ ଠିଆ ହୋଇ।” ନିଉଟନ ହୁଅନ୍ତୁ ବା ଜବ୍ସ, ଆମ

ପୂର୍ବସୂରୀମାନଙ୍କ ଜ୍ଞାନ-ଗରିମାକୁ ଉପେକ୍ଷା କରିବା ଏକ ଆତ୍ମଘାତୀ କାର୍ଯ୍ୟ। ଏହି ମର୍ମରେ ଜବ୍ସଙ୍କ ଅନ୍ୟ ଏକ ସ୍ୱାତନ୍ତ୍ର୍ୟ ହେଉଛି, ସେ ବିଜ୍ଞାନ ଓ ଶିଳ୍ପ କ୍ଷେତ୍ରରେ କଳା, ସଂଗୀତ, କବିତାର କୋମଳତାକୁ ଉପାଦେୟ ବୋଲି ମନେ କରିଛନ୍ତି, ଯାହାକି ସବୁ ସାଧାରଣଙ୍କୁ ଅସଂଲଗ୍ନ ବୋଲି ମନେ ହେବ। ଜ୍ଞାନକୁ ଆମେ ବିଭିନ୍ନ ବିଭାଗରେ ବଣ୍ଟନ କରି ପୃଥକୀକରଣ କଲେ ସୁଦ୍ଧା ସେମାନଙ୍କ ମଧ୍ୟରେ ଯୋଗାଯୋଗର ଯେ ଏକ ଦୃଢ଼ ରଜ୍ଜୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କର୍ମଶୀଳ, ଏହା ଆମ ପାଇଁ ହୃଦ୍ୟ। ଜବ୍ସ ଏହି ରହସ୍ୟଟି ବୁଝିପାରିଥିଲେ।

**ଚେତନାର ସାନ୍ନିଧ୍ୟ**

ସର୍ବୋପରି ଜବ୍ସଙ୍କ ସ୍ୱଭାବର ବିଶ୍ଳେଷଣ ଏହି ପ୍ରସଙ୍ଗରେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ତାଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି, "କୌଣସି ପାରମ୍ପରିକ ବିଦ୍ୟାଳୟ ଅତୀନ୍ଦ୍ରିୟ ଚେତନା (ଇଣ୍ଟୁସନ)ର ସାନ୍ନିଧ ଲାଭ ପାଇଁ ଶିକ୍ଷା ଦେଉନାହାନ୍ତି। ଅଦ୍ୟାବଧି ସେଠାରେ ପିଲାମାନଙ୍କୁ ଧ୍ୟାନରେ ବସିବା ପାଇଁ କୁହାଯାଉନାହିଁ, ଯାହା ଦ୍ୱାରା ନିଃଶ୍ୱାସ-ପ୍ରଶ୍ୱାସକୁ ଜଣେ ସୁନିୟନ୍ତ୍ରିତ କରିପାରିବା ବିଷୟ ସେମାନେ ଶିଖିପାରୁନାହାନ୍ତି। କୌଣସି ବିଜ୍ଞାନ ଯୋଜନା କରିବା ପୂର୍ବରୁ ଶରୀର ଓ ଚିତ୍ତର ଆରାମ ଓ ସୁସ୍ଥତା ପ୍ରାପ୍ତି ପାଇଁ ତଥା କଲେଜରେ ପ୍ରବେଶ ବେଳେ ପ୍ରବନ୍ଧ ରଚନା କରିବା ସମୟରେ ମନ ସକ୍ରିୟ ରଖିବାକୁ ଏହା ଉପାଦେୟ। କିନ୍ତୁ ପିଲାମାନଙ୍କୁ କେବଳ ଯୁକ୍ତିସଂଗତ ମାନସିକତା ବ୍ୟବହାର କରିବାକୁ ଏବେ ନିର୍ଦ୍ଦେଶ ଦିଆଯାଉଛି, ଯାହା ଯନ୍ତ୍ରଣାଦାୟିକ।

ଏ ପ୍ରସଙ୍ଗରେ ମନୋଜ ଦାସ (୧୯୩୪-୨୦୨୧)ଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ'ରୁ ଗୋଟିଏ ଉଦ୍ଧୃତି :

**ଜଣେ ନିଷ୍ଠାପର ଭାବରେ ସତ୍ୟର ସନ୍ଧାନରେ ବାହାରିଲେ ତାକୁ ସତ୍ୟ ହିଁ ଦିଗ୍‌ଦର୍ଶନ ଦିଏ, ତାକୁ ଅଙ୍କା ବଙ୍କା ରାସ୍ତାରେ ହେଲେ ବି ବାଟ କଢ଼ାଇ ନେଇଯାଏ।**

"ଜଣେ ନିଷ୍ଠାପର ଭାବରେ ସତ୍ୟର ସନ୍ଧାନରେ ବାହାରିଲେ ତାକୁ ସତ୍ୟ ହିଁ ଦିଗ୍‌ଦର୍ଶନ ଦିଏ, ତାକୁ ଅଙ୍କା ବଙ୍କା ରାସ୍ତାରେ ହେଲେ ବି ବାଟ କଢ଼ାଇ ନେଇଯାଏ ତା' ପାଇଁ ଉଦ୍ଦିଷ୍ଟ ଗୁରୁ ପାଖକୁ। କିନ୍ତୁ ଅବିକଳ ଏକା ନିୟମ ଗୁରୁର ଶିଷ୍ୟ ସନ୍ଧାନ କ୍ଷେତ୍ରରେ କାମ କରେ ନାହିଁ।" - "ଚନ୍ଦ୍ରାଲୋକର ପ୍ରହରୀ"

ସତ୍ୟ ସନ୍ଧାନ ପାଇଁ ଅପରିହାର୍ଯ୍ୟ। ଏହି ଗୁରୁ ନିକଟରେ ପହଞ୍ଚିବା ରାସ୍ତା ସିଧା ସଳଖ ନ ହେବା ସମ୍ଭବପର। ରାସ୍ତା ଯେତେ ବନ୍ଧୁର ହେଉ ପଛକେ, ଅନୁସନ୍ଧିତ୍ସୁର ଏକାଗ୍ରତା ତାକୁ ଗୁରୁ ପାଖରେ ପହଞ୍ଚାଇଦିଏ। ପରସ୍ପର ମଧ୍ୟରେ ଯୋଗ ସୂତ୍ରର ଦାୟିତ୍ୱ ଶିଷ୍ୟ ଉପରେ ହିଁ ନ୍ୟସ୍ତ।

**ଚବିଶ ଗୁରୁ**

ଭଗବାନ ଦତ୍ତାତ୍ରେୟ (ଅବଧୂତ) ଚବିଶ ଗୁରୁ ବିଷୟରେ ଉଲ୍ଲେଖ କରିଛନ୍ତି। ପୃଥିବୀ, ବାୟୁ, ଆକାଶ, ଜଳ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ, କପୋତ, ଅଜଗର, ସମୁଦ୍ର, ମଥ୍ (କ୍ଷୁଦ୍ର ରାତ୍ରିକାଳୀନ ଉଡନ୍ତା ଜୀବ), ମହୁମାଛି, ହାତୀ, ମଧୁ ସଂଗ୍ରାହକ, ହରିଣ, ମାଛ, ପିଙ୍ଗଳା (ବେଶ୍ୟା), ଘରଚଟିଆ, ଶିଶୁ, କୁମାରୀ, ତୀର-ନିର୍ମାଣକାରୀ, ସର୍ପ, ବୁଢ଼ିଆଣୀ ଓ ବିରୁଡ଼ି। ତେବେ ଏହି ନିର୍ବାଚିତ ଗୁରୁମାନେ ପ୍ରତ୍ୟେକ ଶତ ପ୍ରତିଶତ ସମ୍ପୂର୍ଣ୍ଣ ଶିକ୍ଷାଦାନ କରନ୍ତି ନାହିଁ। ସେମାନଙ୍କ ଏକ ନିର୍ଦ୍ଦିଷ୍ଟ ଗୁଣ ବା ଲକ୍ଷଣ ହିଁ ଶିକ୍ଷଣୀୟ। ଉଦାହରଣ ଭାବେ, ଶର-ନିର୍ମାଣକାରୀ ଶର ପ୍ରସ୍ତୁତ କରିବା ବେଳେ ମଗ୍ନ ରହି ତାର ତୀରକୁ ସଳଖ ଓ ତୀକ୍ଷ୍ଣ କରିବା ପାଇଁ ମନଧ୍ୟାନ ଦେଇଥାଏ। ତା'ଠାରୁ ଆମେ ଏକାଗ୍ରତା ଶିକ୍ଷା କରିବା ଉଚିତ; କିନ୍ତୁ ସେ ଯଦି ନିଜେ ଶରର ପ୍ରୟୋଗ କରେ, ସେ ଦୋଷୀ ହେବ ହିଁ ହେବ।


ଠିକ୍ ସେମିତି ଷ୍ଟିଭ ଜବ୍ସ କଳାକାରଙ୍କ ଠାରୁ କଳା, ସଂଗୀତଜ୍ଞଙ୍କ ଠାରୁ ସଂଗୀତ, ଗାଣିତିକଙ୍କ ଠାରୁ ଗଣିତ ବିଦ୍ୟା ଏହି ପ୍ରକାରେ ବିଭିନ୍ନ ବିଭାଗର ବିଶାରଦମାନଙ୍କୁ ନିଜ କମ୍ପାନୀରେ ନିୟୋଜିତ କରିଥିଲେ। ପୁଣି ଅବଧୂତ ପ୍ରକୃତିକୁ ଯେମିତି ଗୁରୁମାନଙ୍କ ମହାସମାହାର ବୋଲି ଗ୍ରହଣ କରିଥିଲେ, ସେମିତି ଜବ୍ସ ଘାସଗାଲିଚାରେ ମାଟି ଉପରେ ଚାଲିବା ବେଳେ ଅତୀନ୍ଦ୍ରିୟ ଚେତନା ପ୍ରାପ୍ତ ହେଉଥିଲେ।

ଜଣେ ବ୍ୟକ୍ତିର ସୁପ୍ତ ପ୍ରତିଭା ଜାଗ୍ରତ ହେବା ପାଇଁ ପଦ୍ଧତି ବା କାରଣ ଭିନ୍ନ ଭିନ୍ନ ହୋଇପାରେ। ପଦ୍ମଭୂଷଣ ତଥା ବାବା ସାହେବ ଫାଲକେ ପରି ସମ୍ମାନଜନକ ପୁରସ୍କାରପ୍ରାପ୍ତ ଗୀତିକାର ଗୁଲଜାର (ଜନ୍ମ ୧୯୩୪) ଏକ ସାକ୍ଷାତକାରରେ କହିଥିଲେ ଯେ, କଲମ ଧରିବା ମାତ୍ରେ ଗୀତ ଲେଖି

ହୋଇଯାଏ ନାହିଁ। ଏହା ବିଚିତ୍ର ଢଙ୍ଗରେ ଆଲୋକର ଝଲକ ପରି ହଠାତ୍ ପ୍ରବେଶ କରେ। 'ବଣ୍ଟି ଔର ବବ୍‌ଲି' ଫିଲ୍ମ ପାଇଁ ଲିଖିତ ହିଟ୍ ଗୀତ "କଜରାରେ କଜରାରେ ତୋର କାଲେ କାଲେ ନୈନା"ର ରଚନା ସମ୍ପର୍କରେ କହିଛନ୍ତି ଯେ ସେ ଏକଦା ଉତ୍ତରପ୍ରଦେଶରେ ରାତି ବେଳା କାର୍‌ରେ ଫେରୁଥିବା ବେଳେ ରାଜରାସ୍ତାରେ ବିଭିନ୍ନ ଟ୍ରକ୍ ଯାତାୟାତ କରୁଥାନ୍ତି। ଟ୍ରକ୍‌ରେ ଲେଖାଯାଇଥିବା ବାକ୍ୟମାନ ପଢୁ ପଢୁ ଉକ୍ତ ଗୀତ ଲେଖା ଆରମ୍ଭ ହୋଇ ଭୋର ଚାରିଟା ବେଳେ ସରିଲା।

### ଚିନ୍ତା ଓ କାର୍ଯ୍ୟକଳାପ

ଏହି ପରିପ୍ରେକ୍ଷୀରେ ମନୋଜ ଦାସଙ୍କୁ ପୁଣି ଉଦ୍ଧୃତ କରିବା ଯଥାର୍ଥ : "ଆମ ଅଜ୍ଞାତସାରରେ ଆମ ଚିନ୍ତା ଓ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ନ କଲେ ବି ବହୁ ମାତ୍ରାରେ ପ୍ରଭାବିତ କରନ୍ତି ଅସଂଖ୍ୟ ଦୃଶ୍ୟ ଅଦୃଶ୍ୟ, ସ୍ଥୂଳ ସୂକ୍ଷ୍ମ, ଜ୍ଞାତ ଓ ଅଜ୍ଞାତ ଶକ୍ତି ରାଶି।" (ଅସଂଖ୍ୟ ଅଦୃଶ୍ୟ ନିୟନ୍ତା)। ସୃଜନଶୀଳତାର ଉନ୍ମେଷ ଓ ଉଭାସ ପାଇଁ ଅକାରଣ ପରି ଜଣାପଡୁଥିବା ବସ୍ତୁ ବା ଭାବନା ମଧ୍ୟ କାରଣ ହୋଇଯାଏ। ପ୍ରାଦ୍ୟୋଗିକ ସଂସ୍ଥା ପାଇଁ ଖାପଛଡା ମନେ ହେଉଥିବା କଳା, ସାହିତ୍ୟ, ସଂଗୀତ ବିଭାଗରେ ପାରଦର୍ଶୀ ବ୍ୟକ୍ତିମାନଙ୍କ ଉପସ୍ଥିତ ସେହି ସଂସ୍ଥାର ଉତ୍ତରୋତ୍ତର ଉନ୍ନତି ପାଇଁ ସକାରାତ୍ମକ ପ୍ରଭାବ ପକାଏ। ଏହା ଷ୍ଟିଭ୍ ଜବ୍‌ସଙ୍କ କାର୍ଯ୍ୟକଳାପ ଓ ମାନସିକତାରୁ ସିଦ୍ଧ ହୁଏ।




"କିନ୍ତୁ ଷ୍ଟିଭ ଜବ୍‌ସଙ୍କ ପରି ବ୍ୟକ୍ତିମାନେ ଅତୀନ୍ଦ୍ରିୟ ଜ୍ଞାନ ବା ବ୍ୟବହାର ସହ ସୁପରିଚିତ। ବାସ୍ତବରେ ତାଙ୍କର ଏକ ନିର୍ଦ୍ଦିଷ୍ଟ କର୍ମକୌଶଳ ହେଉଛି ଖାଲି ପାଦରେ ଚାଲିବା। ଆପଲ କମ୍ପାନୀର ଏହି ନିର୍ଭୀକ ନେତୃସ୍ଥାନୀୟ ବ୍ୟକ୍ତି ଜଣକ ମାନସିକ ଆଲୋଡନକାରୀ ସଭାମାନ ସମ୍ପନ୍ନ କରିବା ବେଳେ ଖାଲି ପାଦରେ ଚାଲିଥାନ୍ତି। ଅତୀନ୍ଦ୍ରିୟ ଚେତନା ଏହା ଦ୍ୱାରା ସକ୍ରିୟ ହୁଏ। ମଜାର ବିଷୟ ଯେ, ବିଜ୍ଞାନ ଏବେ ଏହି ପଦ୍ଧତିକୁ ସ୍ୱୀକୃତି ଦେଲାଣି। ଷ୍ଟାନଫୋର୍ଡର ଗୋଟିଏ ଅଧ୍ୟୟନ ଅନୁଯାୟୀ ଏହାକୁ 'ତୁମ ଚିନ୍ତା ଚଳମାନ ହେବାକୁ ପାଦ ଦିଅ' ପରି ଅର୍ଥ ଦିଆଯାଇଛି। ଏହି ଉପାୟ (ୟିଉ ୟୋର ଆଇଡିଆ ସମ୍ ଲେଗ୍ସ) ଦ୍ୱାରା ସୃଜନଶୀଳ ଚିନ୍ତନ ଶତକଡା ଷାଠିଏ ଭାଗ ବୃଦ୍ଧି ପାଏ। ଗବେଷକମାନଙ୍କ ମତରେ ଚାଲିବା ଦ୍ୱାରା ମୁକ୍ତ ଚିନ୍ତନ ସକାଶେ ପଥ ଉନ୍ମୁକ୍ତ ହୋଇଯାଏ।" (ଦ୍ରଷ୍ଟବ୍ୟ ଷ୍ଟିଭ ଜବ୍ସ ଡିଡ ଦିସ ୱାନ ୱିୟର୍ଡ ଥିଙ୍ଗ କନ୍‌ଷ୍ଟାଣ୍ଟଲି- ମେଲାନି କାର୍ଟନ, ୨୨ ଫେବୃଆରି ୨୦୧୯)

ଜବ୍‌ସଙ୍କ ଜଣେ ଦୀର୍ଘକାଳର ବନ୍ଧୁ ରବର୍ଟ ଫ୍ରେଡଲାଣ୍ଡ ଏହି ମନ୍ତବ୍ୟ ସହ ସମ୍ମତି ଜଣାଇ କହନ୍ତି ଯେ, ଜବ୍ସ ବାସ୍ତବିକ ଅନେକ ସଭା ସମିତିକୁ ଖାଲି ପାଦରେ ଚାଲିଯାଆନ୍ତି। କାର୍ଯ୍ୟାଳୟରେ ବସିଲେ ଜଟିଳ ସମସ୍ୟାମାନଙ୍କ ସମାଧାନ-ସୂତ୍ର ପାଇବାରେ ବ୍ୟାଘାତ ଦେଖାଦିଏ ବୋଲି ସେ ଏହି ପନ୍ଥା ଅବଲମ୍ବନ କରନ୍ତି। ଏଥିରୁ ସ୍ପଷ୍ଟ ହୁଏ ଯେ, ଜବ୍ସ ଅନ୍ୟ ସିଇଓମାନଙ୍କ ଠାରୁ ଭିନ୍ନ।

### ଅତୀନ୍ଦ୍ରିୟ ଭାବନା

ଅବଶ୍ୟ ଅତୀନ୍ଦ୍ରିୟ ଭାବନା କେତେ ଜଣ ସୁଟ-ବୁଟ୍-ଟାଇ ପରିହିତ ସମ୍ଭ୍ରାନ୍ତ ବ୍ୟକ୍ତି ବା ଅଗ୍ରଣୀ ଚିନ୍ତକ/କିମ୍ବା ମାନ୍ୟଗଣ୍ୟ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ମଧ୍ୟରେ ସୀମିତ ନୁହେଁ। ସର୍ବସାଧାରଣରେ ମଧ୍ୟ ଏହାର ଝଲକ ପରି ଦୃଷ୍ଟି ହୁଏ। ଉଦାହରଣ ଭାବେ ମୁସ୍ତାବସରା ଖୁସବୁଙ୍କ ନିଜ ଅନୁଭୂତି ବିଚାର୍ଯ୍ୟ। (ଦ୍ରଷ୍ଟବ୍ୟ: କୋରା, ୨୮ ଅଗଷ୍ଟ ୨୦୨୦)। ସେଥିରେ ସେ ନିମ୍ନଲିଖିତ ବିଷୟ ଉପରେ ଆଲୋକପାତ କରିଛନ୍ତି।

ଥରେ ସେ ସ୍ୱପ୍ନ ଦେଖିଲେ ଯେ, ପୃଥିବୀ ଉପରେ ଶୂନ୍ୟରୁ କ୍ଷତାକ୍ତ ମଣିଷର ବିଭିନ୍ନ ଛିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ରକ୍ତଧାର ବିକ୍ଷିପ୍ତ ଭାବେ ଚତୁର୍ଦ୍ଦିଗରେ ପତିତ ହେଉଛି। ତା' ପରଦିନ ବାସ୍ତବରେ ଗୋଟିଏ ବିଶାଳ ଦୁର୍ଘଟଣା ଯୋଗୁ ବହୁ ଯାତ୍ରୀ ଦୟନୀୟ ଭାବେ ପ୍ରାଣ ହରାଇଥିଲେ।

ଅନ୍ୟ ଏକ ଘଟଣାରେ, ସେ ଜେଜେମା'ଙ୍କ ଠାରୁ ଦୂରରେ ରହୁଥିଲେ। ହଠାତ୍ ଦିନେ ସେ କିଛି ସମୟ ପାଇଁ ଅନୁଭବ କଲେ ଯେ ଚତୁର୍ଦ୍ଦିଗରେ ଅନ୍ଧକାର ଘୋଟିଯାଇଛି। ବୋଧହୁଏ

ଏହା ଥିଲା ଆସନ୍ନ ଦୁଃଖର ଏକ ପ୍ରତୀକ। ପ୍ରକାଶଥାଉ କି, ସେତିକି ବେଳେ ତାଙ୍କ ଜେଜେମା’ଙ୍କ ଦେହାନ୍ତ ହେବା ବିଷୟ ସେ ପରେ ଜାଣିଲେ।

ଆଉ ଗୋଟିଏ ଘଟଣା ଅନୁସାରେ ତାଙ୍କୁ କୌଣସି ଗୋଟିଏ ଦିନ ଆଦୌ ଭଲ ଲାଗୁ ନ ଥାଏ, ଯଦିଚ ସେ ଏହାର କାରଣ ବୁଝିପାରୁ ନ ଥାନ୍ତି। ବେଳେବେଳେ ତାଙ୍କର ମନେ ହେଉଥିଲା କିଛି ଗୋଟିଏ ଅଘଟଣ ହୁଏତ ଘଟିବାକୁ ଯାଉଛି। ଠିକ୍ ତା’ ପରଦିନ ଗୋଟିଏ ଆତଙ୍କବାଦୀ ଆକ୍ରମଣ ତାଙ୍କ ବସତିରେ ଘଟିଲା। ଏଥିରେ ବହୁ ବ୍ୟକ୍ତି ପ୍ରାଣ ହରାଇଲେ। ଗମ୍ଭୀର ଭାବେ ଆହତଙ୍କ ମଧ୍ୟରେ ସେ ଥିଲେ।

ଏହା ଅନ୍ତର୍ମନର ବିସ୍ମୟଜନକ ଅଗ୍ରସୂଚନା ସମ୍ବନ୍ଧରେ ପ୍ରମାଣ ଦିଏ। (ସମ୍ଭବତଃ ଜବ୍ସଙ୍କ ଠାରେ ଏହି ମାନସିକତା ବିଦ୍ୟମାନ ତଥା ଫଳପ୍ରଦ ଥିଲା।) ମନକୁ ମନ ଆଗତ ଭବିଷ୍ୟତର ସୂଚନା ଉକ୍ତ ମହିଳା ପ୍ରାପ୍ତ ହେଉଥିଲା। ଏହି ଲୋମହର୍ଷଣକାରୀ ଦୁର୍ଘଟଣା ତାଙ୍କ ମନରେ ଅନ୍ତର୍ଜ୍ଞାନ ସମ୍ପର୍କରେ ଯେଉଁ ଗଭୀର ରେଖାପାତ କରିଛି, ତାହା ତାଙ୍କ ଜୀବନଶୈଳୀକୁ ଘୋର ପ୍ରଭାବିତ କରିଛି।

> **ସ୍ୱପ୍ନ, ଅନୁଭବ ଓ ଦୃଶ୍ୟ ମାଧ୍ୟମରେ ଆମେ ଷଷ୍ଠ ଇନ୍ଦ୍ରିୟର ଉପସ୍ଥିତି ଓ କ୍ରିୟାଶୀଳତା ବିଷୟରେ ଜ୍ଞାତ ହେଉ।**

**ଷଷ୍ଠ ଇନ୍ଦ୍ରିୟ**

ତାଙ୍କ ବିଶ୍ୱାସ ଯେ, ସ୍ୱପ୍ନ, ଅନୁଭବ ଓ ଦୃଶ୍ୟ ମାଧ୍ୟମରେ ଆମେ ଷଷ୍ଠ ଇନ୍ଦ୍ରିୟର ଉପସ୍ଥିତି ଓ କ୍ରିୟାଶୀଳତା ବିଷୟରେ ଜ୍ଞାତ ହେଉ। ଯେଉଁମାନଙ୍କ ହୃଦୟ ନିର୍ମଳ, ଯେଉଁମାନେ ବାସ୍ତବତା ସହ ନିବିଡ ଭାବେ ଜଡିତ ତଥା ସୁସ୍ଥ ଆଧ୍ୟାତ୍ମିକ ଜୀବନ ଅତିବାହିତ କରନ୍ତି, ସେମାନଙ୍କ ଠାରେ ଷଷ୍ଠ ଇନ୍ଦ୍ରିୟ ତୀବ୍ର ଓ ସବଳ ହୋଇଥାଏ।

ଏହା ଅନସ୍ୱୀକାର୍ଯ୍ୟ ଯେ, ମୋବାଇଲ ଶିଳ୍ପରେ ନୂତନତ୍ୱ ଆଣିବା ପାଇଁ ଜବ୍ସଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ। ତେବେ ସେ କେଉଁମାନେ ନୂତନତା ଧାରା ସୃଷ୍ଟି କରିବାରେ ସକ୍ଷମ, ସେଇ ସମ୍ପର୍କରେ ନିଜ ମନ୍ତବ୍ୟ ପ୍ରକାଶ କରିଛନ୍ତି, “ଯେଉଁମାନେ ଉନ୍ମାଦୀ, ମସ୍ତ, ଦିବାନା, ଅପଦାର୍ଥ, ବିଦ୍ରୋହୀ, ଅଶାନ୍ତି ସୃଷ୍ଟିକାରୀ, ଖାପଛଡା ବ୍ୟକ୍ତି, ସେମାନଙ୍କ ସମ୍ପର୍କରେ ମୁଁ ଏଠାରେ କହୁଛି ଯେ, ସେମାନେ ସବୁ ବିଷୟକୁ ଭିନ୍ନ ଭାବେ ଦେଖୁଛନ୍ତି। ନିୟମମାନ ମାନିବା ପାଇଁ ସେମାନଙ୍କ ଆଗ୍ରହ ନାହିଁ ସେଇଗୁଡିକୁ ଉଦ୍ଧୃତ କରି ଅସହମତି ବ୍ୟକ୍ତି କାର୍ଯ୍ୟ କରିପାରନ୍ତି, ସେଥିପ୍ରତି ଆଦର କିମ୍ବା ଘୃଣା ପ୍ରକଟ କରିପାରନ୍ତି, କିନ୍ତୁ ସେମାନଙ୍କୁ ଅନ୍ୟମାନେ ଏଡାଇ ପାରିବେ ନାହିଁ, କାରଣ ସେମାନେ ପରିବର୍ତ୍ତନ କରିପାରିବେ। ମାନବ ଜାତିକୁ ଅଗ୍ରଗାମୀ କରିପାରିବେ। କେହି କେହି ଯଦିଚ ସେମାନଙ୍କୁ ମୂର୍ଖ, ଭ୍ରାନ୍ତ, ଦିବାନା ବୋଲି ବିବେଚନା କରିବେ, କିନ୍ତୁ ଆମେ ସେମାନଙ୍କୁ ଜିନିଅସ୍, ପ୍ରଚଣ୍ଡ ପ୍ରତିଭାଶାଳୀ ଭାବେ ଗ୍ରହଣ କରିବାକୁ ହେବ। କାରଣ ଯିଏ ଏପରି ଚିନ୍ତା କରିବା ପାଇଁ ଖୁବ୍ ଉତ୍ସାହୀ, କେବଳ ସିଏ ବିଶ୍ୱକୁ ବଦଳାଇ ପାରିବ। ସିଏ ଏମିତି କରିପାରିବ।”

ଗଭୀର ଭାବେ ଅନୁଶୀଳନ କଲେ ଷ୍ଟିଭ୍ ଜବ୍ସଙ୍କ ଜୀବନରେ ଏମିତି କାର୍ଯ୍ୟକଳାପ ଆମ ନଜରକୁ ଆସିଥାଏ। ସେ ଅନ୍ୟତ୍ର ମତ ରଖିଛନ୍ତି ଯେ, ଯଦି ତାଙ୍କୁ ନେଭିରେ କର୍ମଚାରୀ ଭାବେ ନିଯୁକ୍ତି କିମ୍ବା ଜଳଦସ୍ୟୁ ହେବାକୁ- ଏମିତି ଦୁଇଟି ବୃତ୍ତି ମଧ୍ୟରୁ ଗୋଟିଏ ବାଛିବାକୁ ସୁଯୋଗ ଦିଆଯିବ, ସେ ନେଭି ବଦଳେ ଜଳଦସ୍ୟୁ ହେବାକୁ ପସନ୍ଦ କରିବେ। ଏମିତି ଅବିଶ୍ୱସନୀୟ ପସନ୍ଦ ଆପଣେଇବା ପଛରେ କାରଣ ଥାଇପାରେ ତାଙ୍କ ବିଦ୍ରୋହୀ ମନ। ଗତାନୁଗତିକତାର ସେ ବିରୋଧୀ। ବରଂ ଅମଡ଼ାବାଟରେ ଯାଇ କିଛି ନୂତନତା ସନ୍ଧାନ କରିବାରେ ସେ ବ୍ରତୀ।

ତେଣୁ ପାଠକେ! ଚାକିରି ବଦଳେ ଚୋରି ପାଇଁ ସେ ରୁଚି ଘୋଷଣା କଲେ, ଆପଣମାନେ ହୁଏତ ବ୍ୟସ୍ତ ବିବ୍ରତ ହେବେ ଯେ, ଏମିତି ଜଣେ ମହାନ ବ୍ୟକ୍ତି କେମିତି ନୀଚତା ପ୍ରତି ଆକର୍ଷିତ!

ତେବେ ଯିଏ ଜବ୍ସଙ୍କୁ ପ୍ରକୃତରେ ବୁଝିଛି, ସେ କଦାପି ବିସ୍ମୟ-ବିସ୍ଫାରିତ ନୟନରେ ଜବ୍ସଙ୍କ ଉକ୍ତ ଅଭିରୁଚି ପ୍ରତି ମନ୍ତବ୍ୟ ଦେବେ ନାହିଁ ଯେ, “ସତରେ!”

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com

କବିତା

# ଜୀବନ




ହରିଶ୍ଚନ୍ଦ୍ର ବେହେରା

ଜୀବନ ତ ଏକ ଜଟିଳ ଗଣିତ
ଛାଇ ଆଲୁଅର ଖେଳ
କେବେ ଭରେ କୋହ କେବେ ଦିଏ ଲୁହ
କେବେ ଭାଙ୍ଗିଦିଏ ଡାଳ ।୦।

ସୀମାହୀନ କେଉଁ ମରୁ ବାଲୁକାରେ
ଦୂର ମରୀଚିକା ମାୟା
ଝଲମଲ କେଉଁ ଚହଲା ପାଣିରେ
ପୂନେଇ ଜହ୍ନର ଛାୟା
ଫୁଟିବା ଆଗରୁ ଶୁଖି ଯାଏ ଡେଙ୍ଗ
ଝରେ ସପନର ଫୁଲ ।୧।






ସଂସାର ହାଟରେ ଗହ ଗହ ଶୁଭେ
ହାଟୁଆ ବାଟୁଆ ଭିଡ଼
ଜୀବନର ଚମ୍ପୂ ଗାଇ ଚଢ଼େଇଟେ
ବାନ୍ଧୁଥାଏ ତା’ର ନୀଡ଼
କାଳ ବଇଶାଖି ଭାଙ୍ଗି ଦିଏ ଆସି
ବୁଝେନା କାଳ ଅକାଳ ।୨।

ଦି’ ଦିନର ସୁଖ ପାଇଁ କି ମନୁଆ
କିପାଇଁ ହେଉ ବାଉଳା
ବାନ୍ଧିନେବ ଆସି ଯମ ଡଗରରେ
ସରିଯିବ ସବୁ ଲୀଳା
ଦିଅଁ ତ ନଥିବେ ଫାଙ୍କା ପଡ଼ିଥିବ
ଅଲୋଡ଼ା ଦେହ ଦେଉଳ ।୩।

□□

କବିଙ୍କ ଇ-ମେଲ ଠିକଣା:
harishchandrabehera2013@gmail.com



ଅନୁବାଦ


# ଅଭିଳାଷ



ମୂଳଲେଖା : ନରେନ୍ଦ୍ର ମୋଦୀ    ଅନୁବାଦ : ଡ.ଭବାନୀଶଙ୍କର ମିଶ୍ର'ବିରଂଚି'

କ'ଣ ସେହି ଜୀବନ
ନାହିଁ ଯେଉଁଥିରେ ସପନ
ଯଦି... ସପନ ଭାଙ୍ଗେ ତେବେ....

ମନୁଷ୍ୟ ମଧ୍ୟ ଭାଙ୍ଗିପଡେ। ଗୋପାଳ ରାୟଙ୍କ ଜୀବନରେ ମଧ୍ୟ ଏପରି କିଛି ହେଲା। କାର ଦୁର୍ଘଟଣାଟି ଗୋପାଳ ରାୟଙ୍କ ସ୍ୱପ୍ନ ସବୁକୁ ଚୂରମାର କରିଦେଲା। ଦୁର୍ଘଟଣାରେ ପତ୍ନୀ ଶୋଭାଙ୍କ ମୃତ୍ୟୁ ହୋଇଗଲା। ଆଉ ମୂର୍ଚ୍ଛିତ ଅବସ୍ଥାରେ ଗୋପାଳ ରାୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲା। ସଂଜ୍ଞା ଫେରିବା ପରେ ଶୋଭାଙ୍କ ଚାଲିଯିବା କଥା ଶୁଣି ତାଙ୍କ ମୁହଁରୁ ଅଚାନକ ଚିତ୍କାର ଶୁଣାଗଲା। ଗୋପାଳ ରାୟଙ୍କ ସେଦିନର କାନ୍ଦ ଏପରି ଥିଲା ଯେ ଯାହାର ହେଲେ ମଧ୍ୟ ହୃଦୟ ଥରି ଉଠିଥାନ୍ତା। ପାଖରେ ଥିବା ଲୋକମାନଙ୍କର ମଧ୍ୟ ଏତିକି ଧ୍ୟାନ ରହିଲା ନାହିଁ ଯେ, ତାଙ୍କୁ ସାନ୍ତ୍ୱନା ଦେଇପାରିଥାନ୍ତେ। ସପନର ମୁହାଣରେ ଠିଆ ହୋଇଥିବା ଗୋପାଳ ରାୟଙ୍କ ଜୀବନ ଏବେ ପନ୍ଦର ବର୍ଷର ଅବନୀ ଆଉ ବାର ବର୍ଷର ବୈଜୁ ଉପରେ ନିର୍ଭର ଥିଲା।



ଗୋପାଳ ରାୟ ଏହି ଦୁଇଜଣଙ୍କ ସାହାରାରେ ସବୁ ନିଷ୍ପତ୍ତି ନେଲେ। ତାଙ୍କର ଜୀବନ ଧୀରେ ଧୀରେ ଏକ ଦିନଚର୍ଯ୍ୟାରେ ପଡିଗଲା। ମେସିନ ପରି ସକାଳୁ ବ୍ୟାଙ୍କକୁ ଯିବା, ସଂଧ୍ୟାରେ ଫେରିବା ଏବଂ ଖାଲି ସମୟ ସବୁକୁ ସେ ଘରେ ହିଁ ବିତାଇବାକୁ ଲାଗିଲେ। ଗୋପଳ ରାୟଙ୍କ ନୀରବ ଜୀବନର ଏହା ବାଧ୍ୟତା ଥିଲା, ଯାହା ତାଙ୍କର ସ୍ୱଭାବ ନ ଥିଲା।

ଆଜିକୁ ଶୋଭାର ମୃତ୍ୟୁ ବହୁଦିନ ବିତିଗଲାଣି। ଅବନୀ ମଧ୍ୟ ଯୌବନର ଦ୍ୱାର ଦେଶରେ ଉପନୀତ ହୋଇ ସାରିଥିଲା। ସେ କଲେଜରେ ପ୍ରଥମ ବର୍ଷରେ ପଢୁଥିଲା। ଏହା ସହିତ ଘରର ସମସ୍ତ ଦାୟିତ୍ୱ ମଧ୍ୟ ତୁଲାଉଥିଲା। ଅବନୀର ଦାୟିତ୍ୱ ଦେଖି, ତାଙ୍କ ଯିବା ପରେ ଘରର ଅବସ୍ଥା କ'ଣ ହେବ, ଏହି ଚିନ୍ତାଟି ଗୋପାଳ ରାୟଙ୍କୁ ନୂଆ କରି ଭାବିବାକୁ ବାଧ୍ୟ କଲା। ଶୋଭାଙ୍କ ମୃତ୍ୟୁ ପରେ ବର୍ତ୍ତମାନ ସୁଦ୍ଧା ଦ୍ୱିତୀୟ ବିବାହର ନିର୍ଣ୍ଣୟ କରି ନ ଥିବା ଗୋପାଳ ରାୟ ଏବେ ଏହି ବିଷୟରେ ଭାବିବାକୁ ଲାଗିଲେ। ନିଜ ଆତ୍ମୀୟଜନଙ୍କ ଭିତରେ ମଧ୍ୟ ଏହାର ଚର୍ଚ୍ଚା ହେବାକୁ ଲାଗିଲା। ଦେଖୁ ଦେଖୁ ସବୁକିଛି ସ୍ଥିର ହୋଇଗଲା ଏବଂ ସୁନନ୍ଦା ଶୋଭାର ସ୍ଥାନ ଗ୍ରହଣ କରିନେଲେ।

ଗୋପାଳ ରାୟ ପାଇଁ ସୁନନ୍ଦା 'ଶୋଭା' ହୋଇ ପାରନ୍ତି କିନ୍ତୁ ଅବନୀ ଆଉ ବୈଜୁ ପାଇଁ ? ଅଠର ବର୍ଷର ଅବନୀ ଆଉ ଅଠାଇଶ ବର୍ଷର ସୁନନ୍ଦା ଦୁଇ ସାଙ୍ଗ ପରି ପ୍ରତୀତ ହେଉଥିଲେ କିନ୍ତୁ ନିୟତି ତାଙ୍କୁ ମାଆ-ଝିଅର ସମ୍ବନ୍ଧରେ ଯୋଡ଼ି ଦେଲା।

ସୁନନ୍ଦା ଗୋଟିଏ ଭଲ ଘରର ଝିଅ ଥିଲା। ବିଦେଶ ଯିବାର ଇଚ୍ଛା କାରଣରୁ ସେ ବିବାହ ବୟସ ଅତିକ୍ରମ କରି ଯାଇଥିଲା। ବର୍ତ୍ତମାନ ସୁଯୋଗ୍ୟ ବରଟିଏ ମିଳିବା ମଧ୍ୟ କଠିନ ଥିଲା। ସବୁ ସ୍ୱପ୍ନ ଧୂଳିସାତ୍ ହୋଇଯିବା ପୂର୍ବରୁ କିଛି କରିନେବାର ଆକାଂକ୍ଷା ତାକୁ ପତ୍ନୀ ଆଉ ମାଆ ହେବାକୁ ବାଧ୍ୟ କରିଥିଲା।

ଗୋପାଳ ରାୟ ତ ସୁନନ୍ଦା ସହ ସହଜ ଅନୁଭବ କରୁଥିଲେ କିନ୍ତୁ ଅବନୀ- ବୈଜୁ ଉଭୟେ ତାଙ୍କଠାରୁ ପ୍ରାୟ ଦୂରେଇ ରହୁଥିଲେ। ଅବନୀ ତ କେବେ ମଧ୍ୟ ତାଙ୍କ ସହ ମନ ଖୋଲା

କଥା ବି ହେଉନଥିଲା। ପ୍ରାୟେ ମାସେ ବିତିଯାଇଥିଲା କିନ୍ତୁ ସେ ଥରେ ମଧ୍ୟ ସୁନନ୍ଦାଙ୍କୁ ମାଆ-ମମ୍ମି ଅବା ମାଉସୀ କହି ଡାକି ନ ଥିଲା। ଯେତିକି ଆବଶ୍ୟକ ସେତିକି କଥା ହିଁ ସେ କରୁଥିଲା ତାହା ମଧ୍ୟ 'ନିଅ' ଅବା 'ଆଣ' ଯେପରି ସଂକ୍ଷିପ୍ତ ଶବ୍ଦରେ। ସୁନନ୍ଦାଙ୍କୁ ଏହି କଥା ଭଲ ଲାଗୁ ନ ଥିଲେ ମଧ୍ୟ ସେ କେବେ ବି ଗୋପାଳ ରାୟଙ୍କୁ ଏ ବିଷୟରେ ପଦୁଟିଏ କଥା କହିନାହାନ୍ତି। ସଉତୁଣୀ ରୂପେ ଏହି ପ୍ରତିଜ୍ଞା ପାଳନ କରିବା ସହଜ ନ ଥିଲା। କହିବାକୁ ଗଲେ ଅବନୀ ଆଉ ବୈଜୁ ପିଲାମନ ସ୍ତରରୁ ଊର୍ଦ୍ଧ୍ୱକୁ ଉଠି ସାରିଥିଲେ, କିନ୍ତୁ ସେମାନଙ୍କୁ ପରିପକ୍ୱ ହେବାକୁ ବାକି ଥିଲା। ବୟଃସନ୍ଧି ସମୟର ତାଙ୍କ ମନସ୍ଥିତି ଏବଂ ଶୋଭାଙ୍କ ମୃତ୍ୟୁ ପରେ ଅଡ଼ିଶା-ପଡ଼ିଶାଙ୍କ ଠାରୁ ସଉତୁଣୀ ମାଆଙ୍କ ବିଷୟରେ ଶୁଣିଥିବା କଥାସବୁ ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ଏଣୁ ସେମାନେ କଥା-କଥାରେ ଆଘାତ ଅନୁଭବ କରୁଥିଲେ। ଶୋଭାଙ୍କ ମୃତ୍ୟୁ ପରେ ସ୍ୱତନ୍ତ୍ର ଭାବେ ବଞ୍ଚିବାରେ ଅଭ୍ୟାସୀ ଅବନୀ ଏବଂ ବୈଜୁଙ୍କ ସୁନନ୍ଦାଙ୍କ ଉପସ୍ଥିତି ତାଙ୍କ ସ୍ୱତନ୍ତ୍ରତା ଉପରେ ଅଙ୍କୁଶ ଭଳି ମନେ ହେଉଥିଲା...।

ସୁନନ୍ଦା ଅବନୀ ଓ ବୈଜୁକୁ ଭଲ ପାଇବାରେ ତିଳେ ମଧ୍ୟ ଅବହେଳା କରି ନ ଥିଲା। ନବବିବାହିତା ସୁନନ୍ଦା ପାଇଁ ପତ୍ନୀ ଭୂମିକାଟି ଗୌଣ ହୋଇ ଯାଇଥିଲା ଏବଂ ମାଆ ଭୂମିକାଟିର ନିର୍ବାହନ ପାଇଁ ସେ ଦୃଢ଼ ନିଶ୍ଚୟ କରି ନେଇଥିଲା। ସେ ନିଜଠୁ ବହୁତ ଅଧିକ ସାନ ନ ଥିବା ଦୁଇ ପିଲାଙ୍କୁ ବହୁତ ଭଲ ପାଉଥିଲା। କିନ୍ତୁ କେଜାଣି କାହିଁକି ସୁନନ୍ଦାର ଏହି ଭଲ ପାଇବା ତାଙ୍କ ଦୁହିଁଙ୍କୁ କୃତ୍ରିମ ମନେ ହେଉଥିଲା। ଏହି ଦୁହିଁକୁ ଖୁସିରେ ରଖିବା ପାଇଁ ସୁନନ୍ଦା ନାନା ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୁଆଇଥିଲା। ସେମାନେ ଏସବୁ ବ୍ୟଞ୍ଜନ ପେଟଭରି ତ ଖାଉଥିଲେ, କିନ୍ତୁ ମନ ଭରି କେବେ ନୁହେଁ। ପରିବାରରେ ଭିତର ଘରର ଡାଇନିଙ୍ଗ ଟେବୁଲର ଚଳଚଞ୍ଚଳତା ସତେ ଯେପରି ହୋଟେଲର ଡାଇନିଙ୍ଗ ଟେବୁଲ ପରି ଲାଗୁଥିଲା। ଯେପରି ସବୁ ଅଜଣା ଯାତ୍ରୀମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଯାଇଛନ୍ତି। ପିଲାଙ୍କ ପ୍ରେମ ପାଇବା ପାଇଁ ସୁନନ୍ଦା ଅନବରତ ଚେଷ୍ଟା କରୁଥିଲା। ପିଲାଙ୍କ ପୋଷାକ ସବୁର ଇସ୍ତ୍ରି ହେଉ ଅବା ବୁଟ ପଲିଶ୍, ସବୁକିଛି ବଡ ତନ୍ମୟତାର ସହ କରୁଥିଲା। ସେମାନଙ୍କ ଉନ୍ନତି ପାଇଁ ତାଙ୍କର ପାଠପଢ଼ାରେ ରୁଚି ରଖେ। ସେ ବିଷୟରେ ପଚାରେ। କିନ୍ତୁ ଏସବୁ ପିଲାଙ୍କୁ ଅବରୋଧପୂର୍ଣ୍ଣ ବୋଧ ହେଉଥିଲା।

ସୁନନ୍ଦା ଆସିବା ପରେ ବୈଜୁର ପ୍ରଥମ ଜନ୍ମଦିନ ଆସିଥିଲା। ଶୋଭାଙ୍କ ମୃତ୍ୟୁ ପରେ ନିରସ ଜୀବନ ଜୀଉଁଥିବା ଗୋପାଳ ରାୟ କେବେ ଅବନୀ ଅବା ବୈଜୁର ଜନ୍ମଦିନ ପାଳନ କରି ନ ଥିଲେ। ପାଳନ କରିବା କଥା ଛାଡ ଶୁଭକାମନା ଟିକିଏ ମଧ୍ୟ ଦେଇ ନ ଥିଲେ। ଏତେ ଦୀର୍ଘ ସମୟର ଅନ୍ତରାଳ କାରଣରୁ ସୁନନ୍ଦା ବୈଜୁର ଜନ୍ମଦିନ ପାଳନ କରିବା ପାଇଁ ବହୁତ ଆଗ୍ରହୀ ଥିଲା। ଚାରିଦିନ ତଳେ ହିଁ ସେ ବଡ ଉତ୍ସାହ ଏବଂ ଉଲ୍ଲାସର ସହିତ ଜନ୍ମଦିନ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲା। ବୈଜୁ ଏବଂ ଅବନୀର ସାଙ୍ଗସାଥୀମାନଙ୍କୁ ନିମନ୍ତ୍ରଣ ଦେବାକୁ ମଧ୍ୟ କହିଲା। ବୈଜୁର ସମସ୍ତ ମନପସନ୍ଦର ବ୍ୟଞ୍ଜନ ଟେବୁଲ ଉପରେ ସଜାଇ ରଖି ଦିଆଗଲା। କିନ୍ତୁ ବୈଜୁ ଏବଂ ଅବନୀର ଜଣେ ମଧ୍ୟ ସାଙ୍ଗ ଆସିଲେ ନାହିଁ। ସେହି ଚାରିଜଣ ଅଳ୍ପ ବହୁତ ଖାଇ ସେଠାରୁ ଚାଲିଗଲେ। ସୁନନ୍ଦା କିଛି ମଧ୍ୟ ଖାଇପାରିଲା ନାହିଁ। ତା' ପାଇଁ ଏହା ଏକ ଶକ୍ତ ଆଘାତ ଥିଲା। ଆଘାତ ସହିବା ଚେଷ୍ଟାରେ ତା'ର ବେଦନା ସ୍ପଷ୍ଟ ଜଣା ପଡୁଥିଲା। ଏହି ବାତାବରଣ ଗୋପାଳ ରାୟଙ୍କ ମନର ସନ୍ଦେହକୁ ଦୃଢ଼ୀଭୂତ କରିଦେଲା ଯେ ସୁନନ୍ଦା ଏବଂ ପିଲାଙ୍କ ମଧ୍ୟରେ ଭଲ ସମ୍ପର୍କ ନାହିଁ। ଗୋପାଳ ରାୟ ସେଦିନ ରାତିରେ ବିରକ୍ତ ହେବା ସହ ଅସନ୍ତୋଷ ବ୍ୟକ୍ତ କଲେ... ତଥାପି ସେ ଚୁପ୍ ରହିଲା। ସୁନନ୍ଦାଙ୍କ ଲକ୍ଷେ ଚେଷ୍ଟା ସତ୍ତ୍ୱେ ଘରର ବାତାବରଣ ଦିନକୁ ଦିନ ଆହୁରି ଖରାପ ହେବାକୁ ଲାଗିଲା।

**କେବେ ଅବନୀ ଅବା ବୈଜୁର ଜନ୍ମଦିନ ପାଳନ କରିବା କଥା ଛାଡ, ଶୁଭକାମନା ଟିକିଏ ମଧ୍ୟ ଦେଇ ନ ଥିଲେ।**

ସୁନନ୍ଦା ଏହି ଘରକୁ ଆସିବାର ଦୁଇବର୍ଷ ହୋଇସାରିଥିଲା। ଗୋପାଳ ରାୟଙ୍କ ବ୍ୟତୀତ ସେ କାହା ପାଇଁ ମଧ୍ୟ ଶୋଭା ହୋଇ ପାରି ନ ଥିଲା, ଏହା ହିଁ ତା' ପାଇଁ ବଡ଼ ଦୁଃଖ ଥିଲା। ଅପର ପକ୍ଷେ ସୁନନ୍ଦାର ଦାୟିତ୍ୱ ମଧ୍ୟ ବଢ଼ି ଚାଲିଥିଲା। ଅବନୀର ଯୌବନ ମଧ୍ୟ ଷୋହଳ କଳାରେ ପରିପୂର୍ଣ୍ଣ ହୋଇସାରିଥିଲା। କଲେଜ ସମୟ ପରେ ମଧ୍ୟ ସେ ବହୁତ ସମୟ ବାହାରେ ହିଁ

ରହୁଥାଏ। ଏହା ଫଳରେ ମାଆ ଭାବେ ସୁନନ୍ଦାର ଚିନ୍ତା କରିବା ସ୍ୱାଭାବିକ ଥିଲା। ଏହା ତା' ପାଇଁ ପରୀକ୍ଷାର ବେଳ ଥିଲା। ସାରାଦିନ ସେ ଚିନ୍ତାରେ ବୁଡି ରହୁଥିଲା। 'ଯଦି ଅବନୀର ଜୀବନରେ କୌଣସି ଅଘଟଣ ଘଟିଗଲା ତାହାହେଲେ ସେହି ଆଘାତକୁ ସଉତୁଣୀ ମାଆର ଦାୟିତ୍ୱହୀନତା କାରଣରୁ ଘଟିଲା ବୋଲି ଧରାଯିବ। ତାହାହେଲେ କ'ଣ ଏହି କଥା ଗୋପାଳ ରାୟଙ୍କୁ କହିହେବ ? ନା... ନା... ଏପରି କରିବି ନାହିଁ। ଅବନୀ ଓ ବୈଜୁକୁ ସେମାନଙ୍କ ମାଆ ପୁଣି ମିଳିଯାଉ ଭାବି ସେଥିପାଇଁ ମୁଁ କ'ଣ-କ'ଣ ନ କରିଛି। ତାଙ୍କର ଉନ୍ନତି ହେଉ ଏଥିପାଇଁ ଚାକିରି ଛାଡି ଦେଲି ଆଉ.... ଆଉ... ମାତୃତ୍ୱ।' ଏହି କଥା ଭାବୁ ଭାବୁ ସୁନନ୍ଦାର ଜୀବନ-ଶୃଙ୍ଖଳ ଭାଙ୍ଗିଯାଏ ଏବଂ ସେ ପୁଣି ନିଜ ନିର୍ଣ୍ଣୟକୁ ସୁଦୃଢ଼ କରେ, ଯେ କୌଣସି ମୂଲ୍ୟ ଦେବାକୁ ପଡିଲେ ମଧ୍ୟ ସେ ଶୋଭା ପରି ଅବନୀ ଓ ବୈଜୁଙ୍କ ବ୍ୟକ୍ତିତ୍ୱ ବିକଶିତ କରିବ।

ଦିନେ ସକାଳେ ସୁନନ୍ଦା ଅବନୀକୁ କହିଲା, ସେ କଲେଜ ଛଡା ଅନ୍ୟ କୌଣସି ବାହାର ଆଡେ ନ ଯାଇ ଘରକୁ ଫେରୁ। ସୁନନ୍ଦା ନିଜର ମନକଥା ଅବନୀ ଆଗରେ ସ୍ପଷ୍ଟ କହିଥିଲା। ଗତ ତିନିବର୍ଷର ବାତାବରଣରେ ସୁନନ୍ଦାର ଚେତାବନୀ ଏବଂ ଅବନୀର ହଠାଗ୍ରହ ସିଧାସିଧା ସଂଘର୍ଷର ମଞ୍ଜି ବୁଣି ଦେଇଥିଲା। ଆଜି ଯାଏ ଅବନୀ ସୁନନ୍ଦା ସାମ୍ନାରେ କେବେ ମଧ୍ୟ କିଛି କହି ନ ଥିଲା, କିନ୍ତୁ ଆଜି ସିଏ କଠୋର ଜବାବ ଦେଲା ମୁଁ କୌଣସି ଛୋଟ ଝିଅ ନୁହଁ, ଯାହାକୁ ତୁମେ ଅଟକାଉଛ। 'ମୋ ମନର ମୁଁ ମାଲିକାଣୀ। ନିଜର ଭଲମନ୍ଦ କଥା ମୁଁ ବୁଝିପାରେ। ତୁମେ ମୋତେ କ'ଣ ଉତ୍ତରଦାୟୀ କଥା ଶୁଣାଉଛ। ଆଉ.... ଆଉ... ଆଜି ମୋ ମାଆ ଥିଲେ ତ ଏପରି ମୋତେ ଚରିତ୍ରହୀନା କହି ନ ଥାନ୍ତା... ଅବନୀର ବିବେକ ମରି ସାରିଥିଲା। ସେ ଅପେକ୍ଷା କରିବାକୁ ଲାଗିଲା। ଆବେଗର ବଶବର୍ତ୍ତୀ ହୋଇ ସେ କହି ପକାଇଲା- ତୁମର ସନ୍ତାନ ହେଉନି, ଏଣୁ ଆମ ପ୍ରତି ଈର୍ଷା ହେଉଛି। ବର୍ତ୍ତମାନ ଯାଏଁ ହୃଦୟରେ ପଥର ରଖି ଶୁଣୁଥିବା ସୁନନ୍ଦାକୁ ଅବନୀର ଶେଷ ବାକ୍ୟଟି ଦୋହଲାଇ ଦେଇଥିଲା। ସେ ପୂରାପୂରି ଭାଙ୍ଗି ପଡିଲା ଓ ତା' ଆଖିରୁ ଅବାରିତ ଅଶ୍ରୁ ବହିବାକୁ ଲାଗିଲା। ଅବନୀ କୌଣସି ଚିନ୍ତା ନ କରି ଗୋଡ ପିଟି କଲେଜ ଚାଲିଗଲା।



ସୁନନ୍ଦା ସେଇଠି ତଳେ ପଡିଗଲା। ଅବନୀର ଶେଷ ବାକ୍ୟଟି ତାକୁ ଭାରି ବାଧିଥଲା। ତା'ର ଦୁଃଖ ଏତିକି ଯେ ତିନିବର୍ଷର ଅଗାଧ ପରିଶ୍ରମ ସତ୍ତ୍ୱେ ତାକୁ କେହି ବୁଝି ପାରିଲେ ନାହିଁ।

ସ୍ତ୍ରୀ ମାତୃତ୍ୱ ଚାହେଁ। ଏଠାରେ ସୁନନ୍ଦା ଗତ ତିନି ବର୍ଷ ହେଲା ମାତୃତ୍ୱ ଦେବା ପାଇଁ ଲହୁ-ଲୁହ ଏକ କରି ଚାଲିଥିଲା। ସୁନନ୍ଦା ଏକଥା ଶୁଣି ନିରାଶ ହୋଇ ନ ଥିଲା, ହତାଶ ଅବଶ୍ୟ ହୋଇ ଯାଇଥିଲା। ସେ ପୂରାଦିନ ବିଚାର-ମନ୍ଥନ କଲା। ନିଜ ଝିଅ ଦ୍ୱାରା ହିଁ ବନ୍ଧ୍ୟାପଣ ଆରୋପଟି ତାକୁ ସ୍ତବ୍ଧ କରି ଦେଇଥିଲା। ସୁନନ୍ଦା ଅବନୀକୁ ସେହି କଥା ଜଣାଇବା ପାଇଁ ନିଷ୍ପତ୍ତି ନେଲା, ଯାହା ସେ ଆଜି ଯାଏଁ ଗୋପାଳ ରାୟଙ୍କୁ ମଧ୍ୟ ଜଣାଇ ନ ଥିଲା। ହୋଇପାରେ ଅବନୀ ଏହି ଘଟଣା ପରେ ତା' ସହିତ କଥା ନ କରି ପାରେ, ଏହା ଭାବି ସୁନନ୍ଦା ତା' ଟେବୁଲ ଉପରେ ଗୋଟିଏ ଛୋଟ ଚିଠିଟିଏ ରଖି ଦେଲା।

ସକାଳୁ ବାହାରକୁ ଯାଉଥିବା ଅବନୀ ଗୋପାଳ ରାୟ ଆସିବାର କିଛି ସମୟ ପୂର୍ବରୁ ଘରକୁ ଫେରିଥିଲା। ତା' ମୁହଁକୁ କ୍ରୋଧ ସ୍ପଷ୍ଟ ବାରି ହୋଇ ପଡୁଥିଲା। ସେ ସୁନନ୍ଦା ଆଡକୁ ନ ଦେଖି ନିଜ କୋଠରିକୁ ଚାଲିଗଲା। ଟେବୁଲ ଉପରେ ବହି ସବୁ ରଖିବା ସମୟରେ ତା' ନଜର ଗୋଟିଏ ବନ୍ଦଥିବା ଲଫାଫା ଉପରେ ପଡିଲା। ପତ୍ରଟି ଖୋଲି ପଢ଼ିବାକୁ ଲାଗିଲା।

ସ୍ନେହର ଝିଅ,

ଗତ ତିନିବର୍ଷ ମଧ୍ୟରେ ତୋ'ର ଅନେକ କଥାର ମୁଁ ଅନାଦାର ହୋଇଛି। ଏଣୁ ଆଜିର ଅନାଦର ପାଇଁ ମୁଁ ଅଧିକ ଦୁଃଖୀ ନୁହେଁ। କିନ୍ତୁ ଆଜି ତୁ ଅତ୍ୟଧିକ ଉତ୍ତେଜିତ ହୋଇଗଲୁ।

ବହୁତ ହୀନଦୃଷ୍ଟିରେ ତୁ ମୋ ଉପରେ ବନ୍ଧ୍ୟା ହେବାର

ଆରୋପ ଲଗାଇଲୁ। ଛାଡ଼ ସେ କଥା, ଏଥିରେ ମଧ୍ୟ ତୋର କୌଣସି ଦୋଷ ନାହିଁ।

ଯେଉଁ ସତ୍ୟ ତୋ ବାପାଙ୍କୁ ମଧ୍ୟ ଆଜିଯାଏ ଜଣାନାହିଁ ତାହା ତତେ କହିବା ଆଜି ମୋ ପାଇଁ ଅନିବାର୍ଯ୍ୟ ହୋଇ ପଡିଛି। ଜଣେ ସ୍ତ୍ରୀ ଭାବେ ମାତୃତ୍ୱର ଅଭିଳାଷାକୁ ତୁ ବୁଝୁଥିଲୁ।

ମାତୃତ୍ୱର ଅଭିଳାଷା ତ ମୋର ମଧ୍ୟ ଥିଲା- ଆଜିଠୁ ତିନି ବର୍ଷ ପୂର୍ବେ ତୋ ବାପାଙ୍କ ସହ ବିବାହ କରିବା ସମୟରେ ମଧ୍ୟ। ତୋତେ ଏବଂ ବୈଜୁକୁ ଦେଖି ମୋ ମନ ପୁଲକିତ ହୋଇ ଯାଉଥିଲା। ତୁମମାନଙ୍କ ପରି ପିଲାଙ୍କ ମାଆ ହେବା ସୌଭାଗ୍ୟ ମିଳି ନ ଥିଲା। ତୁମ ଦୁହିଁଙ୍କୁ ଖୋଲା ହୃଦୟରେ ମାତୃତ୍ୱ ଦେଇ ପାରିବି ଭାବି ବିବାହ ପୂର୍ବରୁ ହିଁ ନିର୍ଣ୍ଣୟ କରି ନେଇଥିଲି, ଯାହା ତୁମ ବାପାଙ୍କୁ ମଧ୍ୟ ଜଣା ନ ଥିଲା। ସେ ନିର୍ଣ୍ଣୟ ଥିଲା ଏହି ଜନ୍ମରେ ନିଜେ ସନ୍ତାନୋତ୍ପତ୍ତି ନ କରି କେବଳ ତୋର ଏବଂ ବୈଜୁର ମାଆ ରୂପେ ହିଁ ଜୀବନ ଜିଇବା ଏବଂ ତୁମକୁ ପାଇବା ପାଇଁ ହିଁ ସଂକଳ୍ପ କରିଥିଲି।

> **"ତୁମ ଦୁହିଁଙ୍କୁ ଖୋଲା ହୃଦୟରେ ମାତୃତ୍ୱ ଦେଇ ପାରିବି ଭାବି ବିବାହ ପୂର୍ବରୁ ହିଁ ନିର୍ଣ୍ଣୟ କରି ନେଇଥିଲି।"**

ବର୍ତ୍ତମାନ ମଧ୍ୟ ମାତୃତ୍ୱ ହେବାର ମୋ ଅଭିଳାଷା ତୁ ବୁଝି ପାରିଥିବୁ।

ବାସ୍ ଏତିକି।

ନିଜ ସ୍ନେହର ଝିଅର ସଉତୁଣୀ ମାଆ ସୁନନ୍ଦା।

ପୂରା ପତ୍ରଟି ପଢ଼ିବା ମାତ୍ରେ ହିଁ ଅବନୀର ମୁଖରୁ ବାହାରି ପଡିଲା- ମାଆ... ମାଆ... ଆଉ ସେ ଦୌଡି ଯାଇ ସୁନନ୍ଦାକୁ କୁଣ୍ଢାଇ ପକାଇଲା।

□□

ଲେଖକଙ୍କ ଇ-ମେଲ ଠିକଣା:
bhawanishankar_viranchi@yahoo.com

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଲାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଚ୍ଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon | Flipkart | meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।

ପ୍ରବନ୍ଧ

# ସାହିତ୍ୟରେ ଆତ୍ମବୋଧ

ଡ. ପ୍ରଦୀପ କୁମାର ସ୍ୱାଇଁ

ସାହିତ୍ୟରେ ଆତ୍ମବୋଧ ରହିବ କି ନାହିଁ ଏହା ଏକ ଚିନ୍ତାର ବିଷୟ। କେତେକ ସମାଲୋଚକ କହନ୍ତି ଯେ ପରିଦୃଶ୍ୟମାନ ଜଗତର ପ୍ରକୃତି ସହିତ କବିଙ୍କର ଏକାତ୍ମକତା ନ ଆସିଲେ ସାହିତ୍ୟ ସୃଷ୍ଟି ହୁଏ ନାହିଁ। ଅନ୍ୟ କେତେକ ବ୍ୟକ୍ତି କହନ୍ତି ଯେ ଚରିତ୍ରର ଚାରିତ୍ରିକ ଗୁଣ ସହିତ ଲେଖକଙ୍କର ସମପ୍ରାଣ ନ ଜନ୍ମିଲେ 'ସାହିତ୍ୟ' ସୃଷ୍ଟି ହୋଇପାରେ ନାହିଁ। ଏଥିରୁ ବେଶ୍ ଅନୁମାନ କରିହେବ ଯେ କବିଙ୍କର ବ୍ୟକ୍ତିଗତ ଅନୁଭୂତିର ପରୀକ୍ଷା ମଧ୍ୟରେ ସାହିତ୍ୟ ବଳିଷ୍ଠ ହୋଇପାରେ। ତେଣୁ ଲେଖକଙ୍କର ଆତ୍ମବୋଧ ସାହିତ୍ୟ ରାଜ୍ୟରେ କାମ୍ୟ।



ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଆମେ ଆତ୍ମବୋଧ ବା 'ଇଗୋ' ସମ୍ପର୍ଣ୍ଣ ବ୍ୟକ୍ତିବାଚୀ। ନିଜର ଆତ୍ମବୋଧକୁ ଯେଉଁମାନେ ଗଣର ଆତ୍ମବୋଧ ସହିତ ମିଶାଇ ନେବାକୁ ବସନ୍ତି ସେମାନେ ଛଳନାପ୍ରିୟ ବୋଲି କୁହାଯାଇପାରେ। କାରଣ ବ୍ୟକ୍ତିର ଅନୁଭୂତି କଦାପି ଗଣର ଭାବଧାରା ସହିତ ସମତା ରକ୍ଷା କରିପାରିବ ନାହିଁ। ଅବଶ୍ୟ ଅନେକ ମହାପୁରୁଷ ଗଣବାଦୀ ହେବାକୁ ଇଚ୍ଛା କରିଛନ୍ତି, ଅଥଚ ଗଣବାଦ କିନ୍ତୁ ଏକ ବିଭ୍ରାନ୍ତିକର, ଅସ୍ଥିର ଅବସ୍ଥା।

## ଆତ୍ମାର ପରମତ୍ୱ

ହିନ୍ଦୁଧର୍ମ ଦେହରେ ଆତ୍ମାର ପରମତ୍ୱ ସାଧନା ଅଜୟ, ଅମର, ଲକ୍ଷ୍ୟରେ ଗତିଶୀଳ। ସ୍ଥିତିର ପ୍ରତ୍ୟୟ ପାଇଁ ଶକ୍ତିର ଶରୀର ସ୍ୱରୂପ ଏକ କଳ୍ପନା ମାତ୍ର। ଏ ଆତ୍ମା ଭିନ୍ନ ଭିନ୍ନ ହେଲେ ମଧ୍ୟ ଏକ ସାଧାରଣ ଲକ୍ଷ୍ୟରେ ଏହା ଏକୀକୃତ, ସମଷ୍ଟିବାଚୀ। ସେଥିପାଇଁ ଗୀତାରେ ଭଗବାନ କହିଛନ୍ତି "ତୁମେ ସମସ୍ତେ ନିମିତ୍ତ ମାତ୍ର।" ଏ ପ୍ରସଙ୍ଗରେ ମନେ ପଡ଼େ 'ବିଶ୍ୱଜୀବନ ହେ' କବିତାରେ ସ୍ୱଭାବ କବି ଗଙ୍ଗାଧରଙ୍କର ଏକ ଉକ୍ତି-

"ମୁଁ କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ଦୂରୁଁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ହେ ବିଶ୍ୱ ସମ୍ରାଟ।"

ଆଧୁନିକ ମଣିଷ କିନ୍ତୁ ଏ ସମର୍ପଣ ଭାବର ସତ୍ୟକୁ ସ୍ୱୀକାର କରେ ନାହିଁ। ପରଜନ୍ମର କୌଣସି ଚାକ୍ଷୁସ ପ୍ରମାଣ ସ୍ୱରୂପ ରହିଛି କି ନାହିଁ ସେ ବିଷୟରେ ମନୁଷ୍ୟ ନୀରବ। ହେଲେ ବର୍ତ୍ତମାନର କ୍ରିୟାକଳାପ ଓ କର୍ମକୁ ନେଇ ଜୀବନର ଗତି ନିୟନ୍ତ୍ରିତ ହେଉଛି। ତେଣୁ ବର୍ତ୍ତମାନର ମନୁଷ୍ୟ ମାନବବାଦୀ, ବ୍ୟକ୍ତିବାଦୀ, ଆଉ ଋଣ କୃତ୍ୱା ଘୃତ ପିବେତ୍‌ର ପକ୍ଷପାତୀ ନୁହେଁ।

ଧର୍ମଶାସ୍ତ୍ର କହେ ବାସନା ବିରହିତ ହେଲେ ଜୀବର ମୁକ୍ତି ସମ୍ଭବ। ନିବୃତ୍ତିର ସାଧନ ପାଇଁ ଆତ୍ମବିଶ୍ଳେଷଣ ସର୍ବଦା ପ୍ରୟୋଜନ। ଏ ଯୁକ୍ତି ଉପରେ ଧର୍ମଶାସ୍ତ୍ରର କୌଣସି ସତ୍ୟତା ଥାଉ ବା ନ ଥାଉ ସାଧାରଣ ଗଣ ଜୀବନରେ ମଧ୍ୟ ଏହା ସତ୍ୟ। କାରଣ ମନୁଷ୍ୟ ପ୍ରାଣରେ ବାସନା ନ ଥିଲେ ଦୁଃଖର ପ୍ରଶ୍ନ ନ ଥାନ୍ତା। ତେଣୁ ସମଗ୍ର ବିଶ୍ୱ ଏକ ବିରାଟ ମୁକ୍ତ କ୍ଷେତ୍ର।

## ବ୍ୟକ୍ତିକୈନ୍ଦ୍ରିକ ବାସନା

ବାସନା ସର୍ବଦା ବ୍ୟକ୍ତିକୈନ୍ଦ୍ରିକ। ବ୍ୟକ୍ତିର ଆଭ୍ୟନ୍ତରୀଣ ଇଚ୍ଛା ଶକ୍ତିକୁ ନେଇ ବାସନା ପ୍ରାଣୀକୁ ପ୍ରଭାବିତ କରିଥାଏ। ବ୍ୟକ୍ତିମାନେ ହିଁ ଆତ୍ମବୋଧର ଉପାସକ। ତେଣୁ ବାସନା ସହିତ ନିଶ୍ଚୟ ଆତ୍ମବୋଧର ଘନିଷ୍ଠ ସମ୍ପର୍କ ରହିଛି। କିନ୍ତୁ ଆତ୍ମବୋଧର ଦ୍ୱିବିଧ ଅବସ୍ଥା ସ୍ଥାନ, କାଳ ପାତ୍ରର ବିବେଚନାରେ ଏହା 'ସୁ' ଓ 'କୁ' ହୋଇପାରେ। ଯେଉଁ ଆତ୍ମବୋଧ ଭିତରେ

ଚରମ ସ୍ୱାର୍ଥପର ପରିଦୃଷ୍ଟ ହୁଏ ତାହା ସୁଆତ୍ମବୋଧ ବୋଲି କୁହାଯାଇପାରିବ ନାହିଁ। ଯେଉଁ ଆତ୍ମବୋଧ ମଧ୍ୟରେ ସ୍ୱାର୍ଥର ଅସ୍ପଷ୍ଟ ସମ୍ପର୍କ ନିହିତ ସେହି ଆତ୍ମବୋଧ କେବଳ ଗଣତାନ୍ତ୍ରିକ ରୀତିରେ ସମାଜକୁ ପ୍ରଭାବିତ କରିପାରେ। ଏହା ଛଡା ଆତ୍ମବୋଧର ନୀତି ଓ ଅନୀତି ରୂପକ ଦୁଇଟି ସୋପାନ ରହିଛି, ଯେଉଁ ଆତ୍ମବୋଧ ଦ୍ୱାରା ମନୁଷ୍ୟ ସମଗ୍ର ବିଶ୍ୱକୁ ନିଜର ବୋଲି ମନେ କରେ ସେ ଆତ୍ମବୋଧ ନୀତିବାଦର ଉପାସକ। ହେଲେ ଯେଉଁ ଆତ୍ମବୋଧ ମଧ୍ୟରେ କେବଳ (ପାର୍ସିଆଲିଟି) ଏକ ଦିଗଦର୍ଶିତା ଭାବରେ ପ୍ରକାଶିତ ହୁଏ। ତାହା ଅନୀତିବାଚୀ ଆତ୍ମବୋଧ ବୋଲି କହିବାରେ ଦ୍ୱିଧା ନାହିଁ। ଆତ୍ମବୋଧର ଆଉ ଦୁଇଟି ସୋପାନ ମଧ୍ୟ ରହିଛି। ଏ ଦୁଇଟି ସୋପାନ ମୌଳିକ ଓ ଗୌଣ। ମୌଳିକ ଆତ୍ମବୋଧ ଏକ ମହାନ ମାନବୀୟ ଗୁଣ। ଏହା ଆଜନ୍ମରୁ ଉଦ୍ରେକ ହୋଇଥାଏ। କିନ୍ତୁ ଅନ୍ୟର ପ୍ରଭାବ ଦ୍ୱାରା ଯେଉଁ ଆତ୍ମବୋଧ ମନୁଷ୍ୟ ପ୍ରାଣରେ ସ୍ୱତଃ ଜାଗରିତ ହୁଏ ତାହା ଗୌଣ ଆତ୍ମବୋଧ।

କେତେକ ଧର୍ମ ପ୍ରଚାରକ କହିଛନ୍ତି "ହେ ମୋର ଭକ୍ତବୃନ୍ଦ, ତୁମ ଅନ୍ତରର ଅଭ୍ୟନ୍ତରରେ ସ୍ୱୟଂ ଭଗବାନଙ୍କର ଅପୂର୍ବ ସତ୍ତା ନିହିତ, ତୁମେ ମିଛମାୟାରେ ପଡି ଭଗବାନଙ୍କର ସନ୍ଧାନରେ କାହିଁକି ଗୋଡାଉଛ?" ଏ ପ୍ରଚାର ଶୁଣି ଯେଉଁମାନଙ୍କର ଆତ୍ମବୋଧ ଜନ୍ମିଛି, ସେମାନଙ୍କର ଆତ୍ମବୋଧ ଗୌଣ ବୋଲି କହିବାକୁ ହେବ।

**ପ୍ରତ୍ୟେକ ସାହିତ୍ୟିକଙ୍କର ଅନ୍ତେ ବହୁତେ ଆତ୍ମବୋଧ ରହିଛି। ଆତ୍ମବୋଧକୁ ମାପି ହେବନାହିଁ। ଏହା ଏକ ସୂକ୍ଷ୍ମ ବିଚାର ବିନିମୟର କ୍ଷେତ୍ର।**

ଅନ୍ୟ କେତେକ ଆତ୍ମବୋଧ ଅହମିକା ବୋଲି ମଧ୍ୟ ବ୍ୟାଖ୍ୟା କରନ୍ତି। ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଆତ୍ମବୋଧ ଆସିଛି ତାହାକୁ ଅହମିକା ବୋଲି ମଧ୍ୟ ଗ୍ରହଣ କରାଯାଇପାରେ। ଭଗବତର ଗୋଟିଏ ମହାନ ବାଣୀ ହେଉଛି–

"କରି କରାଉଥାଏ ମୁହିଁ
ମୋ ବିନୁ ଅନ୍ୟ ଗତି ନାହିଁ।"

ଏହା ଚରମ ଅହମିକା ବୋଲି କୁହାଯାଇପାରେ। ହେଲେ ସୃଷ୍ଟିର ସକ୍ରିୟ ଜୀବ ଭାବରେ ଭଗବାନ ନିଜର ଯେଉଁ ବ୍ୟାଖ୍ୟା ଦେଇଛନ୍ତି ତାହା କର୍ମବାଦର ଏକ ଜ୍ୱଳନ୍ତ ନିଦର୍ଶନ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ "ରବି ତଳେ କବି ପଣେ ନ ମଣେ ମୁଁ କାହାକୁ" ଭାବେ ଯେଉଁ ନିର୍ଭୀକ ବ୍ୟକ୍ତିତ୍ୱର ପ୍ରକାଶ କରିଛନ୍ତି ତାହା ଚରମ ଅହମିକା ବୋଲି ମଧ୍ୟ ପ୍ରମାଣିତ ହେବା କଷ୍ଟ ସାଧ୍ୟ ନୁହେଁ। ହେଲେ ନିଜର ଅପୂର୍ବ ସୃଷ୍ଟି ଶକ୍ତି ପାଇଁ ତାଙ୍କ ପ୍ରାଣରେ ଯେଉଁ ଆତ୍ମବୋଧ ସ୍ଥାନ ପାଇଛି ତାହା ନିଜକୁ ନିଜେ ବିଶ୍ୱାସ କରିବାର ବୀଜ ହିଁ ବପନ କରିଛି। ଏ ଦୃଷ୍ଟିରୁ ବିଚାର କଲେ ଆତ୍ମବୋଧ ନିଜକୁ ସକ୍ରିୟ କରିବାର ଅଥବା ନିଜକୁ ବିଶ୍ୱାସ କରିବାର କ୍ଷେତ୍ର।

## ନିର୍ଭୀକତା

ଆତ୍ମବୋଧ ମଧ୍ୟରେ ନିର୍ଭୀକତା ହିଁ ଏକ ସ୍ଥାୟୀ ଲକ୍ଷ୍ୟ। ଗଭୀର ଆତ୍ମବୋଧର ମନୁଷ୍ୟ ବଳିଷ୍ଠ ନ ହୋଇ ପାରିଲେ ନିର୍ଭୀକତା ଆସିବ ନାହିଁ। ଏଠାରେ ଗୋଟିଏ ସୈନିକର ଉଦାହରଣ ଦିଆଯାଉ। ଧରାଯାଉ ଶତ୍ରୁ ପକ୍ଷର ଜଣେ ବଳିଷ୍ଠ ସୈନିକ ଆଗେଇ ଆସୁଛି। ଜୀବନ ସଙ୍କଟାପନ୍ନ, ଏ ସମୟରେ ନିଜକୁ ମହାନ ବଳୀୟାନ ବୋଲି ଧରି ନେଇ ନିଜ ଉପରେ ବିଶ୍ୱାସ ରଖି ଶତ୍ରୁର ମୁକାବିଲା କରିବାକୁ ହେବ। ନଚେତ୍ ମୃତ୍ୟୁ ସୁନିଶ୍ଚିତ।

ପୃଥିବୀର ପ୍ରତ୍ୟେକ ସାହିତ୍ୟିକଙ୍କର ଅନ୍ତେ ବହୁତେ ଆତ୍ମବୋଧ ରହିଛି। ପ୍ରକୃତି, ପରିସର ପରିବେଷଣ ଦ୍ୱାରା ଲେଖକଙ୍କର ପ୍ରାଣକେନ୍ଦ୍ରରେ ଯେଉଁ ନମନୀୟ ଝଙ୍କାର ସୃଷ୍ଟି କରିଛି, ସେହି ଝଙ୍କାର ମଧ୍ୟରେ ହିଁ ଆତ୍ମବୋଧର କ୍ଷୀଣ ଆଲୋକ ରେଖା ସାହିତ୍ୟକୁ ଅନୁପ୍ରାଣିତ, ଅନୁରଣିତ କରିଛି। ଆତ୍ମବୋଧକୁ ମାପି ହେବନାହିଁ। ଏହା ଏକ ସୂକ୍ଷ୍ମ ବିଚାର ବିନିମୟର କ୍ଷେତ୍ର। କେଉଁ ସ୍ଥାନରେ ଏହା କେତେ ପରିମାଣରେ ଆବଶ୍ୟକ ତାହାର ସଠିକ୍ ପରିମାଣ ଦେଇହେବ ନାହିଁ। ହେଲେ ଅବସ୍ଥା ଓ ସ୍ଥାନ ବିଶେଷରେ ଏହାର ସ୍ୱଳ୍ପତା ଓ ଆଧିକ୍ୟ କେବଳ ଅନୁମାନ କରିହେବ।

## ମାନବିକତାର ଆରୋପ

କେବଳ ମାନବିକତାର ଆରୋପ ଯେ ଭଗବାନଙ୍କୁ ବଳିଷ୍ଠ କରିପାରେ ତାହା ମଧ୍ୟ ଠିକ୍ ନୁହେଁ। ମାନବ ବା କଳାକାରର ପ୍ରାଣର ଅନୁଭୂତି ସବୁଠାରୁ ବଡ଼ ଜିନିଷ। ଏହି ଅନୁଭୂତି ଯେତେ ବଳିଷ୍ଠ ହେବ ଭାବନା ସେତେ ଆବେଦନଶୀଳ ହେବ। ତେଣୁ

ଅନୁଭୂତିର ରଙ୍ଗରେ ଭାବନାକୁ ରଙ୍ଗେଇ ନିଜ ରୁଚି ଅନୁସାରେ ମାନବିକ ସ୍ପର୍ଶ ଦେଇ ସାହିତ୍ୟ ରଚନା କଲେ ସାହିତ୍ୟ ଏକ ଅମର ଅଜେୟ ସର୍ବକାଳୀନ, ସର୍ବଯୁଗୀୟ କଳାରେ ପରିଗଣିତ ହୋଇପାରିବ। କେତେକଙ୍କ ମତରେ ଭାବନା ଏକ ସ୍ୱୟଂସୃଷ୍ଟ ପ୍ରବୃତ୍ତି। ଏହାକୁ କେହି କେବେ ଅଭ୍ୟାସ କରି ହାସଲ କରିପାରେ ନାହିଁ। ଯଦି ଅଭ୍ୟାସ ଦ୍ୱାରା ଭାବନା ସୃଷ୍ଟି ହୋଇପାରୁଥାନ୍ତା। ତେବେ ସମସ୍ତେ କବି ବା କଳାକାର ହୋଇପାରନ୍ତେ। ଏହା ଏକ ଐଶ୍ୱରୀୟ ଦାନ ବୋଲି ମଧ୍ୟ ଅନେକଙ୍କର ମତ।

## ସାହିତ୍ୟ ଜନ୍ମଗତ

ତେବେ ଏକଥା ସତ୍ୟ ଯେ ସାହିତ୍ୟ ଏକ ଜନ୍ମଗତ ପ୍ରବୃତ୍ତି। ମନୁଷ୍ୟ ଇଚ୍ଛାକରି ଏହାର ଜନ୍ମ କରିପାରେ ନାହିଁ। ହେଲେ ମନୁଷ୍ୟ ଇଚ୍ଛାକରି ଭାବନାକୁ ମାର୍ଜିତ ଆଉ ଉନ୍ନତ କରିପାରେ। ଯେପରି ତଳକୁ ତଳ ବହିଯିବା ପାଣିର ଧର୍ମ। ହେଲେ ଧାର କାଟି ନଈରେ ଛାଡିଲେ ସେ ହେବ ନଈପାଣି, ନାଳରେ ଛାଡିଲେ ସେ ହେବ ନାଳପାଣି, ପୋଖରୀରେ ଛାଡିଲେ ସେ ହେବ ପୋଖରୀପାଣି। ଠିକ୍ ସେହିପରି ସାହିତ୍ୟ ଏକ କ୍ରିୟା। ତାକୁ ଆମେ ଭଲ ଉଦ୍ଦେଶ୍ୟରେ ବ୍ୟବହାର କଲେ ତାହା ଭଲ ହୋଇପାରିବ ଆଉ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କଲେ ମଧ୍ୟ ହୋଇପାରିବ।

**ଭାବନା ଏକ ସ୍ୱୟଂସୃଷ୍ଟ ପ୍ରବୃତ୍ତି। ଏହାକୁ କେହି କେବେ ଅଭ୍ୟାସ କରି ହାସଲ କରିପାରେ ନାହିଁ।**

ସାହିତ୍ୟିକ ଏକ ମଣିଷ। ମଣିଷର ସମସ୍ତ ଆନୁଷଙ୍ଗିକ ଗୁଣ ତାହାର ଶିରା ପ୍ରଶିରାରେ ପ୍ରଭାବିତ। ତେଣୁ ସାହିତ୍ୟିକ ଗ୍ରହଣ କରିବାରେ ଆଶ୍ଚର୍ଯ୍ୟକର କଥା ନାହିଁ। ଉଦାହରଣ ସ୍ୱରୂପ ଦେଖାଯାଉ ଯେ - ଜଣେ ଚୋର ବା ତସ୍କର। ଅନ୍ୟାୟ ଅପକର୍ମ କରିବା ତାହାର ଧର୍ମ। ହେଲେ ସମୟ ବିଶେଷରେ ସୁବ୍ୟକ୍ତିର ପ୍ରଭାବରେ ଆସି ତାହାର ପ୍ରକୃତି ପରିବର୍ତ୍ତନ ହୋଇଯାଉଛି। ଏହା କିପରି ସମ୍ଭବ ହୋଇପାରିଲା ? ତେଣୁ ଏଠାରେ ଭାବିବା ଉଚିତ୍ ଯେ ମନୁଷ୍ୟର ଏପରି ଏକ ଗୁଣ ରହିଛି ଯାହା ସ୍ୱୀକୃତି ପାଇଲେ ନିଜତ୍ୱ ହରାଇବସେ। ଠିକ୍ ସେହିପରି ପ୍ରତ୍ୟେକ ସାହିତ୍ୟିକ ମଧ୍ୟ ପାଠକ ଓ ଶ୍ରୋତା। ବିଭିନ୍ନ ବିଷୟ ପାଠ କରିବା ଦ୍ୱାରା ତାହା ପ୍ରାଣରେ ଯେଉଁ ପ୍ରତିଧ୍ୱନି ସୃଷ୍ଟିକରେ ସେ ପ୍ରତିଧ୍ୱନି ଯଦି ସାହିତ୍ୟିକ ମନପୂତ ହୋଇପାରେ, ତେବେ ସାହିତ୍ୟିକ ନିଶ୍ଚୟ ଫଳପ୍ରଦ ହେବ। ମନୁଷ୍ୟର ସୂକ୍ଷ୍ମ ପ୍ରାଣ ପ୍ରଭାବର କେନ୍ଦ୍ରବିନ୍ଦୁ। ଯେତେବେଳ ଯାଏଁ ସୂକ୍ଷ୍ମପ୍ରାଣ ପ୍ରକମ୍ପିତ, ସେତେବେଳଯାଏଁ ସାହିତ୍ୟିକ ପ୍ରଭାବିତ ହେବା ମୋଟେ ସମ୍ଭବ ନୁହେଁ। ଏହା ଛଡା କେତେକ ମୌଳିକ ପ୍ରଭାବରେ ଆଗ୍ରହୀ, କେତେକ ସ୍ୱରୂପ ପ୍ରଭାବରେ ଆଗ୍ରହୀ ଓ କେତେକ ଆଭ୍ୟନ୍ତରୀଣ ପ୍ରଭାବରେ ଆଗ୍ରହୀ ବ୍ୟକ୍ତି।

ତେବେ ସେ କଥା ଯାହା ହେଉ - ଆଧୁନିକ ଜୀବନରେ ଆତ୍ମବୋଧ ବ୍ୟକ୍ତିର ଏକ ଅଙ୍ଗ। ଏହି ଆତ୍ମବୋଧ ଦ୍ୱାରା ହିଁ ସାହିତ୍ୟ ବଳିଷ୍ଠ ଓ ସଫଳ ହୋଇପାରିବ ବୋଲି ବିଶ୍ୱାସ କରାଯାଉଛି।

□□

ଲେଖକଙ୍କ ଇ-ମେଲ ଠିକଣା:
swain.ts2012@gmai.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




**Search Sahitya Charcha on Play Store**

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।

ସାକ୍ଷାତକାର

# ଗୀତିକାର ଦେବଦାସ ଛୋଟରାୟଙ୍କ ସହ ଏକ ସାରସ୍ୱତ ଆଳାପ

*ନିଜ ଜୀବନର ସୁଦୀର୍ଘ ୭୬ଟି ବସନ୍ତ ଅତିକ୍ରମ କରିସାରିଥିବା ଶ୍ରୀ ଦେବଦାସ ଛୋଟରାୟ ଓଡ଼ିଆ ସାହିତ୍ୟ ଜଗତରେ ଏକାଧାରରେ ଜଣେ ଗୀତିକାର ଓ କାହାଣୀକାର ଭାବରେ ସୁପରିଚିତ। ଓଡ଼ିଆ ଗୀତିକବିତାକୁ ତା'ଙ୍କର ଅବଦାନ ସର୍ବାଦୌ ସ୍ୱୀକୃତ। ସେ ୨୦୧୬ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସେ ପଶ୍ଚିମବଙ୍ଗ, ବିହାର, ଓଡିଶା ତଥା ନୂଆଦିଲ୍ଲୀରେ ବହୁ ବର୍ଷ କାଳ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ, ଏତଦ୍‌ବ୍ୟତୀତ ସେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପଦ ମଧ୍ୟ ମଣ୍ଡନ କରିଥିଲେ। ତାଙ୍କର ସାରସ୍ୱତ ଜୀବନର ବିବିଧ ଦିଗ ସଂପର୍କରେ ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ବ୍ୟକ୍ତିତ୍ୱର ତ ଅନେକ ଦିଗ, ଅନେକ ରଂଗ, ଅନେକ ଉଚ୍ଚାରଣ। ତେବେ ସାହିତ୍ୟ ପତ୍ରିକାଟିଏ ହୋଇଥିବା ଦୃଷ୍ଟିରୁ ଆପଣଙ୍କ ସାହିତ୍ୟିକ ସ୍ୱରୂପ ବିଷୟରେ ଆମେ ଅଧିକ ଆଗ୍ରହୀ। ଓଡ଼ିଆ ଗୀତିକବିତାର ଜଣେ ଅଗ୍ରଣୀ ସ୍ରଷ୍ଟା ଭାବରେ ନିଜର ଅବଦାନକୁ ନେଇ ଆପଣ କ'ଣ ସନ୍ତୁଷ୍ଟ ?

**ଦେବଦାସ ଛୋଟରାୟ:** ପ୍ରଥମରେ ମୋ' ବ୍ୟକ୍ତିତ୍ୱର ଅନେକ ଦିଗ ସମ୍ପର୍କରେ ଯାହା କହିଲେ, ସେଇଟା ତ ମୁଁ ନିଜେ ଚିହ୍ନିପାରିନାହିଁ, କି ଜାଣିପାରିନାହିଁ। ମତେ ଲାଗେ, ଯେମିତି ମୁଁ ସେଇ ଗୋଟିଏ କବିତାକୁ ବିଭିନ୍ନ ଢଙ୍ଗରେ ବାରମ୍ବାର ବଦଳାଇ ଲେଖୁଛି। ସେଥିପାଇଁ ନିଜକୁ ନେଇ ସନ୍ତୁଷ୍ଟ ହେବାର କୌଣସି ବାଟ ହିଁ ନାହିଁ।

**ସାହିତ୍ୟ ଚର୍ଚ୍ଚା:** ତା'ହେଲେ ଆପଣଙ୍କ ଯାତ୍ରା ଏବେ ବି ଅସମାପ୍ତ, ଏବଂ ବଢ଼ି ଚାଲିଛି ଆଗକୁ, ଆଗକୁ !

**ଦେବଦାସ ଛୋଟରାୟ:** କହିପାରିବିନି; ଯାତ୍ରାଟା ମଣିଷ ଜୀବନ ପରି କେତେବେଳେ ଯେ ବନ୍ଦ ହୋଇଯିବ ତା'ର କିଛି ଠିକଣା ନାହିଁ। କିନ୍ତୁ, ଏମିତି ବଂଚିଥିଲା ଯାଏ ଲେଖୁଥିବି, ଆଉ ଲେଖୁଥିଲା ଯାଏ ବଂଚିଥିବି - ଏଭଳି ଗୋଟିଏ ଭାବନା ମନ ଭିତରେ ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପିତା ସ୍ୱର୍ଗତ ଗୋପାଳ ଛୋଟରାୟଙ୍କ ଅନନ୍ୟ ସାରସ୍ୱତ ପ୍ରତିଭାର ପ୍ରଭାବ ଆପଣଙ୍କ କବି-ଜୀବନରେ କିଭଳି ଭାବରେ ପଡିଛି ବୋଲି ଆପଣ ଭାବନ୍ତି ?

**ଦେବଦାସ ଛୋଟରାୟ:** ମୋ ବାପା ତା'ଙ୍କ ଜୀବନର ପୁନରାବୃତ୍ତି ମୋ ଜୀବନରେ ଚାହୁଁନଥିଲେ। କାହିଁକି ନା, ସେ ଅନେକ ଅଭାବ, ଅସୁବିଧା, ଦୁଃଖ-କଷ୍ଟ ଭିତରେ ବଢ଼ିଥିଲେ। ତା'ଙ୍କର ସମୟ କଟିଥିଲା ଡ୍ରାମା, ସିନେମା, ଥିଏଟର୍ସ ରେଡ଼ିଓ - ଏଇସବୁ ଜଗତରେ। ସେ ଚାହୁଁଥିଲେ ଯେ ମୁଁ କୌଣସିମତେ ମୋ'ର ପାଠପଢ଼ା ଠିକଣା ଭାବରେ ଶେଷ କରି ଗୋଟିଏ ନିର୍ଦ୍ଦିଷ୍ଟ ରକମର ଜୀବନ ଆଦରି ନିଏ, ଯାହା ବୃତ୍ତିହୀନ ହୋଇନଥିବ।

**ସାହିତ୍ୟ ଚର୍ଚ୍ଚା:** ତେବେ ସେ କ'ଣ ଚାହୁଁଥିଲେ ଯେ ଆପଣ ଏ କଳା-ସାହିତ୍ୟ-ସଂଗୀତର ଜଗତରୁ ଦୂରେଇ ରହନ୍ତୁ !

**ଦେବଦାସ ଛୋଟରାୟ:** ହଁ, ସେ ମୂଳରୁ ଚେଷ୍ଟା କରୁଥିଲେ ଯେ ମୁଁ ଯେମିତି ଏ ନାଚ, ଗୀତ, ସିନେମା, ଥିଏଟର ଜଗତକୁ ନ ଆସେ। ମୁଁ ଯଦିଓ ପ୍ରତ୍ୟକ୍ଷ ଭାବରେ ଆସିପାରିଲିନି, କିନ୍ତୁ ପ୍ରତ୍ୟେକ ପିଲା ପାଇଁ ତା' ବାପା ହେଉଛନ୍ତି ହିରୋ। ସେ ହିସାବରେ ବାପାଙ୍କର ବ୍ୟକ୍ତିତ୍ୱର ଅନେକ ପ୍ରଭାବ ପଡିଥିଲା ମୋ ଉପରେ। ସେ କିନ୍ତୁ ଚାହିଁନଥିଲେ ମୁଁ ସେଇ ପରିଧି ଭିତରକୁ ଯାଏ ଯାହା ଭିତରେ ରହି ସେ ନିଜେ ଅନେକ କଷ୍ଟ ପାଇଛନ୍ତି।

**ବାପାଙ୍କର ବ୍ୟକ୍ତିତ୍ୱର ଅନେକ ପ୍ରଭାବ ପଡିଥିଲା ମୋ ଉପରେ। କିନ୍ତୁ ସେ ଚାହିଁନଥିଲେ ଯେ ମୁଁ ସେଇ ପରିଧି ଭିତରକୁ ଯାଏ ଯାହା ଭିତରେ ରହି ସେ ନିଜେ ଅନେକ କଷ୍ଟ ପାଇଛନ୍ତି।**

**ସାହିତ୍ୟ ଚର୍ଚ୍ଚା:** ତଥାପି ବୋଧହୁଏ ତାଙ୍କର ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହେବା ଛଡା ଆପଣଙ୍କର ଗତ୍ୟନ୍ତର ନଥିଲା !

**ଦେବଦାସ ଛୋଟରାୟ:** ଏହାକୁ ମୋ'ର ଜୀବନ-ଦର୍ଶନ ବୋଲି କହିପାରନ୍ତି। ମୋତେ ଅନେକ ଲୋକ ପଚାରିଛନ୍ତି, 'ଆପଣ ନାଟକ ଲେଖିଛନ୍ତି ? ଆପଣଙ୍କ ବାପା ଯେ ଏତେ ନାଟକ ଲେଖିଛନ୍ତି !' ମୁଁ କହେ ଯେ ମୁଁ ନାଟକ ଯଦିଓ ଲେଖିନାହିଁ; କିନ୍ତୁ ମୋ ଦ୍ୱାରା ଯେଉଁ ଗୀତସବୁ ଲେଖାହୁଏ, ଅର୍ଥାତ ଯେଉଁ ପ୍ରକାର ଗୀତ ଲେଖିବା ପାଇଁ ଅକ୍ଷୟ ମହାନ୍ତି ମୋତେ ଶିଖାଇଥିଲେ ଏବଂ ମୋ ପାଖରୁ ଚାହୁଁଥିଲେ, ସେ ସବୁଥିରେ ଗୋଟିଏ ନାଟକୀୟତା ଅଛି, ଗୋଟିଏ ଗଳ୍ପ କହିବାର ପ୍ରବୃତ୍ତି ଅଛି। ସେ ଗୀତର ଶେଷ ଧାଡିରେ ସେମିତି ଗୋଟିଏ ପରିଣତି ଥାଏ ଯେମିତି ନାଟକରେ ଗୋଟିଏ ଉତ୍କଣ୍ଠା ଓ ପରିଣତି ଥାଏ। ମୁଁ ଭାବେ ଯେ, ଏହା ସମ୍ଭବିଥିଲା ବାପାଙ୍କ ସହ ମୋର ରକ୍ତଗତ ସମ୍ପର୍କର ହେତୁ ଓ ତାଙ୍କରି ଆଶୀର୍ବାଦରୁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ସାହିତ୍ୟିକ ସୃଷ୍ଟିକୁ, ଅବଶ୍ୟ ଆପଣଙ୍କ ଗଳ୍ପ ସମ୍ଭାରକୁ ଛାଡ଼ି, ଆମେ ଦୁଇଭାଗରେ ବାଣ୍ଟିଥାଉ, କବିତା ଓ ଗୀତିକବିତା। ଏ ଦୁଇଟି ମଧ୍ୟରୁ କେଉଁଟିରେ ଆପଣ ନିଜକୁ ଅଧିକ ସହଜ ଓ ସାର୍ଥକ ମନେକରନ୍ତି ?

**ଦେବଦାସ ଛୋଟରାୟ:** ମୁଁ ଏ ଦୁଇଟି ମଧ୍ୟରେ କୌଣସି ପ୍ରଭେଦ କେବେହେଲେ ଦେଖିନାହିଁ। କବିତା ଓ ଗୀତ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଗୀତସବୁ ଲେଖି ବବ୍ ଡିଲାନ୍ ସାହିତ୍ୟ ପାଇଁ ନୋବେଲ୍ ପୁରସ୍କାର ପାଇଲେ। ସେ କେବଳ ଗୀତ ଲେଖୁଥିଲେ। କିନ୍ତୁ ସେଇ ଗୀତ ଲେଖିଲେଖି ଅକ୍ଷୟ ମହାନ୍ତି ଲୋକଙ୍କ ହୃଦୟରେ ତ ସ୍ଥାନ ପାଇଲେ, ଅବଶ୍ୟ କୌଣସି ସାହିତ୍ୟିକ ସମ୍ମାନ ପାଇଲେନାହିଁ। କାରଣ ଏଠାରେ ଯେଉଁ ସାହିତ୍ୟିକ ଏଷ୍ଟାବ୍ଲିସମେଣ୍ଟ ଅଛି, ସେମାନେ ଭାବନ୍ତି ଯେ ଗୀତଟା କିଛି ନୁହଁ। ବହୁତ ପରେ ପତ୍ରପତ୍ରିକାମାନଙ୍କରେ ଗୀତିକବିତା ବୋଲି ଗୋଟିଏ ବିଭାଗ ଯୋଡା ହେଲା। ଆରେ ! କବିତା କ'ଣ ? ଗୀତି କବିତା କ'ଣ ? ?

**ସାହିତ୍ୟ ଚର୍ଚ୍ଚା:** ଆମେ ସାଧାରଣତଃ ଭାବୁ ଯେ ଯେଉଁ କବିତାକୁ ସ୍ୱରବଦ୍ଧ କରି ଗାୟନ କରିହେବ, ହୁଏତ ତାହା ଗୀତି କବିତା।

**ଦେବଦାସ ଛୋଟରାୟ:** କଥା ହେଉଛି, ଆମର ରାପ୍ ମ୍ୟୁଜିକ୍ ବୋଲି ଗୋଟିଏ ସଂଗୀତ-କଳା ଅଛି। ଅକ୍ଷୟ ମହାନ୍ତି ବହୁତ ଦିନ ତଳେ ରାପ୍ ମ୍ୟୁଜିକ୍ କରିଥିଲେ। ସେମିତି ମୋ'ର ବି ଗୋଟିଏ ଗୀତ ସେ ଗାଉଥିଲେ, 'ଯିବାକୁ ହେବ/ ଅନେକ ଦୂର/ ଛାଡି ଏ ଘର/ ଏଇ ସହର/ ଏ ଲୋକବାକ/ ଯିବାକୁ ହେବ ...।' ଏଇଟା କ'ଣ କବିତା, ନା ଗୀତ ? ପଢ଼ିଲେ କବିତା, ଉଚ୍ଚାରଣ କଲେ ଗୀତ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସାହିତ୍ୟରେ ଅଳକା ସାନ୍ୟାଲ୍ ଗୋଟିଏ ଚର୍ଚ୍ଚିତ ଚରିତ୍ର। ସେହିଭଳି ଆପଣଙ୍କ ରଚନାରେ ଯେଉଁ 'ମଲ୍ଲିକା' ନାମଧାରିଣୀ ଜଣକ ବାରମ୍ବାର ପ୍ରତିଭାତ ହୁଅନ୍ତି, ତା'ଙ୍କ ପଛର ରହସ୍ୟ କ'ଣ ?

**ଦେବଦାସ ଛୋଟରାୟ:** ନିଜର ଭଲପାଇବା ପାଇଁ

ଲୋକଟିଏ ଗୋଟିଏ ପ୍ରତିମା ଖୋଜେ। ସେ ପ୍ରତିମାଟି ଯେକୌଣସି ବାଟରେ ଆସିପାରେ। ଅଳକା ସାନ୍ୟାଲ୍ ର କଥା ସଚ୍ଚି ବାବୁ ଲେଖିଥିଲେ। ତା' ପୂର୍ବରୁ ଜୀବନାନନ୍ଦ ଦାସ 'ବନଲତା ସେନ୍' ବୋଲି ଲେଖିଥିଲେ। କିନ୍ତୁ ନୀରା ବୋଲି ଗୋଟିଏ କାଳ୍ପନିକ ଝିଅକୁ ନେଇ ସୁନିଲ ଗଙ୍ଗୋପାଧ୍ୟାୟ ତା'ଙ୍କ ଜୀବନସାରା କବିତା ଲେଖିଥିଲେ। ମୁଁ ଭାବୁଛି ଯେ, ମୋ'ର ଅଜାଣତରେ ପ୍ରଭାବିତ ହୋଇଥିଲି ସୁନିଲ ଗଙ୍ଗୋପାଧ୍ୟାୟଙ୍କ 'ନୀରା' କବିତା ପଢି। ତାହାର ପରିଣାମରେ ମୁଁ ପ୍ରଥମେ ଲେଖିଲି ଏକ କବିତା ଯାହାର ଶୀର୍ଷକ ଥିଲା 'ଦୁଇ ମିନିଟ୍ ର ମଲ୍ଲିକା'। ଏଭଳି ଭାବରେ ମଲ୍ଲିକା ଚରିତ୍ରଟି ସୃଷ୍ଟି ହେଲା।




**ସାହିତ୍ୟ ଚର୍ଚ୍ଚା**: ତେଣୁ କ'ଣ କୁହାଯାଇପାରେ ଯେ ମଲ୍ଲିକା ହେଉଛି ଆପଣଙ୍କର କାବ୍ୟ-ମାନସୀ !

**ଦେବଦାସ ଛୋଟରାୟ**: ନିଶ୍ଚୟ କୁହାଯାଇପାରେ। ମୋ'ର 'ମଲ୍ଲିକା' ବହିରେ ବି ମୁଁ ଲେଖିଛି ଯେ ତା'ର ଟେଲିଫୋନ୍ ନମ୍ବର ମୋ ପାଖରେ ନାହିଁ; କିନ୍ତୁ ମୋ ଟେଲିଫୋନ୍ ରେ ଯାହାବି ଖବର ଆସେ ସବୁ ମଲ୍ଲିକା ଜାଣିପାରେ।

**ସାହିତ୍ୟ ଚର୍ଚ୍ଚା**: ଆପଣ ନିଜର ସଦ୍ୟ ପ୍ରକାଶିତ ରଚନା-ସମଗ୍ରର ନାମକରଣ କରିଛନ୍ତି, 'ହଳଦିଆ ଉଡାଜାହାଜ'। ଏହି ହଳଦିଆ ରଙ୍ଗଟି ପ୍ରତି ଆପଣଙ୍କର ଏତେ ମୋହ ବା ଦୁର୍ବଳତା କାହିଁକି ?

**ଦେବଦାସ ଛୋଟରାୟ**: ମୋ'ର ପ୍ରଥମ କବିତା-ବହି ବାହାରିଥିଲା, 'ନୀଳ ସରସ୍ୱତୀ'; ତା'ପରେ ଗୋଟିଏ ଗପ-ବହି ବାହାରିଲା, 'ଲାଲ୍ ମାଛ'। ମୋ' ଭିତରେ ଗୋଟିଏ ଇଚ୍ଛା ଥିଲା ଯେ ତିନୋଟି ରଙ୍ଗକୁ ନେଇ ଗୋଟିଏ 'କଲର୍ ଟ୍ରାଇଲୋଜି' କରିବି। ତେଣୁ ନୀଳ ଓ ଲାଲ୍ ପରେ, ଏବେ ହଳଦିଆ ରଙ୍ଗକୁ ନେଇ ବହିଟିଏ କଲି। ଅବଶ୍ୟ ଏଥିପାଇଁ ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଲାଗିଗଲା।

**ସାହିତ୍ୟ ଚର୍ଚ୍ଚା**: ବହିଟି ଆମେ ଦେଖିଛୁ। ଏଇଟି ଏକ ବିଚିତ୍ର ରକମର ସଂକଳନ। ଏଥିରେ ଅଛି ଆପଣଙ୍କ ନିଜର ସୃଷ୍ଟି, ଆପଣ ବାଛିଥିବା ଅନ୍ୟମାନଙ୍କର ସୃଷ୍ଟି, ଏବଂ ଆପଣଙ୍କ ସୃଷ୍ଟି ବିଷୟରେ ଅନ୍ୟମାନଙ୍କର ଅଭିମତ - ଏମିତି ଗୋଳିଆ ମିଶା ବହୁକିଛି। ପରିବେଷଣର ଏହି ଅନନ୍ୟତା ପାଇଁ ବହିଟି ପାଠକଙ୍କୁ ଆକୃଷ୍ଟ କରିବାର କ୍ଷମତା ରଖେ।

**ଦେବଦାସ ଛୋଟରାୟ**: ଯଦି ଆପଣଙ୍କୁ ଏହା ଭଲ ଲାଗିଲା, ତେବେ ତ ଜାଣିଲି ଯେ ମୋ' ପ୍ରଚେଷ୍ଟା ସଫଳ ହେଲା।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କର ଗୀତ ହେଉ ବା କବିତା, ତାହା ପ୍ରେମ ଆଉ ରୋମାଂସ୍ ସହିତ କେଉଁ ନା କେଉଁ ବାଟେ ଜଡିତ। ଏମିତିକି ଆପଣଙ୍କୁ ଲକ୍ଷ୍ୟକରି କବି ଫନୀ ମହାନ୍ତିଙ୍କୁ ଥରେ ଲେଖିବାକୁ ପଡିଲା, 'ସାରା ରାତି ଗୀତ ଲେଖ ପଛେ, ତୁମେ ଆଉ ପ୍ରେମ କରନା ଦେବଦାସ।' ସତରେ ପ୍ରେମ ବିନା କ'ଣ ଆପଣଙ୍କର ସର୍ଜନା ଅପୂର୍ଣ୍ଣ ?

**ଦେବଦାସ ଛୋଟରାୟ**: ଥରେ ମନୋଜ ଦାସ ନିଜ ଗୋଟିଏ ଭାଷଣରେ କହିଥିଲେ ଯେ, ମୃତ୍ୟୁର ଅପର ପାର୍ଶ୍ୱ ହେଲା ପ୍ରେମ। ଯାହାକୁ ଆମେ ଜୀବନ କହୁ, ସେଇଟା ଯଦି ପ୍ରେମ ନ ହୋଇଥିବ ତାହେଲେ ସେଇଟା ମୃତ୍ୟୁର ବିପରୀତ ନୁହଁ। ଅତଏବ ଲେଖିଲାବେଳେ, ସେ ଗପ ହେଉ ଅବା କବିତା, ସେଥିରେ ପ୍ରେମ ହିଁ ସିଂହଭାଗ ନେଇଥାଏ। ଆରମ୍ଭରୁ ମୁଁ ଯାହା ଲେଖିଛି, ସେଥିରେ ଯଦି ସେଥିରେ ପ୍ରେମ ବେଶୀ ପରିସ୍ଫୁଟ ହେଉଛି ତେବେ ସେଇଟା ହିଁ ମୋ'ର ଲେଖିବାର ମୁଖ୍ୟ ଭାଗ। ଅନେକ ସମୟରେ ଲୋକେ ମୋତେ କହନ୍ତି ଯେ ଲେଖାଲେଖିରେ ମୁଁ ମୋର କୈଶୋରକୁ ଟପିପାରିନି।

**ସାହିତ୍ୟ ଚର୍ଚ୍ଚା**: ଏମିତି କାହିଁକି ?

**ଦେବଦାସ ଛୋଟରାୟ**: କମ୍ ବୟସର ଚିନ୍ତାଧାରା ମୋତେ ଭଲ ଲାଗେ।

**ସାହିତ୍ୟ ଚର୍ଚ୍ଚା**: ଏହା ଆପଣଙ୍କ ଚିର କୈଶୋରର ସଂକେତ !

**ଦେବଦାସ ଛୋଟରାୟ**: ମୁଁ ଭାବୁଛି, ବୋଧହୁଏ ତାହା। ମୋ ମାନସିକତା ସେଇ କୈଶୋର ଭିତରେ ଅଟକିଯାଇଛି, କହିପାରନ୍ତି ଯେ ସେଇଟା ଅଛି ମୋ ଚରିତ୍ରରେ ବା ମୋ' ଜିନ୍ସ ଭିତରେ ବି।

**ସାହିତ୍ୟ ଚର୍ଚ୍ଚା**: ମୌଳିକ କବିତା ବ୍ୟତୀତ,କିଛି ବିଦେଶୀ ଭାଷାର କବିତାକୁ ମଧ୍ୟ ଓଡ଼ିଆ ଭାଷାରେ ଅନୁବାଦ କରିବାରେ ଆପଣ ଦକ୍ଷତା ଦେଖାଇଛନ୍ତି। ମନକୁ ଆସେ, ଆପଣଙ୍କ ଅନୁବାଦିତ ସିଲ୍ଭାନିଆ ପ୍ଲାଥ୍ ଙ୍କ ଗୋଟିଏ ଧାଡ଼ି, 'ମୁଁ ଆଖି ବନ୍ଦ କରେ/ ଆଉ ଚଟ୍ କରି ମରିଯାଏ ଏ ପୃଥିବୀ ...।' ସତରେ କ'ଣ ଏମିତି ଏକ ପଳାୟନବାଦ ଉଙ୍କିମାରେ ଆପଣଙ୍କ ଅବବୋଧରେ ?

**ଦେବଦାସ ଛୋଟରାୟ**: ନା, ନା ଏଇଟା ପଳାୟନବାଦର ସଂକେତ ନୁହଁ, ବରଂ ସେଇ ଧାଡ଼ିଟି ଜଣେ ପାଗଳିନୀର ପ୍ରଳାପ ଉପରେ ପର୍ଯ୍ୟବେସିତ।

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ ଜୀବନ ସହ ତିନୋଟି କଥା ଅଙ୍ଗାଙ୍ଗୀ ଭାବରେ ଜଡିତ। ସେଗୁଡିକ ହେଲା, କଟକ, ଅକ୍ଷୟ ଓ ରେଭେନ୍ସା। ଏ ତିନୋଟି ବିନା ଆପଣ ଅପୂର୍ଣ୍ଣ ମନେହୁଅନ୍ତି। କାହିଁକି ?

**ଦେବଦାସ ଛୋଟରାୟ**: ଆଉ ଗୋଟିଏ ବି ଅଛି, ସବୁରି ପଛରେ, ସବୁଠୁଁ ମହିମାମୟ; ସେଇଟା ହେଲା ମୋ ବୋଉ, ଯାହା ବିଷୟରେ ମୁଁ ବିଶେଷ ଲେଖିନାହିଁ। ସେଇଟା ମୋ'ର ଗୋଟିଏ ନିଭୃତ, ପାରିବାରିକ, ଗୋପନ ଅଂଶ। ମୋ ବୋଉଠାରୁ ମୁଁ ଭାଷା ଶିଖିଛି। ଅତଏବ ମୋ ଭାଷାର ଅଧିକାଂଶ ମୋ ବୋଉର ଭାଷା। ତା' ସହିତ ମିଶିଛି କଟକ ସହରର ଭାଷା।

**ସାହିତ୍ୟ ଚର୍ଚ୍ଚା**: କଟକିଆ ସଂସ୍କୃତି ସହିତ ଆପଣ କେମିତି ଛନ୍ଦି ହୋଇଗଲେ ?

**ଦେବଦାସ ଛୋଟରାୟ**: ମୁଁ ତ ତିଆରି କଟକରେ। କଟକ ସହିତ ମୋ'ର ନିବିଡ଼ତା ଅଛି। ମୁଁ ଯେତେବେଳେ ବାହାରକୁ ଯାଏ, କିଏ ମୋତେ ପଚାରିଲେ ନିଜର ପରିଚୟ ଦେଇ କହେ ଯେ ମୁଁ ହେଉଛି କଟକର ଲୋକ।

**ସାହିତ୍ୟ ଚର୍ଚ୍ଚା**: ଅକ୍ଷୟ ମହାନ୍ତିଙ୍କ ବିଷୟରେ କ'ଣ କହିବେ ?

**ଦେବଦାସ ଛୋଟରାୟ**: ଗୋଟିଏ କୁମ୍ଭାର ଯେମିତି ମାଟିକୁ ଦଳି-ଚକଟି ପାତ୍ରଟିଏ ତିଆରି କରେ, ସେମିତି ଅକ୍ଷୟ ମୋତେ ତିଆରି କରିଯାଇଛନ୍ତି। ଆଜି ପର୍ଯ୍ୟନ୍ତ ମୋ' ଉପରେ ତାଙ୍କର ପ୍ରଭାବ ଟିକିଏ ବି କମ୍ ହୋଇନାହିଁ। ମୁଁ ଯାହା ଲେଖେ ଓ ଭାବେ, ସବୁଥିରେ ଅକ୍ଷୟ ମହାନ୍ତି ଥାଆନ୍ତି, ମନ ଭିତରେ।

**ସାହିତ୍ୟ ଚର୍ଚ୍ଚା**: ଆଉ ରେଭେନ୍ସା !

**ଦେବଦାସ ଛୋଟରାୟ**: ମୋ ଜୀବନର କୌଣସି ଅନୁଷ୍ଠାନକୁ ଏତେ ଘନିଷ୍ଠ ଭାବରେ ଯଦି ମୁଁ ଭଲପାଇଛି, ତେବେ ସେ ହେଉଛି ରେଭେନ୍ସା। ମୋ'ର ମୂଳଦୁଆ ପଡିଥିଲା ସେଇ ପ୍ରଥମ ତିନି ବର୍ଷ ମୁଁ ରେଭେନ୍ସାରେ ପଢିବା ଭିତରେ।

**ଗୋଟିଏ କୁମ୍ଭାର ଯେମିତି ମାଟିକୁ ଦଳି-ଚକଟି ପାତ୍ରଟିଏ ତିଆରି କରେ, ସେମିତି ଅକ୍ଷୟ ମୋତେ ତିଆରି କରିଯାଇଛନ୍ତି।**

**ସାହିତ୍ୟ ଚର୍ଚ୍ଚା**: ଆପଣଙ୍କ ପରବର୍ତ୍ତୀ ପିଢ଼ି, ଅର୍ଥାତ୍ ଆଜିକାର ଗୀତିକାରମାନେ ସିନେମା ବା ଆଲବମ୍ ପାଇଁ ଯେଉଁ ଗୀତସବୁ ଲେଖୁଛନ୍ତି, ସେଥିରେ ମୁଲ୍ୟବୋଧର କିଛି ସ୍ଖଳନ ଆପଣ ଦେଖିପାରୁଛନ୍ତି କି ?

**ଦେବଦାସ ଛୋଟରାୟ**: ମୂଲ୍ୟବୋଧର ସ୍ଖଳନ ମୁଁ ସେତେ ଦେଖୁନାହିଁ। ସେମାନେ ସେହି ଭଲ ପାଇବା ଓ ବିଚ୍ଛେଦ ବିଷୟରେ ଲେଖୁଛନ୍ତି, ବା ମଣିଷ ସମ୍ପର୍କର ସେହି ଶଠତା ଓ ପ୍ରବଞ୍ଚନା ବିଷୟରେ ଲେଖୁଛନ୍ତି। କିନ୍ତୁ ସେମାନଙ୍କ ଲେଖାର ମାନ ଆଶାଜନକ ହୋଇପାରୁନାହିଁ। ଏହାର କାରଣଟି ହେଲା, କୌଣସି ଘଟଣାକୁ ଆତ୍ମସ୍ଥ କରିବା ପାଇଁ ସେମାନଙ୍କ ମଧ୍ୟରେ ବୋଧଶକ୍ତିର ଅଭାବ। ସେଥିରେ ମୂଲ୍ୟବୋଧ-ହୀନତା ଅପେକ୍ଷା ଅର୍ଥ-ହୀନତା ମୁଁ ବେଶୀ ଲକ୍ଷ୍ୟ କରୁଛି।

**ସାହିତ୍ୟ ଚର୍ଚ୍ଚା**:ଆଜିର ଏହି ସହୃଦୟ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□


ପ୍ରବନ୍ଧ

# ଏକ ଭିନ୍ନ ଦୃଷ୍ଟିରେ କଳାହାଣ୍ଡିର ଲୋକକଥା



ଡ. ଦୋଳଗୋବିନ୍ଦ ବିଶୀ

ଆଦିମ ମଣିଷ ଆପଣାର ସ୍ୱାଭାବିକ ଜିଜ୍ଞାସାବୋଧରୁ ବିଶ୍ୱ ରହସ୍ୟକୁ ବ୍ୟାଖ୍ୟା କରିବା ପାଇଁ ଯେଉଁ ଆଦିମ-ବୌଦ୍ଧିକ ପ୍ରଚେଷ୍ଟା ଚଳାଇଥିଲା, ତହିଁରୁ ସୃଷ୍ଟି ହୋଇଥିଲା ପୁରାକଥା ବା 'ମିଥ୍'। ପ୍ରଥମ ପର୍ଯ୍ୟାୟରେ ମିଥ୍‌ଗୁଡ଼ିକର ପ୍ରତ୍ନରୂପ ସୃଷ୍ଟି ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ 'ବିକଶିତ ମିଥ୍'ଗୁଡ଼ିକର ସୃଷ୍ଟି ହୋଇଥିଲା। ମିଥ୍ ହେଉଛି ଗଳ୍ପ ବିଷୟକ ସମସ୍ତ ପ୍ରକାର ଲୋକମୌଖିକ କଳାର ପ୍ରାଚୀନ ରୂପ। ଲୋକସାହିତ୍ୟର ଗବେଷକମାନେ ମିଥ୍‌ରୁ ଲୋକ କଥା ଓ ଲୋକକଥାରୁ କିମ୍ବଦନ୍ତୀର ବିକାଶ ହୋଇଥିବା ସ୍ୱୀକାର କରନ୍ତି। କେତେକ ଲୋକସଂସ୍କୃତିବିଦ୍ କେବଳ ଲୋକକାହାଣୀ ବା 'କଥାନି'କୁ ହିଁ ଲୋକକଥା ବୋଲି ଗ୍ରହଣ କରନ୍ତି- ଏମାନଙ୍କ ମତରେ ମିଥ୍, ଲୋକକଥା ଓ କିମ୍ବଦନ୍ତୀ ଆଦି ହେଉଛି ଲୋକ ସାହିତ୍ୟର ଭିନ୍ନ ଭିନ୍ନ ରୂପ। ଯା' ଉପରେ ବିଶେଷଜ୍ଞମାନେ ବହୁ ପ୍ରକାର ଆଲୋଚନା କରିଥିଲେ ହେଁ ସାଧାରଣତଃ ସୃଷ୍ଟିକଥା, ଧର୍ମଗାଥା ଓ ସଂସ୍କୃତିତତ୍ତ୍ୱ କଥା ଆଦିକୁ ମିଥ୍, ଲୋକଶିକ୍ଷାଧର୍ମୀ ବିନୋଦ ଗପ ବା କାହାଣୀକୁ ଲୋକ କଥା ଓ ଐତିହାସିକ ତଥ୍ୟଥିବା ବା ଇତିହାସ ପରି ଲାଗୁଥିବା ଶ୍ରୁତିକଥାକୁ କିମ୍ବଦନ୍ତୀ ଭାବରେ ଗ୍ରହଣ କରିଛନ୍ତି। କିମ୍ବଦନ୍ତୀକୁ କଥାରେ ନ କହି ଗୀତରେ ପରିବେଷଣ କଲେ ତାହା ଗାଥା ହୁଏ। ଏ ସକଳ ପ୍ରକାଶଶୈଳୀ ଦୃଷ୍ଟିରୁ ଭିନ୍ନବୋଧ ହେଉଥିଲେ ହେଁ ଆତ୍ମା ଦୃଷ୍ଟିରୁ ଗୋଟିଏ ଓ ସେହି ଆତ୍ମାଟି ହେଉଛି 'କଥାଭାଗ'। ନିର୍ଦ୍ଦିଷ୍ଟ 'କଥାଭାଗ'କୁ ଅବଲମ୍ବନ କରି ଏଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ଏହି ଦୃଷ୍ଟିରୁ ମିଥ୍ ଓ କିମ୍ବଦନ୍ତୀକୁ ଲୋକକଥା ଭାବରେ ଗ୍ରହଣ କରିବାରେ ଆପତ୍ତି ନ ରହିବା ଉଚିତ। ଏହି ଯଥାର୍ଥତାକୁ ସ୍ୱୀକାର କରି ଲୋକ ସାହିତ୍ୟ ବିଜ୍ଞାନର ପ୍ରସିଦ୍ଧ ବିଦ୍ୱାନ ଡକ୍ଟର ସତ୍ୟେନ୍ଦ୍ର କଥାତ୍ମକରୂପ କ୍ରମରେ ଧର୍ମଗାଥା, ପରୀକଥା, ଅବଦାନ, ଲୋକ କାହାଣୀ, ତନ୍ତ୍ରାଖ୍ୟାନ ଓ ଲୋକଗାଥାକୁ ଗ୍ରହଣ କରିଛନ୍ତି। ଲୋକସାହିତ୍ୟର ଗଦ୍ୟ, ପଦ୍ୟ ଓ ଗଦ୍ୟ-ପଦ୍ୟାତ୍ମକ ସମସ୍ତ ରୂପର ପ୍ରାୟ ଶତକଡ଼ା ନବେ ଭାଗ ଆତ୍ମା ହେଉଛି କଥା ବା କଥାନି ବା କାହାଣୀ। ଗଦ୍ୟରେ ହେଉ ବା ପଦ୍ୟରେ ହେଉ, କାହାଣୀ ଶୁଣାଇବା ଉଦ୍ଦେଶ୍ୟରେ ହିଁ ଅଧିକାଂଶ ଲୋକସାହିତ୍ୟର ସୃଷ୍ଟି।



**ଲୋକଧାରା**

'ଲୋକମାନେ' ଲୋକାୟତନ ମଧ୍ୟରେ ଲୋକଧାରା ବା ଲୋକବିଦ୍ୟାକୁ ଯେପରି ଭାବରେ ପ୍ରୟୋଗ କରନ୍ତି, ତାକୁ ହିଁ ଦୃଷ୍ଟିରେ ରଖି ଗଣଗ୍ରାହ୍ୟ ଭାବେ ତା'ର ନାମ ଦେଇଥାନ୍ତି। କଳାହାଣ୍ଡିର ଲୋକମୌଖିକ ପରମ୍ପରାରେ ପ୍ରଚଳିତ ମିଥ୍, କିମ୍ବଦନ୍ତୀ, ଗାଥା, ଲୋକପୁରାଣ, ଜାତିପୁରାଣ, ସିଡ଼ି, ଗାଭା, ଲୋକକାବ୍ୟ, ଲଘୁକଥା ଆଦି ଲୋକସାହିତ୍ୟର ବହୁ ବିଭାବ ଲୋକ ସମାଜରେ 'କଥା' ଭାବରେ ହିଁ ଗୃହୀତ। କଳାହାଣ୍ଡିର ଲୋକାୟତନରେ 'କଥା' ଏକ ଜନସ୍ୱୀକୃତ ପରିଭାଷା। କଥା ପୁଣି କଥା, କଥାନି, କୁହୁନି ଓ କୋଏନି ନାମରେ ଉଚ୍ଚାରିତ ହୁଏ। ଶ୍ରୋତାମାନେ କଥକ ଓ ଗାୟକମାନଙ୍କଠାରୁ ଯାହାବି ଶୁଣିବାକୁ ଇଚ୍ଛାକଲେ "ସେ ଅମ୍‌କା କଥା ଧରା/ମୁହ୍‌ଲ୍ କର" ବୋଲି ଅନୁରୋଧ ଜଣାଇଥାନ୍ତି। ଏ' ତ ଗଳ୍ପ ବିଷୟକ ଲୋକସାହିତ୍ୟ ଓ ବର୍ଣ୍ଣନାତ୍ମକ ମୌଖିକକଳାର କଥା-ଯାହାକୁ 'କଥା' ନାମରେ ନାମିତ କରିବା ଅତି ସ୍ୱାଭାବିକ। ଅଧିକନ୍ତୁ କଳାହାଣ୍ଡିର ଲୋକସମାଜରେ "ଆନୁଷ୍ଠାନିକ ବିଧିବିଧାନ ଆଦିର ବର୍ଣ୍ଣନା ବା ସୂଚନା, ଉପଚାର ବିଧି ଓ

ଲୋକସମ୍ବାଦ ଆଦିକୁ ମଧ୍ୟ 'କଥା' ନାମରେ ପ୍ରକାଶ କରାଯାଇଥାଏ। ଏସବୁ ଦୃଷ୍ଟିରୁ କଳାହାଣ୍ଡିର ଲୋକକଥା ସମ୍ପର୍କରେ ଚର୍ଚ୍ଚା କଲାବେଳେ ପାଶ୍ଚାତ୍ୟ ମତକୁ ଅନୁସରଣ କରି କେବଳ 'ଫୋକ୍‌ଟେଲ୍' ମଧ୍ୟରେ ସୀମିତ ରହିବା ଉଚିତ୍ ହେବନାହିଁ। ଗଳ୍ପ ବିଷୟକ ଲୋକସାହିତ୍ୟର ସମସ୍ତ ବିଭାବ ବା କଥାତ୍ମକ ରୂପକୁ ଲୋକ କଥା ଭାବରେ ଗ୍ରହଣ କଲେ ତାହା ହିଁ ଯଥାର୍ଥ ହେବ, ଓଷାକଥା ବା ବ୍ରତ କଥା ନାମରେ ମିଳୁଥିବା ଗୀତଗୁଡ଼ିକ ମଧ୍ୟ ଲୋକକଥା ଶୃଙ୍ଖଳାର ଏକ ବିଶିଷ୍ଟ ଅଙ୍ଗ-ସେ ସବୁକୁ ଆମେ ବାଦ ଦେଇ ପାରିବା ନାହିଁ।

ବିଶ୍ୱର ଅନେକ ଦେଶରେ ଥିବା ବହୁ ମହାକାବ୍ୟ ଓ ପୁରାଣ ସେହି ସେହି ଦେଶର ଲୋକକଥା / ପୁରାକଥା ଦ୍ୱାରା ପ୍ରଭାବିତ। ବୈଦିକ-ସାହିତ୍ୟ ଓ ଉତ୍ତର-ବୈଦିକ ସାହିତ୍ୟରେ ଲୋକକଥାଧର୍ମୀ ବହୁ ଆଖ୍ୟାନ ରହିଛି। ପ୍ରାଚୀନ ଭାରତୀୟ କଥାସାହିତ୍ୟ ଅନ୍ତର୍ଗତ ପଞ୍ଚତନ୍ତ୍ର, ହିତୋପଦେଶ, କଥାସରିତ ସାଗର, ଶୁକସପ୍ତତି, ଦ୍ୱାତ୍ରିଂଶ ପୁତ୍ତଳିକା ଓ ବେତାଳ ପଞ୍ଚବିଂଶତି ଆଦିକୁ ଭାରତୀୟ ଲୋକକଥାର ଶୃଙ୍ଖଳିତ ଓ ସମ୍ପାଦିତ ରଚନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଲି-ପ୍ରାକୃତ ଓ ଅପଭ୍ରଂଶ ଭାଷାର ବିଶାଳ ସାହିତ୍ୟ-ସାଗର ମଧ୍ୟରେ ଯେଉଁ କଥାସାହିତ୍ୟ, ଆଖ୍ୟାୟିକା-ସାହିତ୍ୟ, ଚରିତ-ସାହିତ୍ୟ ଓ ଅବଦାନ-ସାହିତ୍ୟ ଆଦି ଦେଖିବାକୁ ମିଳେ ସେ ସମସ୍ତ ଧର୍ମୋପଦେଶ ଓ ଲୋକଶିକ୍ଷା ମୂଳକ ଲୋକକଥାଗୁଡ଼ିକର ହିଁ ବିଦଗ୍ଧ ରୂପ। ଲୋକକଥାର ବୈଶିଷ୍ଟ୍ୟ ଏଗୁଡ଼ିକରେ ପ୍ରତିଫଳିତ। (ଦୃଷ୍ଟାନ୍ତ- ବଡ୍ଡକହା ବା ବୃହତ କଥା) ଭାରତୀୟ ସାହିତ୍ୟ ସବୁ ଯୁଗରେ ହିଦଲୌକିକ ବିଷୟ ଉପରେ ଗୁରୁତ୍ୱ ଦେଇ ଆସିଥିବାରୁ ଏହା ଲୋକଧାରାରୁ ବିଚ୍ୟୁତ ହୋଇପାରିନାହିଁ। ବରଂ ଲୋକଧାରାକୁ ଆଶ୍ରୟ କରି ବିକଶିତ ହୋଇଛି। ଆମ ବିଦଗ୍ଧ-ଧାରା ଲୋକଧାରା ଦ୍ୱାରା ପୁଷ୍ଟ ଓ ପ୍ରଭାବିତ ହୋଇ କେତେକାଂଶରେ ପରବର୍ତ୍ତୀ ଲୋକଧାରାକୁ ମଧ୍ୟ ପ୍ରଭାବିତ କରିଛି। ଏହି ଦୃଷ୍ଟିରୁ ମୌଖିକ ପରମ୍ପରାର ଲୋକକଥା ଓ ଲିଖିତ କଥାସାହିତ୍ୟ ମଧ୍ୟରେ ଆମେ ବହୁ ସାମଞ୍ଜସ୍ୟ ଦେଖିବାକୁ ପାଉ। ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ କଥା ସାହିତ୍ୟର ବହୁ ବିଷୟ/ ଆଖ୍ୟାନ ସହିତ କଳାହାଣ୍ଡିର ଲୋକକଥାଗୁଡ଼ିକର ସାମ୍ୟତା ରହିଛି। ଇତିହାସର କେଉଁ କାଳରେ କିପରି ଭାବରେ କିଏ କାହାକୁ ପ୍ରଭାବିତ କରିପାରିଛନ୍ତି- ତାହା ଗଭୀର ଗବେଷଣାର ବିଷୟ। ଆଞ୍ଚଳିକ ପରମ୍ପରା ଓ ମହାନ ପରମ୍ପରାର ପୃଷ୍ଠଭୂମିରେ କଳାହାଣ୍ଡିର ସାମାଜିକ ଓ ଧର୍ମ ସାଂସ୍କୃତିକ ଇତିହାସ ସଙ୍ଗେ ଭାରତୀୟ ପ୍ରାଚୀନ ଇତିହାସକୁ ଅଧ୍ୟୟନ କରି ଦେଖିଲେ ଏଇ ଲୋକକଥାର ଘେନାଘେନି ଭାବ ସହଜରେ ଜଣାପଡ଼ିବ।

**ଆମ ବିଦଗ୍ଧ-ଧାରା ଲୋକଧାରା ଦ୍ୱାରା ପୁଷ୍ଟ ଓ ପ୍ରଭାବିତ ହୋଇ କେତେକାଂଶରେ ପରବର୍ତ୍ତୀ ଲୋକଧାରାକୁ ମଧ୍ୟ ପ୍ରଭାବିତ କରିଛି।**

**ବିଶ୍ୱଜନୀନତା**


ଲୋକକଥାର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏହାର ବିଶ୍ୱଜନୀନତା। କୌଣସି ଗୋଟିଏ ଲୋକକଥା ବା ଏହାର ସଂରଚନାତ୍ମକ ଉପାଦାନ ଏକ ସୀମିତ ଅଞ୍ଚଳରେ ଆବଦ୍ଧ ହୋଇ ରହେ ନାହିଁ। ପ୍ରଜାତି, ଭାଷା ଓ ଆଞ୍ଚଳିକତାର ବାଡ଼ ଡେଇଁ ଲୋକକଥା ବିଶ୍ୱ ପରିଭ୍ରମଣ ପାଇଁ ବାହାରିପଡ଼େ। ପୃଥିବୀର ସମସ୍ତ ଦେଶର ଲୋକକାହାଣୀ ମଧ୍ୟରେ ଭାବଗତ ଓ ରୂପଗତ କ୍ଷେତ୍ରରେ ଅନ୍ତରଙ୍ଗ ସମଧର୍ମିତା ଲକ୍ଷ୍ୟ କରାଯାଇଥାଏ। ଏହି ସମଧର୍ମିତା ବା ସାଧାରଣ ଐକ୍ୟର ମୂଳଉତ୍ସ ନିରୂପଣ କରିବାକୁ ଯାଇ ଲୋକସଂସ୍କୃତିବିଦ୍‌ମାନେ ଦୁଇ ପ୍ରକାର ମତ ଦିଅନ୍ତି:-

ପ୍ରଥମ ମତଟି ବିସ୍ମରଣବାଦୀ ସିଦ୍ଧାନ୍ତ ଉପରେ ଆଧାରିତ ହୋଇଥିବାବେଳେ ଦ୍ୱିତୀୟ ମତଟି ମାନବବିଜ୍ଞାନୀ ସିଦ୍ଧାନ୍ତ ଉପରେ ଆଧାରିତ। ଲୋକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ବିଶ୍ୱ-ପ୍ରତିଷ୍ଠା ଅର୍ଜନ କରିଥିବା ଧର୍ମଗାଥା ସମ୍ପ୍ରଦାୟ ବା ଭାରତୀୟ ସମ୍ପ୍ରଦାୟଙ୍କ ମତରେ ଲୋକକଥା ବା କାହାଣୀଗୁଡ଼ିକର ମୂଳ ସୃଷ୍ଟି ପ୍ରଥମେ ଭାରତରେ ହୋଇଥିଲା ଓ ପରବର୍ତ୍ତୀ ସମୟରେ ସେଗୁଡ଼ିକ ପାଶ୍ଚାତ୍ୟ ଗୋଲାର୍ଦ୍ଧକୁ ଯାଇଥିଲା। ଭାରତର ଯେଉଁ ଅଞ୍ଚଳମାନଙ୍କରେ ପ୍ରାଗୈତିହାସିକ ଜନବସତିମାନ ଗଢ଼ି ଉଠିଥିଲା, ସେହି ସ୍ଥାନମାନଙ୍କରେ ଲୋକକଥାଗୁଡ଼ିକର ମୂଳରୂପ ଉନ୍ମେଷ ହୋଇଥିବା ଅଧିକ ସମ୍ଭବ। କଳାହାଣ୍ଡିର ବହୁ ସ୍ଥାନରେ ପ୍ରାଗୈତିହାସିକ ଜନବସତି ଗଢ଼ି ଉଠିଥିବାର କଥା ଐତିହାସିକ ଓ ନୃତତ୍ତ୍ୱବିଦ୍‌ମାନେ ସ୍ୱୀକାର କରନ୍ତି। ବିଶ୍ୱ ରହସ୍ୟକୁ ବ୍ୟାଖ୍ୟା କରିବାର ମାନସିକତାକୁ ନେଇ କଳାହାଣ୍ଡିର ପ୍ରାଗୈତିହାସିକ ମାନବ ନିଶ୍ଚୟ ଅନେକ ଲୋକକଥାର ପ୍ରନ୍-

ରୂପକୁ ଜନ୍ମଦେଇଥିବ। ସାର୍ବଜନୀନ ସମରୂପତା ମଧ୍ୟରୁ କେଉଁକେଉଁ ମିଥ୍ ବା କଥା କଳାହାଣ୍ଡିର ମୌଳିକ ସମ୍ପଦ ତାହା ବର୍ତ୍ତମାନ ନିର୍ଣ୍ଣୟ କରିବା କଷ୍ଟକର ହେଲେ ହେଁ, ଏହି ମୌଳିକତା ଯେ ଏହି ମାଟିର ଆଦିବାସୀ ସମାଜରେ ପ୍ରଚଳିତ ମିଥ୍ / କଥାଗୁଡ଼ିକରେ ରହିଛି, ଏଥିରେ ସନ୍ଦେହନାହିଁ।

## ନିଜସ୍ୱ ପ୍ରକାର ଭେଦ

ବିଷୟ, ବୈଶିଷ୍ଟ୍ୟ ଓ ଶୈଳୀ ଆଧାରରେ କଳାହାଣ୍ଡିର ଲୋକକଥାଗୁଡ଼ିକର ଏକ ନିଜସ୍ୱ ପ୍ରକାର ଭେଦ ରହିଛି। ଏ ଦିଗରେ ବିଭିନ୍ନ ପ୍ରକାର ନାମକରଣର ଯଥାର୍ଥତା ଲୋକଦୃଷ୍ଟି ଓ ଲୋକମାନସର ସଠିକତାକୁ ଯୁକ୍ତିଯୁକ୍ତ ବୋଲି ସମର୍ଥନ ଯୋଗାଇଥାଏ। ପ୍ରକାର ଭେଦ କ୍ରମରେ କଳାହାଣ୍ଡିର ଲୋକକଥାଗୁଡ଼ିକୁ ଦଶ ଭାଗରେ ବିଭକ୍ତ କରାଯାଇପାରିବ। ସେଗୁଡିକ ହେଉଛି-



୧) ମଥାନ୍‌କଥା- ସିଡ଼ି, ଶିରା, ଗାଭା ଆଦି ସୃଷ୍ଟିପୁରାଣ/ ଲୋକପୁରାଣ/ ଜାତିପୁରାଣ ଓ ଲୋକମହାକାବ୍ୟମାନ ମଥାନକଥାର ଅନ୍ତର୍ଗତ।

୨) ଉପସନ୍‌କଥା- ଜୀବ, ଉଦ୍ଭିଦ ଓ ପଦାର୍ଥ/ବସ୍ତୁ ସକଳର ସୃଷ୍ଟି ପ୍ରସଙ୍ଗ ବିଶେଷତଃ ମିଥ୍ ସମୂହ ଏହାର ଅନ୍ତର୍ଗତ। ମଥାନକଥାରେ ମଧ୍ୟ ଏହା ଥାଏ।

୩) ଧାନ୍ନାକଥା- ଦେବଦେବୀଙ୍କ ଧରାବତରଣ ଓ ଲୋକଶିକ୍ଷା ତଥା ଧର୍ମସ୍ଥାପନ ଉଦ୍ଦେଶ୍ୟରେ ବିଭିନ୍ନ ମାନବୋଚିତ ଲୀଳା ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବା ଗଳ୍ପ ବା ଗାଥା।

୪) ଖମନା- ଆରଣ୍ୟକ କାହାଣୀ ସମୂହ।

୫) ଯୁଗଳ- ପ୍ରଶ୍ନୋତ୍ତରୀ ବା ଓଗାଳ ଧର୍ମୀ (ବିଶେଷତଃ ଧନ୍ଦା ମୋଚନ ଧର୍ମୀ) ପଚାର ଉଚାର କଥା। ଲଘୁକଥା ଶୈଳୀ ଓ ଦୀର୍ଘ କାହାଣୀ ଶୈଳୀ-ଏପରି ଉଭୟ ଶୈଳୀରେ ଏହା ପ୍ରଚଳିତ।

୬) ଲବଜ-ଲୋକଶିକ୍ଷାମୂଳକ ସମୟୋପଯୋଗୀ ଲଘୁକଥା।

୭) ସାକି-ବଞ୍ଜାରା ଲୋକକଥା।

୮) କିମ୍ବଦନ୍ତୀ ବା ଜନଶ୍ରୁତିର ସ୍ଥାନୀୟ ପରିଭାଷା ସଠିକ ଜଣାପଡୁନାହିଁ। ତଥାପି 'କୁହୁନି' ନାମରେ ମିଳୁଥିବା କେତୋଟି ଲୋକକଥାର ସ୍ୱରୂପ କିମ୍ବଦନ୍ତୀ ହିଁ ଅଟେ।

୯) ଟୋବୋରୋଟୋ :- ଲବଜ ଧର୍ମୀ କିନ୍ତୁ ଛଳ-ଚତୁର ଲଘୁକଥା।

୧୦) ଲମକ୍ - ଦୀର୍ଘ କାହାଣୀ ବା କଥାନି 'ଲମକ୍' ନାମରେ ପରିଚିତ। ଲମାକଥାନି (ଦୀର୍ଘ କାହାଣୀ) ଅର୍ଥରେ ଲମକ୍ ନାମଟି ଯଥାର୍ଥ ବୋଧହୁଏ। ଲମକ୍ ବିଭିନ୍ନ ଶୈଳୀରେ ଉପଲବ୍ଧ ହୋଇଥାଏ। ଯଥା:-

କ) ଡଣାପଟିଆ- ଡଣାପଟିଆ ଲମକ୍‌ରେ କାହାଣୀର ଗତି ସରଳ ରୈଖିକ ହୋଇଥାଏ। ଅନ୍ୟୂନ ଦୁଇଟି ସରଳ ରୈଖିକ କାହାଣୀ ଏକ ସାଧାରଣ ବିନ୍ଦୁରେ ମିଳିତ ହୋଇ ଉପସଂହାର ଆଣିଥାନ୍ତି-ଠିକ୍ ଦୁଇଟି 'ଶଗଡ଼ଡ଼ଣା' ପରି।

ଖ) ଡେଲାବାଟିଆ- ଡେଲାବାଟିଆ 'ଲମକ୍'ରେ ଏକ ମୂଳ କାହାଣୀ ଆଗକୁ କିଛି ବାଟ ଗତିକରି ଯିବା ପରେ ପ୍ରସଙ୍ଗକୁ ଧରି ତହିଁରୁ ଦ୍ୱିତୀୟ କାହାଣୀଟିଏ ଆରମ୍ଭ ହୁଏ। ଦ୍ୱିତୀୟ କାହାଣୀକୁ ମୂଳ କରି ଗଳ୍ପ ଭାଗ ପୂର୍ବପରି କିଛିବାଟ ଗତିକରି ଯିବା ପରେ ସେଥିରୁ ତୃତୀୟ କାହାଣୀଟିଏ ଆରମ୍ଭ ହୁଏ। ଏପରି ମୂଳ କାହାଣୀର ସୂତ୍ରକୁ ଭିତ୍ତିକରି ଆଗକୁ ଆଗକୁ ଅନେକ ଶାଖା ପ୍ରଶାଖା କାହାଣୀମାନଙ୍କର ଆରମ୍ଭ ହୋଇ ଚାଲେ, ଯେପରି ଗୋଟିଏ ମଣିଷଚଲା ପଥରୁ ଆଗକୁ ଅନେକ ବାଟ ବାହାରି ବିଭିନ୍ନ ଆଡ଼କୁ ଯାଇଥାଏ, ଠିକ୍ ସେପରି।

ଗ) ଗୁମାଗୁପିଆ- ପରିଚ୍ଛେଦ କ୍ରମରେ ନାତିଦୀର୍ଘ ଭିନ୍ନ ଭିନ୍ନ 'ଲମକ୍' କହି ସାରିବା ପରେ ଶେଷ ଲମକ୍‌ରେ କଥକ ସମସ୍ତ 'ଲମକ୍'କୁ ସମ୍ବନ୍ଧିତ କରିଥାନ୍ତି। ଫଳରେ, ସାମଗ୍ରିକ ଭାବେ ଲମକଗୁଡ଼ିକ ମଧ୍ୟରେ ଥିବା ପୂର୍ବାପର ସମ୍ପର୍କ ସ୍ପଷ୍ଟ ହୋଇଥାଏ। ସମସ୍ତ ପରିଚ୍ଛେଦର ଆରମ୍ଭ ସହ ଉପସଂହାର ପର୍ଯ୍ୟାୟର ପୃଷ୍ଠଭୂମିକ ସମ୍ପର୍କ ରହିଥାଏ।

ଘ) ଛିଡ଼ାମୁନ୍ଦଲିଆ- ଏ ପ୍ରକାର 'ଲମକ୍' ରେ ଭିନ୍ନଭିନ୍ନ ଚରିତ୍ର 'କଥକ' ରୂପରେ ଭିନ୍ନ ଭିନ୍ନ ଲମକ୍ କହିଥାନ୍ତି। ପ୍ରଥମ ଚରିତ୍ର ନିଜ କଥାନିକୁ ଯେଉଁଠି ଶେଷ କରେ, ସେଇଠି ନିଜ ମତ ପ୍ରକାଶ କରିବାକୁ ଯାଇ ଦ୍ୱିତୀୟ ଚରିତ୍ର ଅନ୍ୟ ଏକ କଥାନି ଆରମ୍ଭ କରେ- ଏହା ଅନୁଭୂତି ବର୍ଣ୍ଣନା ବା ଦୃଷ୍ଟାନ୍ତ ଆଖ୍ୟାନ

ମୂଳକ ହୋଇଥାଏ। ଏପରି ସମସ୍ତଙ୍କ କଥା ଶେଷ ହେବା ପରେ ମୂଳ ସମସ୍ୟାର ସମାଧାନ ଉପରେ ବିଚାର କରାଯାଏ। ଜଣକର କଥାନି ଯେଉଁଠି 'ଛିଡ଼େ' ବା ଶେଷ ହୁଏ ଆର ଜଣକର କଥାନି ସେଇଠୁ 'ମୁନ୍ଦଲ' ବା ଆରମ୍ଭ ହେଉଥିବାରୁ ଏହାକୁ ଛିଡ଼ା ମୁନ୍ଦଲିଆ ଲମକ୍ କୁହାଯିବା ଯଥାର୍ଥ।

ଙ) ଆରାତୁମିଆଁ- ଏ ପ୍ରକାର 'ଲମକ୍'ରେ ବିଭିନ୍ନ ସୂତ୍ରରୁ ଏକାଧିକ କଥାନି ଆସି ଶେଷରେ ଗୋଟିଏ ବିନ୍ଦୁରେ ମିଳିତ ହୋଇଥାନ୍ତି ଠିକ୍ ଶଗଡ 'ଚକ'ର ତୁମିରେ 'ଆରା' ସବୁ ଆସି ମିଶିଥିବା ପରି।

ଚ) ଏକ୍‌ଧରସିଆ- ଏହା ଗୋଟିଏ ମାତ୍ର ସରଳ ରୈଖିକ କଥାନିକୁ ବୁଝାଏ।

କଳାହାଣ୍ଡିର ଲୋକକଥାରେ କଥକମାନେ ଗୀତ, ଆବୃତ୍ତିପଦ, ହନା, ଧନ୍ଦା ଓ ସୂକ୍ତିବଚନ ଆଦି ସଂଯୋଗକରି ପରିବେଷଣ ଶୈଳୀକୁ ଅଧିକ ବିନୋଦଧର୍ମୀ କରିଥାନ୍ତି। ଲମକ୍‌ଗୁଡ଼ିକରେ ଏସବୁର ପ୍ରୟୋଗ ବେଶି ମାତ୍ରାରେ ଦେଖାଯାଏ। ଏପରିକି କେତେକ 'ଲମକ୍' କେବଳ ଗୀତଶୈଳୀରେ କୁହାଯାଇଥାଏ। କଥକୀୟ ଶୈଳୀ ଅନୁସାରେ ଗୋଟିଏ କଥାନି ମୁନ୍ଦଲ, ବହଲେନ୍, ଥାକେନ୍, ପଛଘିଚେନ୍, ପଚରେନ୍, ହିଟେନ୍, ଚଘେନ୍ ଓ ଛିଡ଼େନ୍ ଆଦି ବିଭିନ୍ନ ଭାଗ ବା ଅଂଶରେ ବିଭକ୍ତ ହୋଇଥାଏ।

**କଳାହାଣ୍ଡିର ଲୋକକଥାରେ ଏ ମାଟିର ପରିବେଶ, ଐତିହ୍ୟ ଓ ସଂସ୍କୃତିର ମୌଳିକ ପରିଚୟ ମିଳିଥାଏ।**

## କଥାନି ଓ କଥକ

କଳାହାଣ୍ଡିର ଗାଁ ପାଲିରେ ରହୁଥିବା ନବେ ଭାଗ ଲୋକେ ଊଣାଅଧିକେ କିଛିନା କିଛି କଥାନି କହିପାରନ୍ତି। ତଥାପି 'କଥକ'ମାନଙ୍କୁ ଛଅଟି ବର୍ଗରେ ବିଭକ୍ତ କରାଯାଇପାରିବ- (୧) ବାଇ/ ଆଜୀ / ନାନୀ, ଦାଦି / ଅଜା, ସାଙ୍ଗସରସା, ମା, ମଉସୀ (ମାଉସୀ), ବୁଆ, ବଡୁ, (୨) ଗାଁ କଥାତୁ, ଟହଲିଆ, ଚହକେନ୍, ସୁତ୍ରେନ୍, ମେଲାଭୁଡିଆର, ଜଲଙ୍ଗିଆ, ସିହାନ୍, (୩) ବୁଲାଭୁର୍କୁଟିଆ, ବୁଲା ଭଗତିଆ, (୪) ଜାନି, ଝାଁଙ୍କର, ଦିଆରି, ଗୁନିଆଁ, ଦେହେଲିଆ (୫) ଭାଟ, ଘୋଗିଆ, ପରଘନିଆଁ, ବଗୁଆ, ମରାଲ, ବିତରିଆ, ଦେବଗୁନିଆଁ ଓ ଏମାନଙ୍କ ସ୍ତ୍ରୀ ଲୋକମାନେ ଓ (୬) ଗାଏନ୍, ଗୀତକୁଡ଼ିଆ/ ଗୀତକୁଡ଼ିଏନ୍, ବାଁଶିଆ ଆଦି।

ମୋଟିଫ ଓ ସଂରଚନାର ସାର୍ବଜନୀନତା ସତ୍ତ୍ୱେ କଳାହାଣ୍ଡିର ଲୋକକଥାରେ ଏ ମାଟିର ପରିବେଶ, ଐତିହ୍ୟ ଓ ସଂସ୍କୃତିର ମୌଳିକ ପରିଚୟ ମିଳିଥାଏ। ଅରଣ୍ୟ ପ୍ରକୃତି ଓ ଜନପଦ ସଂସ୍କୃତି ସହ କାହାଣୀଗୁଡ଼ିକର ନିବିଡ଼ ସମ୍ପର୍କ ଦେଖିବାକୁ ମିଳେ। କଳାହାଣ୍ଡିର ଲୋକକଥା ଈଶ୍ୱର ଓ ପ୍ରକୃତିର କୌଣସି ବିଭାବକୁ ଅବହେଳିତ କରି ଛାଡ଼ି ଦେଇନାହିଁ। 'ମିଥ୍' ଅନୁସାରେ କାଳୀବୀର-ମାଟି-କନ୍ଧାନ-କଳାହାଣ୍ଡିରେ ବାର ପ୍ରକାର ମାଟି ଅଛି। ଏ ମାଟିର ନିଜସ୍ୱ କାହାଣୀ ଅଛି। ମାଟି ଧରି ରଖିଥିବା ଗିରି-ପର୍ବତ ନଦୀ-ନାଳ, ଗଛ-ବୃକ୍ଷ, ପଶୁ-ପକ୍ଷୀ, ଜୀବ-ଜନ୍ତୁ, ସରୀସୃପ, ଭୂତ-ପ୍ରେତ, ଦେବ-ଦେବୀ ଓ ନର-ଅସୁର ତଥା ମାଟି ଉପରେ ଥିବା ବତାସ-ଆକାଶ ଏ ସମସ୍ତର ନିଜସ୍ୱ କାହାଣୀ ଅଛି। ସେହି ସବୁ କାହାଣୀ ହିଁ କଳାହାଣ୍ଡିର ଲୋକକଥା। ଲୋକକଥାରେ ଏ ସକଳ ବିଭାବ 'ମାନବାୟନ' ହୋଇଛନ୍ତି। ସେମାନେ ମଣିଷ ପରି କଥାବାର୍ତ୍ତା କରିଛନ୍ତି, ଜୀବନଯାପନ କରିଛନ୍ତି, ହସିଛନ୍ତି, କାନ୍ଦିଛନ୍ତି, ନାଚିଛନ୍ତି, ସମାଜ ଗଢ଼ିଛନ୍ତି, ଚିନ୍ତା ବ୍ୟକ୍ତ କରିଛନ୍ତି, ପ୍ରତିକ୍ରିୟାଶୀଳ ହୋଇଛନ୍ତି, ମନ୍ଦକୁ ନିନ୍ଦା କରି ଭଲକୁ ସ୍ୱାଗତ କରିଛନ୍ତି। ଲୋକକଥାରେ ଏମାନଙ୍କ ସଂସାରର କଥା ହିଁ କୁହାଯାଇଛି। ମାନବେତର, ମାନବ, ମାନବୋତ୍ତର ଓ ପ୍ରକୃତିର ବିଭିନ୍ନ ବିଭାବ-ଏ ସମସ୍ତେ କଳାହାଣ୍ଡି ଲୋକକଥାର ଲୋକ ଚରିତ୍ର। ଲୋକକଥାରେ ଲୋକଚରିତ୍ରକୁ ତୁଳାପରି ଭିଣାଯାଇଛି। ଲୋକ ବିଶେଷଜ୍ଞମାନଙ୍କର ଅନ୍ତିମ ଉପଲବ୍ଧି ହୋଇଛି-ଏର୍ରାଫେର୍ରା ଫେରଫେରା "ବିପୁଳାଟ ପୃଥ୍ୱୀରେ ଅସଂଖ୍ୟ ଚରିତ୍ରର ସମାବେଶ ଘଟିଛି ଓ ସେ ସମସ୍ତ ଚରିତ୍ରର ଆପଣା ଆପଣା ବୈଶିଷ୍ଟ୍ୟ ରହିଛି।"

କଳାହାଣ୍ଡିର ଲୋକକଥା ସଂଖ୍ୟାରେ ଏତେ ବେଶି ଯେ, ସେ ସକଳର ସଂଗ୍ରହ ଓ ସଂକଳନ ପାଇଁ ପ୍ରଚୁର ଅର୍ଥ, ସମୟ, ସାହସ ଓ ଧୈର୍ଯ୍ୟ ଆବଶ୍ୟକ। କଳାହାଣ୍ଡିର ଐତିହ୍ୟ ଓ ସଂସ୍କୃତି ଚର୍ଚ୍ଚାର ଉପୋଦ୍ଘାତରେ ଏ ମାଟିର ଅଜସ୍ର ଲୋକକଥାର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ।

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

ବ୍ୟଙ୍ଗ

# ବିଲେଇକି ମୂଷା ଧମକାଣ



**ଡ. ଅଜୟ କୁମାର ମିଶ୍ର**

ଘଟଣା ହେଉ ବା ଅଘଟଣ- ସବୁଥିରେ ଘଣ୍ଟୁଆର ଛଞ୍ଚାଣିଆ ନଜର। ଲୋକେ ଦୃଶ୍ୟ ଦେଖନ୍ତି, ଘଟଣା ଦେଖନ୍ତି, ବା ଶୁଣନ୍ତି, ମାତ୍ର ଘଣ୍ଟୁ ଘଟଣାଠାରୁ ଅଘଟଣକୁ, ଦୃଶ୍ୟଠାରୁ ଦୃଶ୍ୟାନ୍ତରକୁ ବାରବାର ଘାଣ୍ଟି ଚକଟା କରେ। ଘାଣ୍ଟିବା ତା'ର ଶୈବରୁ ନୁହେଁ, ବରଂ ମାଆ ପେଟରୁ ଅଭ୍ୟାସ। ସେ ଜାଣେ ତା' ବୋଉ ଦହି ଘାଣ୍ଟେ, ଲହୁଣି ବାହାର କରେ, ପୁରାଣରୁ ଶୁଣିଚି- ସମୁଦ୍ର ଘାଣ୍ଟିଲେ ଦେବତା ଓ ଅଣ ଦେବତାଏ; ବହୁ କଥା ବାହାରିଲା, ବିଷ ବି ଅମୃତ ବି। ତେଣୁ ସବୁ କଥାରେ ଘଣ୍ଟାଘଣ୍ଟି କରୁଥିବାରୁ, ତା' ପିଲାଦିନର ଶରଧା ନାଆଁ 'ଘଣ୍ଟୁଆ' ରହିଲା, ବଡ ହେବାରୁ ସ୍ୱୟଂକୃତ ଆଫିଡେଭିଟ୍ କରାଇ ସେ ଏବେ 'ଘଣ୍ଟୁ' ବୋଲାଉଚି।




ଖବିସା ପଣରେ ଘଣ୍ଟୁ ବିଶାରଦ, ଭୟ ବୋଲି ସେ କରି ଜାଣିନି। ସବୁ ଗୁଣ ଭିତରେ ସର୍ବାଧିକ ଗୁଣ ହେଉଚି - ସେ ସବୁଦିନେ ଖବରକାଗଜଗୁଡିକ ଗାଁ ମାଛ ପୋଖରୀ ଘଣ୍ଟା ହେଲା ଭଳିଆ ଘାଣ୍ଟି ପକାଏ। କିଛି ସନ୍ଦେହ ଆସିଲେ- ଏ ସମ୍ପର୍କରେ କାହାକୁ କାହାକୁ ବି ପଚାରି ପଚାରି ଅଥୟ କରି ପକାଏ। ଗତ ତିନି ଚାରି ମାସର ଖବରକାଗଜ ଘଣ୍ଟା ଘଣ୍ଟି କରିବାରୁ ପ୍ରାୟ ଗୋଟାଏ ପ୍ରକାରର ଖବର ଉପରେ ତା' ନଜର ଲାଖିଗଲା। ଅମୁକ ସ୍ଥାନରେ ପୋଲିସକୁ ବଡ ସଫଳତା। ଉପରେ ମୁହଁ ଘୋଡା ହୋଇଥିବା ଜଣେ ଦି'ଜଣଙ୍କ ଫଅଟ, ତଳେ ଏହାର ବିବରଣୀ। ପୁଣି ଦେଖିଲା- "ଚୋର ଘର ସବୁଦିନ ଅନ୍ଧାର ନ ଥାଏ, ପୋଲିସ ସାହସ ହେତୁ ବନ୍ଧା ହେଲେ ତିନି ଚୋର", ତଳେ ବି ସେମିତି ମୁହଁଢଙ୍କା କେତେଜଣ ଯୁବକଙ୍କ ଫଟୋ। "ରାଣୀ ମହୁମାଛି ପୋଲିସ୍ କବ୍‌ଜାରେ"- ତଳେ ବାହାରିଚି ମହୁମାଛି ବୋଲାଉଥିବା କେତେଜଣ ଝିଅଙ୍କ ଫଟୋ।

ଏମନ୍ତ ପ୍ରକାର ଖବରକାଗଜଗୁଡିକର ଏମନ୍ତ ପ୍ରକାର ଖବରଗୁଡିକୁ ପରୀକ୍ଷାର୍ଥୀଙ୍କ ଠାରୁ ଅଧିକ ଆଗ୍ରହରେ ପାଠ କଲା ଘଣ୍ଟୁ। ତା' ମଗଜର ଖୁଆଦଣ୍ଡ ପୂରେଇ ବହୁ ଘଣ୍ଟା ଚକଟା କରି ସିଦ୍ଧାନ୍ତ ଆରମ୍ଭ କରିଦେଲା। କେତେକ ଥାନାକୁ ଯାଇ ସତ୍ୟାସତ୍ୟ ବୁଝିବାକୁ ଚେଷ୍ଟା ବି କରିଦେଲା। ସବୁ ଘଟଣାବାଦ ଜାଣିଦେଲା ଯେ, କେତେଜଣ ପୁଲିସ ଅବଶ୍ୟ ଅତି କଷ୍ଟ କରି ଚୋର, ଖଣ୍ଟ, ଡକେଇତ, ପକେଟମାରୁ, ରାହାଜାନିଆଁ, ଜାନକାରିଆ, ଶେଯ ସଙ୍ଗିନୀମାନଙ୍କୁ ଧରିଚି। ମାତ୍ର ଏମନ୍ତ ସତ ଘଟଣା, ଖବରକାଗଜରେ ବାହାରୁଥିବା ଘଟଣା ତୁଳନାରେ ସମୁଦ୍ରକୁ ଶଙ୍ଖେ ଭଳି। କେତେଜଣ ପୁଲିସ ଏମନ୍ତ କାର୍ଯ୍ୟ କରି ସାହାସିଆ ପୁରସ୍କାର ପାଉଛନ୍ତି। ମାତ୍ର ଆଉ କେତେଜଣ ଚୋରଧରା ଡ୍ରାମାମାନ ଅତି ନିଖୁଣ ଭାବରେ ଦେଖାଇ, ପ୍ରମୋସନ ସିଡିର ଫଳିଗୁଡାକୁ ଖୁବ୍ ଚଞ୍ଚଳ ଟପିଯାଉଛନ୍ତି।


### ରାଶିରେ ବୃହସ୍ପତି

ସେଦିନ ତା' ରାଶିରେ ବୃହସ୍ପତି ପାଞ୍ଚରେ ଚଳିବା ଭଳିଆ ଲାଗିଲା। ଘଟଣା ପ୍ରାୟ ଏଇଭଳି ଥିଲା। କୌଣସି ଏକ ଥାନାରୁ ବାହାରକୁ ଆସି, ପାଖରେ ଥିବା ଚା' ଦୋକାନରେ ଚା' ପାନ କରୁ କରୁ ତା' ଛଞ୍ଚାଣିଆ ଆଖି ପଡ଼ିଲା, ତା' ଇସ୍କୁଲ ସାଙ୍ଗ ନାରେଣା ଉପରେ। ନାରେଣାରେ ବୋଲି ହାଉ ହାଉକିନେ ତା' ମାଇକିଆ ତୁଣ୍ଡରେ ଉଡିଲା ଘଣ୍ଟୁ। ଘଣ୍ଟକୁ ଦେଖି ନାରେଣା ଥପ୍ ହେଇଗଲା। ପଳେଇବ କି ରହିବ- ଭାବିବା ବେଳକୁ ଘଣ୍ଟୁ ଝପଟି ଯାଇ ତା'କୁ ଗୋଟାପଣେ କୁଣ୍ଢେଇ ପକେଇଲା। ନାରଣା ଅତି ଖୁସିରେ ବାଦଦେଲା, ଅଦିନିଆ କଦମ୍ବ ତା' ଦେହରେ, ମୁହଁ ସାରା ମଲ୍ଲି ଛାଇ ହେଇଗଲା। ଘଣ୍ଟୁ ପାଇଁ ନାରେଣା ଅଧା ଦ୍ରୋଣାଚାର୍ଯ୍ୟ।

ଘଣ୍ଟ ବିଚାରିଲା– ହ୍ୟାପ୍ ଏ ନାରେଣା ଏଠି କାହିଁକି? ଥାନା ଗେଟ୍‌ରୁ ବାହାରିଲା କାହିଁକି? ଥାନାରେ ତା’ର କାମ କ’ଣ? ଏବେ ସେ କରୁଚି କ’ଣ? ଏମନ୍ତେ ନାନାଦି ପ୍ରକାରର ପ୍ରଶ୍ନବାଣଗୁଡ଼ିକ ତା’ ମଗଜକୁ କାମୁଡ଼ି ଛିନ୍ନଛିନ୍ନ କରିଦେଲା। ନିଜ ଆଡୁ ଚା’ ମଗାଇ, ଘଣ୍ଟୁ ଗୁରୁ ସେବାରେ ଲାଗିଲା। କହିଲା “ହଇବେ! କେତେଦିନ ହେଲା ମୁଁ ତତେ ଦେଖିନି, କୁଆଡେ ମିଳେଇ ଯାଇଥିଲୁ କିବେ। ତୋ ଦର୍ଶନ ଛାଡ, ତୋ ଗନ୍ଧ ବି ବାରି ହେଉନି। ଘଟଣା କ’ଣ? ଅର୍ଦ୍ଧ ଦ୍ରୋଣ ନାରେଣା– “ନାଇଁ ଏମିତି, ଏପଟ ସେପଟ ହେଉଚି।” ଜ୍ଞାନପିପାସୁ ଜିଜ୍ଞାସୁ ଶିଷ୍ୟ, ଗୁରୁଙ୍କ ପାଖରେ ଜ୍ଞାନ ପାଇବାକୁ ନିଉଛାଳି ହେବା ଭଳିଆ– ଘଣ୍ଟୁ ବୋଇଲା– ‘ଏପଟ ସେପଟ କ’ଣ। ଏ ପଟ ନା ସେପଟ? ଗୋଟାଏ ପଟ ହେଉନୁ। ଏମନ୍ତ ତୀର୍ଥ କ୍ଷେତ୍ରକୁ ଯାଇ ଥେଲୁ କିଆଁ। କେମନ୍ତ ମହାକର୍ମ ଥିଲା ଏଠି?

## ଶିଷ୍ୟ ନୁହେଁ ଗୁରୁ

ଗୁରୁମାନଙ୍କୁ ଜ୍ଞାନୀ ଶିଷ୍ୟମାନେ ଟପିଗଲା ଭଳି, ନାରେଣା ଦେଖିଲା, ଘଣ୍ଟୁ ଆଉ ଶିଷ୍ୟ ଶ୍ରେଣୀରେ ନାହିଁ, ଗୁରୁ ପାଲଟି ଗଲାଣି। କମାରର ହାତୁଡି ମାଡରେ ଲୁହା ଚେପାହେବା ଭଳିଆ ଘଣ୍ଟୁର ଘନ ଘନ ପ୍ରଶ୍ନ ମାଡରେ ନାରେଣାର ବୁଦ୍ଧି ଲୁହାଖଣ୍ଡ ଚେପା ହେବା ପରି ଛେଚେରା ହେଇଗଲା। ନାରେଣା ବି ମନେ ମନେ ଶିଷ୍ୟଟିଏ ଖୋଜୁଥିଲା। ତେଣୁ ବହୁ କଷ୍ଟରେ ଗୁମର ଖୋଲିଲା। ଘଣ୍ଟୁ ପାଟି ମେଲା କରି ଆଁ କରି ଅନେଇଚି। “ହେ ଏ କେମିତି କଥା, ହଇରେ ନାରେଣା ତୁ ଏଠି ଚୋରପାର୍ଟି କରିବାକୁ ଆଇଚୁ। ହଇରେ ତେତେ କ’ଣ ଆଉ କିଛି ଧନ୍ଦା ମିଳିଲାନି? ଶେଷରେ ଏଇ ହୀନିମାନିଆ କାମ କଲୁ, ଜନମ ନ କରି ମାଆ ବୋଲେଇଲୁ, ଚୋରି ନ କରି ଚୋର ବୋଲେଇଲୁ। ହେଲା ହେଲା– ନିଶ୍ଚେ କିଛି ଫାଇଦା ଥିବ ନା। ଯମ ନ ଜାଣି ମରଣ ପୁଣି ଫାଇଦା ନ ଥାଇ ନାରଣ?”



ନାରେଣା ତା’ର ଫାଇଦା କଥା ଶୁଣେଇବା ପରେ ଘଣ୍ଟୁ ତାକୁ ସିଗାରେଟ, ପାନ ଖୁଆଇ ଗୁରୁ ଦକ୍ଷିଣା ଅନୁକୂଳ କରିଦେଲା। ଛଉକା ପଣରେ ଜଣେ କର୍ଣ୍ଣ ହେଲେ, ଆରକୁ ଅର୍ଜୁନ। ଦୁହେଁ ମେଲାଣି ନେଲେ ହସି ହସି। ଘଣ୍ଟୁ ପାନ ଦୋକାନରେ ଚା’, ସିଗାରେଟ, ପାନ ପଇସା ଦେବା ବେଳକୁ– ସେଠି ଥାନା ଗେଟରୁ ଆସିଲେ ଜଣେ ବିନାଷ୍ଟାରିଆ ଷ୍ଟାଫ୍। ଦୋକାନୀ କି ନାରେଣା କୁଆଡେ ଗଲା ବୋଲି ପଚାରିଲେ। ନାରେଣା ପଳେଇ ଯାଇଥିବାରୁ ନଗଦ ହେଙ୍ଗୁ ଶୁଙ୍ଘିଲା ଭଳି ମୁହଁଟା କରିଦେଲା। ବିରାଡି କପାଳକୁ ଶିକା ଛିଡିବା ଭଳିଆ, ଘଣ୍ଟୁ ଏଥର ନିଜ ତରଫରୁ ବାବୁଙ୍କୁ ନାରେଣା ତା’ର ଜିଗିରି ସାଙ୍ଗ ବୋଲି ବିଜ୍ଞାପିତ କଲା। ବାବୁଙ୍କ ମୁହଁରେ ଦ୍ୱିତୀୟା ଚାନ୍ଦ। ପୁଲିସିଆ ଠାଣିରେ ତା’ ନାଁ, ଗାଁ, ଠା, ଠିକଣାମାନ ପଚାରିଲେ। ଜୀବନରେ କେବେ ବି ସତ କହି ନ ଥିବା ଘଣ୍ଟୁ ବି, ନିଜ ଗାଁ, ଗାଁ, ଠା, ଠିକଣାମାନ ଏମନ୍ତ ପ୍ରକାର ଗାଳି ପକେଇଲା, ଯେ ସ୍ୱୟଂ ବ୍ରହ୍ମା ବି ଅଣୁ ପ୍ରମାଣେ ତା’ ଟେର ପାଇବେନି। ଏ କାମ ପାଇଁ କେତେକଙ୍କ ଠାରୁ ସେ ‘ଜାଲିଆ’ ସଂବୋଧନ ବି ଶୁଣିଛି।

ବାବୁଙ୍କ ଇଙ୍ଗିତରେ ଉଭେ କେବିନ ଉହାଡକୁ ଗଲେ। ଘଣ୍ଟୁ ଜାଣିଚି ଯେ, ବେଶ୍ୟା ବାଡି ଆଗଦେଇ ଯାଉଥିବା ଲୋକଙ୍କୁ, ଲୋକେ ଅଲଗା ନଜରରେ ଦେଖନ୍ତି। ତେଣୁ ବ୍ୟାଗରୁ ଗାମୁଛାଟା ଖୋଲି ମୁହଁକୁ ତାଙ୍କି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ କରିଦେଲା। ଘଣ୍ଟୁର ଏମନ୍ତ ପ୍ରକାରର ସ୍ୱତନ୍ତ୍ର ଢାଞ୍ଚାରେ ଆକୃଷ୍ଟ ହେଲେ ବାବୁ। ସେ ଚିହ୍ନରାଜଣିଆ, ଖାଣ୍ଟି ଆଉ ଭେଲ– ସବୁ ତାଙ୍କୁ ଜଣା। ଯାତ୍ରା ନିର୍ଦ୍ଦେଶକ ଅଧା ଆର୍ଟିଷ୍ଟଙ୍କୁ ଦେଖି ତାଲିମ ଦେବାକୁ ବେଶି ପସନ୍ଦ କରନ୍ତି। ଘଣ୍ଟୁର ମୁହଁ ଘୋଡା ଶୈଳୀରୁ ବାବୁ ବି ତାକୁ ଦଳେଇ ନେବେ ବୋଲି ଅଧା ସଂକଳ୍ପ ସାରି ଦେଇଥିଲେ। ଆରମ୍ଭ କରିଦେଲେ ବରୁଣ ପୂଜା। “ତମେ ନାରେଣା ଭଳି ଆମକୁ ସାହାଯ୍ୟ କରିପାରିଲେ ଆମେ ତମ କଥା ବୁଝିବୁ।” ପାର୍ଟିକର୍ମୀଙ୍କ ଫୁଲମାଳରେ ନେତାଏ ମୁଣ୍ଡ ଗଳେଇବା ଭଳିଆ ଘଣ୍ଟ ଏମନ୍ତ ପ୍ରସ୍ତାବମାଳରେ ଛାଆଁକୁ ମୁଣ୍ଡ ସହ ବେକ ବି ଗଳେଇ ଦେଲେ।

ପୁରୁଣା ମଞ୍ଚ ନାଟକରେ ବେଳେ ବେଳେ ଘୋଷରା ହୁଏ “ବାର ବର୍ଷ ପରେ ସେତେବେଳେକୁ ହଜିଯାଇଥିବା ଶିଶୁ ଚରିତ୍ରଟି ଯୁବକ ଭାବରେ, ନିଖୋଜ ଦରିଦ୍ରଟି କୋରଡପତି ଭାବରେ ଆସି ଉଭା ହୁଅନ୍ତି। ସେମନ୍ତ ପ୍ରକାରେ ବହୁ ଖୋଜାଖୋଜି ପରେ ପ୍ରିୟ ଗୁରୁ ନାରେଣା ଆସି ଦୈବାତ୍ ଉପସ୍ଥିତ ହେଲେ ଘଣ୍ଟୁ ରହିଥିଲା ସାମ୍ନାରେ। ଡବଲ ଚକିତ ହେଲେ,

ସ୍କୋୟାର ଆଶ୍ଚର୍ଯ୍ୟ ହେଲେ ନାରଣେ। ଯବକାଚ ଧରି ଦେଖିବା ଶୈଳୀ ନିରେଖିଲେ ଆଉ ପରଖି ନେଲେ ଘଣ୍ଟୁର ଆଦବକାଇଦାକୁ। ଗୃହସ୍ଥ ଲୋକଟା ବେଶ ପିନ୍ଧି ନକଲି ବାଆଜି ହେବା ଭଳିଆ ଘଣ୍ଟୁ ବେଶ ପୋଷାକ ଭିତରୁ ଅସଲ ରୂପଟାକୁ ଆବିଷ୍କାର କଲା ନାରଣ। କୌଣସି ବୈଜ୍ଞାନିକ ଆବିଷ୍କାରର ଆନନ୍ଦଠାରୁ ଅଧିକ ଆନନ୍ଦରେ କୁରୁକୁରେଇଲେଲା ନାରେଣା। ସନ୍ତର୍ପଣରେ ଦୋ ଦୋ ଚିହ୍ନା ହେଇ ପ୍ରିୟ ଶିଷ୍ୟ ଘଣ୍ଟୁଙ୍କ ଆଗରେ ଉଭା ହେଲେ। ଘଣ୍ଟୁ ଏତେବେଳକୁ କାନଫୁଙ୍କାରେ କାହା ସହିତ କଥା ହେଉଥାଏ।

ଗୃହସ୍ଥ ଲୋକଟା ବେଶ ପିନ୍ଧି ନକଲି ବାଆଜି ହେବା ଭଳିଆ ଘଣ୍ଟୁର ବେଶ ପୋଷାକ ଭିତରୁ ଅସଲ ରୂପଟାକୁ ଆବିଷ୍କାର କଲା ନାରଣ।

**କଥାର ଖିଅ**

ଏକପାଖିଆ ଘଣ୍ଟୁ କଥାରୁ ନାରେଣା ବାରିନେଲା କଥାର ଖିଅ, ଡାହାଣୀର ହାବଭାବରୁ ଗୁଣିଆ ତା'ର ଓଜନ କଲିଲା ଭଳି। ଘଣ୍ଟୁର ମଧ୍ୟମ ସ୍ୱର ପଞ୍ଚମକୁ ଉଠିଗଲା। କହିଲା, "ଆପଣ ପ୍ରମୋସନ ପାଇଲେ କେତେ, ନ ପାଇଲେ କେତେ ? ତିନିଥର ଆପଣଙ୍କୁ ସାହାଯ୍ୟ କଲି। ମୁହଁରେ ଗାମୁଛା ସିନା ଘୋଡାଇଲେ, ମାତ୍ର ତିନିଥର ତିନି ପ୍ରକାରର ପୋଷାକ ବି କିଣିଲି। ଶେଷ ଥରକୁ ଭଲପାଦ ଥାଇ ଛୋଟା ଅଭିନୟ କଲି। ପୁଣି ଆପଣଙ୍କ ମନ ମେଣ୍ଟିଲା ନାଇଁ ଯେ ଝୁଅ ପିଲା ପୋଷାକକୁ ପିନ୍ଧି ମୋ ମର୍ଦ୍ଦାନି ଉପରେ ପଥର ଚାପା ଦେଇ ଝିଅ ହେଇ ବାହାରିଲି, ମତେ ରାଣୀ ମହୁମାଛି କଲେ ? ମାତ୍ର ଆପଣଙ୍କ ଚୁକ୍ତି ଅନୁଯାୟୀ ମତେ ନ ଦେଇ ଠକୁଛନ୍ତି। ଏଥର ବଡ଼ବାବୁଙ୍କ ଆଗରେ ସତ କଥା କହିଦେବି। ଦେଖିବା କେମିତି ପ୍ରମୋଶନ ପାଇବେ ଆପଣ ?" ଫୋନ୍ କାଟିଦେଲା ଘଣ୍ଟୁ।

ନାରଣ ବିଦ୍ୟାରେ ନାରଣକୁ ଟପି ସାରିଥିଲା ଘଣ୍ଟୁ। ନାରଣ ସିନା ବେଳେବେଳେ ମିଛ ଚୋର ହେଇ ମୁହଁରେ ଗାମୁଛା ଢାଙ୍କି, ନିଜ ପାଉଣାଟା କରିନିଏ; ମାତ୍ର ଘଣ୍ଟୁ ଆଉ କେତେପାଦ ଆଗରେ। କେବେ ଖଣ୍ଟି, ତଣ୍ଟିକଟା, ପକେଟମାରୁ ହୁଏ। ଜାନକାରିଆ ଭାବରେ ବି ଛଦ୍ମ ଫଟୋ ଉଠାଏ, ପୁଣି ନିଜେ କିଙ୍ଗପିନ୍, ରାଣୀ ମହୁମାଛି ବେଶ ବିହୁଏ। କେବେ ବସନ୍ତ ତ କେବେ ବାସନ୍ତୀ, କେବେ ମଳୟ ତ କେବେ ମାଳତୀ, ସେଇ ରୋଜଗାରକୁ ପନ୍ଥା କରି ଏବେ ମୂଷା ବିରାଡିକୁ ଧମକାଣ ଦେବା ଭଳି, ସେ ପୁଲିସକୁ ଧମକ ଦେଉଚି, ଘଟଣାର ଗୁମର ଖୋଲିଦେବ ବୋଲି ଦର୍ଶାଇ ଢେର କମେଇଲାଣି। ତା' ଅଭିନୟ ପାଇଁ ଅନେକ ବାବୁ ବି ଲାଇନ୍‌ରେ ତମ ଦୟାକୁ ଅନେଇଛନ୍ତି ଠିକ୍ ଅଣବର୍ଷାବେଳର ଚାତକ ଭଳି। (କ୍ରମଶଃ)

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books




ପ୍ରବନ୍ଧ

# ସାହିତ୍ୟରେ ଲେଖା ଓ ଭାବର ଚୋରୀ

ସୌମେନ୍ଦ୍ର ଜେନା

ଓଡିଆ ସାହିତ୍ୟରେ ପ୍ରତିଦିନ ଅଧିକରୁ ଅଧିକ ପୁସ୍ତକ, ପତ୍ରପତ୍ରିକା ପ୍ରକାଶିତ ହେବାବେଳେ ଦୈନିକ, ସାପ୍ତାହିକ, ପାକ୍ଷିକ ସମ୍ବାଦପତ୍ରଗୁଡିକର ସଂଖ୍ୟା ମଧ୍ୟ ବଢୁଛି । ରାଜ୍ୟର ୭୦ହଜାରରୁ ଅଧିକ ଶିକ୍ଷାନୁଷ୍ଠାନଗୁଡିକରେ ହାତଲେଖା ପ୍ରାଚୀରପତ୍ରଠାରୁ ବାର୍ଷିକ ପତ୍ରିକା ମଧ୍ୟ ପ୍ରକାଶ ପାଉଛି । ଏହା ଓଡିଆ ସାହିତ୍ୟର ଭିତ୍ତିଭୂମିକୁ ଭବିଷ୍ୟତ ପାଇଁ ସଶକ୍ତ କରୁଛି ନିଶ୍ଚୟ । କିନ୍ତୁ ଏହି ସମୟରେ ଯେତେ ସବୁ ରଚନା ପତ୍ରପତ୍ରିକାରେ ପ୍ରକାଶ ପାଉଛି ସେ ସବୁର ଅଧ୍ୟୟନ, ଅନୁଶୀଳନ, ସୂଚୀକରଣ, ସମୀକ୍ଷା, ଆଲୋଚନା ଆଦି ହେଉନାହିଁ । ଯଦିଓ କେଉଁଠି କେହି ଜଣେ ଭଲ ଲେଖିଲା ତା ପାଇଁ ପ୍ରେରଣାଦାୟକ ଏବଂ ଉତ୍ସାହ ବୃଦ୍ଧି ହେଲା ପରି ଦି'ପଦ ସମର୍ଥନ କରି କେହି ଲେଖିବା ଦେଖାଯାଉନାହିଁ । ସମସ୍ତେ ନିଜ ନିଜ ଲେଖାର ସଂଖ୍ୟା ବଢାଇବାରେ ବ୍ୟସ୍ତ, ବହି ଛାପିବାରେ ବ୍ୟସ୍ତ । ଲୋକେ କିଣନ୍ତୁ ନ କିଣନ୍ତୁ, ପଢନ୍ତୁ ବା ନ ପଢନ୍ତୁ , ପସନ୍ଦ କରନ୍ତୁ ବା ନକରନ୍ତୁ , ନିଜ ବହି ଛାପି ମାଗଣାରେ ବାଣ୍ଟିଦେଇ ଆତ୍ମସନ୍ତୋଷ ଲାଭ କରିବାରେ ବ୍ୟସ୍ତ । ଏଥିପାଇଁ ରାଜ୍ୟରେ ଦିନକୁ ଦିନ ଅଧିକରୁ ଅଧିକ ରଦ୍ଦି ଗୋଦାମର ସଂଖ୍ୟା ବଢିବାରେ ଲାଗିଛି, ସହର-ବଜାରର ଗଳିକନ୍ଦିରେ ଏହି ଗୋଦାମଗୁଡିକରୁ ସବୁ ସପ୍ତାହରେ ଟ୍ରକ୍ ଟ୍ରକ୍ ପରିମାଣର ପତ୍ରପତ୍ରିକା ଏବଂ ପୁସ୍ତକମାନ କିଲୋଦରରେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି ।



ଏବେ ୪୦ରୁ ଅଧିକ ଦୈନିକ ଖବରକାଗଜ ରାଜ୍ୟରୁ ବାହାରୁଥିଲା ବେଳେ ସେମାନଙ୍କ ସାହିତ୍ୟ ପୃଷ୍ଠା ପାଇଁ ୪୦୦ରୁ ଅଧିକ ଲେଖା ଏବଂ ଦୈନିକ ୧୦୦ରୁ ଅଧିକ ଲେଖା ସଂପାଦକୀୟ ପୃଷ୍ଠା ପାଇଁ ଲୋଡା ହେଉଛି । ନବାଗତ ଲେଖକ-ଲେଖିକା ଏସବୁରେ ସ୍ଥାନ ପାଇ ଭବିଷ୍ୟତରେ ବଡ ଲେଖକ ହେବେ, ଭଲ ଲେଖକ ହେବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ କଥା ହେଲା ଯେ ପ୍ରକାଶପ୍ରାବଲ୍ୟ ମଧ୍ୟରେ କାହା ଲେଖା କିଏ ନେଇ କେଉଁଠି, କାହା ନାମରେ ପ୍ରକାଶିତ କରୁଛି ତାହା ଜଣା ପଡୁନାହିଁ । ଏବେ ସଂଖ୍ୟାଧିକ ପତ୍ରପତ୍ରିକା ପ୍ରକାଶ ସାଙ୍ଗକୁ ସଂଖ୍ୟାଧିକ ଲେଖା ଓ ଭାବ ଚୋରୀ ଏବେ ବଡ ସମସ୍ୟା ହୋଇ ଦେଖାଦେଲାଣି, ଯେଉଁଥିପାଇଁ ନିଉଜ୍‌ୱାଚ୍ ପରି ଲିଟରେଚର ୱାଚ୍, ରାଇଟର ୱାଚ୍ ସଂସ୍ଥାମାନ ଖୋଲିବା ଦରକାର ହେଲାଣି ।

**ସେବେ ବି ଥିଲା**

ଅତୀତ ଦିନରେ ଯେ ଏହି ଲେଖାଚୋରୀ ନଥିଲା , ତା'ନୁହେଁ । କିନ୍ତୁ ସଂଖ୍ୟାରେ ସେସବୁ କମ୍ ଥିଲା ଯାହା ଆଜିକାଲି ଢେର ବଢିଯାଇଛି । ଏକଦା ଏମିତି ଏକ କବିତା ୯୦ ଦଶକରେ ଝଙ୍କାର ପୃଷ୍ଠାରେ 'ଚିଠି' ଶୀର୍ଷକରେ ଜୟକୃଷ୍ଣ ବାରିକଙ୍କ ନାମରେ ବାହାରିଥିଲା । କିନ୍ତୁ 'ପୁନଶ୍ଚ କବିତା'ରେ ଡକ୍ଟର ପ୍ରଫୁଲ୍ଲ କୁମାର ରଥ ସେହି ଲେଖାଟି ବଙ୍ଗଳାର 'ଚିଠି' କବିତାର ଅବିକଳ ନକଲ ବୋଲି ଅଭିଯୋଗ କରିବା ସଙ୍ଗେ ସଙ୍ଗେ ମୂଳ ଲେଖାଟି ସହ ଶ୍ରୀ ବାରିକଙ୍କ ନାମରେ ପ୍ରକାଶିତ କବିତାକୁ ମଧ୍ୟ ଛାପିଥିଲେ, ଯାହା ଧାଡି ଧାଡି ମିଶିଯାଉଥିଲା । ପରେ ପ୍ରାୟ ତିନିବର୍ଷ ଯାଏଁ ଶ୍ରୀ ବାରିକଙ୍କର କବିତା ପ୍ରକାଶ ବନ୍ଦ ହେବାର ପରିଲକ୍ଷିତ ହୋଇଥିଲା । ୧୯୮୦ଦଶକରେ ଏସ୍‌ସିଇଆର୍‌ଟିରେ ଶରତ ଚନ୍ଦ୍ର ଦାସ ଦାୟିତ୍ୱରେ ଥିଲାବେଳେ କେତେକ ପାଣ୍ଡୁଲିପି ପ୍ରସ୍ତୁତ ହୋଇଥିଲା ପ୍ରକାଶନ ପାଇଁ । ପରବର୍ତ୍ତୀ କାଳରେ ଦୀର୍ଘଦିନ ଧରି ପାଣ୍ଡୁଲିପିକୁ କର୍ତ୍ତୃପକ୍ଷ ପକାଇ

ରଖିଲେ। ହେଲେ ସେହି ପାଣ୍ଡୁଲିପି ୧୫ ବର୍ଷ ପରେ ଉକ୍ତ ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ପତ୍ନୀଙ୍କ ନାମରେ ପ୍ରକାଶ ପାଇବା ଦେଖାଯାଇଥିଲା। ସଂପୃକ୍ତ ଲେଖକ ଦିଗରାଜ ବ୍ରହ୍ମା ଏକଦା ସେହି ସଂସ୍ଥାରେ ଥିଲେ ଏବଂ ପ୍ରକାଶକ ମଧ୍ୟ ସେହି ସଂସ୍ଥାରେ ପରବର୍ତ୍ତୀ ସମୟରେ କର୍ମଚାରୀ ହୋଇଥିଲେ। ଏମିତି ପୁସ୍ତକ ଚୋରୀର ବିଷୟ ପ୍ରମାଣିତ କରିବାକୁ ମୂଳ ଲେଖକ କୋର୍ଟ କଚେରୀକୁ ନଯାଇ ଚୁପ୍ ରହିବାରୁ ମାମଲାଟି ସେଇଠି ରହିଗଲା।

ଅନେକ ବଡ ଲେଖକ ଓ କବି ସେମାନଙ୍କ ଚମତ୍କାର ଚଲାକୀରେ କିପରି ଅନ୍ୟ ସାହିତ୍ୟର ପାଠକୁ ଉଠାଇପାରନ୍ତି ତାହା ଆମେ ଲକ୍ଷ୍ୟ କରିପାରିବା। ଯେମିତି ଇଂରାଜୀରେ ଏଲିୟଟ ଲେଖିଥିଲେ-

"ହିଅର୍ ଇଜ୍ ନୋ ୱାଟର୍, ବଟ୍ ଓନ୍‌ଲି ରକ୍।

ରକ୍ ଆଣ୍ଡ ନୋ ୱାଟର ଆଣ୍ଡ ଦି ସ୍ୟାଣ୍ଡଲି ରୋଡ୍।"

ଗୁରୁ ପ୍ରସାଦଙ୍କ ଲେଖାରେ ତାର ପ୍ରତିଫଳନ ଆମେ ଦେଖିବାକୁ ପାଉ -

"ନିଶବ୍ଦ ଏ ବାଲିଚର ବାଲି ଆଉ ବାଲି
ବିବର୍ଣ୍ଣ ଘାସ ଓ ବାଲି ପଥହୀନ ବିବର୍ଣ୍ଣ ପୃଥିବୀ।"

ଏଲିୟଟ ତାଙ୍କର ୱେଷ୍ଟଲାଣ୍ଡରେ - 'ଏପ୍ରିଲ୍ ଇଜ୍ ଦି କ୍ରୁଏଲେଷ୍ଟ୍ ମନ୍ଥ' ଲେଖିବା ପରି ଗୁରୁପ୍ରସାଦ କାଳପୁରୁଷରେ ଲେଖିଛନ୍ତି - ବର୍ଷାଋତୁ ନିର୍ମମ ନିଷ୍ଠୁର। ଆଉ ଏକ ସ୍ଥାନରେ ଏଲିୟଟ୍ ଲେଖିଛନ୍ତି - 'ଷ୍ଟରିଂ ଡଲ୍ ରୁଟ୍ସ୍ ୱିଥ୍ ସ୍ପ୍ରିଙ୍ଗ୍ ରେନ୍'।

ଗୁରୁପ୍ରସାଦ ଲେଖିଛନ୍ତି-

"ବର୍ଷା ପଡେ ଝରି,
ଥରାଇ ମୁମୂର୍ଷୁ ଆତ୍ମା
ଥୁଣ୍ଟା ଗଛ ଶିଅ ମୂଳେ ମୂଳେ.."।

ଏଲିୟଟ ତାଙ୍କ ୱେଷ୍ଟଲାଣ୍ଡରେ ଲେଖିଛନ୍ତି, '.... ସମର୍ ସର୍‌ପ୍ରାଇଜଡ୍ ଅସ୍।'

ଗୁରୁ ପ୍ରସାଦ ବର୍ଷାଋତୁ ସଂପର୍କରେ ବର୍ଣ୍ଣନାକରି ଲେଖିଛନ୍ତି-

"ସେଦିନ ଆସିଲା ବର୍ଷା....
...ଚମତ୍କୃତ ବିସ୍ମିତ ମୁଁ ...।"

'ଦିସ୍ ମ୍ୟୁଜିକ୍ କ୍ରେପ୍ଟ୍ ବାଇ ମି ଅପନ୍ ଦି ୱାଟର୍ସ୍।' - ଲେଖିଛନ୍ତି ଏଲିୟଟ। ଠିକ୍ ସେମିତି ଗୁରୁପ୍ରସାଦ ଲେଖିଛନ୍ତି

"ଗୀତ ମୋର ଭାସିଗଲା
ସୁଏ ସୁଏ କେନାଲ ପାଣିରେ।"

ଏଲିୟଟଙ୍କ 'ଅନ୍‌ରିଅଲ୍ ସିଟି' ପରି 'ପ୍ରିୟବାନ୍ଧବୀ' କବିତାରେ ଗୁରୁପ୍ରସାଦ ଲେଖିଛନ୍ତି - "ମୋ ଆଖିରେ ଅବାସ୍ତବ ପାଲଟିଛି ଏସହର ତେବେ।"

**ଭାବଗତ ଚୋରୀ**

ସାହିତ୍ୟରେ ଚୋରୀ ଭାବଗତ ହୋଇପାରେ। ମୂଳଭାବଟିକୁ ଟିକେ ବୁଲେଇ ବଙ୍କେଇ କହିଦେଲେ ତାହା ନିଜର ହୋଇଯିବ ବୋଲି ଅନେକ ମନେକରିଥାନ୍ତି। ଯଦି କେହି ତ୍ରୁଟିବିଚ୍ୟୁତିକୁ ଧରିନେଇ ସମାଲୋଚନା କରିବସେ ତେବେ ପରବର୍ତ୍ତୀ କାଳରେ ସେମାନେ ଅସହିଷ୍ଣୁ ହୋଇପଡିଥାନ୍ତି। କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ନିଜସ୍ୱ ରଚନାରେ ଏହାର ପ୍ରମାଣ ରହିଛି। ସେ ଲେଖିଛନ୍ତି, "ମୁଁ ଏଭଳି ଅସୌଜନ୍ୟପୂର୍ଣ୍ଣ ବ୍ୟବହାର ପୃଥିବୀର ଅନ୍ୟ କୌଣସି ଦେଶରେ ପାଇନାହିଁ କି ଅନ୍ୟ କିଏ ପାଇବାର ଜାଣିନାହିଁ। ଭାରତବର୍ଷର ପ୍ରାୟ ସମସ୍ତ ଅଙ୍ଗ ରାଜ୍ୟରେ ମୁଁ ଦୀର୍ଘ ସମୟ ଅତିବାହିତ କରିଚି। ପୃଥବୀର ବିଭିନ୍ନ ଦେଶମାନଙ୍କରେ ବହୁବାର ବିଭିନ୍ନ ଅନୁଷ୍ଠାନମାନଙ୍କ ଆମନ୍ତ୍ରଣ ଓ ଆନୁକୂଲ୍ୟରେ ଦୀର୍ଘଦିନ କଟାଇବାର ସୁଯୋଗ ପାଇଛି। ସବୁଠି ମୁଁ ପାଇଚି ଅକୃପଣ ସ୍ନେହ, ଶ୍ରଦ୍ଧା, ଆତିଥ୍ୟ ଓ ସମ୍ମାନ ଏବଂ ଅକାତର ସାହାଯ୍ୟ , ସହାନୁଭୂତି ପଛରୁ ଛୁରି ଭୁଷା ବା ଗୋଡଟଣା ନୁହେଁ। ଆମ ଦେଶ ଭଳି ସ୍ନେହ - ମମତା ବର୍ଜିତ, ଈର୍ଷାପରାୟଣ ଏବଂ ଅରୁଚିକର ଜଳବାୟୁ ପୃଥିବୀର ଅନ୍ୟ କେଉଁଠି ଅଛି ବୋଲି ମୋର ମନେ ହୁଏ ନାହିଁ।"କିନ୍ତୁ କବିଙ୍କ ଆଦର୍ଶଗତ ପରିବର୍ତ୍ତନକୁ ସମାଲୋଚନା କରି ସ୍ୱର୍ଗତଃ ଗୋଦାବରୀଶ ମହାପାତ୍ର "ନିଆଁଖୁଣ୍ଟା"ରେ ଲେଖିଥିଲେ-

ଭରି ନିଆଁବାଣ ମାରୁଥିଲ ତୁମେ ରାଉତରା
କବିତାରେ ତୋଳି ନୂଆ ଝଡ,
କେଶୋରାମ ମିଲ ଅଡୁଆ ସୂତାରେ ହୋଇ ଧରା
କି ମନ୍ତ୍ରରେ ତୁମେ ହେଲ ଜଡ।

**ମୂଳଭାବଟିକୁ ଟିକେ ବୁଲେଇ ବଙ୍କେଇ କହିଦେଲେ ତାହା ନିଜର ହୋଇଯିବ ବୋଲି ଅନେକ ମନେକରିଥାନ୍ତି।**

## ରବି ସିଂହଙ୍କ ଅଭିଯୋଗ

କବି ସଚ୍ଚି ରାଉତରାୟ ଅନେକ ବଙ୍ଗଳା କବିତାର ଓଡିଆ ରୂପ ପ୍ରଦାନ କରିଥିବା ଅଭିଯୋଗ ଅତୀତରେ ଆଣିଥିଲେ କବି ରବି ସିଂହ । କବି ଜୀବନାନନ୍ଦ ଦାଶଙ୍କ ଅନେକ ଭାବକୁ ଓଡିଆରେ ରାଉତରାୟ କପି କରିଥିବା ସଂପର୍କରେ ସେ ପ୍ରମାଣ ପ୍ରଦାନ କରିବା ସହ ଏ ପ୍ରକାର କାର୍ଯ୍ୟକୁ ଓଡିଆ ସାହିତ୍ୟରେ ଧର୍ଷଣ ବୋଲି ଲେଖି ଉକ୍ତ ଶୀର୍ଷକରେ ଏକ ପୁସ୍ତକ ମଧ୍ୟ ଲେଖିଥିଲେ ।

ଏକଦା ହ୍ୱିଟମ୍ୟାନ ଲେଖିଥିଲେ -

"ଦିସ୍ ଇଜ୍ ନୋ ବୁକ୍, ହୁ ଟଚେସ୍ ଦିସ୍ ଟଚେସ୍ ଏ ମ୍ୟାନ୍ ।"

କବି ସଚ୍ଚି ରାଉତରାୟ ଲେଖିଛନ୍ତି -
ତୁମେ ମୋର ଛାପାବହି ଯେତେ ବେଳେ
ଛୁଅଁ , ଛୁଅଁ ନୂଆ ମଣିଷର ଛାତି....

(ରାଜଜେମା, ପାଣ୍ଡୁଲିପି, ଗ୍ରନ୍ଥାବଳୀ ପୃ- ୧୫୧)

ଏହା କଣ ଭାବଚୋରୀ, ଲେଖାଚୋରୀ ନୁହେଁ କି ? ଯେମିତି କବି ରବି ସିଂ ମଧ୍ୟ କବି ରାଉତରାୟଙ୍କ ଏକ ଲେଖାକୁ ମଧ୍ୟ ସାମାନ୍ୟ ବଦଳାଇ ଲେଖିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଖଳନାୟକ ହିଟଲରକୁ ସମାଲୋଚନା କରି ସଚ୍ଚି ବାବୁ ଲେଖିଥିଲେ -

"ରାହିନ କୂଳର ପାଇନ ବନରେ
ଶୁଭେ ଝନ୍‌ଝାର ହସ" ।

କବି ରବି ସିଂହ ଲେଖିଲେ -

"ଆଇନର ସେଇ ପାଇନ୍ ବନରେ ସଦା ତୁଷାରର ଝଡ ।"




## ଅଳକା ସାନ୍ୟାଲ୍

ତେଣୁ ବଙ୍ଗଳାର 'ବନଲତା ସେନ୍' ଓଡିଆରେ 'ଅଳକା ସାନ୍ୟାଲ୍' ହେଲାପରି ଜୀବନାନନ୍ଦଙ୍କ 'ଧୂସର ପାଣ୍ଡୁଲିପି' ମଧ୍ୟ ଓଡିଆରେ 'ପାଣ୍ଡୁଲିପି' ରୂପ ନେଇଛି । ବଙ୍ଗଳାର କବି ଜୀବନାନନ୍ଦ ଦାଶଙ୍କ ମହାପୃଥିବୀ ଆଟ ବଛର ଆଗେଇ ଏକଦିନରେ ରହିଛି -

"ଲାସ୍‌କଟା ଘରେ ଶୁୟେ ଘୁମୋୟ ଏବାର
ଏଇ ଘୁମ ଚେୟେଛିଲ ବୁଝି ।"

କବି ସଚ୍ଚି ରାଉତରାୟ ଲେଖିଛନ୍ତି -

"ବହୁଦୂରେ ଲାସ୍‌କଟା ଘରେ
ଏକ ହାରିକେନ ବତି
ଜଳୁଥିଲା ଦୁକୁଦୁକୁ, ଭୟାନକ ଅତି" ।

(ପ୍ରତିମା ନାୟକ)

ଜୀବନାନନ୍ଦଙ୍କ 'ଧୂସର ପାଣ୍ଡୁଲିପି'ର ଅନୁକରଣରେ ସଚ୍ଚିବାବୁଙ୍କ ଓଡିଆ 'ପାଣ୍ଡୁଲିପି'ର ଶୀର୍ଷକ ଆସିଛି ।

ଜୀବନାନନ୍ଦ ଲେଖିଥିଲେ -

"ସିଗାରେଟର ଧୋଆଁ
ଟେରିକାଟା କୟେକାଟା ମାନୁଷେର ମାଥା ।
ଏଲୋ ମେଲୋ କୟେକଟା
ବନ୍ଧୁ କହି ମନିଷ୍ପନ୍ଦ
ନିରପରାଧ ଘୁମ ।"

ସଚ୍ଚି ବାବୁ ଲେଖିଛନ୍ତି -

"ନିଃଶବ୍ଦ ଜନତା ମ୍ଳାନ-
କଣ୍ଠେ ତାର ନିର୍ବାପିତ ବାଣୀ
ବେଳେବେଳେ ରକ୍ତହୀନ ଟେରିକଟା
ବ୍ୟାଙ୍କର କିରାଣୀ
ନିରୁଦ୍ଦେଶେ କରେ ଧୂମପାନ,
ନିର୍ଜୀବ ସ୍ନାୟୁରେ ତାର ଦବାଲାଗି
ସାମୟିକ ଶାଣ" ।

ସାହିତ୍ୟରେ କିଏ ବହି, କିଏ ଲେଖା, କିଏ ଭାବକୁ ଚୋରୀ କରି ଲେଖୁଥିଲେ ହେଁ ସେ ବିଷୟରେ ଆଲୋଚନା, ସମାଲୋଚନା ଆଜି ବହୁତ କମ୍ ହେଉଛି । କାରଣ ପୁରସ୍କାର ପଛରେ ଧାଇଁଥିବା ଲୋକେ, ଅନ୍ୟର ଗୁଡବୁକରେ ରହିବାକୁ ଚାହୁଁଥିବା ଲୋକେ ଏହାକୁ ଆଦୌ ପସନ୍ଦ କରିବେ ନାହିଁ କିମ୍ବା କାହାର ଶତ୍ରୁ ହେବାକୁ ଚାହିଁବେ ନାହିଁ । କିନ୍ତୁ ଓଡିଆ ସାହିତ୍ୟର ବିକାଶ ଦୃଷ୍ଟିରୁ, ବୌଦ୍ଧିକ ଆଲୋଚନାର ପ୍ରକାଶ ଦୃଷ୍ଟିରୁ ଏସବୁର ଅଧିକ ଆଲୋଚନା ହେବା ଆବଶ୍ୟକ ।

□□

ଲେଖକଙ୍କ ଇ-ମେଲ ଠିକଣା :
soumendrajena1994@gmail.com


ଅନୁଭୂତି

# ଗୋଟିଏ ରାତିର କାହାଣୀ



ସନ୍ତୋଷ ଚନ୍ଦ୍ର ରାୟ

ସେ ଦିନ ଥାଏ ଡିସେମ୍ବର ମାସ ୨୪ ତାରିଖ। ଆତ୍ମଜ୍ଞାନର ଅଦ୍ୱିତୀୟ ଆଚାର୍ଯ୍ୟ ଶୁଦ୍ଧାନନ୍ଦ ସରସ୍ୱତୀଙ୍କଠାରୁ ଆତ୍ମଜ୍ଞାନ ଉପରେ ଶିକ୍ଷାଲାଭ ଓ ଅମୃତବାଣୀ ଶ୍ରବଣ କରିବା ପାଇଁ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଠାରୁ ୪ କିଲୋମିଟର ଦୂର 'ତାଳପଂକା' ଆଶ୍ରମରେ ମୁଁ ଅବସ୍ଥାନ କରିଥାଏ। ଏହି ତତ୍ତ୍ୱଜ୍ଞାନ ଶିବିର ଡିସେମ୍ବର ମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥାଏ। ବହୁ ଅନିସନ୍ଧିତ୍ସୁ ବିଦ୍ୟାର୍ଥୀ ଶିକ୍ଷାଲାଭ କରିବାପାଇଁ ସମବେତ ହୋଇଥାଆନ୍ତି। ମନୋଯୋଗ ସହକାରେ ଶୁଣୁଥାଏ ମୁଁ। ସ୍ୱାମିଜୀ ଆତ୍ମଜ୍ଞାନ ଓ ଶରୀର ତତ୍ତ୍ୱ ଉପରେ ଆମକୁ ବୁଝାଉ ଥାଆନ୍ତି। 'ମୁଁ' ଓ 'ଚେତନ'ର ସ୍ୱରୂପ ଉପରେ ବୁଝାଇ କିଭଳି ସର୍ବଦା ଆନନ୍ଦ ସ୍ୱରୂପ 'ଖୁସି' ଅନୁଭବ କରିପାରିବେ ତା' ଉପରେ ଆମ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ସରଳ ଭାବରେ ବାଖ୍ୟା କରୁଥାଆନ୍ତି।



ସ୍ୱାମିଜୀଙ୍କ ଏହି ପ୍ରବଚନ ଶ୍ରବଣାନ୍ତେ, ସେଦିନ ରାତ୍ରିର ଏକ ଘଟଣା ମୋ ମନରେ ଯେତିକି ଭୟ ସଞ୍ଚାର କଲା ତା'ଠାରୁ ବେଶି ସେଠାକାର ପରିବେଶ ପରିସ୍ଥିତି ଓ ସେଠାକାର ଲୋକମାନଙ୍କ ସମ୍ବନ୍ଧରେ ଜାଣିବାପାଇଁ ମନରେ ଆହୁରି ଉଦ୍‌ବେଳନ ସୃଷ୍ଟି କଲା। ସେ' ଦିନ ରାତ୍ରି ଭୋଜନ କରି ମୁଁ ବିଶ୍ରାମ ନେଉଥାଏ। ହଠାତ୍ ବାହାରେ କାହାରି ପାଟି ଶବ୍ଦ ଶୁଣି କବାଟ ଖୋଲି ଦେଖେ ତ, ଆକାଶରେ ଶୁକ୍ଳପକ୍ଷର ଜହ୍ନ। ରାତି ପାହିବାକୁ ବୋଧହୁଏ ଦୁଇ କି ତିନି ପ୍ରହର ବାକିଥାଏ। ଛାପି ଛାପିକିଆ ଜହ୍ନ ଆଲୁଅ ଆମ୍ବ ଗଛର ପତ୍ର ଭେଦ କରି ଚାରିଆଡେ ବିଚ୍ଛୁରି ହୋଇପଡିଥାଏ। ପାହାନ୍ତି କୁଆଁ ତାରାଟା ପଶ୍ଚିମ ଦିଗ୍‌ବଳୟର ବହୁତ ତଳକୁ ଖସି ଚିକ୍‌ଚିକ୍ କରୁଥାଏ। ବାହାରେ ସ୍ତ୍ରୀ ଲୋକଟିର ପାଟି ଶୁଭୁଥାଏ - "ଏ, ପରଭୁ ଦୟାକର, ବର୍ଷଯାକ ପରିଶ୍ରମ କରିଛି। ମୋ ଛୁଆ ପିଲାଙ୍କ ପେଟକୁ ମାରେନା। ତମକୁ ନେହୁରା ହେଉଛି ପରଭୁ। ଗୋଡତଳେ ପଡୁଛି।" ମୁଁ ଦୂରରୁ ଥାଇ ଲକ୍ଷ୍ୟ କଲି ହାତୀ ଚାରିଗୋଟା (ଦୁଇଟି ବଡହାତୀ, ଦୁଇଟି ଛୁଆ ହାତୀ) ହଠାତ୍ ମାଡି ଆସିଥିଲେ। କିନ୍ତୁ ଏ କଥା ଶୁଣି କିଛି ଫସଲ ନଷ୍ଟ ନ କରି ବାଟ ଭାଙ୍ଗି ଚାଲିଗଲେ। ସେଇଠି ଠିଆ ହୋଇ ମନେ ମନେ ଭାବିଲି, ପଶୁ ଜନ୍ତୁ ହେଲେ କ'ଣ ହେଲା ଏମାନଙ୍କର ମଧ୍ୟ ବୁଦ୍ଧି ଅଛି। ବିବେକ, ଦୟା, କ୍ଷମା ଭାବକୁ ଭୁଲିନାହାନ୍ତି।

ରାତି ପାହି ସକାଳ ହେଲା। ଲାଲ୍ ଟୁକ୍‌ଟୁକ୍ ସୂରୁଜଟା ମୁଣ୍ଡିଆ ଉହାଡରୁ ବାହାରି ଆସିଲା। ପକ୍ଷୀମାନଙ୍କ କଳରବରେ ସେ ସ୍ଥାନ ମୁଖରିତ ହୋଇ ଉଠିଲା। ମୁଁ ସେଠାକୁ ଯାଇ ଦେଖିଲି ଯେ, ଗେରସ୍ତ (ତା'ର ନାଁ ଦିବାକର ବୋଲି ପରେ ଜାଣିଲି) ଆଶ୍ରମ ପରିସରରେ ତା' ପିଲା ଛୁଆକୁ ଧରି ରହିଛି। ତା' ପାଖରୁ କାଲି ରାତିର ଘଟଣା ସବୁ ଜାଣିବା ପାଇଁ ଚାହିଁଲି।

ଦିବାକର କହିଚାଲିଲା - "କାଲି ରାତିର ଘଟଣା ସାର୍! ମୁଁ କଣ୍ଟା ବାଉଁଶ ବୁଦାରେ ମଞ୍ଚାକରି ବସିଥାଏ। ହଠାତ୍ ଖସ୍ ଖସ୍ ଶବ୍ଦ ହେଲା। ମୁଁ ଭାବିଲି ବାର୍‌ହା ବୋଧହୁଏ ଧାନ ଖାଇବାକୁ ଆସିଛନ୍ତି। କିନ୍ତୁ ଦେଖିଲି ଯେ ସେଇଟି ହାତୀ ପଲ। ଫରେଷ୍ଟ ବାବୁଙ୍କୁ ଫୋନ୍ କଲି। ବାବୁମାନେ ଆସି ଲାଇଟ୍ ପକାଇବାରୁ ସେମାନେ ପଳାଇ ଗଲେ। ମୋ ଭାରିଜା ବି ମହାପୁରୁଙ୍କୁ ମିନତି କରୁଥାଏ। ତା'କୁ ପଚାରିଲି, "ତୁମେ କେତେ ପାଠ ପଢିଛ।" ନାଇଁ ବାବୁ ଟିପଚିହ୍ନ ବାଲା। "ତୁମେ

ମୋବାଇଲ୍ ଧରିଛ ଯେ, କେମିତି ନମ୍ବର ଜାଣୁଛ ?" "ଆଜ୍ଞା ସବୁ ଠାର୍ ରଖିଛି। ସେଇ ଠାରରେ ବଡ଼ସ୍ୱାମୀ ଗୋଟିଏ ଗାର। ସାନ ସ୍ୱାମୀ ଦୁଇଟା ଗାର। ଫରେଷ୍ଟ ବାବୁ ତିନୋଟି ଗାର ଏଭଳି ପାଞ୍ଚ ଛଅଟି ନମ୍ବର ମୋବାଇଲରେ ରଖିଛି।" ଆଚମ୍ବିତ ହୋଇ ମୁଁ ପଚାରିଲି, "ତୁମକୁ ସରକାର ସବୁ ସୁବିଧା ଦେଉଛି, ପାଠ କାଇଁ ପଢିଲନି ? ସରକାର ତୁମମାନଙ୍କ ଭଲପାଇଁ ସବୁକିଛି କରୁଛି।" ତା' ଆଖି ଲାଲ୍ ହୋଇଗଲା। କହିଲା, "ମାଷ୍ଟ୍ରେ ଆସୁଛନ୍ ଯାଉଛନ୍। ଆମ ପିଲାଙ୍କୁ ପାଠ ପଢାଇବା ନାଁରେ ଭାଡିଆ (ଦରମା) ନେଇଯାଉଛନ୍। ଆମେ ଯେମିତି ମୂରୁଖକୁ ସେମିତି ମୂରୁଖ ହୋଇ ରହିଛୁ।" ମନେ ମନେ ଭାବିଲି ବର୍ଷ ବର୍ଷ ଧରି ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆମ ସମକକ୍ଷ କରିବାକୁ ଚେଷ୍ଟା କରିଲୁ, କିନ୍ତୁ ଲାଭ କିଛି ହେଲାନାହିଁ। ଭାଷା ଟିକିଏ ବି ଶିଖାଇ ପାରିଲୁ ନାହିଁ। ପୁଣି ପ୍ରଶ୍ନ କଲି, "ସରକାର ଠୁଁ ଜମି ନେଲୁନି ? ତୋର ତ ଜମିଜମା ଘରଦ୍ୱାର କିଛି ନାହିଁ।" ସେ ଚଢାଗଲାରେ କହିଲା, "ସରକାର ଘର ଜମି ସବୁ ଦେଉଛି ନା ? ଦେ' ନା ବାବୁ, ଘରଦ୍ୱାର ଜମି ଜମା କରେଇବେ ? ଦେଖେ କେଡେ ଅଣ୍ଡିରା ଦେଖେଇ ହେଉଛୁ। ଆମର ଯୋଉ ନୁକର ଘର ଜମି ନାଇଁ, ସମସ୍ତିଙ୍କୁ ଦେଲେ କି ଗରିବ କାଇଁ ରହିବ ?" ତାକୁ ପଚାରିଲି, "ଛୁଆମାନଙ୍କୁ ପାଠ ପଢାଇଛୁ ?" "ଏ ବାବୁ ପାଠଶାଠ ତା'କୁ ପଢାଇଲେ ତର ସଡପ କାମ କରିବ କିଏ, ଜମି ଚଷିବ କିଏ, ଆମର ରଜା ଅମଳ ଗଲାଠୁଁ ଆଉତ ରଜାନାଇଁ, ଖାଲି ମନ୍ତ୍ରୀ, ଆସୁଛନ୍ ଯାଉଛନ୍ ନାଇଁ ବାବୁ ?"

> **ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆମ ସମକକ୍ଷ କରିବାକୁ ଚେଷ୍ଟା କରିଲୁ, କିନ୍ତୁ ଲାଭ କିଛି ହେଲାନାହିଁ।**


### ଅଭିଶପ୍ତ ଜୀବନ

ଭାବିଲି, ଏ ଏକବାଗିଆ ମୂର୍ଖକୁ ହିତକଥା ଶୁଣାଇ କିଛି ଲାଭ ନାହିଁ। ଆଉ ଲକ୍ଷ୍ୟ କଲି ତା' ପେଟପିଠି ଏକାଠି ଲାଗିଯାଇଛି। ମୋ ପେଟରେ ଯେତେ ଚର୍ବି ତା'ର ଶହେ ଭାଗରୁ ଭାଗେ ଭଲା ତା'ର ଥାଆନ୍ତା। ଭୁଲରେ ମୋ ପାଟିରୁ ବାହାରି ପଡିଲା, "ସକାଳୁ କି ଖାଇକରି ଆସିଛୁ ?" ସେ କହିଲା, "ଗରିବ ନୂକର ଘରେ କି ଅଛି ଯେ, ସକାଳୁ ଉଠିବସି କରି ଖାଇବ ! ଖାଲି ତୋରାଣି କଂସାଏ ପିଇକରି ଆସିଛି। ତିର୍ଲା ଆଉ ଛୁଆ ଦୁଇଟା ପଖାଳ ମୁଠାଏ ମୁଠାଏ ଖାଇକରି ସଡପ କାମକୁ ଗଲା।" ମୁଁ ପଚାରିଲି, "କ'ଣ ସବୁଦିନେ ଏଇଆ ଖାଉଛୁ ?" "କୋଉଠୁ ପାଇବୁ ଆଜ୍ଞା। ଠିକାଦାର୍ ମଜୁରି ଦିନେ ଦେଲେ ତିନିଦିନ ଦେଉନି। କାମକୁ ନ ଗଲେ ଖାଇବୁ କ'ଣ।" ଏହା ଶୁଣି ମୁଁ ମ୍ରିୟମାଣ ହୋଇପଡିଥିଲି। ପଚାରିଲି, "ସବୁଦିନ କ'ଣ ଖାଅ ?" ସେ ଉତ୍ତର ଦେଲା, "ସକାଳୁ ପଖାଳ ସାଙ୍ଗରେ କଞ୍ଚାଲଙ୍କା ଲୁଣ। ଗାଧୁଆ ବେଳକୁ ଭାତ ସହିତ ଭଜା ନ ହେଲେ ପୋଡା ଜଳା। ରାତିକୁ ତତଲା ଭାତ ସାଙ୍ଗକୁ ଡାଲିପାଣି।" ମୁଁ ପୁଣି ପ୍ରଶ୍ନ କଲି, "ଏ କ'ଣ ତୋର ସବୁଦିନିଆ ଖାଇବା ?" "ଭଲମନ୍ଦ କେଉଁଠୁ ପାଇବୁ ଆଜ୍ଞା।" ଉତ୍ସୁକତା ସମ୍ବରଣ କରି ନ ପାରି ତାକୁ ପଚାରିଲି, "ତୋର ଆଉ କିଏ ଅଛି।" "ହଁ ଆଜ୍ଞା, ମୋ ବୁଆ (ବାପା) ଅଛି।" "ତମେ ତ ଏଇଠି ରହୁଛ ତାଙ୍କୁ କାଇଁ ତମ ପାଖରେ ରଖିଲନି ?" "ସେ କ'ଣ ଆସିବ। ସେ ପରା ଆମ ପଡାର ସର୍ଦାର ହୋଇଛି। ପଡାର ଭଲ ମନ୍ଦ ସବୁ ତା' ମୁଣ୍ଡରେ। ତା'କୁ ନେଇ ଆସିଲେ ବଣ ଦେବତା ରୋଷହେବେନି ! କ'ଣ ନାହିଁ କ'ଣ କ୍ଷତି କରିବସିବ।" ତା'କୁ ପୁଣି ଥରେ ପଚାରିଲି, "ଆଚ୍ଛା ତମ ପଡାଟା ଏଠୁ କେତେଦୂର ?" ସେ କହିଲା, "ବେଶି ଦୂର ନୁହେଁ ଆଜ୍ଞା, ଡାକେବାଟ ହେବା ପରା।" ମୋ ମନରେ କୌତୂହଳ ଜାତ ହେଲା। ତାକୁ କହିଲି, "ତମ ପଡା ଆଡେ ଟିକିଏ ବୁଲି ଆସିଲେ ହୁଅନ୍ତାନି।" ସେ କହିଲା, "ତୁ ଯିବୁନା ବାବୁ ?" ମୁଁ କହିଲି, "ହଁ ଯିବି।" ସେ ଉତ୍ତର ଦେଲା, "ଆଉ ଦୁଇଦିନ ପରେ ପୁଷ୍ ପୁନେଇ ଆସୁଛି। ତୁ ମୋ ସାଙ୍ଗରେ ଯିବୁ।" ଆଉ ପଚାରିଲା, "ତୁ କାଇ ଆମ ନାଚ୍ ଜାଣିଛୁନା ?" ମୁଁ ମୁଣ୍ଡ ଟୁଙ୍ଗାରିଲି। ଲକ୍ଷ୍ୟକଲି ସେ ଯେମିତି ଖୁସି ହୋଇଯାଉଥାଏ।

### ପାହାଡ ସନ୍ଧିରେ ବସତି

ପୁନେଇ ରାତିରେ ରାତ୍ରିଭୋଜନ ସାରି ତା' ସାଙ୍ଗରେ ବାହାରି ପଡିଲି। ପାହାଡ଼ ସନ୍ଧିରେ ଘଞ୍ଚ ଜଙ୍ଗଲ ଭିତରେ ଅଣ ଓସାରିଆ ଅଙ୍କାବଙ୍କା ସଂକୀର୍ଣ୍ଣ ରାସ୍ତାଟିଏ ଲମ୍ବିଯାଇଛି। କିଛି ବାଟ ଗଲାପରେ ପଚାରିଲି ଆରେ ଦିବାକର ଆଉ କେତେ

ବାଟ ? ସେ କହିଲା, "ତୁ ଜାଣିବୁନା ?" ମୋତେ ହାତ ଦେଖାଇ କହିଲା, "ହେଇଟି ବାବୁ ସେ ଯୋଉ ତିନି ମୁଣ୍ଡିଆ ପାହାଡ ଦେଖୁଛୁନା ତା'ରି ସନ୍ଧିରେ ଆମ ପଡା। ଆଉ ଯୋଉ ବାଣ୍ଟୁଆ ଜଗନ୍ନାଥ ମନ୍ଦିର ଦେଖୁଛୁ ତା'କୁ ଲାଗି ଆମ ଘର।" ତା' ସହିତ ଯାଇ ତାଙ୍କ ପଡାରେ ପହଞ୍ଚିଲି, କେହି ଜଣେ ବିଲାତି ଲୋକକୁ ଦେଖିଲେ ଯେପରି ଗାଁ ଯାକ ଲୋକେ ତା'କୁ ଘେରି ଯାଆନ୍ତି, ସେହିପରି ମୋତେ ଆସି ସମସ୍ତେ ଘେରିଗଲେ। ମୁଁ ଲକ୍ଷ୍ୟ କରୁଥାଏ କେତେଜଣ ସ୍ତ୍ରୀଲୋକ ଓ ଝିଅ ଅତି ସନ୍ତର୍ପଣରେ ମୋତେ ଅନେଇ କଣେଇ କଣେଇ ଚାହୁଁଛନ୍ତି। ସେଠାରେ ଦିବାକର ମୋତେ ତା'ଙ୍କ ନାଚ ସ୍ଥଳକୁ ନେଇଗଲା। ମୁଁ ସେଠାରେ ପହଞ୍ଚି ଯିବାରୁ ଗୋଟାଏ ଚିକ୍କଣ ପଥର ଖଣ୍ଡ ଉପରେ ବସିବାକୁ କହିଲା। ଅନ୍ୟମାନେ ଜୁହାର କରି ନାଚ୍‌ଗୀତ ଆୟୋଜନରେ ଲାଗିଗଲେ। ମୋତେ ପରିବେଶଟା ବେଶ୍ ଭଲ ଲାଗୁଥାଏ। ଚାରିପଟେ ପାହାଡ ଘେରା ତା'ରି ସନ୍ଧିରେ ବନଦେବୀଙ୍କ ପୀଠ ସ୍ଥଳୀକୁ ଲାଗି ନାଚ୍ ସ୍ଥଳୀ। ସେତେବେଳକୁ ପୁନେଇ ଜହ୍ନଟା ମୁଣ୍ଡ ଉପରକୁ ଉଠି ଆସିଲାଣି। ନାଚର ଆୟୋଜନ ହେଲା। ମାଦଳର ଥାଇ ତାମ୍-ତାମ୍ ଶବ୍ଦ ସହିତ ଗଡୁଆ ମହୁରିଆର ମହୁରି ବାଜି ଉଠିଲା। ରାତି କ୍ରମଶଃ ବଢି ବଢି ଚାଲିଥାଏ। ଗଡୁଆ ମହୁରିଆ ଥକିଲା, ମାଦଳ ଗମ୍ଭୀର ହେଲା। ଆଉ ସେତେବେଳକୁ ତିନି ମୁଣ୍ଡିଆ ପାହାଡର ମୁଣ୍ଡ ଉପରେ ଝୁଲୁଥିବା ଛୋଟ ଜହ୍ନଟା ଅନେକବେଳୁ ଲୁଚିଗଲାଣି। କାକର ସବୁ ଗୋଟିଏ ସଦ୍ୟ ବିଧବା ଯୁବତୀର ଆଖିଲୁହ ପରି ଆକାଶରୁ ଖସି ଆସି ପାଖ ପଡିଆ ଦୂରରେ ଥିବା ଝୁମ୍ପୁଡି ଘର ସବୁ ଉପରେ ଆବୋରି ବସିଲାଣି।



ମୁଁ ବସାକୁ ଫେରିଯିବା ପାଇଁ ଦିବାକରକୁ କହିଲି। ସେତେବେଳକୁ ରାତି ପାହିବାକୁ ବୋଧହୁଏ ଦୁଇ କି ତିନି ଘଡି ବାକିଥାଏ। କୁଆଁ ତାରାଟା ପଶ୍ଚିମ ଦିଗ୍‌ବଳୟର ତଳକୁ ଖସି ଚିକ୍ ଚିକ୍ କରୁଥାଏ। ଦିବାକର ସହ ବସାକୁ ଫେରିଲାବେଳେ ତା'କୁ ପଚାରିଲି, "ତମେ ଏ ଜାଗା ଛାଡି ଆଉ କେଉଁଆଡେ ଯାଇଛ।" "କୁଆଡେ ଯିବି ବାବୁ? ମୁଁ ଗଲେ ଏ ଡଙ୍ଗର କିଏ ଜଗିବ। ଏଇଠି ସକାଳ ଯାଇ ସଞ୍ଜ ହୁଏ। କେଉଁଠୁ ତର ଅଛି!" ମନେ ମନେ ଭାବିଲି କି ସରଳ ଏମାନଙ୍କ ଜୀବନ, ଆମ ଭଳି ସହରୀ ବାବୁଙ୍କ ପରି ଛନ୍ଦ, କପଟ, ପରଶ୍ରୀକାତରତା, ଈର୍ଷା, ହିଂସା ବୋଧହୁଏ ତା' ଭିତରକୁ ପଶିନି। ଏଇ ଡଙ୍ଗର, ଏଇ ମୁଣ୍ଡିଆ, ଏଇ ବିଲବଣ ତା' ଦୁନିଆ। ଏଇଟି ସକାଳ ଯାଇ ସଞ୍ଜ ନଏଁ। ସେଇଥିରେ ତା'ର ଆନନ୍ଦ। ନାଁ ବଡ ଲୋକ ହେବାର କେବେ ସ୍ୱପ୍ନ ଦେଖିଛି, ନା କୋଠାବାଡ଼ିରେ ରହିବାର ସ୍ୱପ୍ନ ଦେଖିଛି। ଉଡାଜାହାଜ ତା' ମୁଣ୍ଡ ଉପରେ ଦେଇ ଉଡିଗଲେ କାମ ଛାଡି ଘଡିଏ ତା' ଆଡକୁ ଚାହେଁ। କେବେ ତା' ଦେହରେ ବସିବାର ସ୍ୱପ୍ନଦେଖିଛି। କେବଳ ଆମକୁ ବଡ ଲୋକ କରିବାରେ ଲାଗିଛି।

ତା' କଥା ଭାବିଲା ବେଳକୁ ମୁଣ୍ଡ ନଇଁ ଆସୁଥାଏ। ମନେ ମନେ ଭାବୁଥାଏ ସତରେ ଶିଶୁର ହସରେ, କୁମାରୀ ଲାଜରେ, ଫୁଲ ସୌରଭରେ ମନୁଷ୍ୟର ନିଷ୍କପଟ ସରଳତା ଭିତରେ ହିଁ ଭଗବାନଙ୍କ ସ୍ୱରୂପ ବିରାଜମାନ କରିଛି। ବସାରେ ପହଞ୍ଚି ଶୋଇବାକୁ ଚେଷ୍ଟାକଲି ମାତ୍ର ନିଦ ଭଲ ହେଉ ନ ଥାଏ। ରାତିପାହି ପାହି ଆସୁଥାଏ। କାଉ କୋଇଲି ରାବ ଦେଲେଣି, ସିନ୍ଦୁରା ଫାଟି ପୂର୍ବଆକାଶ ଫର୍ଚ୍ଚା ଦିଶୁଥାଏ। ଉଠିପଡି ନିତ୍ୟକର୍ମ ସାରିଦେଲି ଠିକ୍ ଏତିକିବେଳକୁ ଘଣ୍ଟି ବାଜିଉଠିଲା। କ୍ଲାସ୍ କରିବାକୁ ହେବ। ମୁଁ ଚାଲିଗଲି ଆତ୍ମଜ୍ଞାନ ମାଧ୍ୟମରେ ସୁଖ, ଶାନ୍ତି ସାଉଁଟିବାକୁ। କିନ୍ତୁ ଅନୁଭବ କଲି ସତେ ଯେମିତି ସବୁ ସୁଖ, ଶାନ୍ତି ଭଗବାନ ଏଇ ଦିବାକର ପାଖେର ଅଜାଡି ଦେଇଛନ୍ତି। ମନେ ପଡିଯାଉଥାଏ ସେଦିନ ରାତିର ପ୍ରବଚନ ସଭାରେ ଆଚାର୍ଯ୍ୟ ଶୁଦ୍ଧାନନ୍ଦଙ୍କର ଅମୃତବାଣୀ, "ସୁଖ ପାଇବାକୁ ନୁହେଁ, ସୁଖରେ ଥାଇ ସବୁ କର୍ତ୍ତବ୍ୟ କର୍ମ ସହଜରେ କରି ଚାଲ, ଆଗକୁ କେହି ଦୁଃଖ ଦେଇପାରିବେ ନାହିଁ।"

□□

ଲେଖକଙ୍କ ଇ-ମେଲ ଠିକଣା:
bhakta.ray776@gmail.com




ଗଳ୍ପ

# ଅନ୍ୟ ଏକ ରେବତୀ

ଆର୍ତ୍ତତ୍ରାଣ ମହାପାତ୍ର

କିଛିବର୍ଷ ତଳେ ନରିପୁର ଗାଁରେ ସ୍କୁଲଟିଏ ନ ଥିଲା। ଗାଁ ଲୋକେ ଗୋଟିଏ ଚାଟଶାଳୀରେ କାମ ଚଳାଉଥିଲେ। ବାଇ ଅବଧାନଙ୍କୁ କିଛି ଦକ୍ଷିଣା ନ ଦେଲେ ମଧ୍ୟ ସେ 'କ' ରୁ 'କ୍ଷ' ଯାଏ ଅକ୍ଷର ଶିକ୍ଷାସହ ଫଳାପାଠ ମଧ୍ୟ ଶିଖାଇ ଦେଉଥିଲେ। ଏବେ ସ୍କୁଲଟିଏ ଖୋଲିଛି ସତ। ହେଲେ ପିଲାଙ୍କର ଉପସ୍ଥାନ ନାହିଁ କହିଲେ ଚଳେ। ନରି ମାଷ୍ଟ୍ରେ ଘର ଘର ବୁଲି ପିଲାଙ୍କୁ ସ୍କୁଲ ଆସିବା ପାଇଁ ଡାକନ୍ତି। ସେଥିରେ କେତେଜଣ ଆସନ୍ତି ତ ଅନେକ ଆସନ୍ତି ନାହିଁ। କେହି କେହି କୁହନ୍ତି ସ୍କୁଲ ଯାଇ କି ଲାଭ? ଛୁଆଟା ଘରେ ରହିଲେ ବୋଲହାକ କରିବ ବା ପିଲା ଧରିଲେ ତା ମା' କାମ କରିବ, ନ ହେଲେ ପାଟକୁ ଯାଇ ଶାଗ କି କରାଣ୍ଡି ମାଛ ଦୁଇଟା ଆଣିଲେ ଭାତଗଣ୍ଡେ ଖାଇବ। ସ୍କୁଲ ଯାଇ କରିବ କ'ଣ? ନରିମାଷ୍ଟ୍ରେ ମୁହଁ ଶୁଖାଇ ନିରାଶ ମନରେ ଫେରନ୍ତି।



ଆଜି ରେବତୀର ଖୁବ୍ ଜିଦ୍ ସେ ସ୍କୁଲକୁ ଯିବ। ନରି ମାଷ୍ଟ୍ରେଙ୍କ କଥାରେ ଗୋଡ଼ କଚାଡ଼ି ଖୁବ୍ ଜୋର୍ କାନ୍ଦୁଛି। ଆଉ ତା' ବୋଉକୁ କହୁଛି, ବୋଉ ମୁଁ ସ୍କୁଲକୁ ଯିବି। ରେବିର ମା' ଗୋଟେ ନହକା ଛାଟିଆ ଆଣି, ବସାଇଲା ଦୁଇ ପାହାର ଝିଅ ପିଠିରେ। ତଥାପି ରେବି କହୁଛି ସ୍କୁଲ ଯିବ। ତା ମା, କହିଲା, ଆଲୋ ରେବୀ, କାହିଁକି ମୋ ମୁଣ୍ଡ ଖାଉଛୁ? ଆମେ ସବୁ ସ୍କୁଲ ଯାଉ ନ ଥିଲୁ, କ'ଣ, ଘର କରିନୁ? ସେ ପାଠରୁ କ'ଣ ମିଳିବ? ଯା' ଛେଳିଟାକୁ ନେଇଯା ବିଲକୁ। ଉଠିଆ କିଆରିରେ ଘାସ ହୋଇଥିବ ସେଠି ବାନ୍ଧିଦେବୁ। ଆଉ ଦୁଇ କେରା ଘାସ ଆଣିଲେ, ଘରେ ବନ୍ଧା ହୋଇଥିବା ରୋଗିଣା ଗାଈଟା ଖାଇବ। ଆଉ ନାଳିଆରେ ଦିଟା କଳମ ମଦରଙ୍ଗା ସାଗରୁ ଆଣିଲେ ବାପା ପଖାଳ ଖାଇବ।

ରେବତୀ କହିଲା – 'ବୋଉ' ମୁଁ କେଇଟା ଦିନ ସ୍କୁଲକୁ ଯାଇ ବର୍ଣ୍ଣବୋଧ ପଢ଼ି ଶିଖିଲିଣି। ଆଉ କେଇ ଦିନରେ ମୁଁ ଫଳାପାଠ ପୂରା ଶେଷ କରି ପଣକିଆ ଶିଖିବି। ସାର୍, କହୁଛନ୍ତି – ମୋର ପାଠ ଭଲ ହେଉଛି। 'ତୋ ମୁଣ୍ଡଗଣ୍ଡି ହେଉଛି। ଅଲକ୍ଷଣୀଟା। ମୋ' ବୋଉ ପାଠ ପଢ଼ି ନ ଥିଲା। ମୁଁ ବି ପାଠ ପଢ଼ିନି, ହେଲେ ମୁଁ ଟଙ୍କା ପଇସା ଗଣି ଶିଖିନି? ନା ଚିତାପକା, ଘରଲିପା, ରନ୍ଧାବଢ଼ା ଶିଖିନି? ସ୍କୁଲକୁ ନ ଯାଇ ମୁଁ ତ ଫେରେ ଏ ସବୁ କାମ କରୁଛି। ମୁଁ ଯାହା କହୁଛି ସେଇଆ କର।' ଏହା କହି ରେବୀ ବୋଉ, ଖୁଣ୍ଟରୁ ଖୋଲି ଛେଳି ଦୁଇଟାର ପଘା ରେବୀ ହାତକୁ ବଢ଼ାଇଦେଲା। 'ନେ, ଧର, ମୁଁ ପାଛିଆଟା ଆଣୁଛି।' ଏହା କହି ଗୁହାଲୁ ଦା' ଓ ପାଛିଆ ଆଣି ରେବୀକୁ ଦେଲା।

ରେବତୀ ଆଖି ଲୁହକୁ ପାପୁଲିରେ ପୋଛି, ଆଗେଇଲା ପାଟକୁ। ସମୟର ଶଗଡ଼ ଗୁଳାରେ ଚାଲି ଶିଖିବା ପାଇଁ। ବିଲରେ ମାଲିକର ଗୋରୁଙ୍କୁ ଉଠିଆ ଖୋଉଥିଲା ଶୁକୁରୁ। ତାକୁ ଦେଖି ରେବତୀର ଛେଳି ଦି'ଟା ତରଳିଯାଇ ଘୋଷାରି ନେଲେ ରେବତୀକୁ। ସେ' ମରିଗଲି ବୋଲି କହି ଆଣ୍ଠୁମାଡ଼ି ପଡ଼ିଗଲା, ଶୁକୁରୁ ତା' ପାଖକୁ ଦଉଡ଼ି ଆସିଲା, ରେବତୀ ଲାଜରେ ଜଡ଼ଶଡ଼ ହୋଇ ଜାମାଟାକୁ ସଜାଡ଼ି ଠିଆହେଲା। ତା' ପାଦରେ କୋଇଲିଖିଆ କଣ୍ଟା ଦି'ଟା ଗଳି ଯାଇଥିଲା। ତାକୁ ଟାଣି ବାହାର କଲା। ତା' ହାତରୁ ଟୋକେଇ ଓଦା ଛିଟିକି ପଡ଼ିଥିଲା

ହିଡ଼ତଳେ । ତାକୁ ଶୁକୁରୁ ଆଣି ରେବତୀ ପାଖରେ ରଖିଲା ।

'କ'ଣ ହେଲା କି ?' ପଚାରିଲା ଶୁକୁରୁ । ଛେଳିଟା ଟାଣି ନେଲା ଯେ କୋଇଲିଖିଆ କଣ୍ଟା, ମାଡ଼ି ପକେଇଲି ।" କଣ୍ଟା ବାହାରି ଯାଇଛି ନା ରହିଛି ? ବୋଧେ ରହିଗଲାକି କ'ଣ, ପାଦ ବିନ୍ଧୁଛି । ଶୁଖୁରୁ ପଚାରିଲା ଏବଂ ରହ ଦେଖେ, ବୋଲି ଶୁକୁରୁ ଗୋଟେ କଣ୍ଟା ବଇଁଚିକଣ୍ଟା ଆଣି ରେବତୀକୁ ବସିବାକୁ କହିଲା । ରେବତୀ ହିଡ଼ ଉପରେ ବସି ଗୋଡ଼ ଲମ୍ବେଇ ଦେଲା । ଶୁକୁରୁ ରେବି ପାଦରେ ଛେପ ଲଗାଇ ପୋଛିଦେଲା । କଣ୍ଟାଟା ଦେଖାଗଲା, ସେ ବଇଁଚ କଣ୍ଟା ସାହାଯ୍ୟରେ କଣ୍ଟାକାଢ଼ି ଦେଖାଇଲା ରେବତୀକୁ । ନେ' ଧ, କେତେବଡ଼ କଣ୍ଟା ଥିଲା ତୋ ପାଦରେ । ଆଶ୍ଚର୍ଯ୍ୟ ହୋଇ ପାପୁଲିରେ ଦେଖୁଥିଲା କଣ୍ଟା । ନ କାଢ଼ିଥିଲେ ପାଚିକି ପୁଯ ହୋଇଥାନ୍ତା ।"

ରେବତୀ ଚକିତ ଚାହାଣିରେ ଅନେଇଲା ଶୁକୁରୁକୁ । କୃତଜ୍ଞତାରେ ତା' ମନ ନଇଁ ଯାଇଛି ଶୁକୁରୁ ପାଖରେ । ଟୋକାଟା ମାଲିକ ପାଖରେ ଗୋତି ଖଟୁଛି ଶାଗ ପେଜ ଖାଇ ସୁନ୍ଦର ଚେହେରା ବନେଇଛି । ମୂଷଳିଆ ମୂଷଳିଆ ବାହୁମୁଳା ପୂରିଲା ପୂରିଲା ମୁହଁ । କଳାମୁଗୁନି ଚେହେରା । ନାକତଳେ ନିଶ ଗଜୁରି ଆସୁଛି । ହସିଲେ ଧଳାଦାନ୍ତ ଗୁଡ଼ା ମଲ୍ଲୀଫୁଲ ପରି ଦେଖାଯାଉଛି । କ୍ଷଣକ ପାଇଁ ରେବତୀ ଅନ୍ୟମନସ୍କ ହୋଇଗଲା ।

**କୃତଜ୍ଞତାରେ ତା' ମନ ନଇଁ ଯାଇଛି ଶୁକୁରୁ ପାଖରେ । ଟୋକାଟା ମାଲିକ ପାଖରେ ଗୋତି ଖଟୁଛି ଶାଗ ପେଜ ଖାଇ ସୁନ୍ଦର ଚେହେରା ବନେଇଛି ।**

ଶୁକୁରୁ କହିଲା - ରେବି : ତୁ ପାଠ ପଢୁଛୁ ପରା ?

ହଁ ?

ମୋର ଗୋଟେ କାମ କରିଦେବୁ ।

କି କାମ କହୁନୁ;

ଆମ ଘରକୁ ଖଣ୍ଡେ ଚିଠି ଲେଖିଦେବୁ ।

ହଁ ଦେବି ଯେ, ଏବେ ନୁହେଁ ।

ଆଉ କେବେ ?

ମୁଁ ଏବେ ବର୍ଣ୍ଣମାଳା ସାରି ଫଳା ପାଠ ଆରମ୍ଭ କରିଛି । ସେଟା ସରିଲେ ଚିଠି ଲେଖି ପାରିବି । ଆମ ନରି ସାର କହୁଥିଲେ, ଜଲଦି ସରିଯିବ ।

ଶୁକୁରୁ ଆଉ ରେବତୀର ଗୋରୁ ଛେଳି ବିଲରେ ଉଠିଆ ଖାଉଥିଲେ । ଦୁହେଁଯାକ ହିଡ଼ ମୁଣ୍ଡରେ ବସି ଗପ ହେଉଥିଲେ । ଶୁକୁରୁ କହିଲା ତା' ଦୁଃଖ । ରେବତୀ କହୁଥିଲା ତା' ପାଠ ପଢ଼ା କଥା । କହୁଥିଲା ସେ ଆଜି କେମିତି ସ୍କୁଲକୁ ଯିବା କଥା କହିବାରୁ ତା' ବୋଉ ତାକୁ ଦୁଇ ପାହାର ଦେଲା, ତା'ର କିନ୍ତୁ ପାଠ ପଢ଼ିବାକୁ ଖୁବ୍ ଇଚ୍ଛା । ହେଲେ କାଳ ହେଇଛି ତା' ବୋଉ । ତାକୁ ପାଠ ପଢ଼େଇ ଦେବନି ।

ହେଇ ଦେଖୁନୁ ? ମତେ ଛେଳି ଦୁଇଟାକୁ ଦେଇ କହିଲା, ଯା' ବିଲରୁ ଘାସ କାଟିକି ଟୋକେଇଏ ଆଣିବୁ, ପାଟରୁ କଳମ, ମଦରଙ୍ଗା ଶାଗ ଆଣିବୁ ? ନେଲେ ବାପା ଖାଇବେ । ବାପା ବିଲକୁ ଯାଇଛନ୍ତି । ରୋଷେଇ ଟିକେ ଡେରି ହେଲେ ହାଣ୍ଡି କୁଣ୍ଢେଇ ପିଟିଦେବେ । ଶୁକୁରୁ, କହିଲା ଭୋକବେଳ ତ ଭାରି ରାଗ ହୁଏ । ମୋର ବି ?

ଦୁହେଁ ଦୁହିଁଙ୍କ ଦୁଃଖରେ ଭାଗି ହେଲେ । ହେଲେ ଏ ଦୁଃଖରୁ ମୁକୁଳିବା ପାଇଁ କାହାରି ପାଖରେ କିଛି ବୁଦ୍ଧିବାଟ ନାହିଁ ।

ଟିକିଏ ପରେ ଶୁକୁରୁ କହିଲା ରେବତୀ ? ତୁ ଗୋଟେ କାମ କର ମୁଁ ତୋ ଛେଳିକି ଜଗିଛି । ତୁ ଯା' ଶାଗ ତୋଳିବୁ । ମୁଁ ମୋ ଗାଈ ଓ ତୋ ଛେଳିକୁ ଜଗିବା ଭିତରେ ତୋ ପାଇଁ ଘାସ କାଟିଦେବି ।

ତୁ କିନ୍ତୁ ମୋ ଛେଳିଙ୍କୁ ଦେଖୁଥିବୁ କାହା, ବିଲରେ କାଳେ ପଶିଯିବ, ଫସଲ ଖାଇବ, ଗାଈ ଛେଳି । ପୁଣି କିଏ ଆସି କାଞ୍ଜିଆ ବିଦା ନେଇଯିବ । ଆମର ଟଙ୍କା ନାହିଁ ମୁକୁଳେଇବାକୁ । ରେବତୀ ଚାଲିଲା ନାଳିଆ ଧରି କାଖରେ । ପାଟକୁ ଶାଗ ତୋଳିବାକୁ । ପଛରୁ ପୁଣି ପାଟି କରି କହିଲା, ଏ ଶୁକୁରୁ, ଛେଳି, ଗୋରୁ ନିଘା ରଖିଥିବୁ । ଶୁକୁରୁ କହିଲା ? ହଁ ତୁ ... ଯା ... ? ଶୁକୁକୁ ତେର ଚଉଦବର୍ଷର ପିଲା ଆଜିକୁ ଦୁଇ ବର୍ଷ ହେବ ଆସିଛି । ବହୁତ ଦୂରରୁ ପଧାନଘରେ ଚାକର ରହିଛି । ଦରମା କେତେ ପାଉଛି ସେ ଜାଣେ ନାହିଁ । ବାପ ବର୍ଷରେ ଥରେ ଆସି କେତେ ଟଙ୍କା ନିଏ ସେ ମଧ୍ୟ ଜାଣେନା ।

ମୁଗୁନି ପଥର ରଙ୍ଗର ଡଉଲ ଡାଉଲ ପିଲାଟିଏ, ହାତ ଉଠାପଣ ନାହିଁ । ଭୁଲ ନ ଥିଲେ ବି ମାଲିକ ଗାଳି କରେ । ସବୁ ଚାକରମାନଙ୍କ ଉପରେ ହାକିମାତି ଦେଖାଇବା ହେଉଛି ମାଲିକମାନଙ୍କର ଧର୍ମ । ହେଲେ ଶୁକୁରୁ ସହିବାର ପିଲା ନୁହେଁ ।

ଭୁଲ୍ ଥିଲେ ଦାନ୍ତ ଚାପି ସହିଯାଏ। ଭୁଲ ନ ଥିଲେ ମାଲିକ ଗାଳିକଲେ ହନୁମାଙ୍କଡ଼ ଭଳି ଦୁମ୍‌ଦୁମ୍ ହୁଏ, ଦାନ୍ତ କଡ଼ମଡ଼ କରେ। ଶୁକୁରୁ ମୁହଁକୁ ଦେଖି ମାଲିକ ନରମ ପଡ଼ିଯାଏ।

ଅନେକ ଥର ବାସି ରୁଟି, ଗନ୍ଧିଆ ଭାତ ଖାଇ ନ ପାରି ଫୋପାଡ଼ିଛି ବୋଲି ଗାଳି ଖାଏ, ମାଡ଼ ଖାଏ, ସମସ୍ତ ଅତ୍ୟାଚାର ପରେ ବି ଶୁକୁରୁ ଦାନ୍ତକୁ ଚାପି ସବୁ ସହିଯାଏ ମୁକୁଳିବାର ରାହା ପାଏନା।

ଦିନ ମୁଣ୍ଡ ଉପରକୁ ଯିବା ଉପରେ, କାଖରେ ପୁଳାଏ କଇଁଫୁଲ, ମୁଣ୍ଡରେ ଶାଗ ନାଳିଆ ଓ କଇଁ ବେଣ୍ଟ ଧରି ଆସିଲା ଉପରକୁ ରେବତୀ। ଘାସକାଟି ସାରିଥିଲା ଶୁକୁରୁ, ରେବତୀ କହିଲା କଇଁବେଣ୍ଟ ଖାଇବୁ କିରେ ଶୁକୁରୁ? ଧେତ୍ କସା ଲାଗିବ, ନାଇଁବେ ପାକଳ ବାଲା ଆଣିଛି। ହେଉ ଦେ। ଘାସ ଜାଗା ଦେଖି ହିଡ଼ ଉପରେ ବସି ଖାଉଥିଲେ କଇଁବେଣ୍ଟ। ଶୁକୁରୁ କହିଲା; ରେବିଲୋ ମୋ ପାଇଁ ଖଣ୍ଡେ ଚିଠି ଲେଖିଦେବୁ? ବଡ଼ ହଇରାଣ କରୁଛି ଲୋ ମାଲିକ।



ଟିକେ ଭାବିଲା, ଆଚ୍ଛା ତୁ କୋଉଠିକି ଚିଠିଦେବୁ? କାହିଁକି, ମୋ ଘରକୁ ଦେବି? ବାପା ପାଖକୁ। ହେଉ ଟିକେ ରହ, ମୁଁ ପାଠ ପଢ଼ିସାରେ, ଖାଲି ବନାନଟା ପରା ବାକି ଅଛି, ତା'ପରେ ଲେଖିଦେବି।

ରେବି ତୁ, ଯେତେବେଳେ ପାଟ ପାଣିରୁ ଉପରକୁ ଆସୁଥିଲୁ ହାତରେ କଇଁଫୁଲ ମୁଣ୍ଡରେ ଶାଗନାଳିଆ ଧରି, ତୋତେ ବେଶ୍, ବଢ଼ିଆ ମାନୁଥିଲା। ରେବତୀ କହିଲା ଭାକ୍ ମିଛୁଆଟା। ଆଲୋ ସତରେ ଆଖି ଛୁଉଁଛି।

କଇଁ ନାଡ଼ରେ ପିଟିଦେଲା ପାହାରେ ରେବତୀ, ଧରିନେଲା, 'ଶୁକୁରୁ। ହେଇ' ଛାଡ଼େ, ବୋଉ ଶୁଣିଲେ ଗାଳିଦେବ। ଦେଖି ଶୁକୁରୁ, ମୁଁ ତୋତେ କଇଁଫୁଲ ଦେଲି ତୁ ମୋତେ ଆଜି ପୋଖରୀରୁ ପଦୁଅଁଫୁଲ ଦେବୁ। ଏଇ କଥା, କେତେ ଫୁଲ ନେବୁ ଚାଲେ ଆଜି।

ରେବତୀ କହିଲା ସତରେ ଶୁକୁରୁ ତୋ କଷ୍ଟକଥା ଶୁଣି ମୋତେ କାନ୍ଦ ଲାଗୁଛି। କିନ୍ତୁ କ'ଣ କରିବି? ମୁଁ କ'ଣ ଚିଠି ଲେଖିପାରିବି। ଟିକିଏ ଅପେକ୍ଷା କର। ମୁଁ ଫଳା ପାଠଟା ସାରିଦିଏ। ତୋ କଥା ଲେଖି 'ତୋ, ବାପା' ପାଖକୁ ଚିଠି ପଠାଇଦେବି, ସେ ଆସି ତୋତେ ଏଠୁ ନେଇଯିବ। ଏଥର ଉଠୁ ଯିବା, ବାପା ଆସିବ ବିଲରୁ। ତା' ପାଇଁ ଖାଇବାକୁ କରିବ ବୋଉ ଦୁହେଁ ଆଗପଛ ହୋଇ ଗାଁକୁ ଫେରୁଥିଲେ ଆଗରେ ରେବତୀ ତା' ପରେ ଶୁକୁରୁ।

ଗାଁ ମୁଣ୍ଡରେ ପୋଖରୀ, ମାଟି କାଦୁଅରେ ସାଲୁବାଲୁ ହୋଇ ଘଷି ହେଉଥିଲା। ପୋଖରୀ ତୁଠରେ ରେବତୀ, ହାତରେ ପୁଳାଏ ବନମାଟି ଧରି। ମୁହଁକୁ ଚିକ୍କଣ କରୁଥିଲା।

ବନ୍ଧ ଉପରେ ଦୌଡ଼ି ଦୌଡ଼ି ଯାଇ ଶୁକୁରୁ ଡେଇଁଲା ପାଣିକି, ପହଁରିଲା, ଏବଂ ପାଣି ଭିତରୁ ପାଟିକରି କହିଲା ଆଲୋ ରେବି ପଦୁଅଁ ଫୁଲ ନେବୁ ପରା? କିରେ ପଚାରୁଛୁ କ'ଣ, ଦେଉନୁ। ଗୋଟିପରେ ଗୋଟିଏ ଅନେକ ଫୁଲ ଛିଣ୍ଡାଇ ଆଣି ଗଦାକଲା ପୋଖରୀ ବନ୍ଧ ଉପରେ। ଆଉ ନେବୁ? ହଁ ଓ ସେଇ ମଝିରେ ଯେଉଁ ବଡ଼ବଡ଼ ରକ୍ତକଇଁ ଦୁଇଟା ଫୁଟିନି ତାକୁ ଆଣିପାରିବୁ? ଆଲୋ ସେଠି ସାପ ଅଛି ବୋଲି ଶୁଣିଥିଲି। ହଉ ରହ କହି ପୁଣି ଡେଇଁଲା ପାଣିକି। ପହଁରି ପହଁରି ଯାଇ ଆଣିଲା ସିନା, ବନ୍ଧ ଉପରକୁ ଉଠି ଖର ନିଃଶ୍ୱାସ ଛାଡ଼ିଲା, ରେବତୀ କହିଲା ହାଲିଆ ହୋଇଗଲୁ କିରେ?

ନାଇଁ ମ ତୁ କହିଲେ ପରା ସରଗରୁ ଚାନ୍ଦ ଛିଣ୍ଡେଇ ଆଣିଦେବି? ତୁ ଚିଠି ଲେଖିଦେବୁ ପରା ମୋ ବାପା ପାଖକୁ। ବାପା ଆସି ନେଇଯିବେ। ଭାରି କଷ୍ଟ ହେଉଛି ଲୋ।

ଗାଧୋଇ ଫୁଲ ଧରି ଘରକୁ ଫେରୁଥିଲା ରେବତୀ। ବାଟରେ ନରି ମାଷ୍ଟ୍ରେଙ୍କୁ ଦେଖି ପ୍ରଣାମ କରି ତଳକୁ ମୁହଁ ପୋତି ଛିଡ଼ା ହେଲା। ଆରେ ଆଜି କାହିଁକି ସ୍କୁଲ୍‌କୁ ଆସିଲୁ ନାହିଁ। ବୋଉ ପରା ମନାକଲା, ହେଉ, କାଲି ଆସିବୁ ଯାଆ, ବଢ଼ିଆ ଫୁଲ ସବୁ ଧରିଛୁ ତ, କୋଉଠୁ ଆଣିଲୁ? ପୋଖରୀରୁ। 'ସାର୍ ନିଅନ୍ତୁ ଦୁଇଟା ଫୁଲ,' କହି ବଢ଼ାଇ ଦେଲା ହସିକି ନରି ମାଷ୍ଟ୍ରେଙ୍କ ହାତକୁ। କୋମଳମତୀ ବାଳିକାର ଉଦାର ହୃଦୟକୁ ଦେଖୁଥିଲେ ନରିମାଷ୍ଟ୍ରେ। ସାର୍ କାଲି ସ୍କୁଲ୍‌କୁ ଆସିବି, ଯାଉଛି। ବର୍ଣ୍ଣଟି ଶ୍ୟାମଳ ହେଲେ ମଧ୍ୟ ଶରୀର ଗଠନ ଦୃଷ୍ଟିରୁ ଖୁବ୍ ସୁନ୍ଦର ଲାଗୁଥିଲା ରେବତୀ।

ସମୟ କାହାକୁ ଅପେକ୍ଷା କରେନା, ଗଡ଼ିଜାଲେ ଆଗକୁ ଆଗକୁ। ଏହା ଭିତରେ ଅନେକ ଦିନ ଗଡ଼ିଗଲାଣି। ରେବତୀ ଆଉ ସ୍କୁଲ୍‌କୁ ଯାଉନାହିଁ। ତା ବୋଉ ତାକୁ ସ୍କୁଲକୁ ଛାଡୁନାହିଁ। ଘର କାମରେ ତାକୁ ବାନ୍ଧି ରଖିଛି। ରେବତୀ ମନ ସେ ବାହାରକୁ ଯାଆନ୍ତା। ଆଗପରି ଗଛ ଚଢ଼ନ୍ତା। ପୋଖରୀ ପାଣିରେ ପହଁରନ୍ତା। ଶୁକୁରୁ ସହିତ କଥା ହୁଅନ୍ତା। ପଚାରି ବୁଝନ୍ତା ସେ ଏବେ କେମିତି ଅଛି ? କିନ୍ତୁ ତା' ବୋଉ ତାକୁ ସବୁଥିରେ ଆକଟ କରୁଛି। ତା'ର ଦୁଃଖ ସେ ଶୁକୁରୁକୁ ଦେଇଥିବା କଥା ରଖିପାରିନାହିଁ। ସେ ଅନେକ ଭାବି ହେଉଛି। କେମିତି ଚିଠି ଖଣ୍ଡେ ଲେଖି ଦେଇଥାନ୍ତା କି ?

ପିଲାଟିର ମନରେ ଭାରିକଷ୍ଟ। ନରି ସାର୍‌ଙ୍କୁ କହିଲେ ସେ ହୁଏତ ଲେଖି ଦିଅନ୍ତେ। ଏ କଥା ଯଦି ତା' ମାଲିକ କାନରେ ପଡ଼େ ତେବେ ସବୁ ଗଡ଼ବଡ଼ ହୋଇଯିବ। ସେ ଯେଉଁ ବେତମାଡ଼ରେ ନୋଳା ଫାଟିବା କଥା, ନିଆଁ ଚେଁକ କଥା, ଶୁକୁରୁ ହାତକୁ ମାଲିକ ମୋଡ଼ିକି ଯଖମ କରିବା କଥା ଲେଖିବ ବୋଲି ଭାବୁଛି। ସେ କଥା କ'ଣ ନରିସାର୍ ଲେଖିବେ ? - ବା ମୁଁ ଏଠି ଭଲରେ ଅଛି। ଆଶାକରେ ତୁମେ ନିଶ୍ଚୟ ଭଲରେ ସେଠାରେ ଥିବ। ଇତି, ତୁମର ପୁଅ ଶୁକୁରୁ।

**ତାକୁ ଗୋଡ଼େ ଗୋଡ଼େ ଜଗିଛି ତା' ବୋଉ। ଏବେ ରେବତୀର ବାହାଘର ପ୍ରସ୍ତାବ ଆସିଛି ପାଖ ଗାଁରୁ। ପିଲାଟି ବାପ ଛେଉଣ୍ଡ।**

ଏଥିରେ କ'ଣ, ଶୁକୁରୁର ଦୁଃଖ ଯିବ ! ଶୁକୁରୁ କଥା ଭାବି ରେବତୀର ମନ ଛଟପଟ ହୁଏ, ହେଲେ କିଛି କରିପାରିବାର ଉପାୟ ମିଳେନା। ଦୁଃଖ କହିବ କାହାକୁ।

ଯା' ଭିତରେ ଅନେକ ଦିନ ହୋଇଗଲାଣି, ରେବତୀ ସିଆଣା ହୋଇଗଲାଣି। ବୋଉର ଆକଟ ଆହୁରି ବେଶି ବଢ଼ିଗଲାଣି। ତାକୁ ଗୋଡ଼େ ଗୋଡ଼େ ଜଗିଛି ତା' ବୋଉ। ଏବେ ରେବତୀର ବାହାଘର ପ୍ରସ୍ତାବ ଆସିଛି ପାଖ ଗାଁରୁ। ପିଲାଟି ବାପ ଛେଉଣ୍ଡ। ପାଠ ଦି'ଅକ୍ଷର ପଢ଼ିଛି। ସହରରେ କ'ଣ ଗୋଟାଏ ଚାକିରି କରେ। ଏଭଳି ପ୍ରସ୍ତାବକୁ ହାତଛଡ଼ା କରିବାକୁ କିଏ ଚାହେଁ ? ଦେଖା ଚାହାଁ ହେଲା ଦବାନବା କଥା ଉଠିଲା, ପୁଅ କହିଲା, ମୁଁ ରେବତୀକୁ ବାହା ହେବି ନା ଟଙ୍କା ପଇସାକୁ ? ସେକଥା ଉଠୁଛି କାହିଁକି ? ବାହାଘର ପକ୍କା ହୋଇଗଲା, ଦିନ ମଧ୍ୟ ଧରାଗଲା, ରେବତୀ ଓର ଉଣ୍ଡିଲା କିମିତି ଟିକେ ଶୁକୁରୁକୁ ଦେଖା କରିବ। ତାକୁ କହିବ, ତୋର କାମଟା ମୁଁ କରିପାରିଲି ନାହିଁ। ମୋତେ କ୍ଷମା କରିଦେ।

ରେବତୀ ବାହା ହୋଇ ଚାଲିଯିବ ବୋଲି ସାଇ ପଡ଼ିଶାରୁ ଝିଅ ଡାକରା ଆସିଲା। ଶୁକୁରୁ ମାଲିକ ପଧାନଘରୁ। ଆଜି ରେବତୀର ମନ ଖୁବ୍‌ଖୁସି। ସେ ଶୁକୁରୁ ସହିତ ଦେଖା କରିବ, ତା'ଠାରୁ କ୍ଷମା ମାଗିବ, ଚିଠି ଲେଖିପାରିଲା ନାହିଁ ବୋଲି।

କଅଁଳ ଗାଧୁଆ ବେଳକୁ ପଧାନଘର ଝିଅ ସେବତୀ ଆସିଲା ରେବତୀ ଘରକୁ ବାଡୁଅଖିଆ ଡାକିବା ପାଇଁ। ରେବତୀ, ଦେହରେ ଶାଢ଼ିକୁ, ଗୋଡ଼ରେ ପାଉଁଜି ଖୁବ୍ ସୁନ୍ଦର ପରୀଟିଏ ପରି ସୁନ୍ଦର ଦିଶୁଥିଲା। ହାତରେ ଧରିଛି ଗୋଟାଏ ଛୋଟିଆ ପର୍ସ। ତା' ବାପା, ତା ପାଇଁ କିଣିଦେଇଛି ଯାତରାରୁ। ପଧାନଘରେ ପହଁଚି ସମସ୍ତଙ୍କଠାରୁ ବିଦାୟ ନେଲା, ଛୋଟମାନଙ୍କୁ ଆଦର କଲା।

ମନ କହୁଥାଏ ଶୁକୁରୁକୁ ଦେଖା କରନ୍ତା। କିନ୍ତୁ ଶୁକୁରୁର ଦେଖା ନାହିଁ। ଶେଷରେ ଫେରିଲା ବେଳକୁ ଦେଖିଲା ଶୁକୁରୁ ଆସୁଛି ବିଲରୁ। ସେ ଦଣ୍ଡେ ଠିଆ ହୋଇଗଲା।

ଶୁକୁରୁ ଆସିବାରୁ ତାକୁ କହିଲା – ତୋ କାମଟା କରିପାରିଲି ନାହିଁରେ। ମତେ କ୍ଷମା କରିଦେବୁ। ଏତକ କହି ସେ ଆଖି ଛଳଛଳ କରିପକାଇଲା।

ଶୁକୁରୁ କହିଲା କାନ୍ଦେନା ରେବୀ ? ବାହା ହୋଇଗଲେ ବି ତୁ ମୋ କାମ କରିପାରିବୁ, ମୁଁ ଶୁଣିଛି ତୋ ବର ତ ପାଠ ପଢ଼ିଛି। ତାକୁ କହିବୁ ମୋ କଥା ସେ ଲେଖିଦେବ।

ରେବତୀର ମନ ମଧ୍ୟରେ ଆଶାର କିରଣ ଦେଖାଦେଲା। ସେ କହିଲା, 'ତୁ ଗୋଟେ କାମ କର। ଏଇ ପୋଷ୍ଟକାର୍ଡଟି ନେ। ନରି ସାର୍‌ଙ୍କ ପାଖରୁ ତୁମ ଘର ଠିକଣା ଲେଖି ଆଣିଦେବୁ।'

'ହଁ ଦେ,' କହି ଶୁକୁରୁ ନେଲା ପୋଷ୍ଟକାର୍ଡଟିକୁ। ଚାହିଁ ରହିଥିଲା ରେବତୀ ମୁହଁକୁ। ଆଜି ରେବତୀଟା ଖୁବ୍ ସୁନ୍ଦର ଦିଶୁଛି। ତା ଆଖିରେ ସେ ଦିନର ଦୃଶ୍ୟ ଭାସି ଉଠୁଥିଲା। ପାଣି କାଦୁଅରେ ସାଲୁବାଲୁ ହୋଇ ରେବତୀ ପାଟରୁ ଉଠି ଆସୁଥିଲା, କାଖରେ ଶାଗନାଳିଆ, ହାତରେ ଗୋଛାଏ କଇଁଫୁଲ ଧରି।

ମନ ଭିତରେ ଖୋଜୁଥିଲା ସେଦିନର ରେବତୀକୁ। ରେବତୀ ଚାଲିଗଲା, ଶୁକୁରୁର ଧାନ ଭାଙ୍ଗିଗଲା ବେଳକୁ ତା' ହାତରେ ଥିଲା ଖାଲି ପୋଷ୍ଟକାର୍ଡ ଖଣ୍ଡେ।

କେତେବେଳେ ସେ ଯିବ ନରିସାର୍‌ଙ୍କ ପାଖକୁ ? ତା' ଖଟଣିର ସୀମା ନାହିଁ। ସକାଳୁ କୁଆ କା' କହିବାବେଳୁ ମୁହଁ ଅନ୍ଧାର ଯାଏ ତା'ର କାମ ସରେନା। ରେବତୀ କହିଛି ତାକୁ ଏ କାର୍ଡ ଖଣ୍ଡକ ଆଜି ରାତିରେ ଫେରାଇବା ପାଇଁ।

ତା' ସହିତ ଆଉ ଦେଖା ହେବକି ନାହିଁ କେଜାଣି ? ଶୁକୁରୁ ତରତର ହୋଇ କାର୍ଡ ଖଣ୍ଡିକୁ ତା' ଚାଳିଆରେ ରଖିଗଲା ଗାଧୋଇବା ପାଇଁ। ଖାଇସାରିଲା ପରେ ତାକୁ ଟିକିଏ ସମୟ ମିଳେ ଗଡ଼ିଯିବା ପାଇଁ ସେତିକିବେଳେ ଗଲା ନରିସାର୍‌ଙ୍କ ପାଖକୁ। ନରିସାର୍ ତାଙ୍କ ଟୁଙ୍ଗିରେ ବସି ଖଣ୍ଡେ ବହି ପଢୁଥିଲେ। ଶୁକୁରୁକୁ ଦେଖି କହିଲେ - 'ଶୁକୁରୁ କିରେ ? କୁଆଡ଼େ ଆସିଲୁ ? ଆପଣଙ୍କ ପାଖରେ ଗୋଟେ କାମଥିଲା।

'କି' କାମ ?

ଶୁକୁରୁ ପୋଷ୍ଟକାର୍ଡଟିକୁ ବଢ଼ାଇଦେଇ କହିଲା - ଏଥିରେ ଆମ ଘର ଠିକଣାଟିକେ ଲେଖିଦିଅ।

ଖାଲି ଠିକଣା ? ଚିଠି କିଏ ଲେଖିବ ?

ରେବତୀ ଚିଠି ଲେଖିବ ବୋଲି କହିବାକୁ ତାକୁ ଲାଜ ଲାଗିଲା। କହିଲା ପରେ ଚିଠି ଦେବି ?

ହେଉ କହ, ଠିକଣା ? ଶୁକୁରୁ ମନେ ପକାଇ ପକାଇ କହିଲା। ଠିକଣା, ନରିସାର୍ ଲେଖିଦେଲେ ଠିକଣା। ଶୁକୁରୁ ସିଧା ଚାଲିଲା ରେବତୀ ପାଖକୁ। ତାକୁ କାର୍ଡ଼ଟିକୁ ଦେଲାପରେ ଛୁଟି। ସତରେ କ'ଣ, ସେ ଚିଠି ଲେଖିବ ? ବାପା ସେ ଚିଠି ପାଇ ଆସିବେ ! ତାକୁ ପଧାନଘରୁ ନେବେ ! ପୁଣି ପ୍ରଧାନଘର କରଜଟଙ୍କା କେମିତି ଶୁଝିବେ ବାପା, ଟଙ୍କା ଆଣିବେ କେଉଁଠୁ ? ଘରେ ତ ଛେଳି, କି ବାଛୁରି ନ ଥିଲେ, କଂସାବାସନ ବି ନ ଥିଲା, ପୁଣି ଗାଁରେ କରଜ ଅଛି, ଟଙ୍କା ଆଣିବେ କେଉଁଠୁ ? ମୋତେ ନେବେ ଏଠୁ !

ଶୁକୁରୁ ଗଲାବେଳକୁ ରେବତୀ ଦାଣ୍ଡ କୂଅରୁ ପାଣି କାଢୁଥିଲା। ଶୁକୁରୁକୁ ଦେଖି ସେ ହସିଲା ଏବଂ ବୁଝିଗଲା। 'ଆଣିଛୁ ?' 'ହଁ'।

ରେବତୀ ପାଣି ଗରାଟାକୁ କାଖରେ ରଖି କାନିରେ ପୋଛିଲା ହାତକୁ ଏବଂ ପୋଷ୍ଟକାର୍ଡଟିକୁ ନେଲା ଶୁକୁରୁଠାରୁ। କହିଲା କହିପାରୁନି ମୁଁ ତୋ କାମ କରିପାରିବି କି ନାହିଁ। ତେବେ ଚେଷ୍ଟା କରିବି। ପରଦିନ, ସାହାନାଇ ବାଜି ଉଠିଲା, ଭବିଷ୍ୟତର ସ୍ୱପ୍ନକୁ ନେଇ ବଞ୍ଚିବାର ନିଶା।

ରେବତୀର, ବାହାଘର ହୋଇଗଲା। ବର ଅରୂପ ସହିତ ରେବତୀ ଗଲା ତା' ଶାଶୁଘରକୁ। ଚଉଠି ରାତିରେ ଦୁହେଁ ଏକାଠି ହେଲେ। ଦୁହିଁଙ୍କର ମନ ମିଶିଲା, ଲାଜ ଛାଡ଼ିଲା। ଅରୂପ ପଚାରିଲା, 'ପଢ଼ାପଢ଼ି କରିଛ ?' ରେବତୀ କହିଲା, 'ହଁ ଅକ୍ଷର ଲେଖି ପଢ଼ି ଜାଣେ। ତେବେ ଫଳା ପାଠ ପଢ଼ିନି। ବୋଉ ସ୍କୁଲକୁ ପଠାଇଲା ନାହିଁ।'

ଅରୂପ କହିଲା, 'ମୁଁ ପଢ଼ାଇଲେ ପଢ଼ିବ ?'

ରେବତୀ ମୁଣ୍ଡ ନୁଆଇଁ କହିଲା 'ହଁ'।

**ମତେ ଚିଠି ଲେଖିଆସିଲା ନାହିଁ। ଅକ୍ଷର ସିନା କିଛି କିଛି ଆସେ, ହେଲେ ମାତ୍ରା ଶିଖିନାହିଁ।**

'ସାବାସ୍, ତେବେ କାଲିଠାରୁ ପାଠପଢ଼ା ଆରମ୍ଭ ହେବ।' 'ତା' ପୂର୍ବରୁ ମୋର ଗୋଟେ କଥା ରଖିବ ?' ଥିରି କରି କହିଲା ରେବତୀ, ଶୁକୁରୁର ବାପା ପାଖକୁ ଚିଠି ପଠାଇବା କଥା। ଅରୂପ ହସିଲା - 'ଶୁକୁରୁ କିଏ ? ସେ ତୁମର କ'ଣ ହୁଏ ?' ରେବତୀ ଡରିଗଲା। ଶୁକୁରୁ କଥା କହି ଭୁଲ ହେଲା ନାହିଁ ତ ? ସାହସ କରି କହିଲା - 'ସେ ମୋର କେହି ନୁହେଁ। ପିଲାଟା ଆମ ଗାଁରେ ପଧାନଘରେ ଗୋତି ଖଟୁଛି। ତା' ବାପା କରଜ କରିଛି। ସେ କହିଥିଲା ତା' ବାପା ପାଖକୁ ଚିଠି ଦେବାପାଇଁ। ମୁଁ ଦେଇପାରିନି। ମତେ ଚିଠି ଲେଖିଆସିଲା ନାହିଁ। ଅକ୍ଷର ସିନା କିଛି କିଛି ଆସେ, ହେଲେ ମାତ୍ରା ଶିଖିନାହିଁ।'

ତା' ପରଦିନ ରାତିରେ ଚିଠିଲେଖା ଆରମ୍ଭ ହେଲା। ଅରୂପ କହିଲା, 'ପିଲାଟା ଗୋତି ଖଟୁଛି। ତାକୁ ମୁକୁଳେଇବାକୁ ହେବ, ୟୁନିଅନ ଅଫିସିରେ ୱେଲଫେୟାର ଅଫିସିକୁ ଚିଠି ଲେଖିବାକୁ ହେବ। ଚଉଦ ବରଷରୁ କମ୍ ପିଲାଙ୍କୁ ଖଟାଇବା ଅନ୍ୟାୟ,' ରେବତୀକୁ କହିଲା ଅରୂପ, 'ତୁମେ ମୋତେ ଚିଠି ଲେଖିବାକୁ କହି ଖୁବ୍ ଭଲ କରିଛ। ପିଲାଟା ମୁକ୍ତି ପାଇଯିବ।'

□□

ଲେଖକଙ୍କ ଇ-ମେଲ ଠିକଣା:
arttatrana1961@gmail.com


ପ୍ରବନ୍ଧ

# ଜଗତୀକରଣ, ସଂସ୍କୃତି ଓ ଓଡ଼ିଆ ଉପନ୍ୟାସ



ଡ. ଦୟାନିଧି ପରିଡ଼ା

ପ୍ରଚଳିତ ସମାଜ ସବୁବେଳେ ପାରିବେଶିକ ପ୍ରଭାବରେ ନିୟନ୍ତ୍ରିତ ହେବାସହ ତା'ର ପ୍ରତିଫଳନ ସ୍ୱରୂପ ସମାଜରେ ଘଟୁଥିବା ନାନା ପରିବର୍ତ୍ତନକୁ ମଧ୍ୟ ଅଙ୍ଗୀକାରବଦ୍ଧ କରିଥାଏ। ଜଗତୀକରଣ ହେଉଛି ଆର୍ଥନୀତିକ ପରିବେଶରୁ ସୃଷ୍ଟି ହୋଇଥିବା ବିଷୟ ଯାହା ଧୀରେ ଧୀରେ ସମାଜର ବିଭିନ୍ନ କ୍ଷେତ୍ରରେ ଜଡ଼ିତ ହୋଇ ତାର ପ୍ରଭାବ ପକାଇଛି। ଦେଶର ଆର୍ଥିକ ସମ୍ବଳକୁ ଅଧିକ ତ୍ୱରାନ୍ୱିତ କରିବା ଯଦିଓ ଜଗତୀକରଣର ଉଦ୍ଦେଶ୍ୟ, ତଥାପି ଦେଶ-ଦେଶ ମଧ୍ୟରେ ବାଣିଜ୍ୟିକ ଭିତ୍ତିଭୂମି ପ୍ରତିଷ୍ଠା କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ। ଏହାର ପ୍ରଭାବରେ ପୃଥିବୀର ବିଭିନ୍ନ ଦେଶର ଚାଲି ଚଳଣିରେ ଅନ୍ତଃମିଶ୍ରଣ ଘଟିଛି ଏବଂ ସାମାଜିକ, ରାଜନୀତିକ, ସାଂସ୍କୃତିକ, ଅର୍ଥନୈତିକ ଓ ବାଣିଜ୍ୟିକ ଭଳି ନାନାଦି କ୍ଷେତ୍ରରେ ପାରସ୍ପରିକ ସମ୍ବନ୍ଧଟିଏ ଗଢି ଉଠଛି। ଯେମିତିକି, ବାଣିଜ୍ୟିକ ସଂସ୍ଥାଟିଏ ଯେଉଁଳି ବାଣିଜ୍ୟିକ ପରିବେଶ ସୃଷ୍ଟି କରେ, କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରେ ସେହିପରି ଧାର୍ମିକ ଓ ସାମାଜିକ କ୍ଷେତ୍ରରେ, ବ୍ୟକ୍ତି ବ୍ୟକ୍ତି ଓ ଦେଶ ଦେଶ ମଧ୍ୟରେ ଯୋଗାଯୋଗର ଅନ୍ତଃ ମିଶ୍ରଣ ଘଟିବା ପ୍ରକ୍ରିୟାଟିଏ ଲକ୍ଷ୍ୟ କରାଯାଏ। ଏହା ଜଗତୀକରଣର ଦୃଷ୍ଟିଭଙ୍ଗୀକୁ ଅଧିକ ସ୍ପଷ୍ଟ ଓ ପ୍ରସାରିତ କରେ।



## ମିଶ୍ରିତ ସଂସ୍କୃତି

ଭାରତୀୟ ସଂସ୍କୃତିରେ ପାଶ୍ଚାତ୍ୟ ସଂସ୍କୃତିର ମିଶ୍ରଣ ଫଳରେ ସଂସ୍କୃତିର, ନବରୂପ ପ୍ରତିଭାତ ହେଲା। ବିଶେଷକରି ପଲ୍ଲୀରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଦେଶର ସବୁ କ୍ଷେତ୍ରର ବିକାଶ ଓ ଆର୍ଥିକ ସ୍ୱଚ୍ଛଳ କରିବାର ଲକ୍ଷ୍ୟ ହେଉଛି ଜଗତୀକରଣ। ଫଳରେ ମଣିଷ ପାରମ୍ପରିକ ଧାରାରୁ ବିଚ୍ୟୁତ ହୋଇ ନୂଆ ଏକ ଆହ୍ୱାନର ସମ୍ମୁଖୀନ ହେଲା। ଗ୍ରାମାଞ୍ଚଳର ମଣିଷ ସହର ସମ୍ବନ୍ଧରେ ଅଧିକ ଜ୍ଞାନଲାଭ କଲା। ନିଜ ରାଜ୍ୟ, ଅନ୍ତର୍ଦେଶ ଓ ବହିର୍ଦେଶ ସମ୍ପର୍କରେ ଅବଗତ ହେଲା। ଶିକ୍ଷା କ୍ଷେତ୍ରରେ ସଭିଏଁ ସଚେତନ ହେଲେ। ନାରୀମାନେ ନିଜର ସ୍ୱାଧୀନତା ଓ ସ୍ୱାଧିକାରକୁ ଜାହିର କଲେ। ଇଣ୍ଟରନେଟ୍ ଓ କମ୍ପ୍ୟୁଟର୍ ମାଧ୍ୟମରେ ଯୁବପିଢି ନାନାଦି ତଥ୍ୟ ସମ୍ପର୍କରେ ଅବଗତ ହେଲେ। ବିଜ୍ଞାନର ବରଦାନ ସମାଜକୁ ନାନା ସମସ୍ୟାରୁ ସମାଧାନ ଆଡ଼କୁ ବାଟ ଫିଟାଇଲା। ବିଶେଷକରି ସଚେତନ ନାଗରିକ ଉପଲବ୍ଧି କଲା ପ୍ରକୃତରେ ସମାଜର ସ୍ୱରୂପକୁ। ସାଧାରଣ ଜନତା ବିକାଶ ନାମରେ ସୀମିତ ହୋଇ ରହିଲା। ଓଡ଼ିଶାରେ ଅଧିକାଂଶ କମ୍ପାନୀ ସ୍ଥାପନ ହେବା ଫଳରେ ନବ ନିଯୁକ୍ତିର ସୁଯୋଗ ବୃଦ୍ଧି ହେଲା ଏବଂ ତା'ସାଙ୍ଗରେ ଆର୍ଥିକ ପୁଞ୍ଜିର ବିକାଶ ମଧ୍ୟ ହେଲା। ସଂସ୍କୃତି କ୍ଷେତ୍ରରେ ଭାରତରେ ବିଦେଶୀ ସଂସ୍କୃତିର ପ୍ରଭାବ ପଡ଼ିଲା। ବେଶ ପୋଷାକ, ଖାଦ୍ୟପେୟ ଓ ଚାଲିଚଳଣି ଏମିତିକି ପ୍ରତ୍ୟେକଟି ବ୍ୟବହାର୍ଯ୍ୟ ଜିନିଷ ମଧ୍ୟରେ ପାଶ୍ଚାତ୍ୟାନୁଭବ ହେଲା। ବୈଦେଶିକ କମ୍ପାନୀର ଆଗମନ ହେତୁ ସେମାନଙ୍କ ଉତ୍ପାଦିତ ଖାଦ୍ୟ, ପୋଷାକ, ବ୍ୟବହାର୍ଯ୍ୟ ସାମଗ୍ରୀ ଇତ୍ୟାଦି ଆମ ସମାଜ ପାଇଁ ଅବଶ୍ୟକୀୟ ମନେହେଲା।

ବିଶ୍ୱକୁ ଗୋଟିଏ ଦୃଷ୍ଟିରେ ବା ଗୋଟିଏ ଗ୍ରାମ ହିସାବରେ ଦେଖିବା ହେଉଛି ଜଗତୀକରଣ। ଏହାର ପ୍ରାସଙ୍ଗିକ ଅର୍ଥ ଗୋଟିଏ ଦେଶର ସାମାଜିକ ପରିବେଶ ଅନ୍ୟ ଏକ ଦେଶର ସାମାଜିକ ପରିବେଶ ସମ୍ପର୍କରେ ଅବଗତ ହେବା ଏବଂ ସେହି ଉପାଦାନ ସମୂହକୁ ସ୍ୱପରିବେଶରେ ସାମିଲ୍ କରାଇବା। ଏହି କ୍ଷେତ୍ରରେ କୁହାଯାଇପାରେ ଯେ, ଆଞ୍ଚଳିକ କ୍ଷେତ୍ରରେ ବିଶ୍ୱକୁ

ଦେଖିବା ବା ଅଞ୍ଚଳକୁ ବିଶ୍ୱ ସହ ଯୋଡ଼ିବା ହେଉଛି 'ଅଞ୍ଚଳବିଶ୍ୱ' (ଲୋକାଲ୍), କିନ୍ତୁ ବିଶ୍ୱ ପରିବେଶ ସହ ଅଞ୍ଚଳକୁ ଯେତେବେଳେ ସାମିଲ୍ କରାଯାଏ ତାହାକୁ 'ବିଶ୍ୱାଞ୍ଚଳ' (ଗ୍ଲୋବାଲ୍) ବୋଲି କୁହାଯାଏ। ପ୍ରକୃତରେ ଅଞ୍ଚଳ ଭିତରେ ବିଶ୍ୱକୁ ଦେଖିବା ଏବଂ ବିଶ୍ୱ ଭିତରେ ଆଞ୍ଚଳିକତାକୁ ଉପଲବ୍ଧି କରିବା ହେଉଛି ଏହି ସାମାଜିକ ମିଶ୍ରଣର ଉଦାହରଣ। ଗ୍ଲୋବାଲ୍‌ର କଲ୍‌ଚର୍ ହେଉଛି- "କ୍ୟାରକ୍ଟାରାଇଜଡ ବାଏ ବୋଥ୍ ଲୋକାଲ୍ ଆଣ୍ଡ ଗ୍ଲୋବାଲ କନ୍‌ସିଡରେସନ୍" ଅର୍ଥାତ୍ ଉଭୟ ଆଞ୍ଚଳିକ ପରିବେଶ ଓ ବିଶ୍ୱ ପରିବେଶ ଯେଉଁଠି ପ୍ରତିଫଳିତ ହୁଏ। ଧର୍ମ ସଂସ୍କୃତି ଓ ପରମ୍ପରାକୁ ନେଇ ସାମାଜିକ ପରିବେଶ ମଧ୍ୟ କେତେକ ମାତ୍ରାରେ ସ୍ୱରୂପାୟିତ ହୋଇଥାଏ। ଧର୍ମ ଓ ସଂସ୍କୃତିର ଅନ୍ତଃମିଶ୍ରଣରେ ସାମାଜିକ ଚଳଣି ବା ପରମ୍ପରାରେ ପରିବର୍ତ୍ତନ ଦେଖାଦିଏ। ଯଥା ବୈବାହିକ ପରମ୍ପରାରେ ବର ସବାରିରେ ଯାଉଥିଲାବେଳେ ସଂପ୍ରତି ସୌଖୀନ୍ ଗାଡ଼ିର ଆବଶ୍ୟକତା ରହିଛି। ଏପ୍ରିଲ୍ ପହିଲା ଉତ୍କଳ ଦିବସ ହୋଇଥିଲେ ମଧ୍ୟ ଏହାକୁ ଓଡ଼ିଶାର ଗର୍ବ ଓ ଗୌରବର ଦିବସ ଭାବେ ନ ପାଳି ଆନ୍ତର୍ଜାତିକ ସ୍ତରର 'ବୋକା ଦିବସ' ଭାବେ ପାଳନ କରିଥାନ୍ତି। ସିନେମା, ଇଣ୍ଟରନେଟ୍, ଧାରାବାହିକ, ଅନ୍ ଲାଇନ୍ ସପିଂ, ଅନ୍‌ଲାଇନ୍ ସେୟାରମାର୍କେଟ ଭଳି ପରିବେଶକୁ ଅଧୁନା ମଣିଷ ପସନ୍ଦ କରୁଛି। ପୋଷାକ ପିନ୍ଧିବାର ରୁଚି ବଦଳୁଛି, ତଥ୍ୟ ସଂଗ୍ରହର ତରିକା ବଦଳୁଛି, କ୍ରୟ ବିକ୍ରୟର ମାଧ୍ୟମ ପୁଣି ଇଣ୍ଟରନେଟ୍ ସାଜୁଛି। ସବୁର ସାମୂହିକ ପରିବେଶ ମଣିଷକୁ ବିସ୍ତୃତି ଦିଗରେ ବା ସଭ୍ୟ ମଣିଷ ଭାବରେ ପରିଚୟ ପ୍ରଦାନ କରୁଥିଲେ ହେଁ ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟକ୍ତି ନିଜେ ସୀମିତ ହୋଇଯାଇଛି। ଅଧୁନା ବ୍ୟକ୍ତି ନିଜ ନିଜର ସଂକୁଚିତ ପୃଥିବୀରେ ବାସ କରୁଛି। ସାମାଜିକ ଗଣମାଧ୍ୟମରେ ନିଜକୁ ସାମିଲ୍ କରୁଥିଲେ ମଧ୍ୟ ବ୍ୟକ୍ତି ନିଃସଙ୍ଗ ହୋଇପଡୁଛି। ପୂର୍ବଭଳି ମଣିଷ ମଣିଷ ମଧ୍ୟରେ ଅନ୍ତଃସମ୍ପର୍କ ବଜାୟ ରହୁନାହିଁ। ବ୍ୟକ୍ତି କେବଳ ଅର୍ଥସର୍ବସ୍ୱ ଜୀବନକୁ ଆପଣାଉଛି। କେବଳ ଜାଗତିକ ଉପାଦାନକୁ ମନୁଷ୍ୟ ନିଜର କରୁଛି ବୋଲି ପାରମ୍ପରିକ ମୂଲ୍ୟବୋଧର ହ୍ରାସ ଘଟୁଛି। ବ୍ୟକ୍ତିର ଜୀବନ ଚଳଣିଠାରୁ ନାନାଦି କ୍ରିୟାପ୍ରତିକ୍ରିୟା କ୍ଷେତ୍ରରେ ଆଧୁନିକ ଉପକରଣ, ପାଶ୍ଚାତ୍ୟ ସଭ୍ୟତାର ଆଦର୍ଶ ଭଳି ଗଣମାଧ୍ୟମରୁ ନାନା ପ୍ରକାରର ଶିକ୍ଷା ଗ୍ରହଣ ଓ ବ୍ୟବହାରର କୌଶଳ ଶିଖୁଛି। ଏହି ଜଗତୀକରଣ ମନୁଷ୍ୟ ସମାଜ ପାଇଁ ଯେତିକି ଉପକାର କରୁଛି ସମପରିମାଣରେ ପାରମ୍ପରିକ ଦିଗଗୁଡ଼ିକର ଅବକ୍ଷୟ ବି କରୁଛି। କାରଣ କୌଣସି ଅଞ୍ଚଳରେ ଗୋଟିଏ ଶିଳ୍ପ ସ୍ଥାପନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସେହି କଂପାନୀ ଓ ଶିଳ୍ପ ପ୍ରତିଷ୍ଠା ପଛରେ ଜଙ୍ଗଲ ଉଚ୍ଛେଦ, ବାସ ଉଚ୍ଛେଦ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେହି ଅଞ୍ଚଳର ବାସିନ୍ଦା।

**ଅଧୁନା ବ୍ୟକ୍ତି ନିଜ ନିଜର ସଂକୁଚିତ ପୃଥିବୀରେ ବାସ କରୁଛି। ସାମାଜିକ ଗଣମାଧ୍ୟମରେ ନିଜକୁ ସାମିଲ୍ କରୁଥିଲେ ମଧ୍ୟ ବ୍ୟକ୍ତି ନିଃସଙ୍ଗ ହୋଇପଡୁଛି।**

### ଜନ୍ମଭୂମିର ଅଧିକାର

ଯଦିଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୁଏ ବା ବାସ ଉଚ୍ଛେଦ ଲାଗି କ୍ଷତି ପୂରଣ ଦିଆଯାଏ ତଥାପି ଜନ୍ମଭୂମିରୁ ନିଜର ଅଧିକାର ଲୋପ ପାଏ। ସେହିପରି ଧର୍ମାନ୍ତରୀକରଣ ମାଧ୍ୟମରେ ଲୋକେ ଅନ୍ୟଗୋଟେ ଧର୍ମକୁ ଆପଣେଇ ସେ ଧର୍ମରେ ଦୀକ୍ଷିତ ହେବା ସ୍ଥଳେ ମୂଳ ଧର୍ମର ସ୍ୱରୂପ ହଜିଯାଏ। ଏଭଳି ଜଗତୀକରଣ ସମାଜର ଅନ୍ୟାନ୍ୟ କ୍ଷେତ୍ର ଯଥା କୃଷି, ଶିକ୍ଷା, ରାଜନୀତି କ୍ଷେତ୍ର ଆଦିକୁ ପ୍ରଭାବ ବିସ୍ତାର କରିଛି।


ପ୍ରଚଳିତ ସମାଜ ବହୁ ଉପାଦାନରେ ଭରା। ସ୍ଥାନୀୟ ଅଞ୍ଚଳର ସଂସ୍କୃତି ଓ ପରମ୍ପରାଠାରୁ ଆରମ୍ଭ କରି ସାମୂହିକ କ୍ଷେତ୍ର ପର୍ଯ୍ୟନ୍ତ ସାମାଜିକ ନୀତି ବ୍ୟବସ୍ଥାର ଏକ ସୁସ୍ଥ ଚିତ୍ର ହେଉଛି ସମାଜର ରୂପରେଖ, ଯାହାକୁ ଅନୁଧ୍ୟାନ କରି ସମାଜ ବିଜ୍ଞାନୀମାନେ ପରସ୍ପର ସହ ନିର୍ଭରଶୀଳ ମନୁଷ୍ୟ ଜାତିଙ୍କ ସଭ୍ୟ ଚଳଣିକୁ ସମାଜ ନାମରେ ନାମିତ କରିଛନ୍ତି। ପୁନଶ୍ଚ ମନୁଷ୍ୟ ହେଉଛି ଏକ ବିଚାରଶୀଳ ପ୍ରାଣୀ। ଏଣୁ ସାଂପ୍ରତିକ ସମାଜରେ ଜଗତୀକରଣର ଆଗମନ ଏବଂ ତା'ର ପ୍ରଭାବ ସମାଜ ଉପରେ କିପରି ପଡୁଛି ତାକୁ ସେ ଅନୁଭବ କରୁଛି। ବାସ୍ତବରେ ପ୍ରଚଳିତ ସମାଜର ସଂସ୍କୃତି ସହିତ ଜଗତୀକରଣର ସଂପୃକ୍ତି କିପରି ରହିଛି ତାହାକୁ ଆବଲୋକନ କଲେ ଜଣା ପଡ଼ିବ।

ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ ଏବଂ ଏକ

ସଞ୍ଚରଣଶୀଳ ଉପାଦାନ। ସଂସ୍କୃତିଦ୍ୱାରା ହିଁ ଗୋଟିଏ ମଣିଷ, ଗୋଟିଏ ଗୋଷ୍ଠୀ ଓ ଗୋଟିଏ ସମାଜ ପ୍ରଭାବିତ ହୁଏ। ସମାଜର ପରବର୍ତ୍ତିତ ରୂପ ଭିତରେ ସଂସ୍କୃତି ଅନ୍ତଃସ୍ରାବୀ ଫଳଗଭଳି ପ୍ରଧାବିତ ହୁଏ।

ସାମାଜିକ ପ୍ରଭାବରେ ପ୍ରଭାବିତ ଚଳଣି, କ୍ରିୟା ପ୍ରତିକ୍ରିୟା ତଥା ପରମ୍ପରା କ୍ରମେ ପ୍ରଚଳିତ ଏକ ନିର୍ଦ୍ଦିଷ୍ଟ ସମୟଖଣ୍ଡର ଆହ୍ୱାନ ମଧ୍ୟ ସଂସ୍କୃତି ଭାବେ ବିବେଚିତ ହୋଇଥାଏ।

ସଂସ୍କୃତି ତ ସର୍ବଦା ପରିବର୍ତ୍ତନଶୀଳ। ତେଣୁ ଜଗତୀକରଣର ପ୍ରଭାବ ଫଳରେ ସର୍ବ ଭାରତୀୟ ତଥା ଓଡ଼ିଶାର ସଂସ୍କୃତିରେ ମଧ୍ୟ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଛି। ପୂଜା ପାର୍ବଣ, ଯାନିଯାତ୍ରା, ମହୋତ୍ସବ, ବିବାହ-ବ୍ରତ ଆଦି ପ୍ରତିଟି ସାମାଜିକ ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନମାନଙ୍କରେ ହେଉଥିବା କାର୍ଯ୍ୟକ୍ରମରେ କ୍ରମଶଃ ଓଡ଼ିଶାରୁ ପାରମ୍ପରିକ ସଂସ୍କୃତି ଲୋପ ହୋଇଯାଉଛି। ତା' ବଦଳରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଲକ୍ଷ୍ୟ କରାଯାଉଛି।



## ଜଗତୀକରଣ ସଂସ୍କୃତି

ସାମାଜିକ ସମ୍ପର୍କକୁ ଅବ୍ୟାହତ ରଖିବା ଜଗତୀକରଣ ସଂସ୍କୃତିର ଏକ ମୁଖ୍ୟ ଲକ୍ଷଣ। କାରଣ ଏହା ଦ୍ୱାରା ସମାଜରେ ଘଟୁଥିବା ପ୍ରଯୁକ୍ତିଗତ ଘଟଣା ଓ ଯୋଗାଯୋଗର ମାଧ୍ୟମ ବିଶ୍ୱ ସହ ମନୁଷ୍ୟକୁ ଏକୀଭୂତ କରେ। ଲୋକମାନଙ୍କ ଭିତରେ ଖାଦ୍ୟପେୟ, ପରିଧାନ ଚଳଣି ଆଦି ସବୁ କ୍ଷେତ୍ରରେ ଏକ ସମନ୍ୱୟ ସ୍ଥାପିତ ହୁଏ। ପରିବର୍ତ୍ତନ, ସଞ୍ଚରଣ, ବିସ୍ଥାପନ ତଥା ବ୍ୟକ୍ତିଗତ ଅବଦାନ ସଂସ୍କୃତିର ଏକ ଏକ ଅପରିହାର୍ଯ୍ୟ ଉପାଦାନ। ଫଳରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍କୃତି ଆଉ ତିଷ୍ଠି ରହିପାରୁନାହିଁ। ସବୁ ସଂସ୍କୃତି ବିଶ୍ୱ ସଂସ୍କୃତି ଭାବେ ରୂପ ଲାଭ କରନ୍ତି। ଏଣୁ କୁହାଯାଏ "ଗ୍ଲୋବାଲ କଲ୍‌ଚର୍ ଇଜ୍ କମନ୍ କଲ୍‌ଚର୍, ଡେଭଲପିଙ୍ଗ୍ ଆକ୍ରସ୍ ଦି ଗ୍ଲୋବ୍"। ଅର୍ଥାତ୍ ବିଶ୍ୱ ସଂସ୍କୃତି ଯାହା ସମଗ୍ର ବିଶ୍ୱରେ ବିକାଶ ଲାଭ କରିଛି।

ଜଗତୀକରଣ ବଜାରରେ ସଂସ୍କୃତି ବା ଚଳଣି ଆଉ ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତ ହେଇ ରହିନାହିଁ। ପାରିବେଶିକ ଓ ଆଞ୍ଚଳିକ ପ୍ରଭାବରେ ସଂସ୍କୃତିର ରୂପ ନାନା ଭାବରେ ପରିବର୍ତ୍ତିତ ହୋଇଛି। ଉଦାହରଣ ସ୍ୱରୂପ - ଓଡ଼ିଶାର ଖାଦ୍ୟ ପେୟ, ଭାତ, ପଖାଳ, ଶାଗ, ଚକୁଳି, ମଣ୍ଡା, ଆରିସା ଇତ୍ୟାଦି ପରିବର୍ତ୍ତେ ଅଧୁନା କୁର୍କୁରି, ପିଜା, ବର୍ଗର, ଚାଉମିନ୍, ସୁପ୍, ମେଗି ଇତ୍ୟାଦିର ଆଗ୍ରହ ଅଧିକ ବଢୁଛି। ଧୋତି, ପାଇଜାମା, ଲୁଙ୍ଗି, ସାଧାରଣ ପ୍ୟାଣ୍ଟ, ଶାର୍ଟ, ଶାଢ଼ି, ବ୍ଲାଉଜ୍ ପରିବର୍ତ୍ତେ ପାଶ୍ଚାତ୍ୟ ଶୈଳୀର ପୋଷାକ ପରିଚ୍ଛଦ ଓ ବ୍ୟବହାର ବଢ଼ି ଚାଲିଛି। ପର୍ବପର୍ବାଣି ଓ ମାଙ୍ଗଳିକ କାର୍ଯ୍ୟମାନଙ୍କରେ ଆଉ ପରମ୍ପରାଗତ ସଂସ୍କୃତି ରହୁନାହିଁ।

ସେଥିରେ ମାଇକ୍‌ରେ ଡିଜେ, ଅର୍କେଷ୍ଟ୍ରା, ର୍‍ୟାପ୍ ସଙ୍ଗୀତ ଆଦି ପରିବେଷଣ ହେଉଛି। ବିଶେଷକରି ବୈବାହିକ କର୍ମରେ ଏବେ ଏବେ ହୋଟେଲ, କଲ୍ୟାଣ ମଣ୍ଡପରେ ବିବାହ କାର୍ଯ୍ୟ ସମାପନ ହେଉଛି। ଜନ୍ମଦିନମାନଙ୍କରେ ଖିରୀ, ପୁରି, ପୂଜାପାଠ ବ୍ୟତିରେକ ଅଧିକାଂଶ କ୍ଷେତ୍ରରେ କେକ୍ କାଟିବାର ପରମ୍ପରାଗତ ଧସେଇ ପସିଲାଣି। ଅର୍ଥାତ୍ ପରମ୍ପରା ସଂସ୍କୃତିର ରୂପ ଆଉ ଏକ ହୋଇ ରହିନାହିଁ। ଗୋଟିଏ କେନ୍ଦ୍ରରେ କେନ୍ଦ୍ରୀଭୂତ ନ ହୋଇ ବିକେନ୍ଦ୍ରୀକରଣ ହୋଇଛି। ଫଳତଃ ଏହି ସଂସ୍କୃତି ହିଁ ବିଶ୍ୱାୟନ ଜଗତରେ ସମାଜ ବ୍ୟବସ୍ଥାକୁ ଅଧିକ ପ୍ରଭାବିତ କରୁଛି।

ସଂସ୍କୃତିର ଏଭଳି ମିଶ୍ରଣରେ ନିଜର ମୌଳିକ ସଂସ୍କୃତି ଆଉ ସ୍ଥିର ହୋଇ ରହୁନାହିଁ। ବରଂ ଏକ ନୂଆ ମିଶ୍ର ସଂସ୍କୃତିର ଅଭ୍ୟୁଦୟ ଘଟିଛି। ଗାଁରୁ ସହର ସବୁଠି ଏହି ପ୍ରଭାବକୁ ସମସ୍ତେ ଅନୁଭବ କରିବା ସହ ଏହି ମିଶ୍ର ସଂସ୍କୃତିଦ୍ୱାରା ପ୍ରଭାବିତ ହେଉଛନ୍ତି। ଏଣୁ ସାଧାରଣ ସଂସ୍କୃତି (କମନ୍ କଲ୍‌ଚର୍) ଯେ; ବିଶ୍ୱ ସଂସ୍କୃତି (ଗ୍ଲୋବାଲ୍ କଲ୍‌ଚର୍)ର ଏକ ମୁଖ୍ୟ ଲକ୍ଷଣ ତାହା ଲକ୍ଷ୍ୟ କରାଯାଉଛି।

ପାରମ୍ପରିକ ବିଚାରବୋଧ କ୍ଷେତ୍ରରୁ ସଂସ୍କୃତିର ଜନ୍ମ। ସଂସ୍କୃତି ହେଉଛି ଏକ ପରିଚୟ। ସଂସ୍କୃତିର ନିର୍ଦ୍ଦିଷ୍ଟ ପରିସୀମା ନାହିଁ। ଏହି ସଂସ୍କୃତି ସାମାଜିକ ପ୍ରକ୍ରିୟା ଦ୍ୱାରା ନିୟନ୍ତ୍ରିତ। କହିବାକୁ ଗଲେ ସାମାଜିକ ଚାଲିଚଳଣ ଆଚାର ବ୍ୟବହାର ହିଁ ସଂସ୍କୃତିର ସଂଜ୍ଞାଟିକୁ ପରିଚିତି ଦେଇଥାଏ। କିନ୍ତୁ ଅଧୁନା

ସଂସ୍କୃତିର ଜଗତୀକରଣ ବଜାରରେ ବହୁ ରୂପରେ ପରିବର୍ତ୍ତିତ। ଯେମିତି କି ସାମାଜିକ ନୀତି ବ୍ୟବସ୍ଥାରେ ଥିବା ବିବାହ ପୂର୍ବରୁ ଝିଅକୁ ଦେଖିବାକୁ ଆସିବା। ଏବେ ପୁଅଝିଅ ଲିଭ୍ ଇନ୍ ରିଲେସନ୍‌ରେ ରହିଲେଣି। ପିଠାପଣାକୁ ଛାଡ଼ି ଲୋକେ ପିଜା ବର୍ଗର ପ୍ରତି ଆକୃଷ୍ଟ ହେଲେଣି। ସେହିପରି ମେଳା ମହୋତ୍ସବରେ ପାରମ୍ପରିକ ବାଦ୍ୟ ଖୋଳ କରତାଳ ଗିନିଠୁଁ ଦୂରେଇ ଡି.ଜେ, ଜାଜ୍, ବାଜିବାର ନିଦର୍ଶନ ମିଳିଲାଣି। ଯାହାକି ସଂସ୍କୃତି ପ୍ରତି ଏକ କୁଠାରଘାତ। ସଂସ୍କୃତି ପରିବର୍ତ୍ତିତ ହେବ ଏଥିରେ ସନ୍ଦେହ ନାହିଁ କିନ୍ତୁ ଜଗତୀକରଣର ଆଗମନ ଫଳରେ ବାଣିଜ୍ୟିକ ଭିତ୍ତିଭୂମି ହିଁ ସାଂସ୍କୃତିକ ଜୀବନବୋଧର ରାସ୍ତାକୁ ଅନେକ ମୋଡ଼ରେ ବଦଳାଇଛି। ଟି.ଭି.ରେ ପ୍ରଚାରିତ ନାନା ବିଜ୍ଞାପନ ସଂସ୍କୃତି କୈନ୍ଦ୍ରିକ ମଧ୍ୟ। ମାଟ୍ରିମୋନିଆଲ୍, ଗହଣା, ପୂଜା ପଦ୍ଧତି (ଝୁଣା ପରିବର୍ତ୍ତେ ଧୂପକାଠି) ଇତ୍ୟାଦିର ପ୍ରଭାବରେ ମଣିଷ ମଧ ଟାଣି ହୋଇଯାଉଛି। ଜଗତୀକରଣ ଆଗମନ ଫଳରେ ପରିବର୍ତ୍ତିତ ସମାଜ ବ୍ୟବସ୍ଥାର ସାଂସ୍କୃତିକ ରୂପର ବିବିଧ ଦିଗ ସବୁ ଓଡ଼ିଆ ଗଳ୍ପ ଉପନ୍ୟାସରେ ସ୍ଥାନପାଇଛି।

> **ଜଗତୀକରଣ ଆଗମନ ଫଳରେ ପରିବର୍ତ୍ତିତ ସମାଜ ବ୍ୟବସ୍ଥାର ସାଂସ୍କୃତିକ ରୂପର ବିବିଧ ଦିଗ ସବୁ ଓଡ଼ିଆ ଗଳ୍ପ ଉପନ୍ୟାସରେ ସ୍ଥାନପାଇଛି।**

## ସାଂସ୍କୃତିକ ପରିବର୍ତ୍ତନ

ଔପନ୍ୟାସିକା ରଶ୍ମୀ ରାଉଳଙ୍କ 'ଏଠି ଗୋଟେ ଗାଁ ଥିଲା' ଉପନ୍ୟାସରେ ସାଂସ୍କୃତିକ ପରିବର୍ତ୍ତନର ସ୍ୱରକୁ ପାଠକ ଆଗରେ ଶୁଣାଇଛନ୍ତି। ଗାଁର ଘରେ ଘରେ କିପରି ଟି.ଭି. ସିରିଏଲ୍‌ସବୁ ଏକ ସଂସ୍କୃତି ଓ ସଂସ୍କାର ପାଲଟିଛି ତାହାକୁ ଦର୍ଶାଇଛନ୍ତି। ପାରମ୍ପରିକ ଜୀବନ ଧାରାରେ କିପରି ବ୍ୟତିକ୍ରମ ଘଟିଛି, ସଂସ୍କୃତି କିପରି ଟି.ଭି. ସିରିଏଲ୍‌କୁ ଆଦରି ପାରମ୍ପରିକ ଧାରାରୁ ବିରତି ନେଉଛି ତା'ର ଏକ ମାର୍ମିକ ଚିତ୍ରକୁ ଉପସ୍ଥାପନ କରିଛନ୍ତି। "ଟି.ଭି. ସିରିଏଲ୍ ଆମର ସଂସ୍କାର ସଂସ୍କୃତି, ଆମର ପରମ୍ପରା ପାଲଟି ଯାଉଛି ? ସହରୀ ଜୀବନରେ ଆଜି ଯେଉଁ ଚଳଣି ଭିତରେ ଆମେ ଅଣନିଃଶ୍ୱାସୀ-ସେଇ ଚଳଣି ସେଇ ସଂସ୍କୃତି, ସେଇ ଚହଟ ଚିକ୍କଣ ବିରୂପ ଆଦର୍ଶ ପଛରେ ଗାଁ ଆଜି ପାଗଳ।" ଗାଁ ଭିତରେ ସଂସ୍କୃତି ପ୍ରତି ମମତ୍ୱବୋଧ କିପରି ଧୀରେ ଧୀରେ କମୁଛି ତାହାର ଏ ହେଉଛି ଏକ ପ୍ରକୃଷ୍ଟ ଉଦାହରଣ।

କୃପାସାଗର ସାହୁଙ୍କ 'ଶେଷ ଶରତ' (୨୦୦୬) ଉପନ୍ୟାସରେ ଓଡ଼ିଶାର ସାଂସ୍କୃତିକ ଚିତ୍ର ଅନ୍ତଃଦେଶୀୟ ସ୍ତରର କେତେ ଯେ ଲୋକପ୍ରିୟ ତାହାକୁ କ୍ରିଷ୍ଟେନ୍‌ଙ୍କ ସ୍ତ୍ରୀ ଚରିତ୍ର ମାଧ୍ୟମରେ ଦେଖାଇଛନ୍ତି। ସାରା କ୍ରିଷ୍ଟେନ୍‌କୁ ଦେଖା କରିବାକୁ ଆସିଥିବା ବେଳେ କୋଣାର୍କ ବୁଲି ଯାଇଛି। ଦେଖିଛି ପିପିଲିର ଚାନ୍ଦୁଆ କାରୁକାର୍ଯ୍ୟ । ସେଇଠି ସେ ଗାଡ଼ି ରଖିଛି। "ପିପିଲି ବାଟେ ଫେରିଲାବେଳେ ସେ ମୁହଁ ଖୋଲିଲେ ଗାଡ଼ିରଖ। ରାସ୍ତା ଦୁଇ କଡ଼ରେ ବିଭିନ୍ନ ପ୍ରକାରର ଅପଲିକ୍ ଓ୍ୱାର୍କର ପସରା ମେଲିଥିଲା। ରଙ୍ଗ ବେରଙ୍ଗର ଝାଲର, ଚାନ୍ଦୁଆ ପଟ୍ଟଚିତ୍ର, ଛତା ପ୍ରଭୃତି ପ୍ରତ୍ୟେକ ଦୋକାନରେ ଭର୍ତ୍ତି ହୋଇଥିଲା।" ଔପନ୍ୟାସିକ ଏଠାରେ ଓଡ଼ିଶାର ଏକ ସାଂସ୍କୃତିକ ଝଲକ ସାରା ଭାରତ ତଥା ବିଶ୍ୱରେ କିପରି ପରିଚିତ ତାହାକୁ ଦେଖାଇଛନ୍ତି।


ଔପନ୍ୟାସିକା ସରୋଜିନୀ ସାହୁ ତାଙ୍କ 'ଗମ୍ଭିରି ଘର' (୨୦୦୮) ଉପନ୍ୟାସରେ ନାରୀ ମନର ଅବ୍ୟକ୍ତ ଭାବନା ସବୁକୁ ପ୍ରକାଶ କରିଛନ୍ତି। ସାମାଜିକ ସ୍ତରରେ ବଞ୍ଚୁଥିବା ଓ ପାରିବାରିକ ବନ୍ଧନରେ ଛନ୍ଦି ହୋଇଥିବା କୁକି ସେ ଇଣ୍ଟରନେଟ୍‌କୁ ମାଧ୍ୟମ କରି ଇ-ମେଲ୍‌ରେ ପାକିସ୍ତାନର ପୁରୁଷବନ୍ଧୁ ସହ ପ୍ରେମ ସମ୍ପର୍କ ସ୍ଥାପନ କରିବାରେ ସକ୍ଷମ ହୋଇଛି। ଯାରି ଭିତରେ ଔପନ୍ୟାସିକା ଭାରତୀୟ ସଂସ୍କୃତି ସହ ପାକିସ୍ତାନର ସଂସ୍କୃତି, ଭୌଗୋଳିକ ବାତାବରଣ, ଜୀବନ ଚଳଣିର ଏକ ତୁଳନାତ୍ମକ ଚିତ୍ର ଆଙ୍କିଛନ୍ତି। 'ତବସୁମ୍ ପ୍ରାୟତଃ ଡେଟିଂରେ ଯାଉଥିଲା ତା' ପୁରୁଷ ବନ୍ଧୁମାନଙ୍କ ସହ। କେବେ ଫେରି ଆସୁଥିଲା ରାତି ଅଧରେ ଓ କେବେ ଭୋର୍‌ରେ।" ଔପନ୍ୟାସିକା ପାକିସ୍ତାନୀ ପ୍ରେମିକର ସ୍ତ୍ରୀ ଡେଟିଂ ଯିବା କଥାକୁ ସୂଚନା ଦେଇଥିଲେ ହେଁ ପରୋକ୍ଷରେ ନାୟିକା କୁକି ମନରେ ଡେଟିଂ କଲଚର୍‌ର ଭାବନାଟି ଖେଳାଇଛନ୍ତି। ଭାରତୀୟ ନାରୀ ମନ ଭିତରେ ଏକ ନୀରବ ଉତ୍ତରକୁ ଉପସ୍ଥାପନ କରିଛନ୍ତି।

'ଧନୁଯାତ୍ରା' (୨୦୧୨) ଉପନ୍ୟାସରେ ଆଦିତେଶ୍ୱର ମିଶ୍ର ଓଡ଼ିଶାର ଲୋକ ସଂସ୍କୃତି କିପରି ଭାରତ ତଥା ବିଶ୍ୱ ଦ୍ୱାରା ଆଦୃତ, ତା'ର ମହତ୍ତ୍ୱକୁ ପାଠକ ସାମ୍ନାରେ ଉପସ୍ଥାପିତ କରିଛନ୍ତି।

"ହେଲେ ସେଇ ବରଗଡ଼ ଧନୁଯାତ୍ରା ଥିଲା ବିଶ୍ୱ ପ୍ରସିଦ୍ଧ। ମୁକ୍ତ ମଞ୍ଚର ସବୁଠୁ ବଡ଼ ନାଟ ହିସାବରେ ଏଇ ଯାତ୍ରା। ଆଉ କଂସ ସମ୍ପର୍କରେ ଲେଖା ଫଟୋ ବାହାରୁଥିଲା।" ସଂସ୍କୃତି ଓ ପରମ୍ପରା ଭିତ୍ତିରେ ଧନୁଯାତ୍ରାରେ ମହାରାଜା କଂସର ଆଧିପତ୍ୟ ଓ ପ୍ରଭୁତ୍ୱକୁ ସ୍ପଷ୍ଟ କରାଯାଇଛି ଯେ; ଆଧୁନିକ ସମାଜର ପରିବେଶ ଭିତରେ ମଧ୍ୟ ପୌରାଣିକ ଚରିତ୍ର ଓ ରାଜତନ୍ତ୍ରର ଅନୁରଣନକୁ ଲୋକେ ସ୍ୱୀକାର କରୁଛନ୍ତି।

## ଡିଜିଟାଲ୍ ସ୍ରୋତ

ପାରମ୍ପରିକ ବୈବାହିକ ରୀତି ବ୍ୟତିକ୍ରମତାକୁ ଲକ୍ଷ୍ୟ କରି ଔପନ୍ୟାସିକ 'ମାଟ୍ରି ମୋନି ଡଟ୍ କମ୍' (୨୦୧୫) ଉପନ୍ୟାସଟିକୁ ରଚନା କରିଛନ୍ତି। ଡିଜିଟାଲ୍ ସ୍ରୋତରେ ପରମ୍ପରା କିପରି ଭାସି ଚାଲିଛି ତା'ର ନିଦର୍ଶନ ଦେଲାବେଳେ ନାୟିକା ଦୀପିକାକୁ ଚିତ୍ରାୟିତ କରିଛନ୍ତି। ଦୀପିକା ଓ ଶୁଭଙ୍କର ଭିତରେ ଦାମ୍ପତ୍ୟ କଳହ ସୃଷ୍ଟି ହେବା ପରେ ଦୀପିକା ଘର ଛାଡ଼ି ଭଡ଼ାରେ ରହିଛି। ତା'ପରେ ଭାଇ ସୁବ୍ରତ ଭଉଣୀ ଦୀପିକାକୁ ମାଟ୍ରି ମୋନିରେ ରେଜିଷ୍ଟ୍ରେସନ କରାଇବାକୁ କହିଛି। ବହୁ ଅମଙ୍ଗ ପରେ ଦୀପିକା ରାଜି ହୋଇଛି। ଅର୍ଥାତ୍ ପରମ୍ପରାଠାରୁ ମୁକୁଳି ନୂଆ ସ୍ରୋତରେ ସମାଜରେ ନିଜକୁ ସାମିଲ୍ କରିବାର ପ୍ରସଙ୍ଗଟି ପରୋକ୍ଷରେ କୁହାଯାଉଛି। "ବ୍ୟାଗରୁ ଲ୍ୟାପଟପ୍ କାଢ଼ି ସିଧା ଭିଜିଟ୍ କଲା ମାଟ୍ରିମୋନି ଡଟ୍ କମ୍ ୱେବ୍‌ସାଇଟ୍‌କୁ। ଭାଇ ବାଥ୍‌ରୁମ୍‌ରୁ ଆସୁ ଆସୁ ମାଟ୍ରିମୋନି ସାଇଟ୍ ବିଷୟରେ ସବୁକଥା ସେୟାର କରିନେଲା। ଦୁହେଁ ଜଳଖିଆ ସାରି ରେଜିଷ୍ଟ୍ରେସନର ନିୟମାବଳୀ ବିଷୟରେ କମ୍ପ୍ୟୁଟର ମାଧ୍ୟମରେ ଅବଗତ ହେଲାପରେ ରେଜଷ୍ଟ୍ରେସନ କରିବାର ଶେଷ ନିଷ୍ପତ୍ତି ନେଲେ। ଦୀପିକା ନିଜ ସମ୍ପର୍କରେ ସମସ୍ତ ତଥ୍ୟ ମାଟ୍ରିମୋନୀର ଫର୍ମ ଅନୁଯାୟୀ ପୂରଣ କରିବାରେ ଲାଗିଲା।" ।ଏହା ଏକ ପ୍ରକାର ଅନ୍‌ଲାଇନ୍ ମ୍ୟାରେଜ୍ ସିଷ୍ଟମ୍। ଯେଉଁଠି ବର ଓ କନ୍ୟା ନିଜ ନିଜର ସମସ୍ତ ଆବଶ୍ୟକୀୟ ବିବରଣୀ ଦେଇ ଉଭୟ ଉଭୟଙ୍କୁ ପସନ୍ଦ କରନ୍ତି। ଡିଜିଟାଲ୍ ଦୁନିଆରେ ଏଇ ସଂସ୍କୃତି ଅଧୁନା ସାରା ଓଡ଼ିଶାକୁ ପ୍ରଭାବିତ କରିଛି। ଆଧୁନିକ ଯୁବଗୋଷ୍ଠୀଙ୍କ ଜୀବନ ଚଳଣିକୁ ସ୍ପଷ୍ଟ ଭାବରେ ଔପନ୍ୟାସିକା ସରୋଜିନୀ ସାହୁଙ୍କ 'ଦାଦନ' (୨୦୧୬) ଉପନ୍ୟାସରେ ଅନୁଭବ ହୁଏ। ଓଡ଼ିଶାରୁ ଉଚ୍ଚଶିକ୍ଷା ଓ ଚାକିରି ଆଶାରେ ଅନେକ ଯୁବକଯୁବତୀ ବାଙ୍ଗାଲୋର୍ ଯାଇଛନ୍ତି। ସେମାନଙ୍କ ଚଳଣି, ଦୁଃଖ, ମାନସିକ ସ୍ଥିତି ସହ ପ୍ରେମକୁ ମଧ୍ୟ ଉପନ୍ୟାସଟିରେ ଚିତ୍ରିତ କରାଯାଇଛି। ଅଂଶୁ, ସିନ୍ଧୁ, ଲିସା, ଜ୍ୟୋତି ଭଳି ଯୁବ ଚରିତ୍ର ସବୁକୁ ଆଙ୍କିଲାବେଳେ ଆଧୁନିକ ସଂସ୍କୃତି ପ୍ରତି ମୋହକୁ ଔପନ୍ୟାସିକା ଦର୍ଶାଇଛନ୍ତି। "ମୁଁ ଶୁଣିଛି ସିଟିରେ ସବୁଚଳେ। ଫ୍ଲାଟ୍ ସେୟାରଠୁଁ ଲିଭିଂ ଟୁଗେଦର ଯାଏ। ଏମିତିରେ ଅଂଶୁ ଭାଇଙ୍କର ଆରମ୍ଭରୁ ହଜାର ଗାର୍ଲଫ୍ରେଣ୍ଡ୍।" ସିନ୍ଧୁ ଅଂଶୁ ରୁମ୍‌କୁ ଯାଇ ଦେଖୁଛି କେମିତି ଚାକିରି କରିବାକୁ ଆସି ସମସ୍ତେ ଗୋଟେ ରୁମ୍‌ରେ ଆଡ୍‌ଜଷ୍ଟ ହୋଇ ରହୁଛନ୍ତି। ରୁମ୍ ସେୟାର କରିବା କଥା ଭିତରେ ଲିଭିଂ ଟୁଗେଦରକୁ ଅଧୁନା ଯୁବଗୋଷ୍ଠୀ ଆଦରିନେବା ପ୍ରସଙ୍ଗଟି ମଧ୍ୟ ସ୍ପଷ୍ଟ ହୋଇଛି। ସାଂସ୍କୃତିକ ଜୀବନବୋଧର ଚରିତ୍ର ଏବଂ ଘଟଣା ହିଁ ଅଧୁନା ଉପନ୍ୟାସର କଥାବସ୍ତୁ ଆକାରରେ ସ୍ଥାନିତ ହେଉଛି। ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସ ପ୍ରସଙ୍ଗ ଆଲୋଚନାବେଳେ ଜଗତୀକରଣର ପୃଷ୍ଠଭୂମି ହିଁ ଦୃଷ୍ଟିକୁ ଆସେ। ସାଂସ୍କୃତିକ ଆନ୍ତଃ ମିଶ୍ରଣ ସମ୍ଭବ ହୋଇଛି ବିଦେଶୀ ସଂସ୍କୃତିର ଆଗମନରେ ଯାହା ଅନେକ ଓଡ଼ିଆ ଉପନ୍ୟାସରେ ମଧ୍ୟ ଦୃଷ୍ଟିଗୋଚର ହୁଏ।



ଜଗତୀକରଣ ପୃଷ୍ଠଭୂମିରେ ସଂସ୍କୃତି ଏକ ନୂତନ ରୂପ ଧାରଣ କରିଛି। ସମାଜରେ ପ୍ରଚଳିତ ନୂଆ ଏବଂ ପୁରୁଣା ସଂସ୍କୃତିର ଏକ ଆନ୍ତଃ ମିଶ୍ରଣ ଅବଶ୍ୟ ଘଟିଛି। ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଅଧୁନାଂ ସଂସ୍କୃତିର ଗତିଧାରା ବହୁବିଧ ଭାବେ ପରିବର୍ତ୍ତିତ ମଧ୍ୟ ହୋଇ ଚାଲିଛି। ଜଗତୀକରଣ ପର୍ଯ୍ୟାୟରେ ସଂସ୍କୃତି କେବଳ ପରିଚୟ ନୁହେଁ ବରଂ ସଂଚରଣଶୀଳତା ତା'ର ଏକ ଧର୍ମ ବୋଲି ବିବେଚନା କରାଯାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
dayanidhiparida2013@gmail.com



ଗଳ୍ପ

# ଏକ ସୂର୍ଯ୍ୟାସ୍ତର କଥା

ରବି ସ୍ୱାଇଁ

ମହାନଗରର ଏକ ଅବହେଳିତ ଉଦ୍ୟାନର ପୁରୁଣା ସିମେଣ୍ଟ ବେଞ୍ଚ ଉପରେ ବସିଥିଲେ ଭାବଗ୍ରାହୀ ଓ ନରହରି। ପ୍ରତିଦିନ ଦିନାନ୍ତରେ ଏହି ନିରୋଳା ସ୍ଥାନରେ ମିଳିତ ହେବା ଉଭୟଙ୍କର ନିତିଦିନିଆ ଅଭ୍ୟାସ। ସାରାଦିନର ବିଶ୍ରାମଜନିତ ମାନସିକ କ୍ଲାନ୍ତି ପରେ ସେମାନେ ଏଇଠିକି ଚାଲି ଆସନ୍ତି। ସେମାନଙ୍କ ବଙ୍ଗଳାତୁଲ୍ୟ ଗୃହ ଅପେକ୍ଷା କେତୋଟି ଖୁଣ୍ଟା ଗଛର ରିକ୍ତତାକୁ ଧରି ରଖିଥିବା ଏହି ବୟସ୍କ ଉଦ୍ୟାନଟି ସେମାନଙ୍କୁ ଭଲ ଲାଗେ। ପରସ୍ପରକୁ ଦେଖିଲା କ୍ଷଣି ମାନସିକ କ୍ଲାନ୍ତି ଦୂର ହେଇଯାଏ। କିଛି ସମୟର ଅନିର୍ଦ୍ଦିଷ୍ଟ ଆଲୋଚନା ଭିତରେ ସେମାନେ ବଦଳି ଯାଆନ୍ତି। ସେମାନଙ୍କ ବୟସ୍କ ଶରୀରର ଆଟୋପ ଭିତରେ ଦୁଇଟି ତାରୁଣ୍ୟ ଢଳ ଢଳ ହେବାକୁ ଲାଗନ୍ତି।



କହିବା ବାହୁଲ୍ୟ ଏ ଦୁହେଁ ଏକା ଗାଁର ବାଲ୍ୟ ସାଥୀ। ମାଟ୍ରିକୁଲେସନ୍ ପର୍ଯ୍ୟନ୍ତ ଏକାଠି ପଢ଼ିଥିଲେ। ତା'ପରେ ଭିନ୍ନ ଭିନ୍ନ କଲେଜରେ ଉଚ୍ଚଶିକ୍ଷା ପ୍ରାପ୍ତି ଏବଂ ଭିନ୍ନ ଭିନ୍ନ ସ୍ଥାନରେ କର୍ମସଂସ୍ଥାନ ସମାପ୍ତ କରି ପରିଣତ ବୟସରେ ପୁଣି ମିଳିତ ହେବାର ସୁଯୋଗ ପାଇଛନ୍ତି ଏଇ ରାଜଧାନୀର ମହାନଗରରେ।

ଏଠାରେ ସନ୍ଧ୍ୟା ହିଁ ସର୍ବାପେକ୍ଷା ଉପଭୋଗ୍ୟ। ସହର ଭିତରର କେଁ କେଁ ଭେଁ ଭେଁ ଭିତରୁ ଖସି ଆସି ଏଇ ନିର୍ଜନ ସ୍ଥାନଟିରେ ବସି ରହିବା ହିଁ ତାଙ୍କ ଜୀବନରେ ଆକାଂକ୍ଷିତ ପରିଣତି। ଏଇଥିପାଇଁ ଯେପରି ସେମାନେ ଜୀବନ ସାରା ଅପେକ୍ଷା କରି ଆସିଥିଲେ।

ଦୁହେଁ ଏଇନେ ପଶ୍ଚିମମୁହାଁ ହେଇ ବସିଛନ୍ତି। ତାଙ୍କ ଆଗରେ ଆକାଶ ଉତ୍ସବମୟ ହୋଇ ଉଠୁଛି। ଲାଲ୍ କାର୍ପେଟ ବିଛା ସିଡ଼ି ଦେଇ ସୂର୍ଯ୍ୟ ହସି ହସି ତଳକୁ ଓହ୍ଲାଇ ଯାଉଥାନ୍ତି ପରମ ତୃପ୍ତିରେ।

ଭାବଗ୍ରାହୀ ପାନ ଚୋବାଉଥାନ୍ତି। ନରହରିଙ୍କ ଅଧାଜଳା ସିଗାରେଟ ଦୁଇ ଆଙ୍ଗୁଠି ସନ୍ଧିରେ ଧୂଆଁ ହେଇ ଯାଉଥାଏ।

ଆକାଶରେ ସଙ୍ଗୀତର ଢେଉ ଖେଳେଇ ଦଳେ ପକ୍ଷୀ ଉଡିଗଲେ। ପକ୍ଷୀମାନଙ୍କ ଦିଗକୁ ଚାହିଁଦେଲା ବେଳକୁ ଏକ ଧବଳ ବ୍ୟକ୍ତିତ୍ୱ ତାଙ୍କର ଦୃଷ୍ଟିବଳୟକୁ ପ୍ରବେଶ କରୁଥିଲା। ଦୁହେଁ ସେଥିପ୍ରତି ଗୁରୁତ୍ୱ ନ ଦେଇ ଆକାଶର ମହୋତ୍ସବ ଭିତରକୁ ଫେରିଗଲେ।

ଶୁଭ୍ରକେଶଧାରୀ ଏହି ବ୍ୟକ୍ତିତ୍ୱଟି କିଛିକ୍ଷଣ ପରେ ତାଙ୍କ ସମ୍ମୁଖରେ ଆସି ଉଭା ହୋଇଗଲା। ସେମାନେ ତା' ଉପରକୁ ଫେରି ଆସିବାକୁ ବାଧ୍ୟ ହେଲେ। ଆଗନ୍ତୁକର ମୁହଁକୁ ଅନେଇ କ'ଣ କହି ସମ୍ଭାଷଣ ଜଣାଇବେ ଠିକ କରିପାରିଲେ ନାହିଁ। ଚଷମା ଖୋଲି ସାର୍ଟ କପଡାରେ ପୋଛି ପୁଣି ପିନ୍ଧିଲେ।

ଆଗନ୍ତୁକ ଏଥରକ ଜୋରରେ ହସି ଉଠିଲା। ସେମାନଙ୍କୁ ଆଉ ଅଧିକ ସନ୍ଦେହ ଘେରରେ ନ ରଖି ସେ ହସି ହସି ପଚାରିଲେ– ତୁମେ ଦୁହେଁ ଭାବଗ୍ରାହୀ ଓ ନରହରି ନା?

ଆରେ ଆରେ ମନୁଆଁ ତୁ? ଆ ଆ।

ମନୁଆଁ ତାଙ୍କ ପାଖରେ ବସି ପଡ଼ିଲା।

ତମେମାନେ ମତେ ପୂରାପୂରି ଭୁଲିଯାଇଥିବ।

ନାଇଁ ନାଇଁ ଭୁଲିବୁ କେମିତି ? ଏ ଭିତରେ ବହୁଦିନ ହେଲା

ସମ୍ପର୍କ ନାଇଁ ତ ?

ତମକୁ କିନ୍ତୁ ମୁଁ ଦେଖୁ ଦେଖୁ ଚିହ୍ନିଦେଲି। ପିଲାଦିନର ସାଙ୍ଗ। କେତେ ଖେଳିଚେ ସାଙ୍ଗ ହେଇ। ଡୁ ଡୁ, ଡାଳମାଙ୍କୁଡି, ବୋହୂଚୋରି, ମାଛଧରା ଆଉ ଫିଷ୍ଟ କଥା ସବୁ ମନ ଅଛି ନା ନାଇଁ ?

ସବୁ ମନ ଅଛିରେ ଭାଇ ସବୁ ମନେ ଅଛି। ଆମେ ଦୁହେଁ ତ ଏକାଠି ହେଲେ ସେଇ ସବୁକୁ ରୋମନ୍ଥନ କରୁ। ଲାଗେ ଯେପରି ସେଇ ହିଁ ଜୀବନ। ତା'ପରେ ତ ଖାଲି... ଛାଡ଼ ସେକଥା- ତୁ କହିଲୁ କାହିଁକି ଆସିଥିଲୁ ଇଆଡେ ?

ଆରେ ମୋ କଥା ପଛେ। ତମେ କହିଲ ଭାବଗ୍ରାହୀ, ତମେ କେମିତି ଅଛ ? ତମ ସଂସାର ବାବଦରେ ମୁଁ ସବୁ ଖବର ରଖିଚି। ଝିଅ ଦି ଜଣଙ୍କୁ ତ ବାହାଘର କରି ଦେଇଛି ପୁଅ ତ ହାକିମ ଚାକିରି କରିଚି। କ'ଣ ଏଇଠି ରହିଛୁ ଏଇନେ।

ନରହରି କହିଲେ- ଭାବଗ୍ରାହୀ ବହୁତ ଭାଗ୍ୟବାନ୍। ତାଙ୍କ ପୁଅ ତ ଓଏଏସ୍ ପାଇଥିଲେ। ଏଇନେ ଆଇଏଏସ୍। ଏଠି ବହୁତ ବଡ଼ ପଦବୀରେ ଅଛନ୍ତି।

**ସେ ଭାଗ୍ୟ ମୋର କାଇଁ? ମୁଁ ଯୋଉ ଜିନିଷକୁ ଘୃଣା କରେ ମୋ ପୁଅ ସବା ଶେଷରେ ସେଇଆ ହିଁ କଲା।**

ସତେ ନା ? ଠାକୁରଙ୍କ ଦୟା। ଭାରି ଖୁସି ଲାଗିଲା। ଆଉ ତମର ତ ଗୋଟିଏ ମାତ୍ର ପୁଅ, ଝିଅ ଜମା ନାହାନ୍ତି। ପୁଅ ପରା ପୋଲିସ ହାକିମ ହେଇଚନ୍ତି ?

ନରହରି ବି କମ୍ ଭାଗ୍ୟବାନ ନୁହନ୍ତି। ତାଙ୍କ ପୁଅ ପରା ଏଠି ଡିସିପି ଅଛି। ଯାହାହଉ ତମେମାନେ ପ୍ରକୃତରେ ଭାଗ୍ୟବାନ। ପିଲାମାନଙ୍କୁ ପାଠ ପଢ଼େଇ ମଣିଷ କରିପାରିଲ।

ତୋ ବିଷୟରେ କିଛି କହିଲୁନି ତ ? ତୁ ସପ୍ତମ ପରେ ପାଠ ଛାଡି ଦେଇଥିଲୁ ନା ?

ହଁ।

ତା'ପରେ ତ ତୋ ସହ ଆମର କ୍ୱଚିତ୍ ଦେଖା ହେଇଚି। କଥାବାର୍ତ୍ତା କରିବାକୁ ଫୁର୍‌ସତ ମିଳିନି। ମୁଁ ଯାହା ଶୁଣିଚି ତୁ ଗାଁରେ ଦୋକାନଟିଏ କରିଥିଲୁ।

ହଁ- ସେଇ ଦୋକାନଟିରେ ଆମେ ଏକ ପ୍ରକାର ଭଲରେ ଚଳୁଥିଲୁ। ଗାଁ ଜାଗା।

ତା'ପରେ ପୁଅଟିଏ ଜନ୍ମ କରି ତୋ ସ୍ତ୍ରୀ...

ହଁ ସେ ଅନେକ ଦିନ ତଳର କଥା। ସ୍ତ୍ରୀ ସୁଖ ମୋ ଭାଗ୍ୟରେ ନାଇଁ ବୋଲି ଧରି ନେଇଥିଲି। ସେକଥା ଆଉ ମନ ପକେଇ ଲାଭ କ'ଣ ?

ତୋ ପୁଅଟି ବି ତୋ'ପରି ଅଧା ବାଟରୁ ପାଠ ଛାଡ଼ିଲା।

ତମେ ତ ମୋ ବିଷୟରେ ସବୁ କଥା ଜାଣିଚ।

ଆରେ ଆମ ଗାଁରୁ ସାନବାବା ଆମ ପାଖକୁ ଯିବା ଆସିବା କରୁଥିଲା। ସେ ଚାଲିଗଲା ପରେ ମୁଁ ଆଉ ତୋ ଖବର ରଖିନି। ସେ କହୁଥିଲେ ତୋ ପୁଅ କୁଆଡ଼େ ତତେ ଭାରି ହଇରାଣ କରୁଥିଲା।

କୁହନା ଭାଇ ସେକଥା। ପିଲାଦିନେ ଭାରି ଦୁଷ୍ଟ ହଉଥିଲା। ମା' ଛେଉଣ୍ଡ ବୋଲି ମୁଁ ତାକୁ ଆକଟ କରିପାରିଲି ନାହିଁ। କ୍ରମେ କ୍ରମେ ତା ଦୁଷ୍ଟାମି ଏତେ ବଢ଼ିଗଲା ଯେ ସେ ଆଉ ମୋ କଣ୍ଟ୍ରୋଲରେ ରହିଲା ନାହିଁ। ତା'ପରେ ସେ ଚୋରି କରିବା ଆରମ୍ଭ କଲା। ଥରେ ପାଖ ଗାଁରୁ ବଡ଼ ଧରଣର ଚୋରି କରି କୁଆଡେ ଉଭାନ ହୋଇଗଲା। ଘରକୁ ଫେରିଲା ଯାଇ ଦୀର୍ଘ ଚାରିବର୍ଷ ପରେ। ସେ ଫେରିବ ବୋଲି ମୋର ବିଶ୍ୱାସ ନ ଥିଲା।

ତୁ ଭାଇ ଜୀବନରେ ବହୁତ ଦୁଃଖ ଭୋଗିଚୁ। ଏଇନେ ତୋ ଦୋକାନ ଚାଲୁଚି କିପରି ?

ନାଇଁ ମୁଁ ଦୋକାନ ବନ୍ଦ କରି ଦେଇଚି।

ଆଉ ଚଳୁଚୁ କେମିତି ? ପୁଅ କିଛି କାମଧନ୍ଦା କରୁଚି ?

ନାଇଁ ସେ ଭାଗ୍ୟ ମୋର କାଇଁ ? ମୁଁ ଯୋଉ ଜିନିଷକୁ ଘୃଣା କରେ ମୋ ପୁଅ ସବା ଶେଷରେ ସେଇଆ ହିଁ କଲା।

କଣ ?

ରାଜନୀତି।

ରାଜନୀତି ?

ହଁ, ସିଏ ଏଥର ଜିଲ୍ଲା ପରିଷଦ ଚେୟାରମ୍ୟାନ ହେଇଚି। ପୁଣି ତାଙ୍କ କୃଷକ ସଙ୍ଗଠନର ରାଜ୍ୟ ସଭାପତି ହୋଇଚି। କ୍ଷମତାସୀନ ଦଳ ତ, ଏଇଠି ରହି ସବୁ କାମ କରୁଚି।

ତମେ ତ ତାହେଲେ ସବୁଠାରୁ ଭାଗ୍ୟବାନ। ତମେ ତା' ହେଲେ ଏଇଠି ରହୁଚ ?

ହଉ, ତାହେଲେ ଭଲ ହେଲା। ଏଣିକି ସବୁଦିନେ ଏକାଠି ଦେଖାହେବା।

ହଉ ଏଣିକି ମୁଁ ଏଇଠିକି ଆସିବି।

ଆଜି ତ ଏତେବେଳ ହେଲାଣି। ଚାଲ ଯିବା।

ଆଉ ଟିକିଏ ବସୁନା। ଭଲ ଲାଗୁଚି। ଏତେ ଦିନ ପରେ ଦେଖା।

ନାଇଁ ସନ୍ଧ୍ୟା ପ୍ରାର୍ଥନା ଡେରି ହେଇଯିବ।

ତିନି ହେଁ ଉଠିଲେ।

ମନୁଆଁଙ୍କୁ ବିଦାୟ ଦେଇ ଭାବଗ୍ରାହୀ ଓ ନରହରି ନିଜ ରାସ୍ତା ଧରିଲେ। ଦୁହେଁ ସମ୍ପୂର୍ଣ୍ଣ ଗମ୍ଭୀର ହେଇ ପଡିଥାନ୍ତି। କାହା ପାଟିରୁ କିଛି କଥା ବାହାରୁ ନ ଥାଏ। କିଛିବାଟ ଚାଲିଲା ପରେ ଭାବଗ୍ରାହୀ ମୁହଁ ଖୋଲିଲେ- ଜାଣିଲ ନରହରି ସବୁଦିନେ ଏଇ ମୃତ ପ୍ରାୟ ପାର୍କଟାକୁ ଆସି ବୋରିଂ ଲାଗିଲାଣି। କାଲିଠୁଁ ଅନ୍ୟ ଆଡକୁ ଗଲେ ଭଲ ହୁଅନ୍ତାନି ?

**ସବୁଦିନେ ଏଇ ମୃତ ପ୍ରାୟ ପାର୍କଟାକୁ ଆସି ବୋରିଂ ଲାଗିଲାଣି। କାଲିଠୁଁ ଅନ୍ୟ ଆଡକୁ ଗଲେ ଭଲ ହୁଅନ୍ତାନି ?**

ନରହରି ମନେ ମନେ କହି ଉଠିଲେ- ଆଜି ଘରକୁ କୋଉ କୁଣିଆ ଆସିଥିବ ନିଶ୍ଚୟ। ମୋ ତୁଣ୍ଡରୁ କଥା ଛଡେଇ ନେଲଣି। ତା'ପରେ କିଛି ସମୟ ଚିନ୍ତା କରି କହିଲେ- ଠିକ୍ କଥା ଯେ ହେଲେ ମନୁଆଁଙ୍କୁ ହାତଛଡା କରିବାଟା ଠିକ୍ ହେବନି। କେତେବେଳେ କୋଉକଥା।

ସେମାନେ ନରହରିଙ୍କ ଗେଟ୍ ପାଖକୁ ଚାଲି ଆସିଥିଲେ। ଏଇନେ ସେ ଭାବଗ୍ରାହୀଙ୍କୁ ବିଦାୟ ଦେବେ। ଗେଟ୍ ଖୋଲି ଟିକିଏ ଅପେକ୍ଷା କଲେ। ଆଉ କିଛି କହିବାକୁ ଚାହୁଁଥିଲେ ହେଲେ କହିପାରିଲେନି। ଭାବଗ୍ରାହୀ କହିଲେ- ମୁଁ ଆସୁଚି। ତା'ପରେ ସେ ମୁହଁ ବୁଲେଇନେଲେ। ସଫେଦ ଆଲୁଅରେ ନରହରି ଦେଖି ପାରିଲେ ଭାବଗ୍ରାହୀଙ୍କ ମୁହଁ ଉପରେ ଅନ୍ଧାର ଜମା ହେଇ ଯାଉଚି। ସେ ଆଉ ପଛକୁ ନ ଚାହିଁ ଘର ଆଡକୁ ଦ୍ରୁତ ପାଦରେ ଆଗେଇ ଗଲେ। ସଂଧ୍ୟା କେତେବେଳୁ ମଉଳି ଯାଇଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
rswainpdp@gmail.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦.ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।



ଧାରାବାହିକ ପ୍ରବନ୍ଧ

# ରାଘବ ବିଳାସ କାବ୍ୟ ଓ କବି ଯଦୁମଣି

ଡ. ଅଶୋକ କୁମାର ପଣ୍ଡା

ସାରସ୍ୱତ ପୀଠ ଉତ୍କଳ ଭୂମିରେ ଅନେକ କବିକୃତି ଲୋକଲୋଚନର ଅନ୍ତରାଳରେ ରହିଯାଇଛି, ତାହାକୁ ଖୋଜି ବାହାର କରିବା କଷ୍ଟସାଧ୍ୟ। ଏହି ପବିତ୍ର ପାବନ ଜନ୍ମଭୂମି ଅନେକ ପ୍ରତିଭାସମ୍ପନ୍ନ କବିଙ୍କର ଜନ୍ମଦାତ୍ରୀ ହେଲେ ମଧ୍ୟ ସେମାନେ ସେହି ଅନୁପାତରେ ଗୌରବ ବିମଣ୍ଡିତ ହୋଇପାରୁନାହାଁନ୍ତି। ଏହାର କାରଣ, ଅନେକ କବିଙ୍କର କାବ୍ୟ ଅଦ୍ୟାପି ଆବିଷ୍କୃତ ହୋଇପାରିନାହାଁନ୍ତି। ଏ ପରିପ୍ରେକ୍ଷୀରେ ବିଚାର କଲେ ଗଞ୍ଜାମ ଜିଲ୍ଲାର ଅନେକ କବି ଲୋକ ଲୋଚନର ଅନ୍ତରାଳରେ ରହିଯାଇଛନ୍ତି ଏବଂ ଅନେକ ଆଲୋଚନାର ପରିସରକୁ ମଧ୍ୟ ଆସିନାହାନ୍ତି। ଏ ଦୃଷ୍ଟିରୁ କବି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ' କାବ୍ୟର କିଞ୍ଚିତ୍ ଆଲୋଚନା କରିବାର ପ୍ରୟାସ ଏଠାରେ କରାଯାଇପାରେ।




**ଜୀବନ ଓ ଜୀବିକା**

କବି ଯଦୁମଣି ମହାପାତ୍ର ୧୭୮୧ ମସିହାରେ ଗଞ୍ଜାମ ଜିଲ୍ଲାର କୋଦଳା ନିକଟବର୍ତ୍ତୀ ଆଠଗଡ ଗ୍ରାମରେ ଏକ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ। କବିଙ୍କ ପିତା ଆଠଗଡ଼ର ବଢ଼େଇ ଓ ଚିତ୍ରକର ଥିଲେ। ରାଜା ବିନାୟକ ସିଂହ ମାନ୍ଧାତା ତାଙ୍କୁ ନବଦୁର୍ଗର ପୁରୁଣା ଉଆସ ନିକଟସ୍ଥ ରାଧାମୋହନ ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠାକୁ ନିମନ୍ତ୍ରଣ କରି ଆଣିଥିଲେ। କବିଙ୍କୁ ପ୍ରାୟ ଆଠବର୍ଷ ବୟସ ବେଳେ କୌଣସି ପାରିପାର୍ଶ୍ୱିକ ଅସୁବିଧାବଶତଃ ଆଠଗଡ଼ରୁ ଆସି ନୟାଗଡ଼ର ଇଟାମାଟି ଗ୍ରାମରେ ଅବସ୍ଥାନ କଲେ। ରାଜା ବିନାୟକ ସିଂହ ମାନ୍ଧତା, ବ୍ରଜବନ୍ଧୁ ସିଂହ ମାନ୍ଧାତା, ଲଡୁକେଶ୍ୱର ସିଂହ ମାନ୍ଧାତା କବିଙ୍କୁ ଇଟାମାଟି, ବାଉଁସିଆ ପଡ଼ା ଓ ଖମାରି ସାହିରେ ଇନାମ୍ ଦେଇଥିଲେ। ସେଥିପାଇଁ କବି ଜୀବିକା ସମ୍ପର୍କରେ ଲେଖିଛନ୍ତି-

"ସର୍ବଦା ଜୀବିକା ମୋ ଠକ ଠକ
ସଞ୍ଚାଳି ମୋ ବାରସୀ ପଟକ।"

ଆଠଗଡ଼ର ଭଗବାନ ବାହିନୀପତି କବିଙ୍କର ପ୍ରାଥମିକ ଶିକ୍ଷାଗୁରୁ। ଦରିଦ୍ର୍ୟ ଯୋଗୁଁ ଶିକ୍ଷାପ୍ରାପ୍ତି ସମୟକ୍ରମେ ଅସମ୍ଭବ ହୋଇପଡିଲା। ଅଭାବ ଓ ଅନଟନ ମଧ୍ୟରେ ଥାଇ କବି ଅମରକୋଷ, ବିଶ୍ୱକୋଷ ଇତ୍ୟାଦି ଶବ୍ଦକୋଷ ଆୟତ୍ତ କରିପାରିଥିଲେ। କାଳିଦାସଙ୍କ ସମଗ୍ରକୃତି, ଭବଭୂତିଙ୍କର 'ଉତ୍ତର ରାମଚରିତ', ଶ୍ରୀହର୍ଷଙ୍କ 'ନୈଷଧ', ମାଘଙ୍କର 'ଶିଶୁପାଳବଧ' ଓ ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟ ଦର୍ପଣ', 'କାବ୍ୟ ପ୍ରକାଶ' ଆଦି ଅଳଙ୍କାର ଗ୍ରନ୍ଥ ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା ସେ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ଗ୍ରନ୍ଥ ଅଧ୍ୟୟନର ଫଳସ୍ୱରୂପ କବିତ୍ୱ ପ୍ରତିଭାର ସ୍ଫୁରଣ ହୋଇ ସୃଷ୍ଟି ହୋଇଥିଲା 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର', 'ରାଘବବିଳାସ' ଏବଂ 'ଭଜନାବଳୀ'। ତେଣୁ କବିଙ୍କର ପ୍ରତିଭା ଯେ ନୈସର୍ଗିକ କବିକଳା, ପାଣ୍ଡିତ୍ୟ ଓ ଅନୁଭୂତିର ମଧୁର ସମନ୍ୱୟରେ ଜୀବନର ସର୍ବୋଚ୍ଚ ସ୍ତରକୁ ଉନ୍ନୀତ ହୋଇଥିଲେ ତାହା ତାଙ୍କ କୃତିରୁ ଜାଣିହୁଏ। କବି କହନ୍ତି ଯେ ହୟଗ୍ରୀବ ମନ୍ତ୍ର ସାଧନ ବଳରେ ତାଙ୍କର କବିତ୍ୱ ଶକ୍ତି ଜାଗ୍ରତ ହୋଇଥିଲା। କବିଙ୍କ ଭାଷାରେ-

"ହୟଗ୍ରୀବ ମହାପ୍ରଭୁ ପ୍ରତାପେ
ଥୋଡ଼ା ନୁହେଁ ଲୋଡ଼ା କରନ୍ତି ଭୂପେ।
ଯୋଡ଼ାଗୀତ ମୋ ପ୍ରୌଢ଼ା କବିତାକୁ
ବଳି ବଳି ରସଦାନୀ ପଣ୍ଡିତଙ୍କୁ।
ଭଲେ ଭଲ ଖଣ୍ଟେ ଖଣ୍ଟ ଯେ
ନବ ଦୁର୍ବାଦଳ ଶ୍ୟାମଳ କୃପାରୁ

ଉତ୍କଳେ ମୋ ନାମ ଘଣ୍ଟ ଯେ।"

କବିଙ୍କର ସମ୍ପୂର୍ଣ୍ଣ ଅପ୍ରକାଶିତ 'ରାଘବ ବିଳାସ କାବ୍ୟ' ଧନଞ୍ଜୟ ଭଞ୍ଜଙ୍କ 'ଶ୍ରୀରାମ ବିଳାସ' ଓ ଉପେନ୍ଦ୍ର ଭଞ୍ଜଙ୍କର 'ବୈଦେହୀଶ ବିଳାସ' ଢାଞ୍ଚାରେ ରଚିତ। ବିଷୟବସ୍ତୁ କ୍ଷେତ୍ରରେ ସମାନତା ରହିଥିଲେ ମଧ୍ୟ ଶୈଳୀଗତ ତାରତମ୍ୟରେ ଏହାର ସ୍ୱାତନ୍ତ୍ର୍ୟତା ସ୍ୱୀକାର୍ଯ୍ୟ।

**ରୀତିଯୁଗୀୟ ଶ୍ରେଷ୍ଠତା**

କବି ଯଦୁମଣି ରୀତିଯୁଗର ବିଶିଷ୍ଟ କବି। ଆଧୁନିକ ଯୁଗର ଆରମ୍ଭ ସମୟରେ ତାଙ୍କର ସ୍ଥିତି, ଯୁଗାନ୍ତରେ ତାଙ୍କର ଗତି। ଦେହ ଏ ଯୁଗର, ମନ ପ୍ରାଚୀନର। ଏ ଦୁଇ ଯୁଗର ସନ୍ଧି ସ୍ଥଳରେ ତାଙ୍କର ସୃଷ୍ଟି ସମ୍ଭାର ବିକଶିତ। ଏ ପରିପ୍ରେକ୍ଷୀରେ 'ରାଘବ ବିଳାସ' ଶ୍ରେଷ୍ଠ କାବ୍ୟ ସମ୍ପର୍କରେ ଗବେଷଣାର ଅଭାବ ଯୋଗୁ ଅନେକ ଛାନ୍ଦ ଅପ୍ରକାଶିତ। ସଂଗ୍ରାହକ ଓ ସମ୍ପାଦକ ଚକ୍ରଧର ମହାପାତ୍ର ଯଦୁମଣି ଗ୍ରନ୍ଥାବଳୀର ମୁଖବନ୍ଧରେ ଏହି କଥା କହିଛନ୍ତି, "ଶୁଣାଯାଏ ଯଦୁମଣି ୫୨ ଛାନ୍ଦରେ 'ରାଘବବିଳାସ' କାବ୍ୟ ସମ୍ପୂର୍ଣ୍ଣ କରିଥିଲେ। ସମୁଦାୟ ୨୫ ଗୋଟି ଛାନ୍ଦ ମିଳିଛି; ତହିଁ ଗ୍ରନ୍ଥାବଳୀରେ ପ୍ରକାଶିତ।" ସେହି ଛାନ୍ଦ ଦ୍ୱାରା ହିଁ କବିଙ୍କର ପ୍ରତିଭା ଆକଳନ କରାଯାଇପାରେ। ତେବେ ଗ୍ରନ୍ଥାବଳୀରେ ସନ୍ନିବେଶିତ ହୋଇଥିବା ଏହି ୨୫ଗୋଟି ଛାନ୍ଦ ସ୍ୱାଭାବିକ କ୍ରମ ଅନୁସାରେ ପ୍ରକାଶିତ ନ ହୋଇ, ଆରମ୍ଭରେ ପ୍ରଥମରୁ ଷୋଡଶ ଛାନ୍ଦ ପର୍ଯ୍ୟନ୍ତ ଏବଂ ତତ୍ପରେ ଉନତ୍ରିଂଶରୁ ଏକଚତ୍ୱାରିଂଶ ପର୍ଯ୍ୟନ୍ତ, ଏହିପରି ବିଚ୍ଛିନ୍ନ ଭାବରେ ସ୍ଥାନିତ ହୋଇଛି; ଅର୍ଥାତ ଅନ୍ୟ ଛାନ୍ଦଗୁଡିକ ଏ ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରିନାହିଁ।

**ଆଧୁନିକ ଯୁଗର ଆରମ୍ଭ ସମୟରେ ତାଙ୍କର ସ୍ଥିତି, ଯୁଗାନ୍ତରେ ତାଙ୍କର ଗତି। ଦେହ ଏ ଯୁଗର, ମନ ପ୍ରାଚୀନର।**

କବି 'ରାଘବବିଳାସ' କାବ୍ୟଟି ତାଙ୍କର ଅତି ପ୍ରିୟତମ ରାଜା ବିନାୟକ ସିଂହ ମାନ୍ଧାତାଙ୍କ ନାମକୁ ପ୍ରଚାର କରିବା ଲକ୍ଷ୍ୟରେ ରଚନା କରିଥିବାର ଅନୁମାନ କରାଯାଇଥାଏ। ଏହା ପ୍ରଥମ ଛାନ୍ଦରୁ ସହଜରେ ଅନୁମେୟ କରିହୁଏ। କବିଙ୍କ ଲେଖନୀରେ-

"ସୀତାରାମ ଅଂଘ୍ରି ଅବ୍ଜକୁ ହୃଦୟରେ ଧାୟିଣ

ରାଘବ ବିଳାସ ପ୍ରବନ୍ଧ ରଚନାକୁ କରିଣ।

ନବୀନ ଦୁର୍ଗେଶ ପ୍ରତାପୀ ବିରାଧୀବୀରବର

ବିନାୟକ ସିଂହ ଶ୍ରୀ ମାନ୍ଧାତା ଗ୍ରନ୍ଥେ ପ୍ରଚାର।"

ରାମାୟଣର ବିଷୟବସ୍ତୁ ଅନୁଯାୟୀ ଅତ୍ୟାଚାରୀ ଅସୁରମାନଙ୍କର ନିଧନ ନିମନ୍ତେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ବନ ଗମନ କରିଛନ୍ତି। ପର୍ଯ୍ୟାୟକ୍ରମେ ଜନକଙ୍କର ଧନୁଭଙ୍ଗ ସଭାରେ ଶିଷ୍ୟ ଦୁଇଙ୍କ ସହିତ ବିଶ୍ୱାମିତ୍ର ଉପସ୍ଥିତ ହୋଇଅଛନ୍ତି। ନିୟମ ଅନୁଯାୟୀ ଋଷି ପ୍ରଥମେ ଦୁଇ ରାଜକୁମାରଙ୍କର ପରିଚୟ ପ୍ରଦାନ କରିଅଛନ୍ତି। ତାହା କବିଙ୍କ ଭାଷାରେ-

"ସୁନ୍ଦ ସୁନ୍ଦରୀକି ମାରି ସିଦ୍ଧବଚନ ଯାଗ ସିଦ୍ଧ କରି ଚରଣ

ମୋହନ ହରିଣ ଲୋଚନ ଶୋଚନା ମୋଚନାର୍ଥୀ ହେଲେ କମ୍ପଣ

ଉତ୍ସବେ, ଉଚ୍ଛନ୍ନ କରିଛନ୍ତି ମତି।"

ସ୍ୱୟମ୍ବର ସଭାରେ ବୀରମାନଙ୍କର କ୍ରମାନ୍ୱୟରେ ପରାଭବ ଦେଖି ଉନ୍ମତ୍ତ ଯୌବନା ସୁକୁମାରୀ ସୀତାଙ୍କ ମନରେ ଭାବାନ୍ତର ଆସିଛି। ଏଠାରେ କବି ଉପମା ଏବଂ ବ୍ୟଞ୍ଜନା ଛଳରେ ଏହାର ବର୍ଣ୍ଣନା କରିଛନ୍ତି। ତା'ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଧନୁର୍ଦ୍ଧାରଣ ପାଇଁ ପ୍ରସ୍ତୁତ ହୋଇଅଛନ୍ତି ଓ ପରିଶେଷରେ ଶିବ ଧନୁଭଙ୍ଗ କରିଛନ୍ତି। କବିଙ୍କ ଭାଷାରେ-

"ଭ୍ରାତକୁ ହସ୍ତ ଆୟୁଧ ଦେଇକରି ବିଦଗ୍ଧେ ଆଇଲେ କାର୍ମୁକୁ

ହେଲା ରକ୍ତ ବନ୍ତ ମୁଠା କଲା ତହିଁ ମଞ୍ଜିଷ୍ଠା ପ୍ରତିଷ୍ଠାକୁ ଧିକ

XXX XXX XXX

ରଜତ ଗିରିବିହାରୀ ମନୋହାରୀ ବିଜୟ ପ୍ରସାଦ ପ୍ରବେଶ।"

ଏଭଳି ଭାବରେ କବିଙ୍କର ଅବିଘ୍ନ ପ୍ରେରଣା, ସ୍ୱଭାବ ସୁନ୍ଦର ପ୍ରକାଶଭଙ୍ଗୀ, ପ୍ରସଙ୍ଗଯୋଜନା, ଶ୍ରୁତିମଧୁର ଭାଷା, ଭାବ ଗାମ୍ଭୀର୍ଯ୍ୟ ଓ ଛନ୍ଦର ସମନ୍ୱୟରେ ପଦଟି ହୃଦୟଗ୍ରାହୀ ମନେ ହୁଏ।

ରାବଣ ସୀତାଙ୍କୁ ଚୋରାଇ ନେଇଛି। ପତ୍ନୀ ବିରହଜନିତ ବ୍ୟାକୁଳରେ ପ୍ରଭୁ ଶ୍ରୀରାମ ମର୍ମାହତ, ଦୁଃଖିତ। ସୀତାଙ୍କ ଅନ୍ୱେଷଣରେ ସେ ଭ୍ରମଣରତ। ଇତ୍ୟବସରରେ ସେ ବାଳୀକୁ

ମାରି ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ କରିଛନ୍ତି ତଥାପି ସୀତାଙ୍କର ଅନୁପସ୍ଥିତିଜନିତ ଅଭାବମୟ ଦୁଃଖ ତାଙ୍କୁ ବାରମ୍ବାର ବିବ୍ରତ କରିଛି।

**ବର୍ଷା ବର୍ଣ୍ଣନା**

ଭଲ୍ଲୁକ ଓ ମର୍କଟମାନଙ୍କ ସାହାଯ୍ୟରେ ରାମଚନ୍ଦ୍ର ମାଲ୍ୟବନ୍ତ ପର୍ବତରେ ଅବସ୍ଥାନ କରିଛନ୍ତି। ବର୍ଷାଋତୁର ଆଗମନରେ ପର୍ବତ ଅଭିନବ ସୌନ୍ଦର୍ଯ୍ୟ ଧାରଣ କରିଛି। ମେଘାଛନ୍ନ ଆକାଶରେ ଚପଳାର ଲାସ୍ୟ, ଶିଖରୀ ଶିଖରରେ କେକା, କେକୀଙ୍କର ଅପୂର୍ବ ନୃତ୍ୟ ରଚନା, ଇନ୍ଦ୍ରଧନୁର ନୟନାଭିରାମ ଦୃଶ୍ୟ, ପୁଷ୍କରିଣୀରେ ପୁଷ୍କର ଆଦି ପୁଷ୍ପର ବିକାଶ ଓ ଅରଣ୍ୟାନୀର ଶ୍ୟାମାୟିତ ରୂପଶ୍ରୀ ଇତ୍ୟାଦି ବହୁ ପ୍ରାକୃତିକ ବିଭାବ କବି ଏଠାରେ ବର୍ଣ୍ଣନା କରିଛନ୍ତି। କବିଙ୍କର ଲେଖନୀରେ–




"ବନଜ-ଜିତ ବରନ ସଙ୍ଗେ
ସାନୁଜ ଘେନିଣ
ଗ୍ରୀଷ୍ମାନ୍ତରେ ଶିଖରେ ଅଗ୍ରେ ରହିଣ
ବନ ଘନ ଘନ ଘନ
ବିସର୍ଜେ ରତି ତର୍ଜନ
ବର୍ଷୋତ୍ପଳକୁ ସର୍ଜନ କରଇ ପୁଣ।
ଶାମୁକ ଚମକ ଅନେକ,
ଅମ୍ବୁରାଛନ୍ନରେ ବିଷକଣ୍ଠ ନର୍ତ୍ତକ।"

ରାମଚନ୍ଦ୍ରଙ୍କର ଅନୁସନ୍ଧିତ୍ସୁ ହୃଦୟ କେତେକ ଗୁପ୍ତ ବିଷୟ ଜାଣିବାକୁ ଇଚ୍ଛା ପ୍ରକାଶ କରିଛି। ଶତ୍ରୁପକ୍ଷ ସହିତ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଯୋଦ୍ଧା ସାଧାରଣତଃ ସେହିପକ୍ଷର ରାଜନୈତିକ ଦୁର୍ବଳତା ତଥା ସମରସଜ୍ଜା ଇତ୍ୟାଦି ଜାଣିବାକୁ ଇଚ୍ଛା ପ୍ରକାଶ କରିଥାଏ। ରାମଚନ୍ଦ୍ର ଠିକ୍ ସେହିପରି କରିଅଛନ୍ତି। ରାବଣର ସୈନ୍ୟଦଳ ଜାଣିବା ନିମିତ୍ତ ସେ ବିଭୀଷଣକୁ ପଚାରି ବୁଝିଛନ୍ତି। ତାହା କବିଙ୍କ ଭାଷାରେ–

"କିଣା ହୋଇ ଜଗଦ୍ୱିଣା ଏ ବାଣୀରେ ଭଣିରେ କମ୍ପାଇ କାର୍ମୁକ"

ଏହାର ଉତ୍ତରରେ ବିଭୀଷଣ ରାବଣର ବଳବୀର୍ଯ୍ୟ ବିଷୟରେ ଏକ ସମ୍ୟକ୍ ଧାରଣା ଦେଇଛି। ଏହି ବର୍ଣ୍ଣନା ଅତୀବ ଚମତ୍କାର। ବିଶେଷତଃ ଛନ୍ଦର ମଦିର ଆବେଗ, କବିତ୍ୱର ସାବଲୀଳ ରସାଳତା ଚିତ୍ର ପ୍ରଧାନ କଳ୍ପନା, ଉପଯୁକ୍ତ ଶବ୍ଦ ଚୟନ, ଅର୍ଥବ୍ୟଞ୍ଜନା ଦୃଷ୍ଟିରୁ ପ୍ରତିପାଠକଙ୍କ ଚିତ୍ତକୁ ଏହି ଛାନ୍ଦଟି ସ୍ପର୍ଶ କରିପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ। ଏ ସମସ୍ତ କଥା ଶୁଣିଲା ମାତ୍ରେ ରାମଚନ୍ଦ୍ରଙ୍କର କ୍ରୋଧାଗ୍ନି ଜଳି ଉଠିଛି। ସେ ରାବଣକୁ ନିଧନ କରି ବିଭୀଷଣକୁ ରାଜ୍ୟଦାନ କରିବେ ବୋଲି ସତ୍ୟ କରି ଅଛନ୍ତି। କବିଙ୍କ ଭାଷାରେ–

"ଶୁଣି ରଘୁମଣି ଭଣିଲେ ଜାଣିମା ରଣରେ ରବୀନ୍ଦ୍ର ପଣରେ
xxx xxx xxx
ଆଜଠାରୁ ଲଙ୍କା ମହୀରେ ମହୀନ୍ଦ୍ର ତବ ପଦ ହେଲା
ନିର୍ମାଣ।"

**ରାଜାଙ୍କର ନାମ ଭଣତି**

ପ୍ରକାଶିତ ଛାନ୍ଦଗୁଡ଼ିକରେ କବି ଯଦୁମଣି ନୟାଗଡ଼ ରାଜା ବିନାୟକ ସିଂହ ମାନ୍ଧାତାଙ୍କ ନାମ ଭଣତି କରିଛନ୍ତି। କୁହାଯାଏ ଯେ ତାଙ୍କର କବି-ଜୀବନରେ ରାଜା ବିନାୟକ ସିଂହଙ୍କର ବିଶେଷ ପୃଷ୍ଠପୋଷକତା ଲାଭ କରିଥିବାରୁ ସେ କୃତଜ୍ଞତା ଅର୍ପଣ କରିବା ମାନସରେ ରାଜାଙ୍କର ନାମ ପ୍ରତ୍ୟେକ ଛାନ୍ଦର ଅନ୍ତିମ ପଦରେ ପ୍ରକାଶ କରିଛନ୍ତି। ଯେପରି,

ବିନାୟକ ସିଂହ ବିନାୟକ ହୃଦେ ଧ୍ୟାୟି
ବିନାୟକ ରାଘବ ବିଲାସ ଛାନ୍ଦେ କହି।
(ତୃତୀୟ ଛାନ୍ଦ, ପଦ-୩୭)

କବିଙ୍କ "ରାଘବ ବିଲାସ" ସମ୍ପୂର୍ଣ୍ଣ କାବ୍ୟ ଆଜି ମଧ୍ୟ ଲୋକଲୋଚନର ଅନ୍ତରାଳରେ। ସାହିତ୍ୟ ପ୍ରେମୀ ବିଦଗ୍ଧ ପାଠକ ଏବଂ ଗବେଷକମାନଙ୍କର ନିଷ୍ଠାର ସହ ଉଦ୍ୟମ ଜାରି ରହିଲେ ହୁଏତ ଅପ୍ରକାଶିତ ଛାନ୍ଦଗୁଡିକ ପ୍ରକାଶିତ ହୋଇପାରିବ। ବାସ୍ତବରେ ଯଦୁମଣି ଥିଲେ ଧୀଶକ୍ତିସମ୍ପନ୍ନ କବି। ତାଙ୍କ କାବ୍ୟକୁ ପଢ଼ି ଅର୍ଥ କରିବା କଷ୍ଟସାଧ୍ୟ ବ୍ୟାପାର।

କାବ୍ୟଟିର ଆଙ୍ଗିକରେ ମଧ୍ୟ ବିବିଧ ବୃତ୍ତର ବିଚକ୍ଷଣ ପ୍ରୟୋଗ କରାଯାଇଥିବାର ଲକ୍ଷ୍ୟ କରାଯାଏ; ଯେପରି, ରାମକେରୀ, ଶଙ୍କରାଭରଣ, କଳସା, ଆଷାଢ଼ ଶୁକ୍ଳ ଓ କଳହଂସ କେଦାର ଆଦି। ଏକ ବିଶେଷ ଲକ୍ଷ୍ୟଣୀୟ ଦିଗ

ହେଲା ଯେ ଏଥିରେ କୌଣସି ଛାନ୍ଦରେ ଏକ ନିର୍ଦ୍ଦିଷ୍ଟ ବୃତ୍ତର ଦ୍ୱିତୀୟ ଥର ପାଇଁ ପୁନରାବୃତ୍ତି ହୋଇନାହିଁ, ବରଂ ପ୍ରତ୍ୟେକଟି ଛାନ୍ଦ ଏକ ନୂଆ ସଂରଚନାକୁ ଆଶ୍ରୟ କରି ଗଢ଼ିଉଠିଛି।

କଳେବରର ସଂକ୍ଷିପ୍ତତା ଦୃଷ୍ଟିରୁ ଏହି ପ୍ରବନ୍ଧରେ ପ୍ରକାଶିତ ଛାନ୍ଦ ମଧ୍ୟରୁ କିଞ୍ଚିତ୍ ଆଲୋଚନା କରିଅଛି। ଏଠାରେ ଅନାଲୋଚିତ ପ୍ରତିଭାଧର କବି ଯଦୁମଣିଙ୍କୁ ଆଲୋଚନାର ପରିସରକୁ ଆଣି ପାଠକମାନଙ୍କ ନିକଟରେ ପରିଚିତ କରାଇବାର ପ୍ରୟାସ, ପ୍ରାୟ ସମସ୍ତ ମଧ୍ୟଯୁଗୀୟ କବିମାନଙ୍କର କୃତି ଆଲୋଚନାର ପରିସରକୁ ଆସେ କିନ୍ତୁ କବି ଯଦୁମଣି ମହାପାତ୍ରଙ୍କୁ ପ୍ରାୟ ସମସ୍ତେ ଭୁଲି ଯାଇଥାନ୍ତି।


**କୌଣସି ଛାନ୍ଦରେ ଏକ ନିର୍ଦ୍ଦିଷ୍ଟ ବୃତ୍ତର ଦ୍ୱିତୀୟ ଥର ପାଇଁ ପୁନରାବୃତ୍ତି ହୋଇନାହିଁ, ବରଂ ପ୍ରତ୍ୟେକଟି ଛାନ୍ଦ ଏକ ନୂଆ ସଂରଚନାକୁ ଆଶ୍ରୟ କରି ଗଢ଼ିଉଠିଛି।**

କବି ଯଦୁମଣି ମହାପାତ୍ର ପ୍ରାୟ ୮୪ ବର୍ଷ ବଞ୍ଚିଥିଲେ। ୧୮୬୬ ମସିହା ଶ୍ରୀଗୁଣ୍ଡିଚା ଦିନ ତାଙ୍କର ମହାପ୍ରୟାଣ ହୋଇଥିଲା। ତାଙ୍କର ଇଟାମାଟିସ୍ଥ ବାସଭବନରେ ପୂଜିତ ଜଗନ୍ନାଥ ମୂର୍ତ୍ତି, ନିଜ ହାତ ଲେଖା "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" ଗ୍ରନ୍ଥ ସୁରକ୍ଷିତ ଅଛି। ପ୍ରାଚୀନ ସାହିତ୍ୟ ପ୍ରେମୀମାନେ ବର୍ତ୍ତମାନ ଗବେଷଣାରତ ରହି ଏବଂ ଅନୁସନ୍ଧାନପ୍ରବଣ ହୋଇ 'ରାଘବ ବିଳାସ' କାବ୍ୟର ପୂର୍ଣ୍ଣ ସମ୍ପାଦନା କରିପାରିଲେ କବିଙ୍କ କୃତି ସଫଳ ଲାଭ କରନ୍ତା।

ବସ୍ତୁତଃ ଭଞ୍ଜୀୟ କଳ୍ପନାଚାତୁର୍ଯ୍ୟ, ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ଆଡମ୍ବର ପାଇଁ ନୁହେଁ, ଏପରି କେତେକ ଛନ୍ଦୋକ୍ତି ସମ୍ପନ୍ନ ଆଶୁରଚନା ଓ ଚଟୁଳୋକ୍ତି ପାଇଁ କବି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର ଓଡ଼ିଶାର ପ୍ରତି ଜନମାନସରେ ଆଜି ମଧ୍ୟ ଜୀବନ୍ତ।

◻◻

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com




**ମୂଲ୍ୟ : ଟ. ୧୨୦/-**

**ପ୍ରକାଶ ପାଇଲା**

**ଅଭୟାନନ୍ଦ ଉବାଚ**

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।

ଗଳ୍ପ

# ଦୁଇଟି ଅଣୁଗଳ୍ପ



ସାଇଜ୍ୟୋତି ପ୍ରଧାନ


## ପ୍ରେମ

ବସନ୍ତ ସରିନି, କୋଇଲିର କୁହୁରେ ଆଉ ସେ ମାଦକତା ନାହିଁ। ଗୀତ ଗାଇ ଗାଇ ଫାଟିଗଲାଣି ସ୍ୱର। ଆଉ ଅଳ୍ପ ଦିନରେ ଦଶମ ବୋର୍ଡ ପରୀକ୍ଷା। ଗୋପା ତା' ଦାୟିତ୍ୱକୁ ସୂଚାରୁ ରୂପେ ସମ୍ଭାଳେ। ପିଲାଙ୍କ ପରୀକ୍ଷା ପାଇଁ ପିଲାଏ ଯେତିକି ବ୍ୟସ୍ତ, ଗୁରୁମା ତାଙ୍କଠାରୁ ଆଉ ଟିକିଏ ଅଧିକ ତତ୍ପର। ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତଙ୍କର ପ୍ରିୟ ଶିକ୍ଷିକା ଗୋପା ଆଚାର୍ଯ୍ୟ। ସେଦିନ ଷ୍ଟାଣ୍ଡରେ ସ୍କୁଟି ରଖି ସ୍କୁଲ୍ ବାରଣ୍ଡା ଉପରକୁ ଉଠି ଆସୁ ଆସୁ ହଠାତ୍ ଅଦିନିଆ ବର୍ଷାରେ ଗୋଟା ଓଦା ହୋଇଗଲା।

ପୋଛାପୋଛି ହୋଇ ନିଜକୁ ସଜାଡ଼ି ନେଲାବେଳକୁ ତା' ଫୋନ୍ ରିଙ୍ଗ୍ ହେଲା। ସେପଟୁ ଭାରି ଗଳାରେ କେହି ଜଣେ କହିଲା, 'ସୌମ୍ୟ ଚାଲିଗଲା।' ଗୋପା ମୁଣ୍ଡରେ ଆକାଶ ଛିଣ୍ଡି ପଡ଼ିବା ପରି ଉଚ୍ଚ ସ୍ୱରରେ କାନ୍ଦିଉଠିଲା। ସହକର୍ମିଣୀ ମୁକ୍ତା ବୁଝେଇଲା, 'ମାସେ ହେଲା ଅକ୍ସିଜେନ୍ ସପୋର୍ଟରେ ଥିବା ମଣିଷକୁ କିଏ ବା ବଞ୍ଚେଇ ପାରିଥାନ୍ତା! ତାଙ୍କର ଯିବା ଅବଧାରିତ। ତା' ବାଦ୍ ସେ ତୋର କିଏ କି? ତୁ କାହିଁକି ତାଙ୍କ ପାଇଁ ଗଳା ଫଟେଇ କାନ୍ଦୁଛୁ? ଯିଏ ନିଜର ପୁରୁଣା ଅବୈଧ ସମ୍ପର୍କକୁ ଲୁଚେଇ ତୋତେ ବାହା ହେଇଗଲା। ବାହାଘର ପରେ ବି ସ୍ତ୍ରୀର ମର୍ଯ୍ୟାଦା ଦେଲାନି। ତା' ପାଇଁ ଏତେ କନ୍ଦାକଟା!'

ଗୋପା ଧକେଇ ଧକେଇ କହିଲା, 'ତୁ ଜାଣୁ ମୁକ୍ତା! ବାହାଘରର ମାସକ ପରେ ମୁଁ ତାଙ୍କୁ ଛାଡ଼ି ଚାଲିଆସିଲି। ଆଜିଯାଏ ସେ ମୋ ଫେରିବାକୁ ଅପେକ୍ଷା କରି ବିବାହ କଲେନି। ତାଙ୍କ ଅତୀତ ସେମିତି ଅତୀତ ହୋଇ ରହିଗଲା। ସେ ଏକୁଟିଆ, ମୁଁ ଏକୁଟିଆ। ବୟସର ଏଇ ପର୍ଯ୍ୟାୟରେ ମଧ୍ୟ ଆମେ ଦୁହେଁ ନଦୀର ଦୁଇକୂଳ ହୋଇ ରହିଗଲୁ। କେହି କାହାକୁ ଛୁଇଁନୁ। କିନ୍ତୁ, ସମାନ୍ତରାଳ ଭାବେ ଧାଉଁଥିଲୁ।

□□



## ଶବ

ସାମଲଘରୁ କାନ୍ଦଣା ଶୁଭୁଥିଲା। ଝିଅବୋହୂ କାନ୍ଦୁଥିଲେ ଉଚ୍ଚସ୍ୱରରେ। ଗାଡ଼ି ଅଟକାଇ ସେ ଆଡ଼କୁ ପାଦ ପକେଇଲି। ଜମା ହୋଇଥିବା ଲୋକ ମତେ ଦେଖି ଆଡ଼େଇ ହୋଇଗଲେ। ମୁଁ ଅଚ୍ଛବ ଥିଲି ନା ସେମାନେ! ସେସବୁ ଭାବିବାର ବେଳ ସିଏ ନୁହେଁ। ମଡ଼ା ପଡ଼ିଥିବା ଘର ଭିତରକୁ ଯିବି କଣ! ସେଇଠି ଅଟକିଗଲି। ଦୁଆରବନ୍ଧରେ ପଛକରି କେହିଜଣେ ଛିଡ଼ା ହୋଇଥିଲେ। ଡିପ୍ କଟ୍ ବ୍ଲାଉଜ୍ ରେ ଗୋରାପିଠି ଖୁବ୍ ଆକର୍ଷଣୀୟ ଥିଲା। କେତେ ସୁନ୍ଦର ହୋଇଥିବ ସେ, ଯାହାର ପୃଷ୍ଠଭାଗ ଏତେ ସୁନ୍ଦର....! ଧେତ୍ ସନାମାଷ୍ଟ୍ରଙ୍କ ଶବ ପଡ଼ିଛି। ଏଣେ ମୁଁ କାହାର ଗୋରା ପିଠି ଦେଖି ଭାବନାରେ ହଜିଗଲିଣି।

ହଠାତ୍ ବୁଲିପଡ଼ିଲେ ସେ। ସାରା ଦେହରେ ବିଦ୍ୟୁତ୍ ର ତଡ଼ିତ୍ ପ୍ରବାହ ସ୍ଥାଣୁ କରିଦେଲା ମତେ। ବାରବର୍ଷ ତଳେ ଆଦ୍ୟଯୌବନରେ ଯାହାର ଆଶ୍ଳେଷରେ ହଜିଥିଲି, ବଦନାମ ହେଇଥିଲି, ଗରଳ ପିଇଥିଲି....ଆଜି ସେ ସାମ୍ନାରେ!

ସନାମାଷ୍ଟ୍ରଙ୍କ ଭାଣିଜୀ ମନ୍ଦିରା। ତାକୁ ଭଲପାଇବାର ନିଶାରେ ସବୁ ଭୁଲି ଯାଇଥିଲି ମୁଁ। ଏଇ ସନାମାଷ୍ଟ୍ରେ ଧର୍ମଦାଣ୍ଡରେ ଛିଡ଼ା କରିଥିଲେ ମୋ ବାପାଙ୍କୁ। ଅପମାନର ଚାବୁକ ମାରିଥିଲେ। ମନ୍ଦିରା ତା' ମାମୁଁଙ୍କ ପଛରେ ଲୁଚି ପଡ଼ିଥିଲା। ଭଲପାଇବାର କୋମଳ ଗଛଟିକୁ ବଞ୍ଚେଇବାକୁ ସାମାନ୍ୟ ଚେଷ୍ଟା କରି ନଥିଲା। ମୁଁ କାନ୍ଦୁଥିଲି ବିକଳ ହୋଇ।

ବାପା କୋଉକାଳୁ ସ୍ୱର୍ଗକୁ ଗଲେଣି। ସନାମାଷ୍ଟ୍ରେ ତ ନର୍କକୁ ଯାଇଥିବେ। ସେଦିନର ଅଚ୍ଛବ ପିଲାଟି ଆଜି ବିଦେଶ ମାଟିରେ ସମ୍ବର୍ଦ୍ଧିତ ହେଉଛି। ଗର୍ବରେ ଫାଟି ପଡୁଥିଲି ମୁଁ। ମନ୍ଦିରା ମୋତେ ସାମ୍ନାରେ ଦେଖି ଚମକି ପଡ଼ିଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
saijyotipradhan02@gmail.com



ଶିଶୁ ସାହିତ୍ୟ

# ବନି ପାଳିଲା ଜନ୍ମଦିନ

ରବୀନ୍ଦ୍ର ନାଥ ମାଝୀ

ବନି ସେଦିନ ସମୁଦ୍ରକୂଳକୁ ବୁଲି ଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମା। ସେଦିନ ତା'ର ଜନ୍ମଦିନ। ସେଦିନ ପ୍ରଥମେ ଦେଖିଥିଲା ସମୁଦ୍ରକୁ। ଢେଉ ଓ ବାଲୁକା ବେଳାଭୂଇଁକୁ। ସୁ ସୁ ହୋଇ ଢେଉ ମାଡି ଆସୁଥାଏ। କୂଳରେ ମଥାପିଟି ଲେଉଟି ଯାଉଥାଏ।

କୂଳରେ ବୁଲୁଥାନ୍ତି ଲୋକେ। ପ୍ରାୟ ସମସ୍ତେ ପୁରୀ ବାହାର ଲୋକେ। ସାଙ୍ଗରେ ବନି ପରି ଟିକି ଟିକି ପିଲା ଓଟରେ ଚଢ଼ି ବୁଲୁଥାନ୍ତି। ପେଣ୍ଡୁ ଧରି ଖେଳୁଥାନ୍ତି। ହାତରୁ ଖସି ସମୁଦ୍ରରେ ପଡିଗଲେ ବି ଢେଉ ପେଣ୍ଡକୁ ଆଣି କୂଳରେ ଦେଇଯାଏ।

ସମୁଦ୍ର କୂଳିଆ ଓଦାବାଲିରେ କିଏ ମନ୍ଦିର ଗଢୁଥାଏ। କିଏ ନିଜ ପାଦ ଥୋଇ ବାଲିରେ ଗାତ କରୁଥାଏ।

ଦୌଡି ଦୌଡି ଆସିଲେ ଦୁଇଟି ଲଙ୍ଗଳା ପିଲା। ଦିହରେ କିଛି ପିନ୍ଧି ନ ଥାନ୍ତି। ଖାଲି କଉପୁନିଟି ମାରି ମନ ଖୁସିରେ ଦଉଡୁଥାନ୍ତି। ବେଳେବେଳେ ଦୁଇଟି ହାତ ଯୋଡି ଜାଡକୁ ସମ୍ଭାଳି ନେଉଥାନ୍ତି। ଏ ପିଲା ଦୁଇଟି ପୁରୀ ସମୁଦ୍ରକୂଳିଆ ବସ୍ତିର ପିଲା। ଏମାନଙ୍କର ସମୁଦ୍ରକୁ ଟିକିଏ ହେଲେ ଡର ନ ଥାଏ। ସମୁଦ୍ର ଜୁଆର ଭିତରକୁ ପଶିଯାଉଥାନ୍ତି। ପାଣି ଭିତରୁ ବାହାରି ଆସି ଦୌଡୁଥାନ୍ତି।



ମାଆ ପାଖରେ ବସି ବନି ସମୁଦ୍ର ଦେଖୁଥାଏ। ଭାବୁଥାଏ ସେ ସେମିତି ବେଳାଭୂଇଁରେ ଦଉଡିବ। ସେ ପିଲାମାନଙ୍କ ସାଙ୍ଗରେ ଖେଳିବ। ଆହା ! ପିଲା ଦୁଇଟିଙ୍କୁ ତାଙ୍କ ମାଆ କ'ଣ ଶାର୍ଟଟିଏ ଦେଇ ପାରିଲେ ନାହିଁ। ଖାଲି ଦେହରେ ସେମାନେ ଶୀତ ସମ୍ଭାଳୁଛନ୍ତି କିପରି ?

ସେମାନେ କିଏ ?

ବନି ପ୍ରଶ୍ନ କଲା ଏମାନଙ୍କ ଘର କେଉଁଠି ?

ମାଆ କହିଲେ ଏମାନେ ନୋଳିଆ ପିଲା। ଝାଉଁବଣ ଭିତରେ ବସ୍ତିଟିଏ ଅଛି। ସେଠି ସେମାନଙ୍କର ତାଳଝାଟିର ଘର। ବାପା ଯାଇଛି ସମୁଦ୍ରକୁ। ମାଛ ଆଣିଲେ ବିକିବେ। ମାଆ ଯାଉଛି କାହା ଘର କାମ କରିବାକୁ। ସେଇ ପଇସାରେ ଏମାନେ ଚଳନ୍ତି।

ବନି ପଚାରିଲା, "ବୋଉ ! ଏମାନଙ୍କୁ ତାଙ୍କ ମାଆବାପା ଏମିତି ଖାଲିଦେହରେ ଛାଡି ଦେଇଛନ୍ତି କାହିଁକି ? ଏମାନେ ଏକେଲା। ସାଗର କୂଳରେ ଦୌଡୁଛନ୍ତି ଖେଳୁଛନ୍ତି। ପାଣିରେ ପଡିଗଲେ ସମୁଦ୍ର ଢେଉ ଭିତରକୁ ଟାଣି ନେବନାହିଁ ତ।"

ବନିର ମାଆ କହିଲେ, "ନୋଳିଆମାନେ ସମୁଦ୍ରକୁ ଡରନ୍ତି ନାହିଁ। ରାମାୟଣର କଥା। ରାମ ଲଙ୍କାକୁ ଯିବା ପାଇଁ ଚାହିଁ ବି ଯାଇପାରିଲେ ନାହିଁ। ଲଙ୍କାକୁ ଘେରି ରହିଛି ସାଗର। ରାମଙ୍କର ବିଶାଳ ବାନର ବାହିନୀ। ବାନରସେନା ଲଙ୍କାକୁ ବନ୍ଧ ବାନ୍ଧିବାକୁ ଯେତେ ଯେତେ କାଠଗଣ୍ଡି ଓ ପଥର ଆଣିଲେ ସବୁକୁ ସମୁଦ୍ର ପାଣି ଭସେଇନେଲା।

ନିରୁପାୟ ରାମ ସମୁଦ୍ରରାଜା ବରୁଣଙ୍କୁ ଡାକିଲେ। କହିଲେ ମୋତେ ବାଟ ଦିଅ। ସେ ମନା କଲେ। ମାତ୍ର କହିଲେ ଆପଣଙ୍କ ବାହିନୀର ନଳ, ନୀଳ ଦୁଇ ଭାଇ ଅଛନ୍ତି। ସେମାନେ ତାଙ୍କ ବାଆଁ ହାତ କାଣି ଆଙ୍ଗୁଠିରେ ଯାହାକୁ ଛୁଇଁ ଦେବେ ତାହା ପାଣିରେ ବୁଡିବ ନାହିଁ। କୁହାଯାଏ ବାନର ସେନା ପଥର ବୋହି ଆଣିଲେ। ସେ ପଥର ସବୁକୁ ନଳ ନୀଳ ବାଆଁ ହାତ କାଣି ଆଙ୍ଗୁଠିରେ ଛୁଇଁ ଦେଉଥାନ୍ତି ଓ ସେସବୁ

ପଥର ପାଣିରେ ଭାସି ଉଠିଲା । ଏଇ ପଥରରେ ରାମ ଲଙ୍କାକୁ ସେତୁ ବାନ୍ଧିଥିଲେ ।

ନଳ-ନୀଳଙ୍କର ବଂଶଧର ଏଇ ନୋଳିଆମାନେ । ସେମାନଙ୍କ କାଠଭେଳାରେ ଡଙ୍ଗା ଗଢନ୍ତି । ସେ ସମୁଦ୍ର ପାଣିରେ ବୁଡେ ନାହିଁ । ସେଇ କାଠଭେଳା (ଡଙ୍ଗା) ନେଇ ସମୁଦ୍ରକୁ ନିର୍ଭୟରେ ଯାଆନ୍ତି ଓ ମାଛ ମାରି ଫେରନ୍ତି ।

ଦୌଡୁଥିବା ପିଲା ଦୁଇଟି ନୋଳିଆ । ପୁରାଣର ନଳନୀଳଙ୍କର ବଂଶଧର, ସେମାନେ ସମୁଦ୍ରକୁ ଡରନ୍ତି ନାହିଁ । ତାଙ୍କୁ ଶୀତ ଲାଗେ ନାହିଁ । ସମୁଦ୍ରର ଲୁଣି ପାଣିରେ କିଛି କ୍ଷତି ହୁଏ ନାହିଁ ।

ନୋଳିଆ ପିଲା ରାମୁଲୁ ଓ ଲକ୍ଷ୍ମଣିଆ ବାଲିରେ ବସି କୁଦ ଗଢୁଥାନ୍ତି । ଝାଉଁ ଡାଳ ପୋତି ଦେଉଥାନ୍ତି । ସମୁଦ୍ର ଢେଉ ଆସି ତାଙ୍କ ବାଲିକୁଦକୁ ଭସେଇ ନେଉଥାଏ । ବେଳାଭୂଇଁ ପୁଣି ସିଲଟ ପଟା ପରି ସଫା ହୋଇ ଯାଉଥାଏ । ସେମାନେ ପୁଣି ବାଲି ଓ ଝାଉଁଡାଳରେ ଉଚ୍ଚ ଉଚ୍ଚ କୁଦ କରୁଥାନ୍ତି । ସମୁଦ୍ର ଢେଉ ତାକୁ ଛୁଇଁ ନ ପାରିଲେ ସେମାନେ ଉଠି ଦଉଡିବା ଆରମ୍ଭ କରି ଦେଉଥାନ୍ତି ।



ମାଆ ବନିକୁ ପୁରାଣର ଗପଟି କହିଦେଲେ । ସେ ଗପ ମିଛ କି ସତ ସେକଥା ସେ କେବେ ଭାବୁ ନ ଥାଏ । ଭାବୁଥାଏ ଆଖିରେ ଦେଖୁଥିବା ସେ ପିଲା ଦୁଇଟିଙ୍କ କଥା । ସେମାନଙ୍କ ପାଖରେ ଯଦି ପିନ୍ଧିବାକୁ ଶାର୍ଟ ନାହିଁ, ଘୋଡି ହେବାକୁ ଚାଦର ନାହିଁ, ରହିବାକୁ ଘର ନାହିଁ, ସେମାନେ ତ ପାଠ ପଢୁ ନ ଥିବେ ? ଏ ସବୁଦ୍ରକୂଳ ଛାଡି କୁଆଡକୁ ବୁଲି ବି ଯାଉ ନ ଥିବେ ?

ବନିର ଟିକି ମନରେ ପ୍ରଶ୍ନ ଉଠୁଥିବା ଢେଉ ଢେଉ ହୋଇ । ନଳନୀଳ ରାମଙ୍କ ପାଇଁ କେତେ ବଡ କାମ କଲେ । ସେତୁ ବାନ୍ଧିଦେଲେ । ରାବଣ ମାରି ରାମ ଅଯୋଧ୍ୟା ଫେରିଗଲେ । ନଳନୀଳ ଓ ତାଙ୍କର ବଂଶଧର ଏଇ ଝାଉଁବଣ ଓ ସମୁଦ୍ରକୁ ଛାଡି କେଉଁଆଡେ ଗଲେ ନାହିଁ । ତାଙ୍କ ପିଲାଟିଏ ନୁଖୁରା, ଲଙ୍ଗଳା ହୋଇ ବୁଲୁଛନ୍ତି ?

ବନି ନିଜ ଦେହରୁ ସୁଏଟରଟି କାଢ଼ି ପକେଇଲା । କହିଲା ବୋଉ ତୋ ଚାଦରଟି ଦେ । ମୁଁ ଘୋଡିହେବି । ମାଆ ଚାଦର କାଢ଼ଇ ବନିକୁ ଘୋଡେଇ ଦେଲେ ।

ହାତରେ ଚାଦର ଓ ସୁଏଟର ଧରି ସେ ଦୁଇଟି ନୋଳିଆ ପିଲାଙ୍କ ପାଖକୁ ଧାଇଁଗଲା ।

ମାଆ ଉଠିପଡି ଡାକୁଥାନ୍ତି.... ଆରେ କୁଆଡେ ଯାଉଛୁ । ସମୁଦ୍ରରେ ଢେଉ ଉଠୁଛି ?

ବନି ଏକଲୟରେ ରାସୁରୁ ଓ ଲକ୍ଷ୍ମଣିଆ ପାଖକୁ ଧାଇଁଗଲା ଓ ନିଜ ସୁଏଟର ଓ ଚାଦର ଦେଇ କହିଲା, ନିଅ ପିନ୍ଧି ପକାଅ ଓ ଘୋଡି ହୁଅ । ତମକୁ ଶୀତ କରୁ ନାହିଁ ?



ପିଲା ଦୁଇଟି ବାକୁ ବାକୁ ଚାହିଁ ରହିଲେ । ଏମିତି ତ କେହି କେବେ କରି ନାହିଁ । ରାମୁଲୁ ହସି ଦେଲା । ସୁଏଟର ନେଇ ପିନ୍ଧି ପକେଇଲା ଓ ଲକ୍ଷ୍ମଣିଆକୁ ଚାଦରରେ ଘୋଡେଇ ପକାଇଲା ।

ବନିର ମାଆ ଆବାକ୍ ହୋଇଗଲେ । ବନିକୁ ନିଜ କୋଳକୁ ଟାଣି ଆଣି କହିଲେ, "ଆରେ ଇଏ କ'ଣ କଲୁ ?"

ବନି କହିଲା, "ବୋଉ ଆଜି ପରା ମୋର ଜନ୍ମଦିନ । ଘରେ ମୋ ପାଇଁ କେକ୍ ଆଣି ରଖିଛୁ । ଏମାନଙ୍କ ପାଖରେ ମାଆ କି ବାପା ନାହାନ୍ତି । ମୁଁ କ'ଣ ଭଲ କଲି ନାହିଁ ?"

ବନିର ବୋଉର ଆଖି ଜକେଇ ଆସିଲାଣି । ସେ ବି ରାମୁଲୁ ଓ ଲକ୍ଷ୍ମଣିଆ ଦୁହିଁଙ୍କୁ ଧରି ଆଉଁଶି ଦେଲେ ।

ଏତିକି ବେଳେ ଡଙ୍ଗାଟିଏ କୂଳକୁ ଲାଗି ଆସିଲା, ଦୁଇ ଭାଇ ଖୁସି ହୋଇ ସେ ଡଙ୍ଗା ଆଡକୁ ଧାଇଁଗଲେ । ଘଡିଏ ଠିଆ ହୋଇ ପଛକୁ ଚାହିଁଲେ । ବନି ଠିଆ ହୋଇ ସେମାନଙ୍କୁ ଟା ଟା କରୁଛି ।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com




**ପୁସ୍ତକ ସମୀକ୍ଷା**

# ଲେଖି ନ ଜାଣି ଅକ୍ଷର ଦୋଷ

**ଲେଖକ : ବୈଷ୍ଣବ ଚରଣ ମହାନ୍ତି**

**ପ୍ରକାଶକ: ବନ୍ଧୁଘର ସାହିତ୍ୟ ପିଣ୍ଡା, ଭୁବନେଶ୍ୱର**

**ପୃଷ୍ଠା : ୪୩୨, ମୂଲ୍ୟ: ଟ. ୫୦୦/-**

ବହିଟି ହାତରେ ପଡିବା ମାତ୍ରେ ଯଦି ଆପଣ ପୃଷ୍ଠାଗୁଡିକୁ ଏଠୁସେଠୁ ଓଲଟାଇ କିଛି ଧାଡି ଉପରେ ନଜର ପକାଇବେ, ତେବେ ପ୍ରଥମ କଥାଟି ଯାହା ଆପଣଙ୍କୁ ଆକର୍ଷିତ କରିବ ତା'ହେଲା ଲେଖକଙ୍କର କହିବାର ଶୈଳୀ। ହଁ, ଲେଖିବାର ନୁହେଁ, କହିବାର ଶୈଳୀ। ଯେମିତି ମନେହେବ, ଲେଖକ ଆମ ସାମନାରେ ବସି ଅନୌପଚାରିକ ଭାବରେ ଗପି ଚାଲିଛନ୍ତି, ସାହିତ୍ୟ-ସୁଲଭ ଭାଷା ସଂଯୋଜନାର ସମ୍ଭାବିତ ଛଳନାରୁ ନିଜକୁ ନିରାପଦ ଦୂରତ୍ୱରେ ରଖି। ତେଣୁ ତାଙ୍କର ଭାଷା ମନେହୁଏ ନିହାତି ସରଳ ଓ ମନଛୁଆଁ, ଯାହାର ଭାବ ଲେଖକଠାରୁ ପାଠକ ପାଖକୁ ଅନାୟାସରେ ସଂଚରି ଯାଏ, ସତେ ଯେମିତି ଗୋଟିଏ ହୃଦୟରୁ ଆରେକ ହୃଦୟକୁ। ତେବେ ଭାଷା ସିନା ସରଳ, ରଚନାଗୁଡିକର ଭାବବସ୍ତୁ କିନ୍ତୁ ଓଜନିଆ, ଏବଂ ସ୍ଥଳ ବିଶେଷରେ ତାତ୍ତ୍ୱିକ ମଧ୍ୟ। କିଛି ରଚନାର ଶିରୋନାମା ଉପରେ ନଜର ପକାଇଲେ ତାହାର ସ୍ପଷ୍ଟ ଆଭାସ ମିଳେ। ଯଥା, 'ଓଡିଆ ଭାଷାର ଅବ୍ୟବହାର ମୃତ୍ୟୁ', 'ବର୍ଣ୍ଣ ସଂସ୍କାର ନୁହେଁ ବର୍ଣ୍ଣ ବଧ', 'ଗାଉଁଲି ଓଡ଼ିଆ ଓ ଗଣମାଧ୍ୟମ', 'ଖୁଣାତ୍ମକ ଶିକ୍ଷା' ଓ ଏମିତି ଆହୁରି ଅନେକ।

ବହିଟି ଧାରଣ କରିଛି ଆମ ଭାଷାସମସ୍ୟାର ବିବିଧ ପ୍ରସଙ୍ଗ ଉପରେ ଆଧାରିତ ୩୨ଗୋଟି ସୁଖପାଠ୍ୟ ରମ୍ୟରଚନା, ପ୍ରତ୍ୟେକଟି ବ୍ୟଙ୍ଗ-ରସାଣିତ। ପ୍ରତ୍ୟେକ ରଚନାରେ ଆଲୋଚିତ ହୋଇଛି ଏକ ନିର୍ଦ୍ଦିଷ୍ଟ ପ୍ରଣିଧାନଯୋଗ୍ୟ ବିଷୟ, ଅତି ସ୍ପଷ୍ଟ ଓ ଶାଣିତ ଢ଼ଙ୍ଗରେ। ଏହି ସନ୍ଦର୍ଭରେ ଆସନ୍ତୁ ଦେଖିବା 'ମୂଷାର ଡାହାଣ ପଟ ଚିପୁଥିବା ଅନୁବାଦକ' ଶୀର୍ଷକ ରମ୍ୟରଚନାଟିର କେଇ ଧାଡି :

"ଗାଆଁଗଣ୍ଡାର ଲୋକଙ୍କୁ ପଚାରି ବୁଝାଯାଉ କେତେ ଜଣ 'ଭିଟାମିନି' କହିଲେ ବୁଝୁଛନ୍ତି ଓ ଆଉ କେତେଜଣ ଜୀବସାର, ଖାଦ୍ୟସାର ବା ପୋଷକ ତତ୍ତ୍ୱ କହିଲେ ବୁଝୁଛନ୍ତି। ଅଯଥା ପାଣ୍ଡିତ୍ୟ ଦେଖେଇ ଆମେ କେଂଚି କରି ପ୍ରତିଶବ୍ଦ କାଢ଼ିଲେ ଆମ ତୁଣ୍ଡଗଲୁ ମରିବ ସିନା, ଆମ କଲମର କଣ୍ଡୁ କମିବ ସିନା, ଲୋକେ ଯାହା ଗ୍ରହଣ କରିବେ, ତାହା ହିଁ ଚୂଡାନ୍ତ, ତାହା ହିଁ ଠିକ୍।"

ଏହିପରି ଭାଷା ପ୍ରସଙ୍ଗ ସହ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟର ଯୁକ୍ତିସିଦ୍ଧ ଆଲୋଚନା ଦେଖିବାକୁ ମିଳେ ପୁସ୍ତକଟିରେ ସ୍ଥାନପାଇଥିବା ରମ୍ୟରଚନାଟିରେ। ଓଡିଆ ଭାଷାର ଅନେକ ପାରମ୍ପରିକ ଓ ଚଳଣିଗତ ଶବ୍ଦ ନୂଆ ପିଢ଼ିର ଓଡ଼ିଆମାନଙ୍କ ଦ୍ୱାରା ଅବ୍ୟବହୃତ ଓ ଅବହେଳିତ ହେବା ଫଳରେ ଯେଉଁ ସମସ୍ୟା ଉପୁଜିଛି ତାହା ଉପରେ ଲେଖକ ଯଥାର୍ଥ ଆଲୋକପାତ କରିଛନ୍ତି ଅନ୍ୟ ଏକ ରମ୍ୟରଚନାରେ। ସେ ଆହ୍ୱାନ ଦେଇଛନ୍ତି ଯେ, ମାତୃଭାଷାର ଏଇ ସଂକଟ ସମୟରେ ଓଡ଼ିଶାର ପ୍ରତ୍ୟେକ ବୁଦ୍ଧିଜୀବୀ, ଶିକ୍ଷିତ, ସମ୍ପନ୍ନ ବ୍ୟକ୍ତି ଅନ୍ତତଃ ନିରୁତା ମାତୃଭାଷାରେ ପ୍ରଥମେ କହିଶିଖନ୍ତୁ। ଏହି ମର୍ମରେ ସେ ମଧ୍ୟ ଉଦ୍ଧୃତ କରିଛନ୍ତି ବ୍ୟାସକବି ଫକୀରମୋହନଙ୍କ ଏକ ବାଣୀ :

'ପଢ଼ ଇଂରେଜୀ କେହି ମନା କରୁନାହିଁ,
କିନ୍ତୁ ଭାଇ କାମ କର ଜାତିକୂଳ ଚାହିଁ ।
ଘୃଣା କରୁଅଛ ମାତୃଭାଷା କହିବାକୁ,
ହାୟ ହାୟ ଲାଜ କଥା କହିବି କାହାକୁ ?'

ସର୍ବୋପରି କହିବାକୁ ଗଲେ ଆଲୋଚିତ ପସ୍ତକଟି ଆମର ସମସ୍ତ ଭାଷା-ମନସ୍କ ଓ ଚିନ୍ତାଶୀଳ ଓଡ଼ିଆଙ୍କର ଅବଶ୍ୟ ପଠନୀୟ। ଏହା ଆମକୁ ଆମ ଭାଷାର ମୌଳିକ ଗୁରୁତ୍ୱ ପ୍ରତି ସଚେତନ କରିବା ସଙ୍ଗେସଙ୍ଗେ ଏହାର ସୁରକ୍ଷା ପାଇଁ ଦିଗଦର୍ଶନ ଦେବାରେ ସହାୟକ ହେବ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ସାହିତ୍ୟ ଏକାଡ଼େମୀର ପୁରସ୍କାର ପ୍ରଦାନ ଉପରେ ଥିବା ରହିତାଦେଶ ହଟିଲା

ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କାର ପ୍ରଦାନ ସଂକ୍ରାନ୍ତ ନିୟମାବଳୀରେ ହୋଇଥିବା ସଂଶୋଧନକୁ ବିରୋଧ କରି ଓଡିଶା ହାଇକୋର୍ଟରେ ଦାୟର ହୋଇଥିବା ଏକ ଆବେଦନର ଆଧାରରେ ଓଡିଶା ହାଇକୋର୍ଟ ପୂର୍ବରୁ ଜାରି କରିଥିବା ଏକ ରହିତାଦେଶ ଗତ ଜାନୁଆରୀ ୧୮ ତାରିଖ ଦିନ ପ୍ରତ୍ୟାହୃତ ହୋଇଛି। ଏହା ଫଳରେ ଦୀର୍ଘ ଦିନ ଧରି ଅଟକିରହିଥିବା ଓଡିଶା ସାହିତ୍ୟ ଏକାଡେମୀର ପୁରସ୍କାର ଚୟନ ପ୍ରକ୍ରିୟା ପୁନରାୟ ତ୍ୱରାନ୍ୱିତ ହୋଇଥିବା ଜଣାଯାଇଛି।

ଓଡିଶା ହାଇକୋର୍ଟର ବିଚାରପତି ଶ୍ରୀ ବିଶ୍ୱନାଥ ରଥଙ୍କ ପୀଠ ପୂର୍ବର ରହିତାଦେଶ ଜନିତ ଅନ୍ତରୀଣ ଆଦେଶକୁ ଉଠାଇଦେବା ପାଇଁ ଆଦେଶ ଦେବା ସହ ଏକାଡେମୀ ନିଜର ପୁରସ୍କାର ଚୟନ ପ୍ରକ୍ରିୟା ଏବେ ଜାରି ରଖିପାରିବ ବୋଲି ରାୟ ଦେଇଛନ୍ତି। ଏ ସଂକ୍ରାନ୍ତ ମୂଳ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ପରବର୍ତ୍ତୀ ସମୟରେ ହେବ ବୋଲି ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଥାଉକି ହାଇକୋର୍ଟଙ୍କ ସମକ୍ଷରେ ରହିତାଦେଶ ପାଇଁ ଆବେଦନଟି ଡ଼. ନୃସିଂହ ଚରଣ ଷଡଙ୍ଗୀଙ୍କ ପକ୍ଷରୁ ଦାଏର ହୋଇଥିଲା। ଏକାଡେମୀ ପୁରସ୍କାରର ବିବେଚନା ପ୍ରକ୍ରିୟାରେ ଥିବା ଅନ୍ତରାୟ ଆପାତତଃ ହଟିପାରିଥିବାରୁ ଓଡ଼ିଆ ସାହିତ୍ୟିକଙ୍କର ଏକ ବର୍ଗ ପକ୍ଷରୁ ଏହାର ସ୍ୱାଗତ କରାଯାଇଛି।

## ସାହିତ୍ୟ ଏକାଡେମୀର ସାଧାରଣ ପରିଷଦରେ ଓଡ଼ିଆ ଭାଷାର ତିନିଜଣ ନୂଆ ପ୍ରତିନିଧି



କେନ୍ଦ୍ର ସାହିତ୍ୟ ଏକାଡେମୀର ପୁନର୍ଗଠିତ ହୋଇଥିବା ସାଧାରଣ ପରିଷଦରେ ଓଡ଼ିଆ ଭାଷାର ତିନିଜଣ ନୂଆ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରଫେସର ବିଜୟ କୁମାର ଶତପଥୀ ଓ ଡ. ଗୌରହରି ଦାସ। ପ୍ରାପ୍ତ ସୂଚନା ଅନୁସାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସୁପାରିଶ ହୋଇଥିବା ତିନିଜଣ ସାହିତ୍ୟିକଙ୍କ ତାଲିକା ମଧ୍ୟରୁ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ତାଲିକାରେ ଯେଉଁ ଅନ୍ୟ ଦୁଇଜଣ ଥିଲେ ସେମାନେ ହେଲେ ଡ. ପ୍ରତିଭା ରାୟ ଓ ଶ୍ରୀ ରବିନାରାୟଣ ସେନାପତି। ସେହିପରି ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡିକ ଦ୍ୱାରା ପ୍ରେରିତ ତାଲିକାରୁ ଡ଼. ବିଜୟ କୁମାର ଶତପଥୀଙ୍କ ନାମ ଚୂଡାନ୍ତ ହୋଇଥିଲା। ଅନ୍ୟ ପକ୍ଷରେ ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ସାହିତ୍ୟ ଅନୁଷ୍ଠାନମାନଙ୍କ ଦ୍ୱାରା ସୁପାରିଶ ହୋଇଥିବା ଲେଖକମାନଙ୍କର ତାଲିକା ମଧ୍ୟରୁ ଡ. ଗୌରହରି ଦାସ ବିବେଚିତ ହୋଇଥିଲେ। ଫେବୃଆରୀ ମାସରେ ହେବାକୁ ଥିବା ଏକାଡେମୀର ସାଧାରଣ ପରିଷଦ ବୈଠକରେ ଏହି ମନୋନୀତ ତିନିଜଣ ସାହିତ୍ୟିକଙ୍କ ମଧ୍ୟରୁ ଜଣେ ଓଡ଼ିଆ ବିଭାଗର ଆବାହକ ଭାବରେ ଘୋଷିତ ହେବେ।

ପ୍ରକାଶ ଥାଉକି ୨୦୧୮ ରେ ଗଠନ ହୋଇଥିବା କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସାଧାରଣ ପରିଷଦର କାର୍ଯ୍ୟକାଳ ୩୧ ଡିସେମ୍ବର ୨୦୨୨ ରେ ସମାପ୍ତ ହୋଇଛି।

## ଶେଷ ପୃଷ୍ଠା



# ସମାପ୍ତ-ପୁନରାତ୍ତତା *

"ଶୁଦ୍ଧ ଅଶୁଦ୍ଧ ପୁରାଇ ଗାଇବ, ଲେଖନକାର ଦୋଷ ନ ଧରିବ"

ଆମ ଓଡ଼ିଆ ଭାଷା ଓ ସାହିତ୍ୟ ହେଉଛି ଅତୀତର କ୍ଷୁଦ୍ରାତିକ୍ଷୁଦ୍ର ଶବ୍ଦବ୍ରହ୍ମ ବୀଜରୁ ବର୍ତ୍ତମାନରେ ଅଙ୍କୁରୋଦ୍‌ଗମିଥିବା ଜ୍ଞାନାଲୋକର ଏକ ଭବିଷ୍ୟ ମହାଦ୍ରୁମଟିଏ। ଅତି ଗହନ ଭାବବୋଧରେ ପରିପୂର୍ଣ୍ଣ ଆମ ଶବ୍ଦଭଣ୍ଡାର। ଅତି ମହତଚେତା ଆମ ପୂର୍ବସୂରୀଗଣ, ଯେଉଁମାନେ ଆମ୍ଭ ସଭିଙ୍କ ପାଇଁ ରଖି ଯାଇଛନ୍ତି ଏହି ବୋଧମଣିଖଣି। ପଢ଼ିବାକୁ କଣ ଏଇ ଗୋଟିଏ ଜୀବନ ଯଥେଷ୍ଟ; ଏହି ଭାବସହ ଅଳପ ବିଶ୍ୱସାହିତ୍ୟ ପଢ଼େ, ଖୁଦୁଟେ ଅନୁବାଦ ସାହିତ୍ୟ ଘାଣ୍ଟେ, ଆଉ କୋଳେ ଓଡ଼ିଆ ସାହିତ୍ୟ ପଢ଼ିଚାଲେ, ଏଇମିତି ଆପଣା ଜୀବନକୁ ସରି ସରି ଯିବାର ଦେଖୁଥାଏ। ଉପରଲିଖିତ ବ୍ୟଙ୍ଗୋକ୍ତି ପ୍ରବଚନର ବୋଧାର୍ଥ ଏହି ଯେ; ପୁସ୍ତକ ବା ଗ୍ରନ୍ଥାଦି ଲେଖିବା ବ୍ୟକ୍ତିର ପାଠକଙ୍କୁ ଏଥିର ପ୍ରାର୍ଥନା ହେଲା ଯେ ଲେଖକର ଦୋଷରୁ ଗ୍ରନ୍ଥରେ ରହି ଯାଇଥିବା ଅଶୁଦ୍ଧିମାନଙ୍କୁ ଶୁଦ୍ଧ କରି ପାଠ କରିବ ଓ ଲେଖକକୁ ଦୋଷ ନ ଦେବ। ଆହା, ଏହି ପଦକ କହିଦେଇ ନିଜ ଦୋଷାଦୋଷ ସ୍ୱୀକାର କରି ପାଠକଙ୍କୁ ଶୁଦ୍ଧବୁଦ୍ଧ ହେବାର ପ୍ରେରଣା ଦେଉଛନ୍ତି ଆମର ପୂର୍ବସୂରୀଗଣ। ହେଲେ ସେଇ ଏକା କଥାକୁ ନେଇ ଆଜିକାଲିର ଲେଖକ ନିଜକୁ ମହାନୁଭବ ହେବାର ଆଉ ସମାପ୍ତ-ପୁନରାତ୍ତତା ଢଙ୍ଗକୁ ଆପଣେଇ କବି କୋବିଦ ହେବାର ନିୟମିତ ପ୍ରୟାସ କରୁଛନ୍ତି। ଆଉ ସେଇ ଆତ୍ମପ୍ରବଞ୍ଚନାକୁ ବହୁ ପାଠକ ବାଃ ବାଃ କରି ଅବୁଝାପଣର କବିତାକୁ ବୁଝିଗଲା ପରି ବିଭିନ୍ନ ଇମୋଜି ମୁଣ୍ଡରେ ସମ୍ମତି ଦେବାରେ ଲାଗିଛନ୍ତି।

ଏଇଠି ପାଠକଙ୍କୁ ସ୍ମରଣ ହେଉଥିବ ବ୍ୟାକରଣବିରୁଦ୍ଧ ଅଥଚ ବିଶିଷ୍ଟ ପ୍ରାଚୀନ ଋଷିମାନଙ୍କ କର୍ତ୍ତୃକ ଶାସ୍ତ୍ରାଦିରେ ବ୍ୟବହୃତ ଆର୍ଷପ୍ରୟୋଗ କଥା। ସେହିପରି, ସମାପ୍ତ-ପୁନରାତ୍ତତା* ହେଉଛି ଏକ କାବ୍ୟୋକ୍ତ ଦୋଷ ବିଶେଷ। ଆଧୁନିକ ବଙ୍ଗଳା ସାହିତ୍ୟରେ ପରିଲକ୍ଷିତ ଏହି ଦୋଷକୁ ଏବେ ଅନେକ ଲେଖକ ଅନୁକରଣ କରି ରବୀନ୍ଦ୍ରଙ୍କ ପରି ନୋବେଲ୍ ପାଇବା ପାଇଁ ଏହି ନ-ଭଲ ଉପାୟ ଆପଣେଇଛନ୍ତି। ଏହି ସମାପ୍ତ-ପୁନରାତ୍ତତା*ରେ ଏବେ ଓଡ଼ିଆ ସାହିତ୍ୟ କବିତାଘର ଭର୍ତ୍ତି। ସାହିତ୍ୟ ଦର୍ପଣରେ ଏହି ରଚନାଦୋଷ ପ୍ରସଙ୍ଗରେ ଲେଖା ଅଛି ଯେ; କୌଣସି ଏକ ବାକ୍ୟ ବା ଭାବକୁ ସମାପ୍ତ କରି ପୁନଶ୍ଚ ସେହି ବାକ୍ୟର ସୂତ୍ରକୁ ନୂତନ ବାକ୍ୟରେ ଗ୍ରହଣ କରି ପ୍ରୟୋଗ କଲେ ଏହାକୁ ସମାପ୍ତ-ପୁନରାତ୍ତତା* ବୋଲାଯାଏ।

ସାହିତ୍ୟ ସଂସାରରେ ଅନେକ ଶବ୍ଦ, ରଚନା, କାବ୍ୟଦୋଷ ପ୍ରଭୃତି ପରିଲକ୍ଷିତ। ହେଲେ ଏବେ ତାହା ଜାଣି ବୁଝି ପଢ଼ି; ସେହି ପ୍ରମାଣରେ ପୁନଶ୍ଚ ଲେଖିବସିଲେ ତାହା ଜାଣିଶୁଣି ହଗିମୁତି ଘରକୁ ଆଣିବା ଲକ୍ଷଣ ହେବ। ଅପଶବ୍ଦାଭାସ ଓ ହୀନରସ ହେଉଛି କାବ୍ୟଦୋଷ। କବିସମୟପ୍ରସିଦ୍ଧି କବିକଳ୍ପିତ ସତ୍ୟ ବା ପ୍ରତିଜ୍ଞା। ଅଧିକପଦତା, ଅପ୍ରଯୁକ୍ତତା ଓ ଅନୁଚିତତା ଏକ ଶବ୍ଦଦୋଷ। ଅପୁଷ୍ଟତା ହେଉଛି ଅର୍ଥଦୋଷ, ଅପ୍ରତୀତତା ହେଉଛି ରଚନା ଦୋଷ। ସଦୋଷ ଗଦ୍ୟ ବ୍ୟାକରଣ ଓ ଭାଷା ଦୋଷର ଉଦାହରଣ।

ସମାପିପୟିଷ୍ଣୁ ସମୟରେ କହିବି ଯେ; ଲେଖକକୁଳ ଅଛିମାକୁ ଗଛିମା କରିବା ବୋଧକୁ ତ୍ୟାଗ କରିବାକୁ ହେବ। ଯଦି କେହି ଜାଣିଶୁଣି ପୂର୍ବସୂରୀଙ୍କ ଦ୍ୱାହୀ ଦେଇ ଏଭଳି ରଚନାରେ ଲିପ୍ତ ଅଛନ୍ତି ତେବେ ସେମାନଙ୍କର ଅଣିଟଣି ଛିଣ୍ଡାଇଦେବାକୁ ହେବ। ଓଡ଼ିଆ ସାହିତ୍ୟକୁ ଅନଞ୍ଜନ କରିବାକୁ ହେବ। ସାହିତ୍ୟ ସାଧନା କରୁଥିବା ସହୃଦୟ ସମଗ୍ର ବାକ୍ୟାର୍ଥ, କାବ୍ୟସ୍ୱରୂପ, ରସ, ଭାବ, ଦୋଷ, ଗୁଣ, ରୀତି ଓ ଅଳଙ୍କାରସମୂହ ପ୍ରତି ଧ୍ୟାନ ଦେଇ, ନିଜର ରଚନାକୁ ଅପର୍ତ୍ତିଆଣୀ ବୋଧଜ୍ଞାନ ନକରିବାକୁ ଅନୁଜ୍ଞା କରୁଅଛି। ଅସ୍ତୁ।

-ପ୍ରଭୂ

* **ସମାପ୍ତ-ପୁନରାତ୍ତତା** : ବାକ୍ୟକୁ ସମାପ୍ତ କରି ପୁଣି ସେହି ବାକ୍ୟର ସୂତ୍ରକୁ ଗ୍ରହଣ କରିବାର ରଚନାଦୋଷ।

RECOGNISED BY:
MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | Eco Tour Odisha

Destination Unlimited
tour and travels

Hot Deal for all Hotels of Odisha
& Tour Packages of Odisha,
Jharkhand & Kerala available at best rate...

We Create Happy Travelers...

Personalise Exp.
World Class Exp.
Save Money
Safety and Security
Save Time
One Stop Shoping
Peace of Mind
Travel Documents
Customer Supporting
Expert Advice





Services Offered

● Air Ticketing (Pre Purchased Rate/Group Fare/Coupon Fare) ● Hotel Booking
● Corporate Booking ● Car Rental ● MICE ● Visa Assistance ● Sightseeing
● Destination Wedding ● Honeymoon Holidays ● International Tour Package
● Cruise ● Aroma Tourism ● Educational Tour ● Event Management

Allow us to be your travel guide/partner in seeking beguiling holidays to leave your footprints all over the country.

Head Office : T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776
Bhubaneswar Office : Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143
Kerala Office : Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Jugaad Corner

A bit of Jugaad & lots of Love






Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com

www.facebook.com/jugaadcorner

www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com

www.facebook.com/theblessedfingers

www.instagram.com/theblessedfingers

Blessed Fingers







# GOWBELL OLYMPIADS




**GIMO**
Gowbell International Mathematics Olympiad

**GISO**
Gowbell International Science Olympiad

**GIEO**
Gowbell International English Olympiad

**GICO**
Gowbell International Cyber Olympiad

**GIKO**
Gowbell International Knowledge Olympiad

**GIDO**
Gowbell International Drawing Olympiad

www.gowbell.org admin@gowbell.org


Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy